ନାରୀ ପ୍ରସୂତି

ସର୍ବମଙ୍ଗଳା ଦେବୀ
ବି.ଏସ୍. ସି.

Digitized by PPRACHIN, SOA

Act Confidingly,
and have confidence.

Never blow one's heart
except in an emergency
to maintain existence—
but adjust it
exaltingly

—Sri Sri Thakur Anukul Chandra

Man after glory
woman after man

—Nepolean

NARI PRASWASTI

Written by Smt. Sarbamangala Devi

(Paramaradhya Sri Sri Chotama)

Oriya Translation :—Mrs. Mira Mishra, B.Sc., B.Ed.
Km. Jyoti Prova Satapathy

Published by : Smt. Binodini Swain

Rs. 4-00

Digitized by PPRACHIN, SOA

ନାରୀ ପ୍ରକୃତି

ଲେଖିକା—

ଶ୍ରୀମତୀ ସର୍ବମଙ୍ଗଳା ଦେବୀ, ବି. ଏସ୍.ସି.

(ପରମାରାଧ୍ୟା ଶ୍ରୀ ଶ୍ରୀ ସାନ ମା)

ଅନୁବାଦିକା—

ଶ୍ରୀମତୀ ମୀରା ମିଶ୍ର, ବି. ଏସ୍.ସି., ବି. ଇଡ୍.

ସହକାରିଣୀ—

କୁମାରୀ ଜ୍ୟୋତିପ୍ରଭା ଶତପଥୀ

ପ୍ରକାଶିକା—

ଶ୍ରୀମତୀ ବିନୋଦିନୀ ସ୍ୱାଇଁ

ସଦାବର୍ତ୍ତନୂଆଗାଁ—କବିସୂର୍ଯ୍ୟନଗର (ଗଞ୍ଜାମ)

(ପ୍ରକାଶିକାଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ)

ନିର୍ଦ୍ଦେଶକ—

ଋତ୍ୱିକ ଶ୍ରୀ ବଟକୃଷ୍ଣ ଶତପଥୀ

ଅର୍ଘ୍ୟ— ଚାରି ଟଙ୍କା

Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । କୁମାରୀ କନ୍ୟାର ଶିକ୍ଷା	୧୦
୨ । ବିବାହ	୧୬
୩ । ନାରୀର ବାଲ୍ୟ ବିବାହ	୨୭
୪ । ବହୁ ବିବାହ	୩୭
୫ । ବଧୂ	୫୦
୬ । ମାତା	୬୦
୭ । ନାରୀର ସାଜସଜ୍ଜା	୭୨
୮ । କନ୍ୟାମାନଙ୍କର ବ୍ୟାୟାମ	୮୬
୯ । ବିଦୁଷୀ	୯୨
୧୦ । ସଙ୍ଗୀତ	୧୦୧
୧୧ । ନାରୀ ରୋଷାଇ ଘରେ	୧୦୭
୧୨ । ଜନ୍ମ ନିୟନ୍ତ୍ରଣ	୧୧୬
୧୩ । ନାରୀ ଜୀବନରେ ଅର୍ଥ ସମସ୍ୟା	୧୨୬
୧୪ । ଶିକ୍ଷିକା	୧୩୭

—o—

Digitized by PPRACHIN, SOA

ଓଡ଼ିଆ ଭାଷାରେ ରୂପାନ୍ତରିତ କରିବାକୁ ପ୍ରେରଣା ଦେଇଛନ୍ତି—

ସର୍ବଶ୍ରୀ—ଦଣ୍ଡଧର କର	...	ଜଗତପୁର—କଟକ
" ଭଗବାନ ପୃଷ୍ଟି	...	ଗୁଉଳିଆଗଞ୍ଜ—କଟକ
" ଦେବେନ୍ଦ୍ରନାଥ ସ୍ୱାଇଁ	...	ପାରଳାଖେମୁଣ୍ଡି—ଗଞ୍ଜାମ
" ପ୍ରେମାନନ୍ଦ ମହାନ୍ତି	...	ବ୍ରହ୍ମପୁର—ଗଞ୍ଜାମ
" ଅମୂଲ୍ୟକୁମାର ପାତ୍ର	...	ଗୁଉଳିଆଗଞ୍ଜ—କଟକ
ଇନ୍ଦ୍ରମଣି ସାହୁ	...	ଗୁଉଳିଆଗଞ୍ଜ—କଟକ
" ପ୍ରେମାନନ୍ଦ ଦଲାଲ	...	କଟକ
" ପ୍ରମୋଦକୁମାର ଭୂୟାଁ	...	ଜଗତପୁର—କଟକ
" ହରିହର ଶତପଥୀ	...	ଆସିକା—ଗଞ୍ଜାମ
" ବଟକୃଷ୍ଣ ଜେନା	...	ଭୁବନେଶ୍ୱର
" ଡକ୍ଟର ଗୌରାଙ୍ଗ ନାୟକ	...	ଭୁବନେଶ୍ୱର
" ପ୍ରବୋଧକୁମାର ନନ୍ଦ	...	ବ୍ରହ୍ମପୁର—ଗଞ୍ଜାମ
" ପରମାନନ୍ଦ ସାହୁ	...	ଖାନନଗର—କଟକ
" ରଜତକୁମାର କର	...	ସୁନ୍ଦରଗଡ଼
" ଦ୍ୱିଜେନ୍ଦ୍ରନାଥ ବୋଷ	...	କଟକ
" ଲକ୍ଷ୍ମୀନାରାୟଣ ବେହେରା	...	ରାଉରକେଲା

ଏବଂ ଓଡ଼ିଶାର ବହୁ ଗୁରୁଭ୍ରାତା ଓ ମାଆମାନେ ।

ନିର୍ଦ୍ଦେଶନା—**ଋତ୍ୱିକ ଶ୍ରୀ ବଟକୃଷ୍ଣ ଶତପଥୀ**

ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମ

ମିହଲ୍ଲଜ, ଵ. ଦେଓଘର (ଏସ୍. ପି.) ବିହାର

—o—

Digitized by PPRACHIN, SOA

Digitized by PPRACHIN, SOA

'ଶ୍ରୀ'

ଅର୍ଘ୍ୟ

ଅମାୟିକ, ଉଦାର ଚରିତା, ପବିତ୍ର-ସ୍ୱଭାବା, ସର୍ବଜନପୂଜ୍ୟା, ସାକ୍ଷାତ୍ ଦେବୀତୁଲ୍ୟା, ଲକ୍ଷ୍ମୀସ୍ୱରୂପିଣୀ, ମାତୃସମା, ଜ୍ୟେଷ୍ଠା ସହୋଦରା ଶ୍ରୀଯୁକ୍ତେଶ୍ୱରୀ ସରସୀବାଳା ଦେବୀଙ୍କର କରକମଳରେ—

ପୂଜନୀୟା ନାନୀ,

ମୋର ଆଜିକାର ଏ ଜୀବନ ଆପଣଙ୍କର ଦାନ । ଶୈଶବରେ ପିତୃହରା ହୋଇଥିଲି । ଆଶ୍ରୟ ଓ ସହାୟ ଥିଲା ନାହିଁ । ସଂସାରର କୁଟିଳ ଆବର୍ତ୍ତ ସ୍ରୋତରେ ତୃଣସମ ଭାସି ଯାଇଥାଆନ୍ତି । ଅଖ୍ୟାତ, ଅଜ୍ଞାତ କେହି କେବେ ଜାଣି ନଥାଆନ୍ତା । ସେହି ଅନାଦୃତ, ଅବହେଳିତ, ଭୁଇଁ ପୁଷ୍ପ କୋରକଟିକୁ ଆପଣ ପରମ ଯତ୍ନରେ ଅତି ସମାଦରରେ ଆହରଣ କରି ଆପଣଙ୍କର ପବିତ୍ର ଗୃହରେ ଶୁଚିଶୁଭ୍ର ପୁଷ୍ପଦାନରେ ଆଶ୍ରୟ ଦେଇଥିଲ ।

ତାହା ମଧ୍ୟରେ ଭବିଷ୍ୟତର ମହତ୍ ବା ବୃହତ୍ କୌଣସି ସମ୍ଭାବନା ନିହିତ ଥିଲା କି ନାହିଁ ତାହା ଏକମାତ୍ର ପରମପିତା ହିଁ ଜାଣନ୍ତି; ମନୁଷ୍ୟର ସେତେବେଳେ ଜାଣିବା ସମ୍ଭବ ଥିଲା ନାହିଁ । ଆପଣଙ୍କ ସ୍ନେହରେ, ଆପଣଙ୍କ ଯତ୍ନରେ, ଆପଣଙ୍କ ଚେଷ୍ଟାରେ, ଯଦି କୌଣସି ସୁଗନ୍ଧ ସେଥିରୁ ନିଃସୃତ ହୋଇଥାଏ, ତାହା ଆପଣଙ୍କର କୃତିତ୍ୱ ଓ ଦୟାର ଦାନ । ସେଥିପାଇଁ ତାହା

Digitized by PPRACHIN, SOA

ଆପଣଙ୍କର ହିଁ ପ୍ରାପ୍ୟ । ସମଗ୍ର ଜୀବନ ଅଞ୍ଜଳି ଭରି ଦାନ କରିଲେ ସୁଦ୍ଧା ଯାହାଙ୍କର ଋଣର ଗୋଟିଏ କଣିକା ମଧ୍ୟ ପରିଶୋଧ ହୁଏ ବୋଲି ମୋର ମନେ ହୁଏନାହିଁ । ତାହାଙ୍କର ପାଦପଦ୍ମରେ ଏହି କ୍ଷୁଦ୍ର ଉପହାର ଅର୍ପଣ କରିବାକୁ ମନ ସ୍ୱତଃ ହିଁ ସଙ୍କୁଚିତ ହୁଏ । କିନ୍ତୁ ଭକ୍ତ ତ ମଧ୍ୟ ଭଗବାନଙ୍କର ଶ୍ରୀଚରଣରେ ବନଫୁଲର ଅଞ୍ଜଳି ଦେଇ ତୃପ୍ତ ହୁଏ । ମୁଁ ମଧ୍ୟ ସେହି ସାହସରେ ମୋର ଏହି ଅକିଞ୍ଚିତ୍କର ତୁଚ୍ଛ ନାରୀ ପ୍ରସୂତି ପୁସ୍ତକ ଖଣ୍ଡିକ ହୃଦୟ-ସଞ୍ଚିତ ଭକ୍ତିଚନ୍ଦନରେ ଅଭିଷିକ୍ତ କରି ଆପଣଙ୍କର ରାତୁଲଚରଣରେ ଅର୍ପଣ କରି ନିଜକୁ ଚରିତାର୍ଥ କରୁଅଛି । ଆପଣ ଗ୍ରହଣ କରି କୃତାର୍ଥ କରନ୍ତୁ ।

ଦେଓଘର
୧୩୬୦, ବଙ୍ଗାବ୍ଦ

ଆପଣଙ୍କର ଚିରସ୍ନେହାଭିଳାଷିଣୀ
ଦୀନ ସେବିକା
ଶ୍ରୀମତୀ ସର୍ବମଙ୍ଗଳା ଦେବୀ

Digitized by PPRACHIN, SOA

ଦୁଇ ଚାରିପଦ କଥା

ପ୍ରତ୍ୟହ ସକାଳେ ଆମ୍ଭେମାନେ ଖବରକାଗଜ ଖୋଲି କଣ ଦେଖିବାକୁ ପାଉଥାଉ ? ଦେଖିବାକୁ ପାଉ ଯେ ଚତୁର୍ଦ୍ଦିଗରେ ଅନାଚାର, ଅତ୍ୟାଚାର ଓ ଅବିଚାର । ଶୋଷିତର ଆର୍ତ୍ତନାଦ, ଉତ୍ପୀଡ଼ିତଙ୍କର ଦୀର୍ଘଶ୍ୱାସ ଏବଂ ବଞ୍ଚିତର ହାହାକାର । ସମ୍ବାଦ ପତ୍ରଗୁଡ଼ିକର ଏଗୁଡ଼ିକ ଦୈନନ୍ଦିନ ଘଟଣାବଳୀର ପ୍ରଧାନ ଅଂଶର ପରିବେଷଣ । ମନ ବିଦ୍ରୋହୀ ହୋଇଯାଏ, ପ୍ରାଣରେ ବିଶେଷ ଆଘାତ ଲାଗେ ସେଥିସକାଶେ ଆମର ଚଳଣୀ ହୁଏ ଅବଶ-ଶିଥିଳ । କାହିଁକି ସମ୍ବାଦପତ୍ରଗୁଡ଼ିକ ଏପରି ସମ୍ବାଦ ପରିବେଷଣ କରି ମାନବ ଚିତ୍ତକୁ ବିହ୍ୱଳ କରିଦିଏ ? ଦିନକ ସକାଶେ ମଧ୍ୟ କାହିଁକି ସେମାନେ ଏହାର ବିପରୀତ ଘଟଣା ପରିବେଷଣ କରିପାରନ୍ତି ନାହିଁ ? କିପରି ସେମାନେ ଏହା ପାରିବେ ? ଦେଶରେ ଅହରହ ଯାହା ଘଟୁଛି ତାହାର କିୟଦଂଶ ଲୋକ ଚକ୍ଷୁର ସମ୍ମୁଖରେ ସେମାନେ ପରିବେଷଣ କରୁଅଛନ୍ତି । କିନ୍ତୁ କାହିଁକି ? ଏହି ଅତ୍ୟାଚାର, ଏହି ଅବିଚାରର ପ୍ରତିକାର କରିବା ପାଇଁ କଣ କେହି ନାହାନ୍ତି ? ନା, ଆଜି ଦେଶରେ ସେପରି ମନୁଷ୍ୟ ନାହାନ୍ତି ଯେ ଦେଶର ଏହି ଗତିପଥକୁ ଅନ୍ୟ ଦିଗରେ ଚାଳିତ କରିପାରିବେ । ଏପରି କେହି ନାହାନ୍ତି ଯେ ଦୁଷ୍ଟର ଦମନ ଶିଷ୍ଟର ପାଳନ କରି ଆର୍ତ୍ତର କ୍ରନ୍ଦନ ଓ ବ୍ୟଥିତର ହାହାକାର ରୋଧ କରିପାରିବ ? କିନ୍ତୁ ନାହିଁ କାହିଁକି ? ଭାରତ ଭୂମି ବୀର ପ୍ରସବିନୀ । ଯୁଗ ଯୁଗ ଧରି ଏହି ଭାରତମାତା କେତେ ଶତ ବୀରପୁତ୍ର କନ୍ୟା ପ୍ରସବ କରି ସମଗ୍ର ବିଶ୍ୱର ଉଦ୍ଭାସନରେ, ବିଜ୍ଞାନରେ,

Digitized by PPRACHIN, SOA

ସଂସ୍କୃତରେ, ଚିକିତ୍ସାରେ, କଳାରେ ସୁଉଚ୍ଚ ଆସନରେ ବସାଇ ଅଛନ୍ତି ତାହାର ସଂଖ୍ୟା ନାହିଁ । କିନ୍ତୁ ଆଜି କାହିଁକି ଏପରି ହେଲା ? କାହିଁକି ଆଜି ସେହି ଆସନରୁ ସେ ବିଚ୍ୟୁତ ହେବେ ? ବିବେକାନନ୍ଦ, ଦେଶବନ୍ଧୁ, ନେତାଜୀ ପରି ସନ୍ତାନ ପ୍ରସବ କରିବାକୁ କଣ ଭାରତମାତା ଅକ୍ଷମ ?

ବିଂଶ ଶତାବ୍ଦୀର ଭାରତ କଣ ସୁସନ୍ତାନ ପ୍ରସବ କରିବାକୁ ଭୁଲି ଯାଇଛି ? ଏପରି ହେଲା କାହିଁକି ? ଏହାର କାରଣ କଣ ? ଆଜି ସମଗ୍ର ଦେଶରେ ଗୋଟିଏ ପ୍ରଶ୍ନ ଏଥି ସକାଶେ ଦାୟୀ କିଏ ? କିନ୍ତୁ ଆମ୍ଭେମାନେ ଏହା ଜାଣୁ ନାହିଁ, ନାରୀ, ନାରୀମାତା, ନାରୀଧାତ୍ରୀ, ନାରୀ ପ୍ରସୂତି । ସନ୍ତାନ ଧାରଣ କରିବାର କ୍ଷମତା, ପ୍ରସବ କରିବାର କ୍ଷମତା, ପୁନଶ୍ଚ ସନ୍ତାନର ଦେହ, ମନର ପରିମାର୍ଜନ ସାଧନ କରି ଗୋଟିଏ ବିଶିଷ୍ଟ ରୂପରେ ତାହାକୁ ମୂର୍ତ୍ତି କରି ତୋଳିବାର କ୍ଷମତା ନାରୀ ନିକଟରେ ବିଦ୍ୟମାନ । ନାରୀ ସେଥିପାଇଁ ମାତା ଓ ଜନନୀ । ଆମ୍ଭମାନଙ୍କର ପୁରାଣରେ ଅଛି, ଦେବଗଣଙ୍କୁ ଅସୁରଙ୍କର ଅତ୍ୟାଚାରରେ ଉତ୍ପୀଡ଼ିତ ଦେଖି ଭଗବତୀ ଉମା ମହାଦେବଙ୍କୁ ତପରେ ତୁଷ୍ଟ କରି ଅସୁର ବିନାଶୀ, କାର୍ତ୍ତିକେୟଙ୍କୁ ପୁତ୍ରରୂପେ ଲାଭ କରିଥିଲେ । ଅସୁରଘ୍ନ କାର୍ତ୍ତିକେୟଙ୍କୁ ପୁତ୍ର ରୂପରେ ଲାଭ କରିବା କେବଳ ମାତା ଭଗବତୀଙ୍କଠାରେ ହିଁ ସେହି କ୍ଷମତା ଥିଲା । ଏଥିସକାଶେ ମାତାଙ୍କର ସାଧନା ପ୍ରୟୋଜନ । ଦେହ ମନରେ ଶୁଚି ହୋଇ, ଉପଯୁକ୍ତ ସାଧନାଦ୍ୱାରା ସୁସନ୍ତାନ ଲାଭ କରିବାର କ୍ଷମତା ନାରୀକୁ ଅର୍ଜନ କରିବାକୁ ହୁଏ । ସୁସନ୍ତାନ ଅନାୟାସରେ ଲାଭ ହୋଇପାରେ ନାହିଁ । ସ୍ୱାମୀ ବିବେକାନନ୍ଦ କହିଛନ୍ତି, ଆଦର୍ଶ ମାତା ହିଁ ଆଦର୍ଶ ସନ୍ତାନର ଅଧିକାରିଣୀ । ସିଏ ଧର୍ମ ଓ

Digitized by PPRACHIN, SOA

ନ୍ୟାୟପରାୟଣା, ଆଦର୍ଶବାଦୀମା ତାଙ୍କ ନିକଟରୁ ସଂସାରର ଶ୍ରେଷ୍ଠ ରତ୍ନ ଆସନ୍ତି । ଏହି ରତ୍ନ ପାଇଁ ସମୁଦ୍ର ମନ୍ଥନର ପ୍ରୟୋଜନ ହୁଏ ନାହିଁ । ଦେଶ ଦେଶାନ୍ତରେ ସେହି ରତ୍ନ ଖୋଜିବାକୁ ହୁଏ ନାହିଁ ନିଜ ମନକୁ ଆସେ । ସେ ଆହ୍ବାନ କରିଅଛନ୍ତି—ଯେଉଁ ସନ୍ତାନ ସାଧନା ଦ୍ୱାରା ଜନ୍ମଲାଭ କରିଛି ସେହିଁ ଆର୍ଯ୍ୟ । ଏବଂ ଅନାହୂତ ପରି ଯିଏ ଆସିଛି ସେହି ହେଲେ ଅନାର୍ଯ୍ୟ ସନ୍ତାନ । ଦେଶର ବର୍ତ୍ତମାନ ଏହି ଦୁର୍ଦ୍ଦିନର ଏହି ଅବସାନ କରିବାକୁ ହେଲେ ଦେଶର ଗତିପଥ ବଦଳାଇ ଦେଶକୁ ସୁସ୍ଥ ସବଳ କରିବାକୁ ହେଲେ, ପୁନର୍ଜୀବିତ କରିବାକୁ ହେଲେ ପୁନରାୟ ଭାରତକୁ ବିଶ୍ୱର ଦରବାରରେ ଶ୍ରେଷ୍ଠ ଆସନରେ ବସାଇବାକୁ ହେଲେ ସର୍ବାଗ୍ରେ ପ୍ରୟୋଜନ ଆଦର୍ଶ ମାତା, ଆଦର୍ଶ ବଧୂ ଓ ଆଦର୍ଶ କନ୍ୟା । କାରଣ ନାରୀ ଜାତିକୁ ଭୁଲିଲେ ଚଳିବ ନାହିଁ । "The hand that rocks the cradle rules the world" ଆଉ ସମୟ ନାହିଁ ବର୍ତ୍ତମାନ ଠାରୁ ଅବହିତ ନହେଲେ ସମ୍ମୁଖରେ ଘୋର ଦୁର୍ଦ୍ଦିନ ।

କିପରି ଏହି ସମସ୍ୟାର ସମାଧାନ ସମ୍ଭବ, କେଉଁ ଉପାୟରେ ନାରୀକୁ ପୁରୁଷ ପାଖରେ ଦଣ୍ଡାୟମାନ କରି ପୁରୁଷର ବାହୁରେ ଶକ୍ତି ଓ ହୃଦୟରେ ଭକ୍ତି ଦେଇ ଜୀବନ ଯୁଦ୍ଧରେ ତାହାକୁ ଜୟୀ କରି ତୋଳିବାକୁ ହେବ । ତାହାର କିଞ୍ଚିତ ଆଭାସ ମୁଁ ମୋର ଏହି ପୁସ୍ତକରେ ଦେବାକୁ ଚେଷ୍ଟା କରିଅଛି ମାତ୍ର । ଜାଣେ ନାହିଁ କେତେଟା ମୁଁ କୃତକାର୍ଯ୍ୟ ହୋଇଛି । ଦୃଷ୍ଟି ସଂକୀର୍ଣ୍ଣ, ଜ୍ଞାନ ଅପରିସର, ବୁଦ୍ଧି ବିବେଚନା ଅତି ସାମାନ୍ୟ । ମୋ ପକ୍ଷରେ ଏପରି ଗୋଟିଏ ଗୁରୁତର ବିଷୟରେ ହସ୍ତକ୍ଷେପ କରିବା ଧୃଷ୍ଟତାର ପରିଚାୟକ ମାତ୍ର । ତଥାପି ଦେଶର ଏହି ଘୋର ଦୁର୍ଦ୍ଦିନରେ

Digitized by PPRACHIN, SOA

ପ୍ରାଣର ଆକୁଳତା, ମନର ବ୍ୟାକୁଳତା ଚପି ରଖିନପାରି, ଏହି କ୍ଷୁଦ୍ର ପ୍ରୟାସଟି ବାଛି ଦେଲି । ଆଶାକରେ ସୁଧୀ ଓ ବଦାନ୍ୟବାନ ସମାଜ ମୋର ଏହି ଔଦ୍ଧତ୍ୟକୁ ମାର୍ଜ୍ଜନାର ଚକ୍ଷୁରେ ଦେଖିବେ । ଏବଂ କୌଣସି ସହୃଦୟ ପାଠକ ଯଦି ପୁସ୍ତକ ଖଣ୍ଡିକ ପାଠକରି ଏହାର ଭୁଲ-ତ୍ରୁଟି ନିର୍ଦ୍ଦେଶ କରି ପୁସ୍ତକ ଖଣ୍ଡିର ଉନ୍ନତି ସାଧନରେ ସାହାଯ୍ୟ କରନ୍ତି ତାହାଙ୍କ ନିକଟରେ ମୁଁ ଚିର କୃତଜ୍ଞ ରହିବି । କାରଣ ଏହା ହିଁ ମୋର ପ୍ରଥମ ରଚନା । ଭୁଲ-ତ୍ରୁଟି ରହିବା ଖୁବ୍ ସମ୍ଭବ । ଆଉ ଗୋଟିଏ କଥା ଯେଉଁମାନଙ୍କର ଉଦ୍ଦେଶ୍ୟରେ ଏହି ପୁସ୍ତକ ଖଣ୍ଡିକ ଲେଖା ହେଉଛି ସେହି ମାଆ, ବଧୂ ଏବଂ ଝିଅମାନଙ୍କର ଚିତ୍ତରେ ଯଦି ଟିକିଏ ରେଖାପାତ କରିପାରେ ବା ସେମାନଙ୍କର ଚାଲିବା ପଥରେ ଯଦି ଏହା ଆଲୋକପାତ କରିପାରେ ତା ହେଲେ ମୁଁ ମୋର ଜୀବନ ସାର୍ଥକ ମନେକରି ପାରିବି । ପ୍ରଥମେ ଏହି ଲେଖାଟି କ୍ରମାନ୍ୱୟରେ ପ୍ରବନ୍ଧାକାରରେ ତିନିଗୋଟି ମାସିକ ପତ୍ରିକାରେ ସ୍ଥାନ ପାଇଥିଲା । ସେଥିପାଇଁ ଅଗ୍ରପଶ୍ଚାତ୍ ସାମଞ୍ଜସ୍ୟ ରଖିବାରେ କିଛି ବ୍ୟାଘାତ ଥାଇପାରେ ।

ପୂଜ୍ୟପ୍ରତିମ ଶ୍ରୀମାନ୍ ଶୈଳେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ, ଏମ୍. ଏ., ଚୁନିଲାଲ ବସୁ ଚୌଧୁରୀ ଏବଂ ମନୋରଞ୍ଜନ ବନ୍ଦ୍ୟୋପାଧ୍ୟାୟଙ୍କର ଆନ୍ତରିକ ଚେଷ୍ଟାରେ ଏହି ପୁସ୍ତକଟି ପ୍ରକାଶ ପାଇଲା । ସେମାନଙ୍କ ପ୍ରତି ମୋର ଆନ୍ତରିକ ଆଶୀର୍ବାଦ ରହିଲା । ଇତି ।

—ଲେଖିକା

Digitized by PPRACHIN, SOA

ଭୂମିକା

ମୋର ପରମ ପୂଜନୀୟା ମାଉସି (ସାନ ମା)ଙ୍କର ଲେଖା ନାରୀ-ପ୍ରଶସ୍ତି ପଢ଼ିଲି । ଇତିପୂର୍ବେ ଯେତେବେଳେ ଏହି ଲେଖାଗୁଡ଼ିକ ମାସିକ ପତ୍ରିକା ଆଲୋଚନା, ତ୍ରୈମାସିକ ଋତ୍ୱିକ ଓ ଦୈନିକ ବସୁମତୀ ପତ୍ରିକାରେ ଧାରାବାହିକଭାବରେ ପ୍ରକାଶିତ ହୁଏ । ସେହି ସମୟରେ ଲେଖାଗୁଡ଼ିକ ପଢ଼ି ବିଶେଷ ଆନନ୍ଦ ଲାଭ କରିଥିଲି । ଭୂମିକାର କେଇଟି କଥା ମୋର ସେଇ ସ୍ୱରର ପ୍ରତିଧ୍ୱନି ।

ମନୁଷ୍ୟ ପୃଥିବୀରେ ଆସେ—ଯାଏ । ଯେତେ ଦିନ ଏହି ସଂସାରରେ ସେ ଥାଏ ସେ ସୁଖ ଓ ଶାନ୍ତି ଇଚ୍ଛା କରେ । ଏଇ କାମନା ନାରୀ-ପୁରୁଷ-ନିର୍ବିଶେଷରେ ପ୍ରତ୍ୟେକେ ହିଁ ଚିରନ୍ତନ କାମନା କରନ୍ତି । ଆଦର୍ଶ ପରିପୂର୍ଣ୍ଣ ବୈଶିଷ୍ଟ୍ୟ ପାଳି ଜୀବନ ହେଲେ ଏଇ କାମନା ଫଳ, ଫୁଲରେ ସୁଶୋଭିତ ହୋଇ ଗଢ଼ି ତୋଳେ ଆନନ୍ଦର ଲୀଳା-ନିକେତନ ।

ଏହାର ବ୍ୟତିକ୍ରମ ହେଲେ ସେଇ ଆଦର୍ଶ-ବିଚ୍ୟୁତ, ବୈଶିଷ୍ଟ୍ୟହୀନ ଜୀବନ ଚଳନାର ଗତିପଥରେ ପ୍ରତି ପଦକ୍ଷେପରେ ସୃଷ୍ଟି କରିଥାଏ ବିପର୍ଯ୍ୟୟ ଓ ସଂଘାତ । ଆସେ ଦୁଃଖ ଓ ଦୁର୍ଦ୍ଦଶା ।

ଜୀବନର ଭିତ୍ତି ହେଲା ଆଦର୍ଶ-ନିଷ୍ଠା । ଆଦର୍ଶ-ନିଷ୍ଠ ସଂଯମୀ ଜୀବନ କରିଥାଏ ବୃତ୍ତି-ନିୟନ୍ତ୍ରଣ ସେଥିପାଇଁ ହେଲା ଜୀବନର ସୌନ୍ଦର୍ଯ୍ୟ । ନିୟନ୍ତ୍ରିତ ଜୀବନର ମାଧୁର୍ଯ୍ୟ ହେଲା—ଭକ୍ତି, ନିଷ୍ଠା,

Digitized by PPRACHIN, SOA

ସହିଷ୍ଣୁତା, ଉଦାରତା, ମହତ୍ତ୍ୱ, ଦୟା, କ୍ଷମା ଓ ସେବା ପରାୟଣତା । ଏହା ହିଁ ହେଲ ଜୀବନର ସମ୍ପଦ—ସୌନ୍ଦର୍ଯ୍ୟ ।

ବ୍ୟଷ୍ଟି ମଧ୍ୟରୁ ସମଷ୍ଟି ଜୀବନର ଉନ୍ନୟନ ଓ ସୁଖ-ଶାନ୍ତି ନିର୍ଭର କରୁଛି ଏବଂ କରୁଛି ଚଳନାର ସାର୍ଥକ ।

ସଂସାର କ୍ଷେତ୍ରରେ ପୁରୁଷର ଆଦର୍ଶ-ଜୀବନ ଓ ବୈଶିଷ୍ଟ୍ୟ ପାଳ ଗୃହନିକ ନିୟନ୍ତ୍ରଣ ଯେପରି ଅପରିହାର୍ଯ୍ୟ ମାତୃଜାତି ଜୀବନରେ ସମ ଦାୟିତ୍ୱ ସେହିପରି ଅପରିହାର୍ଯ୍ୟ ।

ମାତୃଜାତିର ସେବା, ସଂରକ୍ଷଣ, ସୁପ୍ରଜନନ, ଶୁଶ୍ରୂଷା ପ୍ରଭୃତି ଗୁଣାବଳୀ ଉପରେ ନିର୍ଭର କରୁଛି ତାଙ୍କର ଜୀବନର ସାର୍ଥକତା । ନିଷ୍ଠା-ଶୁଦ୍ଧି ସମନ୍ୱିତ ନାରୀର ଏଇ ଆଦର୍ଶ-ଜୀବନ ସଞ୍ଜୀବିତ କରେ—ଗୃହ-ଜୀବନର ଦାମ୍ପତ୍ୟ-ଜୀବନର ମଧୁମୟ ସମ୍ପର୍କ । ନାରୀ ଜୀବନର ସାର୍ଥକତାରେ, ମାତୃତ୍ୱର ପୂର୍ଣ୍ଣ ବିକାଶରେ ସନ୍ତାନ ଜୀବନ ହୁଏ ବିକଶିତ । ସୁସନ୍ତାନର ଆବିର୍ଭାବ ହୁଏ ସମାଜ ଦେହ ବଳିଷ୍ଠ ଓ ସୁସଙ୍ଗଠିତ । ଏଇ ସୁସଙ୍ଗଠିତ ସମାଜ ହିଁ ରାଷ୍ଟ୍ରୀୟ ଜୀବନର ବୁନିୟାଦକୁ କରେ ସୁଦୃଢ଼ । ସୁଦୃଢ଼ ରାଷ୍ଟ୍ରୀୟ ଜୀବନର ବୁନିୟାଦ ଜାତିକୁ କରିଥାଏ ସର୍ବୋତଭାବରେ ସର୍ବବିଷୟରେ ବରେଣ୍ୟ । ସେଥିପାଇଁ ନାରୀ ମା, ନାରୀ ପାଳୟିତ୍ରୀ, ନାରୀ ରକ୍ଷୟିତ୍ରୀ । ଏହି ପୁସ୍ତକରେ ନିଖୁଣ ଭାବରେ ସମସ୍ତ ଚରିତ୍ର ଲିଖିତ ହୋଇଛି । ମୋର ଆଶା, ପ୍ରତ୍ୟେକଙ୍କର ଏହି ପୁସ୍ତକ ଖଣ୍ଡିକ ପ୍ରତି ଜୀବନ ପଥର ପାଥେୟ ସ୍ୱରୂପ ହେଉ । ଏହା ହିଁ କାମନା । ଇତି ।

ସତ୍ସଙ୍ଗ
ଦେଓଘର

ଶ୍ରୀ ଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ
(ବଡ଼ଦା)

Digitized by PPRACHIN, SOA

'ଗ'

ଆଶା

"ଜୀବନର ପ୍ରଭାତ ବେଳାରେ—ମହାସମୁଦ୍ରର ତୀରରେ ଆସି ବସିଥିଲି। ଦେଖିଥିଲି ଶତବର୍ଣ୍ଣର ସମାରୋହ ବିଚିତ୍ର-ଲୀଳାବିଭଙ୍ଗ। ଅନୁଭବ କରିଥିଲି ପରମାତ୍ମାଙ୍କର ସଙ୍ଗରେ ଜୀବାତ୍ମାର ମିଳନର ଆକୂତି-ସ୍ୱର୍ଗର ରାମଧନୁର ମର୍ତ୍ତ୍ୟ ଜୀବନରେ ପ୍ରତିଫଳନ। ତାହାର ରଙ୍ଗୀନ ଆଭା ରଖିଗଲା ଜୀବନର ପୃଷ୍ଠାରେ। ଯଦି କୌଣସି ଜୀବନ ସେଥିରେ ରଙ୍ଗୀନ ହୋଇଯାଏ—ତେବେ ମୁଁ ନିଜକୁ ସାର୍ଥକ ଜ୍ଞାନ କରିବି।"

ଶ୍ରୀମତୀ ସର୍ବମଙ୍ଗଳା ଦେବୀ

ସତ୍ସଙ୍ଗ—ଦେଓଘର—ତା ୨୫-୧୦-୧୯୭୪

Digitized by PPRACHIN, SOA

କୁମାରୀ କନ୍ୟାର ଶିକ୍ଷା

କୁମାରୀଗଣଙ୍କର ଶିକ୍ଷା, ସଂସ୍କାର, ଆଚାର, ବ୍ୟବହାର, ଚାଲିଚଳନ ଓ ସାଜସଜ୍ଜା କି ପ୍ରକାର ହେଲେ ଏହି ସଂସାରରେ ତଥା ଗାର୍ହସ୍ଥ୍ୟ ଜୀବନରେ କଲ୍ୟାଣକର ଅଟିବ ସେହି ବିଷୟରେ ଏହି ପରିଚ୍ଛେଦର ଆଲୋଚ୍ୟ ବିଷୟ ।

ସମସ୍ତ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେବା ଉଚିତ ବୈଶିଷ୍ଟ୍ୟର ପରିପୂରଣ । ସ୍ତ୍ରୀଅମାନଙ୍କର ବୈଶିଷ୍ଟ୍ୟ ଅଛି—ଲଜ୍ଜା, ଧର୍ମ, ଶୁଶ୍ରୂଷା, ସେବା, ମାହାତ୍ମ୍ୟ ସଂରକ୍ଷଣ, ପ୍ରେରଣା ଓ ପ୍ରଜନନ । ଏହି ଗୁଣଗୁଡ଼ିକର ସମ୍ୟକ୍ ବିକାଶ ହିଁ ନାରୀତ୍ୱର ପୂର୍ଣ୍ଣତା । ସୁତରାଂ ଯେଉଁ ଶିକ୍ଷାର ସାହାଯ୍ୟରେ କୁମାରୀମାନଙ୍କର ଚରିତ୍ରରେ ଏହି ଗୁଣଗୁଡ଼ିକର ସମ୍ୟକ୍ ବିକଶିତ ହେବାର ସୁଯୋଗ ପାଏ ତାହାହିଁ ହେଲା କୁମାରୀମାନଙ୍କର ଆଦର୍ଶ ଶିକ୍ଷା ।

କୁମାରୀ ହେଲା ଭାବୀ ଗୃହିଣୀ ଓ ଜନନୀ । ମାତୃତ୍ୱ ହିଁ ନାରୀର ଚରମ ଓ ପରମ ସାର୍ଥକତା । ସେଇଥିପାଇଁ ପ୍ରକୃତି ଦେବୀ ମଧ୍ୟ କୁମାରୀମାନଙ୍କର ବୟସର ସଙ୍ଗେ ସଙ୍ଗେ ହିଁ ସେମାନଙ୍କର ଦେହ ଓ ମନ ମାତୃତ୍ୱର ସମସ୍ତ ସମ୍ଭାରରେ ସୁସଜ୍ଜିତ କରି ତୋଳନ୍ତି । ସ୍ତ୍ରୀଅମାନଙ୍କର ଶିକ୍ଷା ଏପରି ହେବା ଉଚିତ ଯେଉଁଥିରେ କି ସେମାନେ ଭବିଷ୍ୟତରେ ସୁଗୃହିଣୀ ଓ ସୁମାତା ହେବାର ପୂର୍ଣ୍ଣ ଯୋଗ୍ୟତା ଅର୍ଜନ କରିପାରିବେ ।

ଅନେକ ସମୟରେ ବୟସ୍କା କୁମାରୀଗଣ ନିର୍ଜନରେ ବୟଃପ୍ରାପ୍ତ ଶିକ୍ଷକଙ୍କ ନିକଟରେ ଅଧ୍ୟୟନ କରନ୍ତି । ଏଇଟା

Digitized by PPRACHIN, SOA

ଅବଧି । ବିଖ୍ୟାତ ମନୀଷୀ 'ହଲ' କହିଛନ୍ତି—"ନର ନାରୀର ଦୈନନ୍ଦିନ ଘନିଷ୍ଠତା ଫଳରେ ଉଭୟଙ୍କର ମନର ସୂକ୍ଷ୍ମ ଅନୁଭୂତି-ପ୍ରବଣତା ଓ ତାରୁଣ୍ୟର ଦୀପ୍ତି ଲୋପ ପାଇଯାଏ ଓ ଏହି ଘଟଣାରେ ବାଳକମାନଙ୍କ ଅପେକ୍ଷା ବାଳିକାମାନଙ୍କର କ୍ଷତି ହୁଏ ବେଶୀ । ସେଥି ସକାଶେ କୁମାରୀ ଜୀବନରେ ନିଃସମ୍ପର୍କୀୟ କୌଣସି ପୁରୁଷର ଘନିଷ୍ଠ ଛାୟା ଯେପରି କୁମାରୀ ମସ୍ତିଷ୍କରେ ନ ପଡ଼େ ସେ ବିଷୟରେ ଅଭିଭାବକଗଣଙ୍କର ବିଶେଷ ଭାବରେ ଦୃଷ୍ଟି ରଖିବା କର୍ତ୍ତବ୍ୟ । ଅନ୍ୟଥାରେ ଦ୍ୱିଧାବିଭକ୍ତ ଦ୍ୱନ୍ଦ୍ୱଭରା ମନ ସେହିମାନଙ୍କୁ ନାରୀତ୍ୱ, ବଧୂତ୍ୱ ଓ ମାତୃତ୍ୱର କେନ୍ଦ୍ରାନୁଗ ଆଦର୍ଶରୁ ସ୍ଖଳିତ କରାଇ କେଉଁ ଅତଳ ଗର୍ଭକୁ ନେଇଯିବ ତାହା କେହି କହିପାରିବ ନାହିଁ । ଅନ୍ୟ କୌଣସି ଶିକ୍ଷା ସେମାନଙ୍କୁ ତାଙ୍କର ଜୀବନକୁ ସୁଷମାମଣ୍ଡିତ କରିପାରିବ ନାହିଁ । ଏଇଟା ଧ୍ରୁବ ସତ୍ୟ—ଏଥିରେ କୌଣସି ସନ୍ଦେହ ନାହିଁ ।

ସେଇଥିପାଇଁ ମନେ ହୁଏ କୁମାରୀ କନ୍ୟାର ପିତାଙ୍କ ପ୍ରତି ଅନୁରକ୍ତ ରହିବା, ତାଙ୍କୁ ସେବା ଓ ସାହାଯ୍ୟ କରିବା, ତାହାଙ୍କ ସହିତ ଆଳାପ ବା ଆଲୋଚନା କରିବା ଉନ୍ନତିର ପ୍ରଥମ ଓ ପୁଷ୍ଟ ସୋପାନ । ଯେଉଁମାନଙ୍କର ସେହି ସୁବିଧା ନାହିଁ ସେମାନେ କୌଣସି ଶିକ୍ଷିତା ମହିଳାଙ୍କର ନିକଟରେ ଶିକ୍ଷା ଲାଭ କରିଲେ ଭଲ ହୁଏ । ତାହା ଯଦି ସମ୍ଭବ ନ ହୁଏ ତାହାହେଲେ ପିତାର ସମତୁଲ୍ୟ ବା ଅଧିକ ବୟସ୍କ କୌଣସି ଶିକ୍ଷକଙ୍କ ନିକଟରେ ପଢ଼ିବା ଭଲ । ଅବଶ୍ୟ ସ୍କୁଲ ବା କଲେଜରେ ସେତେଟା ଦୋଷାବହ ନୁହେଁ; ତଥାପି ସାବଧାନ ହେବା ଭଲ ।

Digitized by PPRACHIN, SOA

ବେଦମାତା ଗାର୍ଗି, ମୈତ୍ରେୟୀ, ଖନା, ଲୀଳାବତୀ ପ୍ରଭୃତି ବହୁ ଧୀଶକ୍ତି ସମ୍ପନ୍ନା ମହୀୟସୀ ମହିଳାଙ୍କର ଦୃଷ୍ଟାନ୍ତ ଆମର ଭାରତ ଇତିହାସରେ ବିରଳ ନୁହେଁ । ଏହି ସମସ୍ତ ନାରୀ-ଶିରୋମଣି ମହିଳାଗଣ ସେମାନଙ୍କର ଜୀବନବ୍ୟାପୀ ସାଧନା ଦ୍ୱାରା ଜଗତର ଅଶେଷ କଲ୍ୟାଣ ସାଧନ କରିଯାଇଛନ୍ତି । କିନ୍ତୁ ସାଧାରଣ ଗୃହସ୍ଥ ଘରର ମହିଳାମାନଙ୍କୁ ବଧୂ ଓ ମାତା ହେବାକୁ ପଡ଼ିବ । ସେଇଥି ପାଇଁ ଏମାନଙ୍କର ସ୍କୁଲ କଲେଜ ଶିକ୍ଷାର ସହିତ ଉପଯୁକ୍ତ ଗୃହକର୍ମ, ସେବା-ଶୁଶ୍ରୂଷା, ସନ୍ତାନ ପାଳନ, ସ୍ୱାସ୍ଥ୍ୟ-ଚର୍ଯ୍ୟା, ସଦାଚାର, ଚାରୁଶିଳ୍ପ, କୁଟୀର ଶିଳ୍ପ ପ୍ରଭୃତି ଶିକ୍ଷା ଯୋଗ କରିଦେବା ଏକାନ୍ତ କର୍ତ୍ତବ୍ୟ । ଏହିପରି କଲେ ବର୍ତ୍ତମାନ ଏହି ଦୁନିଆର ଅର୍ଥନୈତିକ ସମସ୍ୟାରେ ଓ ଦୁର୍ଦ୍ଦିନରେ, ଘରେ ବସି ତାଙ୍କର ସ୍ୱାମୀ-ପୁତ୍ରଙ୍କୁ ସାହାଯ୍ୟ କରିପାରିବେ ।

ନାରୀ ହିଁ ଗୃହଲକ୍ଷ୍ମୀ । ଗୃହକୁ, ସଂସାରକୁ, ସର୍ବତୋଭାବରେ ଶ୍ରୀମଣ୍ଡିତ କରି ତୋଳିବା ହିଁ ନାରୀର ଦାୟିତ୍ୱ ଏବଂ ସେହି କ୍ଷମତା ଜଗଦୀଶ୍ୱର ସେମାନଙ୍କୁ ପୂର୍ଣ୍ଣମାତ୍ରାରେ ଦେଇଅଛନ୍ତି । ବାଳିକାମାନଙ୍କର ଶିକ୍ଷା ସାଧାରଣତଃ ଚାକିରି କରିବାର ଉଦ୍ଦେଶ୍ୟରେ ବ୍ୟବହୃତ ହେବା ମୋଟେ ହିଁ ସମୀଚୀନ ନୁହେଁ । ଏଥିରେ ବହୁ ନିଃସମ୍ପର୍କୀୟ ପୁରୁଷଙ୍କର ସମ୍ପର୍କରେ ଆସି ସାଧାରଣ ନାରୀ ଜୀବନରେ ବିକ୍ଷିପ୍ତ ହେବାର ସମ୍ଭାବନା ହିଁ ବେଶୀ । ଏହା ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ହିଁ ବୁଝିପାରିବେ ।

କୁମାରୀମାନଙ୍କର ଶିକ୍ଷାର ଆଉ ଗୋଟିଏ ଅତ୍ୟାବଶ୍ୟକୀୟ ବିଷୟ ସମ୍ବନ୍ଧରେ ଏଠାରେ ଆଲୋଚନା କରିବା । ବିଶେଷତଃ

Digitized by PPRACHIN, SOA

ଏହି ଶିକ୍ଷା ଉପରେ କୁମାରୀମାନଙ୍କର ଜୀବନର ସମସ୍ତ ସୁଖ ଦୁଃଖ ନିର୍ଭର କରେ । ଏହା ହେଲା ପିତୃଗୃହରୁ ସର୍ବ ବିଷୟୁ ଶ୍ରେଷ୍ଠ ପତି ମନୋନୟନ କରିବାର ଶିକ୍ଷା । ପ୍ରତ୍ୟେକ କୁମାରୀର ଟବର ସହିତ ସ୍ମରଣ ରଖିବା ଉଚିତ, ସେମାନଙ୍କ ମଧ୍ୟରେ ଯେଉଁ ଜୀବନ ପ୍ରବାହିତ ହେଉଅଛି, ତାହା ସେମାନଙ୍କର ପୂର୍ବ-ପୂର୍ବ ପୁରୁଷମାନଙ୍କୁ ବହନ କରି ଯେଉଁମାନଙ୍କୁ ଅର୍ଘ୍ୟ ଦେଇ, ସେମାନଙ୍କର ପୂର୍ବ-ପୂର୍ବପୁରୁଷଗଣ ପ୍ରୀତ ଓ ପ୍ରଫୁଲ୍ଲ ହୁଅନ୍ତି, ଯାହାଙ୍କର ବା ଯେଉଁ ବଂଶର ଚରଣ ସ୍ପର୍ଶରେ ସେମାନେ ଧନ୍ୟ ହୁଅନ୍ତି, ନତଜାନୁ ହୋଇ କେବଳ ତାହାଙ୍କ ଚରଣରେ ଅବନତ ହୋଇ ପାରିବା, ତାହାଙ୍କୁ ବରଣ କରିପାରିବା, ଏବଂ କେବଳ ତାହାଙ୍କୁ ହିଁ ସ୍ୱାମୀ ସମ୍ବୋଧନ କରି ନିଜେ କୃତାର୍ଥ ହେବା, ଉଜ୍ଜ୍ୱଳ ହୋଇ ପାରିବା ଏବଂ ବଂଶ ଓ ଜାତିକୁ ଉନ୍ନତ କରିପାରିବା । ଶ୍ରେଷ୍ଠଙ୍କ ପ୍ରତି ଆସକ୍ତିରେ ମସ୍ତିଷ୍କରେ ଗୋଟିଏ ବନ୍ଧନ ଆସିଯାଏ ଓ ସେଇଥି ପାଇଁ ମନୁଷ୍ୟର ମସ୍ତିଷ୍କ ବିଶେଷ ଭାବରେ ଚେତନା ପ୍ରବଣ ଅର୍ଥାତ୍ ଗ୍ରହଣକ୍ଷମ ହୁଏ । ବରଣ କରିବାକୁ ହେଲେ ପ୍ରଥମେ ହିଁ ଆମର ଦେଖିବା ଉଚିତ ଯେ ସ୍ୱାମୀର ଆଦର୍ଶ କଅଣ ବା କିପରି ଏବଂ ତାଙ୍କର ସେହି ଆଦର୍ଶ କର୍ମ-ଅଗ୍ନିରେ ନିଜକୁ ଆହୁତି ଦେଇ ସାର୍ଥକ ହେବାର ଆକୁଣ୍ଠ ଚେଷ୍ଟା ଦରକାର । ଯଦି ସିଏ କୌଣସି ବିଶେଷ ପୁରୁଷର ସହଧର୍ମିଣୀ ହେବାର ପ୍ରେରଣା ନିଜ ମଧ୍ୟରେ ଲାଭ କରେ— ଏବଂ ଯଦି ସେ ଜାତି, ବର୍ଣ୍ଣ ଓ ବିଦ୍ୟାଦିରେ ବରଣୀୟ ହୁଅନ୍ତି ଅର୍ଥାତ୍ ସର୍ବତୋଭାବରେ ତାହାଠାରୁ ଶ୍ରେଷ୍ଠ ହୁଅନ୍ତି, ତାହାର ପୂର୍ବପୁରୁଷଙ୍କଠାରୁ ଅର୍ଘ୍ୟଣୀୟ ରୂପେ ବିବେଚିତ ହୁଅନ୍ତି ତେବେ ସେ ହିଁ ତାହାର ସ୍ୱାମୀରୂପରେ ଗ୍ରହଣୀୟ ହୁଅନ୍ତି । ନାରୀର ମନେ

Digitized by PPRACHIN, SOA

ରଖିବାକୁ ହେବ । ତାହାର ଭଲ ପାଇବା ଯେଉଁଠାରେ ଯେପରି ଭାବରେ ନ୍ୟସ୍ତ ହେବ ଫଳ ମଧ୍ୟ ସେଠାରେ ସେହି ଭାବରେ ଫଳିବ । ଏଥିରେ କୌଣସି ସନ୍ଦେହ ନାହିଁ ।

"ବିବାହ ମନୁଷ୍ୟର ପ୍ରଧାନ ଦୁଇଟି କାମନାକୁ ପରିପୂରଣ କରିଥାଏ—ଗୋଟିଏ ଉଦ୍‌ବର୍ଦ୍ଧନ, ଅନ୍ୟଟି ସୁପ୍ରଜନନ । ଅନୁପଯୁକ୍ତ ବିବାହରେ ଏହି ଦୁଇ ଗୋଟିକୁ କ୍ଷୀଣ କରିଥାଏ; ସାବଧାନ ବିବାହକୁ ଖେଳଘର ଭାବିବା ଉଚିତ ନୁହେଁ । ଏହା ମଧ୍ୟରେ ହିଁ ତମର ଜୀବନ ଓ ଜନନ ଜଡ଼ିତ ।

—ଶ୍ରୀ ଶ୍ରୀ ଠାକୁର

ବିବାହରେ ପୁରୁଷ ଅପେକ୍ଷା ନାରୀର ଦାୟିତ୍ୱ ହିଁ ବେଶୀ । ସୁସନ୍ତାନ ଲାଭ କରିବା ନ କରିବା ନାରୀ ଉପରେ ହିଁ ନିର୍ଭର କରେ । କାରଣ ସୁପ୍ରଜନନକୁ ନିୟନ୍ତ୍ରିତ କରିଥାଏ ।

ନାରୀର ଭାବନା ଯାହା କି, ପୁରୁଷକୁ ଉଦ୍ଦୀପ୍ତ କରି ନାରୀରେ ଆନତ କରିଥାଏ । ସେଇଥିପାଇଁ ନାରୀ ଯାହାକୁ ବହନ କରି କୃତାର୍ଥ ଓ ସାର୍ଥକ ହେବ, ବିବେଚନା କରେ ଗୁରୁଜନଙ୍କ ସହିତ ଆଲୋଚନା କରି ତାହାଙ୍କୁ ହିଁ ସ୍ୱାମୀରୂପରେ ବରଣ କରିବା ଉଚିତ । ସେଥିସକାଶେ ପୁରୁଷକୁ ବରଣ କରିବାର ଭାର ନାରୀ ଉପରେ ନ୍ୟସ୍ତ କରିବା ସମୀଚୀନ । ସେହିହେତୁ ପ୍ରାଚୀନ କାଳରେ ସତୀ ସାବିତ୍ରୀ, ଦମୟନ୍ତୀ ପ୍ରଭୃତି ନାରୀଗଣ ସେମାନଙ୍କର ପତି ନିଜେ ହିଁ ନିର୍ବାଚନ କରିଥିଲେ । ସେମାନଙ୍କର ଅଭିଭାବକଗଣ ଏହି ଗୁରୁଦାୟିତ୍ୱ ସେମାନଙ୍କର ସୁଶିକ୍ଷିତା ଏବଂ ସର୍ବଗୁଣସମ୍ପନ୍ନତା

Digitized by PPRACHIN, SOA

କନ୍ୟାଗଣଙ୍କ ଉପରେ ନ୍ୟସ୍ତ କରି ନିଶ୍ଚିନ୍ତ ଥିଲେ । ଯେଉଁଠାରେ କନ୍ୟାଗଣଙ୍କର ବାଲ୍ୟ ବିବାହ ହୁଏ ସେଠାରେ ଏ ଶିକ୍ଷାର ପ୍ରଶ୍ନ ଆସେ ନାହିଁ । ସେଠାରେ ଅଭିଭାବକଗଣ ହିଁ ସେମାନଙ୍କର ବିବେଚନାନୁସାରେ ଉପଯୁକ୍ତ ପାତ୍ରର ସନ୍ଧାନ କରି କନ୍ୟା ସମର୍ପଣ କରିଥାଆନ୍ତି । ଅନ୍ୟଥାରେ କନ୍ୟାଗଣ ଏପରି ଭାବରେ ଶିକ୍ଷାରେ ଶିକ୍ଷିତା ହେବାର ପ୍ରୟୋଜନ ଯେଉଁଥିରେ କି ସେମାନେ କୌଣସିମତେ ହିଁ ଗୋଟିଏ ବିଶେଷ ଗୁଣ ସମନ୍ୱିତ କୌଣସି ନାରୀମୁଖୀନ, ଆଦର୍ଶଚ୍ୟୁତ, ନୀଚକୁଳୋଦ୍ଭବ ପୁରୁଷଙ୍କୁ ପତିରୂପରେ ବରଣ ନ କରେ । "ବର" ମାନେ ଶ୍ରେଷ୍ଠ—"ବୃ" ଧାତୁର ମାନେ ବରଣ କରିବା ଓ ପ୍ରାର୍ଥନା କରିବା । ମହର୍ଷି ଯାଜ୍ଞବଲ୍କ୍ୟ କହିଅଛନ୍ତି ଯେ ସମସ୍ତ ଗୁଣ ରହିଲେ ପୁରୁଷ ପୁରୁଷ ହୁଏ, ସେହି ସମସ୍ତ ଗୁଣ ସବର୍ଣ୍ଣ (ସମାନ ବା ଉତ୍କୃଷ୍ଟ ବର୍ଣ୍ଣ) ବିଦ୍ୱାନ, ପୁରୁଷତ୍ୱ ବିଷୟରେ ଯତ୍ନପୂର୍ବକ ପରୀକ୍ଷିତ, ଯୁବା ଓ ଜନପ୍ରିୟ ବ୍ୟକ୍ତିହିଁ "ବର" ହେବାର ଉପଯୁକ୍ତ ପାତ୍ର । କେବଳ ବିଦ୍ୟା ବା କେବଳ ଜାତି ଦ୍ୱାରା ପାତ୍ରତା ହୁଏ ନାହିଁ, ଯାହାର ବିଦ୍ୟା ଓ ଜାତି ଦୁଇ ହିଁ ଅଛି ସେ ହିଁ ପାତ୍ର ।

ଯେଉଁ ନାରୀ, ଯେଉଁ ପୁରୁଷର ମନୋବୃତ୍ତିର ଅନୁସରଣ ମୁଖୀ ହୋଇ ତାହାଠାରେ ଧନ୍ୟ ହୁଏ, ସାର୍ଥକ ହୁଏ—ପୁରୁଷଙ୍କୁ ହୃଷ୍ଟ ଓ ତୁଷ୍ଟ କରେ ଏବଂ ସେଇଥିପାଇଁ ତାହାର ଶାରୀରିକ ଓ ମାନସିକ ପୁଷ୍ଟି ଓ ତୁଷ୍ଟିର ଉଦ୍ଭବ ହୁଏ । ସେଇ ପୁରୁଷ ଓ ନାରୀର ବର୍ଣ୍ଣ, ବଂଶ, କର୍ମ, ବିଦ୍ୟା, ଦକ୍ଷତା, ସ୍ୱାସ୍ଥ୍ୟ ଇତ୍ୟାଦି ହିସାବରେ ମିଳନ ବାଞ୍ଛନୀୟ । ଏହି ଭାବରେ ମିଳନ ହିଁ ଆଣିଦିଏ ନାରୀର ସୁସନ୍ତାନର ଜନନୀ ହେବାର ସୌଭାଗ୍ୟ ।

Digitized by PPRACHIN, SOA

ବିବାହ

Man's love is of man's life a thing apart. This is woman's whole existence.

—Byron.

ପୁରୁଷର ଜୀବନ ବହୁମୁଖୀ, କର୍ମକ୍ଷେତ୍ର ବହୁ ବିସ୍ତୃତ । ବାହାରର କର୍ମରେ ନାନା ସମସ୍ୟାର ସମାଧାନରେ ପୁରୁଷର ଜୀବନର ଅଧିକାଂଶ ସମୟ ଅତିବାହିତ ହୁଏ । ଗୃହ ଭଲପାଇବା ନାରୀ ପୁରୁଷ ହୃଦୟର ଗୋଟିଏ ଅଂଶକୁ ମାତ୍ର ପ୍ରଭାବାନ୍ୱିତ କରିପାରେ, ସମଗ୍ର ଜୀବନ ବା କର୍ମକୁ ରଞ୍ଜିତ କରିପାରେ ନାହିଁ । ଅବଶ୍ୟ, ଆଦର୍ଶପରାୟଣ ପ୍ରକୃତ ପୁରୁଷ ମହାନ୍, ଉଦାର, ପୂରଣକାରୀ, ସଙ୍କୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ଯେ ସମାସୀନ କେବଳ ତାହାର ସମ୍ବନ୍ଧରେ ଏହି କଥା ପ୍ରଯୋଜ୍ୟ । କିନ୍ତୁ ନାରୀର ସ୍ୱଭାବ ଠିକ୍ ଏହାର ବିପରୀତ । ସିଏ ଧାରଣ କରେ, ପାଳନ କରେ, ପୋଷଣ କରେ ସେ ହିଁ ନାରୀ । ନାରୀର ସହଜାତ ସଂସ୍କାର ବଧୂ ହେବା— ମାଆ ହେବା । ଗୋଟିଏ ଛୋଟ ଝିଅକୁ ମା ବୋଲି ଡାକିଲେ ସିଏ ଯେତେ ଖୁସୀ ହୁଏ, ଏପରି ଅନ୍ୟ କେଉଁଥିରେ ସେ ଖୁସୀ ହୁଏ ନାହିଁ । ଗୋଟିଏ ବାଳିକା ଅତି ଶିଶୁକାଳରୁ ବଧୂବେଶ ହୋଇ କଣ୍ଢେଇ ବାହାଘରେ ମାତିଥାଏ । ସେ ସେହି କଣ୍ଢେଇକୁ ଖୁଆଏ, ଗାଧୋଇ ଦିଏ, ଶୋଇ ପକାଏ, ଆଦର କରେ ପୁନଶ୍ଚ ବିବାହ ମଧ୍ୟ ଦିଏ । ଏହିପରି ଭାବରେ ସେ ତାହାର ସୁପ୍ତ ମାତୃଭାବକୁ ପରିତୃପ୍ତ କରାଏ । କିନ୍ତୁ ଗୋଟିଏ ଛୋଟ ପୁଅପିଲାର ଖେଳ

Digitized by PPRACHIN, SOA

ଏହାଠାରୁ ସମ୍ପୂର୍ଣ୍ଣ ବିପରୀତ । ଯେ ଶୈଶବରୁ ଖେଳ ଛଳରେ ପାରିବାରିକ ସଂସାରର ଖେଳ ଖେଳେ ନାହିଁ—କେତେବେଳେ ସେ ଗାଡ଼ି କଟୁଆଳ, କେତେବେଳେ ଡାକୋଇତ ବେଶ, ଲାଠି, ଛୁରି, ବନ୍ଧୁକ କୁଦିବା, ଦୌଡ଼ିବା ଏହିପରି ଏଥିରୁ ବେଶ ବୁଝାଯାଏ ଯେ ଶୈଶବରୁ ହିଁ ପୁଅ, ଝିଅ ନିଜ ନିଜର ବୈଶିଷ୍ଟ୍ୟ ଦେଖାଇ ଥାଆନ୍ତି । ଏହିଠାରେ ହିଁ ଆମ୍ଭେମାନେ ନାରୀ-ପୁରୁଷର ମନୋବୃତ୍ତି ପାର୍ଥକ୍ୟର ପରିଚୟ ତାଙ୍କର ଶିଶୁକାଳରୁ ହିଁ ପାଇଥାଉ । କିନ୍ତୁ ବିଧିର ବିଧାନ ଏହିପରି ଯେ ସୃଷ୍ଟିରକ୍ଷାର୍ଥେ ଏହି ଦୁଇ ବିପରୀତ ଧର୍ମକୁ ଏକତ୍ର କରି ସଂସାରର ନୀଡ଼ ରଚନା ହୁଏ । ଏହି ମିଳନକୁ ହିଁ ଆର୍ଯ୍ୟ ଶାସ୍ତ୍ରକାରମାନେ ବିବାହ ନାମରେ ଅଭିହିତ କରିଅଛନ୍ତି । ବିବାହ ମାନେ (ବି-ବହ୍ + ଘଞ) = ବିଶେଷ ଭାବରେ ବହନ କରିବା । ଏଇ ବହନ କରିବା ବ୍ୟାପାରରେ ପୁରୁଷ ଅପେକ୍ଷା ନାରୀର ଦାୟିତ୍ୱ ହିଁ ବେଶୀ । କାରଣ, ଶାରୀରିକ ଓ ମାନସିକ ଉଭୟ ଦିଗରୁ ବିବାହ ନାରୀର ହିଁ ବେଶୀ ପ୍ରୟୋଜନୀୟ । ନାରୀର ସ୍ୱଭାବ ଲତା ସଦୃଶ କୌଣସି ଉପଯୁକ୍ତ ସହକାରକୁ ଅବଲମ୍ବନ କରି ନ ପାରିଲେ ସେ ନିଜେ ନିଜେ ବୃଦ୍ଧି ପାଇ ପାରେ ନାହିଁ ଓ ସୁଗନ୍ଧ କୁସୁମରେ ନିଜେ ସୁସଜ୍ଜିତ ହୋଇ ତାହାର ଚତୁର୍ଦ୍ଦିଗକୁ ଆମୋଦିତ କରିପାରେ ନାହିଁ । ସେଥି ସକାଶେ ପରମ ଉଦାସୀନ, ବହିର୍ମୁଖୀ ପୁରୁଷକୁ ସେବାରେ, ସାହଚର୍ଯ୍ୟରେ, ପ୍ରେମରେ ତୃପ୍ତ କରି ନିଜର ନୀଡ଼ ବାନ୍ଧିବାର କାମନାକୁ ମୂର୍ତ୍ତିକରି ତୋଳିବାକୁ ହୁଏ ନାରୀକୁ । ସେହି କାରଣରୁ ନାରୀକୁ ସୁସ୍ଥ, ସ୍ୱସ୍ଥ, ତୃପ୍ତ ରହି ଜୀବନର ପଥରେ ଅଗ୍ରସର ହୋଇ ଚଳିବା ସକାଶେ, ଆର୍ଯ୍ୟ ଋଷିଗଣ ବିବାହକୁ ହିଁ ନାରୀର ଶ୍ରେଷ୍ଠ ଓ ଏକମାତ୍ର ସଂସ୍କାର ବୋଲି ନିର୍ଦ୍ଦିଷ୍ଟ କରିଅଛନ୍ତି । ନାରୀର ଶିକ୍ଷା ଓ ସଂସ୍କାର ଶୈଶବରୁ ହିଁ

Digitized by PPRACHIN, SOA

ଏପରି ହେବା ଉଚିତ ଯେଉଁଥିରେ କି ସେ ମହାମତ୍ତି ଉମାଙ୍କ ସଦୃଶ—ମହାଯୋଗୀ ମହେଶ୍ୱରଙ୍କ ଧ୍ୟାନ ଭଙ୍ଗ କରି ତାଙ୍କର ପ୍ରସାଦ ସ୍ୱରୂପ ଗଣପତି, କାର୍ତ୍ତିକେୟ ଓ ସରସ୍ୱତୀଙ୍କୁ କୋଳରେ ପାଇ ନାରୀ ଜୀବନକୁ କୃତାର୍ଥ କରିପାରେ ।

ଅତି ପ୍ରାଚୀନ କାଳରେ ବିବାହ ପ୍ରଥା ନ ଥିଲା । ନର-ନାରୀର ଯଥେଚ୍ଛା ଚଳ ପ୍ରଚଳନ ଥିଲା । ନାରୀ ବହୁ ପୁରୁଷକୁ ଏବଂ ପୁରୁଷ ବହୁ ନାରୀରେ ଆକୃଷ୍ଟ ହୋଇଲେ ମଧ ଦୋଷଣୀୟ ହେଉ ନ ଥିଲା । କାଳକ୍ରମରେ ବହୁ ପର୍ଯ୍ୟବେକ୍ଷଣ ଫଳରେ ସମାଜରେ ବିବାହ ବ୍ୟବସ୍ଥା ସ୍ଥାପିତ ହେଲା । ଉଦ୍ଧାଳକ ଋଷିଙ୍କର ପୁତ୍ର ଶ୍ୱେତକେତୁ କୌଣସି ଅପରିଚିତ ବ୍ରାହ୍ମଣ ଦ୍ୱାରା ତାଙ୍କର ମାତାଙ୍କ ପ୍ରତି ଅଶିଷ୍ଟ ଆଚରଣ ଦର୍ଶନରେ ଅପମାନିତ ହୋଇ ପ୍ରଥମେ ବିବାହ ପ୍ରଥାର ନିୟମ କରିଲେ ।

ଶାସ୍ତ୍ର ମତରେ ବିବାହ ଆଠ ପ୍ରକାର—ବ୍ରାହ୍ମ, ଦୈବ, ଆର୍ଯ୍ୟ, ପ୍ରାଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଏବଂ ପୈଶାଚ । ବର୍ତ୍ତମାନ ବ୍ରାହ୍ମ ଓ ପ୍ରାଜାପତ୍ୟ ବିବାହ ହିଁ ହିନ୍ଦୁ ସମାଜରେ ପ୍ରଚଳିତ ଅଛି । ଏହି ବିବାହରେ ସଦ୍‌ବଂଶଜ ସଚ୍ଚରିତ୍ର ବରର ବିଦ୍ୟା ବୁଦ୍ଧି, ଚରିତ୍ର ପ୍ରଭୃତି ବିଶେଷଭାବରେ ଜାଣି ଧନ ରତ୍ନ ଦ୍ୱାରା ସନ୍ତୁଷ୍ଟ କରି କନ୍ୟାକୁ ଦାନ କରିବାକୁ ହୁଏ । ବିବାହ ବ୍ୟାପାରରେ ଯେପରି କନ୍ୟାର ସୁଲକ୍ଷଣ, କୁଲକ୍ଷଣର ବିଚାର ବିଧି ସମାଜରେ ପ୍ରଚଳିତ ଅଛି, ବର ପକ୍ଷରେ ମଧ ସେ ବିଷୟ ସମଭାବରେ ପ୍ରଯୋଜ୍ୟ ।

Digitized by PPRACHIN, SOA

"ଆତ୍ମଜାଂ ରୂପସମ୍ପନ୍ନାଂ ମହତାଂ ସଦୃଶ ବରେ"

—ମନୁ ୨୪-୯

ସର୍ବାଙ୍ଗ ସୁନ୍ଦରୀ କନ୍ୟାକୁ ପିତା ମାତା ଅନୁରୂପ ବର ହସ୍ତରେ ସମର୍ପଣ କରିବେ, ଅନ୍ୟଥାରେ ବ୍ରହ୍ମହତ୍ୟା ଦୋଷ ସମାନ ପାପ ହେବ । ଶାସ୍ତ୍ରରେ ଅପାତ୍ରରେ କନ୍ୟାଦାନ କରିବା ଅପେକ୍ଷା କନ୍ୟା ଆଜୀବନ କୁମାରୀ ରହିବା ଶ୍ରେୟସ୍କର ବିବେଚିତ ହୋଇଅଛି ।

"ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା"

ଏହାହିଁ ଥିଲା ଆର୍ଯ୍ୟ ଶାସ୍ତ୍ରର ନିର୍ଦ୍ଦେଶ । ଜଗତରେ ସୁପୁତ୍ର ଅପେକ୍ଷା ପ୍ରାର୍ଥନୀୟ ସମ୍ପଦ ଆଉ ନାହିଁ । ଏହା ବ୍ୟତୀତ ପୁତ୍ରଦ୍ୱାରା ହିଁ ପିତାର ଋଣ ପରିଶୋଧ ହୁଏ । ସେଥିପାଇଁ ବିବାହ କରିବା କର୍ତ୍ତବ୍ୟ ବିଶେଷତଃ ପିତାର ଏକମାତ୍ର ପୁତ୍ର । ଏଇ ବିବାହ ଦ୍ୱାରା ହିଁ ମନୁଷ୍ୟ ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ କରେ । ଚତୁରାଶ୍ରମ ମଧ୍ୟରେ ଗାର୍ହସ୍ଥ୍ୟାଶ୍ରମ ହିଁ ସର୍ବାପେକ୍ଷା ଶ୍ରେଷ୍ଠ । ସଂସାର ଓ ସମାଜ ପରିପାଳନ ଅନ୍ୟାନ୍ୟ ଆଶ୍ରମିଗଣଙ୍କ ପରିପୋଷଣ, ଏପରି କି ଇତର ପ୍ରାଣିଗଣଙ୍କର ପରିରକ୍ଷା, ଏହି ଗାର୍ହସ୍ଥ୍ୟାଶ୍ରମର ହିଁ କର୍ତ୍ତବ୍ୟ— ବସ୍ତୁତଃ ଗୃହସ୍ଥକୁ ବାଦ ଦେଲେ ସମାଜ ଅଚଳ ।

"The city that ceases to be a city of homes will ceases to be a city at all.

—Mussolini

Digitized by PPRACHIN, SOA

ଯେଉଁ ନଗରୀରେ ଗୃହସ୍ଥର ଗୃହ ନାହିଁ, ତାହା ନଗରୀ ବୋଲି ପରିଚିତ ହୋଇବ ନାହିଁ ।

—ମୁସୋଲିନୀ

ଏହି ଭାବରେ ଯେଉଁ ଗୃହସ୍ଥ ଅଛି ସେହି କେବଳ ବିବାହ କରିପାରିବ । ଏହି ଗୃହସ୍ଥର ବିବାହ ପ୍ରକୃତ ଧର୍ମ । ଆର୍ଯ୍ୟ ଋଷିଗଣଙ୍କର ବହୁ ବିବେଚନା-ପ୍ରସୂତ ବିବାହ ଦ୍ୱାରା ମନୁଷ୍ୟ ମନୋବୃତ୍ତ୍ୟାନୁସାରିଣୀ ସହଧର୍ମିଣୀ ଲାଭ କରେ । ସହଧର୍ମିଣୀ ବ୍ୟତୀତ ସଂସାର ଆଶ୍ରମରେ ସମୁଦାୟ କର୍ତ୍ତବ୍ୟ ଯଥାଯଥ ପ୍ରତିପାଳିତ ହୋଇପାରେ ନାହିଁ । ପତିବ୍ରତା ପତ୍ନୀ କର୍ତ୍ତବ୍ୟ ପରାୟଣ ପତିର ସହଚାରିଣୀ ଓ ସହକାରିଣୀ ହୋଇ ତାହାର ନାରୀ ଜୀବନର ଚରମ ଓ ପରମ ଉତ୍କର୍ଷ ଦିଗକୁ ଆଗେଇ ଯାଇପାରିବ । ଏହିଠାରେ ହିଁ ନାରୀର ନାରୀତ୍ୱ ପ୍ରଥମ ବିକଶିତ ହେବାର ସୁଯୋଗ ପାଏ । ସ୍ୱାମୀର ସାହଚର୍ଯ୍ୟରେ ତାହାର ସମସ୍ତ କର୍ତ୍ତବ୍ୟ ସଂପାଦନର ସୁଯୋଗ ପାଏ । ସୁଷ୍ଠୁ ଭାବରେ ସହାୟତା କରୁ କରୁ ସେ ତାହାର ଉତ୍ତର ଜୀବନରେ ସଫଳତା ଦିଗରେ ଅଗ୍ରସର ହେଉଥାଏ । ଯେଉଁ ନାରୀ ଯେତେ ଆଦର୍ଶ ପତ୍ନୀ ହେବାର ଯୋଗ୍ୟତା ଲାଭ କରିପାରେ ଆଦର୍ଶ ପୁତ୍ର ଲାଭର ତାହାର କରାୟତ୍ତ—ଏହା ଅତି ଧ୍ରୁବ ସତ୍ୟ । ଏହି ବିଷୟ ଆମ୍ଭେମାନେ ପରେ ବିସ୍ତାରିତରେ ଆଲୋଚନା କରିବା ।

ବିବାହ-ସଂସ୍କାରରେ ଆହୁରି ମଧ୍ୟ ଦୁଇଗୋଟି ଶାସ୍ତ୍ରୀୟ ଆନୁଷ୍ଠାନିକ କାର୍ଯ୍ୟ ଅଛି । ଗୋଟିଏ "ସପ୍ତପଦୀ ଗମନ" ଓ ଅପରଟି "ଗୁରୁବରଣ" । ସପ୍ତପଦୀ ଗମନରେ ବର ଓ କନ୍ୟା ଏକତ୍ର ସପ୍ତପଦ ଅଗ୍ରସର ହୋଇଥାଆନ୍ତି । ଆମରଣ ସମସ୍ତ କାର୍ଯ୍ୟରେ ସ୍ୱାମୀ ସ୍ତ୍ରୀ

Digitized by PPRACHIN, SOA

ଏକତ୍ରେ ଗମନର ଏହା ଗୋଟିଏ ଆନୁଷ୍ଠାନିକ ରୂପରେ ସପ୍ତପଦୀ ଗମନ । ଏବଂ ଗୁରୁବରଣ ସର୍ବାଗ୍ରେ କରଣୀୟ । କାରଣ ଗୁରୁ ବା ଆଦର୍ଶ ହିଁ ବିବାହ ମିଳନର ସିମେଣ୍ଟ ସ୍ୱରୂପ । ଆର୍ଯ୍ୟ ଧର୍ମରେ ଆଦର୍ଶକୁ ସମାଜ ଜୀବନରେ ସାର୍ଥକ କରି ତୋଳିବାକୁ ହିଁ ଏହି ବିବାହ ବ୍ୟବସ୍ଥା ।

କେବଳ ଦୈହିକ ପ୍ରୟୋଜନ ବା ଇନ୍ଦ୍ରିୟ ପରିତୃପ୍ତିର ଉଦ୍ଦେଶ୍ୟରେ ବର୍ଣ୍ଣାଶ୍ରମୀ ସମାଜରେ ବିବାହର ଚରମ ଲକ୍ଷ୍ୟ ନଥିଲା; ହିନ୍ଦୁଧର୍ମ ପରିପୂର୍ଣ୍ଣ ମାନବ ଜୀବନଯାପନର ନିମିତ୍ତ ବିବାହକୁ ଧର୍ମର ଅନ୍ୟତମ ଅପରିହାର୍ଯ୍ୟ ଅଙ୍ଗରୂପରେ ସମାଜରେ ସ୍ଥାନ ଦେଇଥିଲେ ଏବଂ ଶାସ୍ତ୍ରୀୟ ସଂସ୍କାର ମଧ୍ୟରେ ବିବାହକୁ ପ୍ରାଧାନ୍ୟ ଦେଇଥିଲେ ।

ପ୍ରାଚୀନ କାଳରେ ଆର୍ଯ୍ୟ ଭାରତରେ ସବର୍ଣ୍ଣ ବିବାହର ସହିତ ଅନୁଲୋମ ଅସବର୍ଣ୍ଣ ମଧ୍ୟ ସମାନ ଆଦରଣୀୟ ଥିଲା । ବ୍ରାହ୍ମଣଙ୍କ ସହିତ ବ୍ରାହ୍ମଣ, କ୍ଷତ୍ରିୟ ଓ ଶୂଦ୍ର କନ୍ୟାର ବିବାହ ଶାସ୍ତ୍ରସମ୍ମତ । କ୍ଷତ୍ରିୟ ପକ୍ଷରେ, କ୍ଷତ୍ରିୟ ଓ ଶୂଦ୍ର କନ୍ୟା ଗ୍ରହଣୀୟ । ପୁନଶ୍ଚ ବୈଶ୍ୟ ସମ୍ବନ୍ଧରେ ବ୍ରାହ୍ମଣ, କ୍ଷତ୍ରିୟ ବ୍ୟତୀତ ପୃଥିବୀର ଯେ କୌଣସି ଜାତିର କନ୍ୟା ଅନୁଲୋମ କ୍ରମରେ ଗ୍ରହଣୀୟ । ଉଚ୍ଚ ବର୍ଣ୍ଣର ପୁରୁଷ ଯେବେ ତାହାଠାରୁ ନିମ୍ନ ବର୍ଣ୍ଣର ସ୍ତ୍ରୀ ସହିତ ବିବାହ ବନ୍ଧନରେ ଆବଦ୍ଧ ହୁଏ ତାହା ହେଲେ ଏହାକୁ ଅନୁଲୋମ ଅସବର୍ଣ୍ଣ ବିବାହ କୁହାଯାଏ । ଅବଶ୍ୟ ବିପ୍ରର ସହିତ ଶୂଦ୍ରର କନ୍ୟା ଯଦିବା ଶାସ୍ତ୍ରସମ୍ମତ ତଥାପି ପ୍ରଶଂସନୀୟ ନୁହେଁ । କାରଣ, ଏଇ ପ୍ରକାର ବିବାହରେ ସ୍ତ୍ରୀ-ପୁରୁଷର ମାନସିକ ଉତ୍କର୍ଷର ବ୍ୟବଧାନ ଖୁବ୍ ବେଶୀ ହେବାରୁ ସ୍ତ୍ରୀ-ସ୍ୱାମୀକୁ ସମ୍ୟକ୍‌ଭାବରେ ଉପଲବ୍ଧି କରିପାରେ

Digitized by PPRACHIN, SOA

ନାହିଁ । ସେଥିପାଇଁ ସନ୍ତାନ-ସନ୍ତତି ପ୍ରାୟ ହିଁ ଉତ୍କୃଷ୍ଟ ହୋଇ-ପାରନ୍ତି ନାହିଁ ।

ଉଚ୍ଚ ବର୍ଣ୍ଣ ପ୍ରତି ନିମ୍ନ ବର୍ଣ୍ଣର ସାଧାରଣତଃ ଗୋଟାଏ ସହଜ ଶ୍ରଦ୍ଧା ରହିଥାଏ । ଏହା ବ୍ୟତୀତ, ସ୍ତ୍ରୀମାନେ ଯଦି ସ୍ୱତଃ ପ୍ରଣୋଦିତ ହୋଇ କୌଣସି ଉଚ୍ଚ ବର୍ଣ୍ଣର ପୁରୁଷକୁ ବରଣ କରେ, ସେତେବେଳେ ସେମାନଙ୍କର ସେ ଶ୍ରଦ୍ଧା ଯେ କେତେଟା ପ୍ରବଳ ହୋଇଥାଏ ତାହାକୁ ଟିକିଏ ଚିନ୍ତା କରିଲେ ହିଁ ବୁଝାଯାଏ । ଯଦି ଉଚ୍ଚ ବର୍ଣ୍ଣର ପୁରୁଷ ଶ୍ରଦ୍ଧା ସହକାରେ ଆତ୍ମ ସମର୍ପିତ କୌଣସି ନିମ୍ନ ବର୍ଣ୍ଣର ସହିତ ଶାସ୍ତ୍ରସମ୍ମତ ଭାବରେ ପରିଣୀତ ହୁଏ, ତେବେ ସେମାନଙ୍କର ସନ୍ତତି ସ୍ୱଭାବତଃ ହିଁ ସୁସ୍ଥ ଓ ସବଳ ଦେହ ଏବଂ ଉଚ୍ଚ ବର୍ଣ୍ଣାନୁରୂପ ପ୍ରକୃତିସମ୍ପନ୍ନ ହୋଇଥାଏ ।

ଭଗବାନ ମନୁଙ୍କ ମତରେ—

"ଯାଦୃଗ୍ ଗୁଣେନ ଭର୍ତ୍ତ୍ରା ସ୍ତ୍ରୀ ସଂଯୁଜ୍ୟେତ ଯଥାବିଧି
ତାଦୃଗ୍ ଗୁଣା ସା ଭବତି ସମୁଦ୍ରେଣେବ ନିମ୍ନଗା ।"

— ମନୁସଂହିତା

ଅର୍ଥାତ୍ ନଦୀ ଯେପରି ସାଗର ସଂଯୁକ୍ତ ହୋଇ ଲବଣାକ୍ତ ହୋଇଥାଏ, ସେହିପରି ନାରୀ ଜାତି ମଧ୍ୟ ଯେଉଁ ପ୍ରକାର ଆସାଧୁ ବ୍ୟକ୍ତିର ସହିତ ବିବାହସୂତ୍ରରେ ମିଳିତ ହୁଏ ସେହି ପ୍ରକାର ଗୁଣ-ବିଶିଷ୍ଟା ହୋଇଥାଏ । ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀ ଏବଂ ମନପାଳଙ୍କ ପତ୍ନୀ ସାରଙ୍ଗୀ ଏହାର ଅତି ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଯଦିଓ ଉଭୟେ ନିମ୍ନ ବର୍ଣ୍ଣର କନ୍ୟା ତଥାପି ଉତ୍କୃଷ୍ଟ ପତି ଲାଭକରି ନିଜ ଉତ୍କର୍ଷ ବଳରେ ଜଗତରେ ଚିର ସ୍ମରଣୀୟ ହୋଇଅଛନ୍ତି । ଉନ୍ନତ

Digitized by PPRACHIN, SOA

କଥାର ମାନେ ହେଲା ଉଚ୍ଚ ବା ଊର୍ଦ୍ଧ୍ୱରେ ଆନତ ଏବଂ ଏହି ଉଚ୍ଚ ବର୍ଣ୍ଣର ପ୍ରତି ଆନତ ଅର୍ଥାତ୍ ଶ୍ରଦ୍ଧା ଓ ତଦନୁକୂଳ, ତଦନୁସରଣ ପ୍ରବୃତ୍ତିରୁ ହିଁ ମନୁଷ୍ୟ ଧୀରେ ଧୀରେ ଉନ୍ନତ ହୋଇଥାଏ । ଏହି ନିୟମ ସ୍ତ୍ରୀ-ପୁରୁଷ ଉଭୟଙ୍କ ପକ୍ଷରେ ପ୍ରଯୋଜ୍ୟ । କିନ୍ତୁ ଏଠାରେ ଆମ୍ଭେମାନେ କେବଳ ନାରୀର କଥା ହିଁ ଆଲୋଚନା କରିବା । ଶ୍ରଦ୍ଧା, ଅନୁସନ୍ଧିତ୍ସା ଓ ସେବା ଦ୍ୱାରା ହିଁ ନାରୀ ଉର୍ବର କ୍ଷେତ୍ରରେ ପରିଣତ ହୁଏ । ସେଇ ଉର୍ବର କ୍ଷେତ୍ରରେ ଉତ୍କୃଷ୍ଟ ବୀଜ ସହଯୋଗରେ ନାରୀ ଉତ୍ତମ ଫଳ ପ୍ରସବ କରିବାକୁ ସକ୍ଷମ ହୁଏ । ତା ପରେ ଉତ୍ତମ ବୀଜ ପାଇବାକୁ ହେଲେ ଉତ୍କୃଷ୍ଟ ବଂଶର ଉଚ୍ଚ ବର୍ଣ୍ଣ ପ୍ରୟୋଜନ । ଏହିଠାରେ ହିଁ ବଂଶାନୁକ୍ରମିକତା ଅର୍ଥାତ୍ Law of Heredity ର ସମ୍ବନ୍ଧ ଆସିଥାଏ । ଆଜିକାଲି ଅନେକେ ମନେ କରୁଛନ୍ତି ଯେ ପୁରୁଷ ଯେଉଁ ବର୍ଣ୍ଣର ହୋଇଥାଉ ସେ ଯଦି ବିଦ୍ୱାନ୍, ଅର୍ଥବାନ୍, ସ୍ୱାସ୍ଥ୍ୟବାନ୍ ଓ ଚରିତ୍ରବାନ୍ ହୁଏ ତାହାହେଲେ ତାହାକୁ ବିବାହ କରାଯାଇପାରେ, ମାତ୍ର ଏହା ଯେ କେତେ ଦୂର ମୂର୍ଖତାର ପରିଚାୟକ ଏବଂ ସମାଜ ଓ ଜାତି ପକ୍ଷରେ ଧ୍ୱଂସାତ୍ମକ ତାହା ପ୍ରକୃତ ଶିକ୍ଷିତ ମାନେ ହିଁ ବୁଝିପାରିବେ । କାରଣ ଆମ ଦେଶର ଓ ପାଶ୍ଚାତ୍ୟର ବୈଜ୍ଞାନିକଗଣ ବହୁ ଗବେଷଣାଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ମନୁଷ୍ୟର ଗୋଟିଏ ପୁରୁଷର ଗୁଣରାଜି (ଅର୍ଥାତ୍ acquired qualifications) ତାହାର ରକ୍ତରେ କୌଣସି ପ୍ରକାରରେ ସଂକ୍ରାମିତ ହୋଇପାରେ ନାହିଁ । କ୍ରମାନ୍ୱୟରେ ପାଞ୍ଚ ସାତ ପୁରୁଷ ଯଦି ଗୋଟିଏ ଗୁଣର ଅଧିକାରୀ ହେଉଥାଏ ତେବେ ସେହି ଗୁଣ ତାଙ୍କର ବଂଶଗତ ଅର୍ଥାତ୍ ସେମାନଙ୍କର ରକ୍ତର ସହିତ ପ୍ରବେଶ କରିଥାଏ । ଏପରି ବହୁ କ୍ଷେତ୍ରରେ ଦେଖାଯାଏ ଯେ, ଯଦି ଗୋଟିଏ ଲୋକ ସଙ୍ଗୀତ ଗାଏ, ତା ହେଲେ

Digitized by PPRACHIN, SOA

ତାହାର କେଉଁ ପୁରୁଷରେ ନା କେଉଁ ପୁରୁଷରେ କେହି ସର୍ଜ୍ଜ ତଙ୍କ ଥିଲେ । ଏହି ନିୟମ ଆମ୍ଭେମାନେ ପଶୁ, ପକ୍ଷୀ ଏପରିକି ଉଦ୍ଭିଦଙ୍କ ମଧ୍ୟରେ ମଧ୍ୟ ଦେଖିବାକୁ ପାଇଥାଉ । ଆମ୍ଭମାନଙ୍କ ଦେଶରେ, ପାଶ୍ଚାତ୍ୟରେ ଆମ୍ଭେମାନେ ଯେତେବେଳେ ଗୋରୁ, ଘୋଡ଼ା, କୁକୁର କ୍ରୟ କରିବା ସମୟରେ ତାଙ୍କର ବଂଶ ଦେଖି କିଣିଥାଉ । ଏହି ବୈଜ୍ଞାନିକ ସତ୍ୟ ଉପରେ ଦଣ୍ଡାୟମାନ ହୋଇ ଭାରତୀୟ ଆର୍ଯ୍ୟ ଋଷିଗଣ ବର୍ଣ୍ଣାଶ୍ରମର ପ୍ରବର୍ତ୍ତନ କରିଥିଲେ; ଯେଉଁଥିରେ କି ବଂଶ ପରମ୍ପରାରେ ଏକଇ ଗୁଣ ଓ କର୍ମର ଅନୁଶୀଳନରେ ଅଧିକତର ଉନ୍ନତ ଫଳରେ ଅଭ୍ୟସର ହୋଇପାରେ । ଶ୍ରୀ ଶ୍ରୀ ଠାକୁର କହିଅଛନ୍ତି—"ବିବାହ ବ୍ୟାପାରରେ ପାତ୍ର ଓ ପାତ୍ରୀର ଉତ୍କର୍ଷ ଅପେକ୍ଷା ବଂଶ, ବର୍ଣ୍ଣ ଓ ଜାତିଗତ ବିଚାର ଓ ବିବେଚନା କମ୍ ପ୍ରୟୋଜନୀୟ ନୁହେଁ । ବରଂ ବର୍ତ୍ତମାନ ବିଜ୍ଞାନ ଓ ପ୍ରାଚୀନ ହିନ୍ଦୁଶାସ୍ତ୍ର ଉଭୟ ମତରେ ଅଧିକତର ପ୍ରୟୋଜନୀୟ ଓ ଏକାନ୍ତ ଆବଶ୍ୟକ ।"

—ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

Heredity is an acquired fact an experimental truth.

—Mauriee Materlink

ସେଇଥି ସକାଶେ ସୁପ୍ରଜନନର ମାଧ୍ୟମରେ ଅନୁଲୋମ ଅସବର୍ଣ୍ଣ ବିବାହ ତୁଚ୍ଛ ତ ନୁହେଁ ବରଂ ଅନୁକୂଳ ଅବସ୍ଥା ହେଲେ ପ୍ରତ୍ୟେକ ସମାଜରେ ଏହା ଆଗ୍ରହର ସହିତ ଗ୍ରହଣୀୟ । ଏବଂ ସମାଜର ଦିଗରୁ ଏହି ପ୍ରକାର ବିବାହରେ ପ୍ରତ୍ୟେକ ବର୍ଣ୍ଣର ସହିତ ପ୍ରତ୍ୟେକ ବର୍ଣ୍ଣର ଗୋଟାଏ ସ୍ୱାଭାବିକ ସୌହାର୍ଦ୍ଦ୍ୟ ଓ ଆତ୍ମୀୟତା

Digitized by PPRACHIN, SOA

ଗତି ଉଠିଥାଏ । ଏହାହେଲେ ଏହି ଜାତି ଯେ କେତେଠା ଉଦାର ଭାବାପନ୍ନ ଓ ଶକ୍ତିଶାଳୀ ହୋଇ ଉଠିବ ତାହା ପ୍ରତ୍ୟେକ ଚିନ୍ତାଶାଳୀ ବ୍ୟକ୍ତି ହିଁ ବୁଝିପାରିବେ । ଏହି ତିନି ବର୍ଣ୍ଣ ହିଁ ହେଲେ ଆର୍ଯ୍ୟ ଦ୍ୱିଜ । ଏମାନଙ୍କର ଅନ୍ନ ଓ ଜଳ ଯଦି ଶୁଚିତା ଓ ଆଗ୍ରହର ସହିତ ଉତ୍ସର୍ଗୀକୃତ ହୁଏ ତା ହେଲେ ପ୍ରତ୍ୟେକ ବର୍ଣ୍ଣ ହିଁ ଅପର ବର୍ଣ୍ଣର ଅନ୍ନ, ଜଳ ଆଦର ସହିତ ଗ୍ରହଣ କରିପାରିବେ । ଏହା ହିଁ ଶାସ୍ତ୍ରର ବିଧାନ । ଏବଂ ଏହି ରୂପରେ ଉଚ୍ଚ ସଂସ୍କୃତି-ସଂପନ୍ନର ସହିତ ଅପେକ୍ଷାକୃତ ନିମ୍ନର ମିଳନରେ—ଯଦି ଏଇ ମିଳନ ଶ୍ରଦ୍ଧାର ସହିତ ଏତାଦୃଶ ଭିତ୍ତି ଉପରେ ପ୍ରତିଷ୍ଠିତ ହୁଏ ନିମ୍ନ ଧୀରେ, ଧୀରେ ଉଚ୍ଚ ଦିଗକୁ ଗମନ କରିଥାଏ, ଏବଂ ଉଚ୍ଚ ଆହୁରି ଉଚ୍ଚତର ଦିଗକୁ ଅଗ୍ରସର ହୁଏ ଓ ଏହିମାନଙ୍କର ସନ୍ତାନ-ସନ୍ତତିଗଣ ପିତୃବର୍ଣ୍ଣର ଅଧିକାରୀ ହୋଇଥାଆନ୍ତି ।

କିନ୍ତୁ ପ୍ରତିଲୋମ ବିବାହ ଅର୍ଥାତ୍ ଉତ୍କୃଷ୍ଟ ବର୍ଣ୍ଣର ସ୍ତ୍ରୀ ଯଦି ନିକୃଷ୍ଟ ପୁରୁଷକୁ ପତିତ୍ୱରେ ବରଣ କରେ ତେବେ ବଳିଷ୍ଠ ଦେହ କିନ୍ତୁ ଦୁର୍ବଳ ସ୍ନାୟୁ ଓ କ୍ଷୀଣ ମସ୍ତିଷ୍କ ସନ୍ତାନ-ସନ୍ତତି ଜନ୍ମଗ୍ରହଣ କରିଥାଏ ।

"ପ୍ରତିଲୋମସୁ ସ୍ତ୍ରୀଷୁ ଚୈତ୍ର ପନ୍ନାଶ୍ଚାଭାଗିନଃ"

—ବିଷ୍ଣୁ ସଂହିତା

ପୁନଶ୍ଚ, ସଗୋତ୍ର ବିବାହ ମଧ୍ୟ ହିନ୍ଦୁ ଶାସ୍ତ୍ରକାରଗଣ ନିନ୍ଦନୀୟ ବୋଲି ଅଭିହିତ କରିଅଛନ୍ତି । ପୁନଶ୍ଚ ସଗୋତ୍ର ବିବାହ, ସ୍ତ୍ରୀ ସଗୋତ୍ରା ହେଲେ ତୁଲ୍ୟ ଅଥଚ ବିପରୀତ-ଧର୍ମୀ ହୁଏ ନାହିଁ । ଗୋଟାଏ ଅନ୍ୟଟାକୁ ଧାରଣ କରିବାକୁ ସମର୍ଥ

Digitized by PPRACHIN, SOA

ହୁଏ ନାହିଁ । ବିବାହ ମିଳନରେ ଜଣେ ଅପର ଜଣକର ଅନ୍ତର୍ନିହିତ ଶକ୍ତିର ଧାରକ ଓ ପୋଷକ ହୁଏ ନାହିଁ ।

"Marriage between blood relations is apt to accentuate the weakness in the family

—Herschfeld V.

ସଗୋତ୍ର ବିବାହ ହେଲେ ପ୍ରାୟ ବିକଳାଙ୍ଗ, କ୍ଷୀଣଜୀବୀ ଓ ଅଳ୍ପାୟୁ ସନ୍ତାନ ଜନ୍ମଗ୍ରହଣ କରେ । ସେଇଥି ସକାଶେ, ରକ୍ତ ସମ୍ବନ୍ଧରେ ଦୂରତ୍ୱ କିଞ୍ଚିତ୍ ବେଶୀ ହେବା ଆବଶ୍ୟକ— ସେଥିରେ ମିଳନ ପୁଷ୍ଟିକର ଓ ମଙ୍ଗଳପ୍ରଦ ହୁଏ । ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ପ୍ରଭୃତି ସମସ୍ତ ପାଶ୍ଚାତ୍ୟ ସଭ୍ୟଦେଶରେ ଆଇନ୍‌ରେ ସଗୋତ୍ର ବିବାହ ନିଷିଦ୍ଧ ।

The Act of 1835 states—"All marriages between persons within the prohibited degrees of consanguinity and affinity shall be absolutely null and void to all intents and purposes"

Digitized by PPRACHIN, SOA

ନାରୀର ବାଲ୍ୟ ବିବାହ

ତାହାର ଶୁଭାଶୁଭ ନିର୍ଣ୍ଣୟ କରିବାକୁ ହେଲେ ପ୍ରଥମେ ତାହାର ଆନ୍ତରିକ ସ୍ପୃହା ପ୍ରତି ଲକ୍ଷ୍ୟ ରଖିବାକୁ ହୁଏ । ତାହାର ସ୍ପୃହା କଅଣ ? ଅର୍ଥାତ୍ ତାହାର ସହଜାତ ସଂସ୍କାର କେଉଁ ଦିଗରେ ? କଅଣ ପାଇଲେ ସେ ଶାରୀରିକ ଓ ମାନସିକ ତୃପ୍ତି ଲାଭ କରି ସମ୍ବର୍ଦ୍ଧନର ଦିଗରେ ଅବାଧ ଗତିରେ ଚାଲିପାରେ । ଏହିଗୁଡ଼ିକ ବିଚାର କରି ଯେଉଁ ପଥ ଅବଲମ୍ବନରେ ସେ ଅନାୟାସରେ ତାହାର ସ୍ୱାଭାବିକ ପରିଣତିରେ ପହଞ୍ଚିପାରିବ ତାହା ହିଁ ତାହାର ସ୍ୱାଭାବିକ ପରିଣତିରେ ଯାଇ ପହଞ୍ଚିବ । ତାହା ହିଁ ତାହାର ପ୍ରକୃତି-ନିର୍ଦ୍ଦିଷ୍ଟ ମଙ୍ଗଳର ପଥ ଏବଂ ସେହି ପଥ ହିଁ ତାହାର ସମ୍ମୁଖରେ ଉନ୍ମୁକ୍ତ କରିବାକୁ ହେବ । କାରଣ ପ୍ରକୃତିର ବିରୁଦ୍ଧାଚରଣ କୌଣସି ପ୍ରକାରେ ପ୍ରାଣଦ ହୋଇପାରେ ନାହିଁ । ଏହା ହିଁ ବୈଜ୍ଞାନିକ ସତ୍ୟ । ସୁତରାଂ, ନାରୀ ଜାତିର ପ୍ରକୃତ କଲ୍ୟାଣ, ଶାନ୍ତି, ତୃପ୍ତି ଓ ସାର୍ଥକତାର ପଥ ଯଦି ଆମ୍ଭମାନଙ୍କୁ ନିର୍ଦ୍ଦେଶ କରିବାକୁ ହୁଏ, ସର୍ବପ୍ରଥମେ ହିଁ ସେମାନଙ୍କର ଶାରୀରିକ ଓ ମାନସିକ ଅବସ୍ଥାର ସ୍ୱରୂପ ନିର୍ଣ୍ଣୟ କରିବାକୁ ହେବ । ସେମାନଙ୍କର ଶାରୀରିକ ପରିଣତି କି ପ୍ରକାର, ସେମାନଙ୍କର ଆନ୍ତରିକ ସ୍ପୃହାର ରୂପ ବା କଅଣ ଏହା ହିଁ ସୁଚିନ୍ତିତଭାବରେ ବିଶ୍ଳେଷଣ କରି ନାରୀ ଜାତିର ପ୍ରକୃତ କଲ୍ୟାଣର ପଥ ନିର୍ଦ୍ଧାରଣ କରିବାକୁ ଯତ୍ନବାନ ହେବା ଉଚିତ ।

ବର୍ତ୍ତମାନ ଆମ୍ଭେମାନେ ବିଚାର କରି ଦେଖିବା ଯେ ନାରୀର ବାଲ୍ୟବିବାହ ସେମାନଙ୍କର ଜୀବନରେ ସାର୍ଥକତା, ତୃପ୍ତି ଓ

Digitized by PPRACHIN, SOA

ସୁଖ ଆଣିଥାଏ, ନା ଏହା ସେମାନଙ୍କର ବ୍ୟକ୍ତିଗତ ଜୀବନରେ ବିପର୍ଯ୍ୟୟ ଓ ବିଧ୍ୱଂସକୁ ଆମନ୍ତ୍ରଣ କରିଥାଏ ? ନାରୀର ପ୍ରକୃତି ବୁଝିବାକୁ ହେଲେ ଜୀବ ଜଗତର, ସ୍ତ୍ରୀ ଜୀବର ଚରିତ୍ର ପର୍ଯ୍ୟାଲୋଚନା କରିଲେ ଅନେକ ତଥ୍ୟ ଅବଗତ ହେବାକୁ ହୁଏ । ଜୀବ ମାନେ ହିଁ ଜୀବନ ରକ୍ଷାର୍ଥେ ଆହାର ଅନ୍ୱେଷଣ କରିଥାନ୍ତି ଓ ବଂଶ ରକ୍ଷାର୍ଥେ ଶାବକ ଉତ୍ପାଦନ କରନ୍ତି । ଏହି ବ୍ୟବସ୍ଥା ହିଁ ଭଗବାନଙ୍କର ସୃଷ୍ଟି ରକ୍ଷା କରିବାର ପ୍ରଧାନ ଉପାୟ । ଅତଏବ ଆହାର ଓ ପ୍ରଜନନ କରିବାର ଆକୁତି ଜୀବଗଣଙ୍କର ସ୍ୱାଭାବିକ ଗୃହ୍ୱଦା । ଯେଉଁ ନିୟମ ଓ ଶୃଙ୍ଖଳାରେ ଜୀବ ଜଗତର ଏହି ଆଦିମ ଓ ସ୍ୱାଭାବିକ ଗୃହ୍ୱଦାର ସୁସ୍ଥ, ମଙ୍ଗଳପ୍ରଦ ଓ ସୁନିୟନ୍ତ୍ରିତ ସମାଧାନ ବିଦ୍ୟମାନ ତାହା ହିଁ ଆଦର୍ଶ ନିୟମରେ ପରିଣତ ହେବାର ଯୋଗ୍ୟ । ଆମ୍ଭେମାନେ ଦେଖିବାକୁ ପାଉ ଯେ ସ୍ତ୍ରୀ ଜାତି ମାତା ହୁଏ । ସନ୍ତାନକୁ ଧାରଣ, ପାଳନ ଓ ପୋଷଣ କରେ, ସନ୍ତାନ ବା ଅପରକୁ କଷ୍ଟକରି ପାଳନରେ, ପୋଷଣରେ ବୃଦ୍ଧି କରି ତୋଳିବାକୁ ସୁଖାନୁଭୂତି ଜାଗ୍ରତ ହୁଏ ପ୍ରଥମେ ସ୍ତ୍ରୀ ଜାତିର ମାତୃତ୍ୱରେ । ସ୍ତ୍ରୀ ଜୀବ ମାନେ ହିଁ ଯେତେବେଳେ ମାତା ହୁଅନ୍ତି, ମାତୃତ୍ୱରେ ସୁଖବୋଧ କରନ୍ତି ସେତେବେଳେ ନାରୀମାନଙ୍କର ମାତା ହେବାର ପ୍ରକୃତିଗତ ପ୍ରେରଣା ଅଛି—ମାତୃତ୍ୱର କ୍ଷୁଧା ଅଛି । ତାହାହେଲେ ମନୁଷ୍ୟ ସମାଜର ଉଚିତ ଯେ ଏମାନଙ୍କୁ ମାତୃତ୍ୱ ପାଇବାରେ ସବୁପ୍ରକାରରେ ସାହାଯ୍ୟ କରିବା । ମାତା ହେଲେ ଯେଉଁଥିରେ କି ସେମାନଙ୍କର କୌଣସି ପ୍ରକାରେ କଷ୍ଟ ନହୁଏ ସେହିରୂପ ବିଧାନ କରିବା । ତାହା ହିଁ ହେବ ନାରୀ ଜାତିର ପ୍ରକୃତ ମଙ୍ଗଳ ବିଧାନ ।

Digitized by PPRACHIN, SOA

ନାରୀ ଦେହ ପୁରୁଷ ଦେହର ଅନେକାଂଶରେ ଭିନ୍ନ । ନାରୀମାନଙ୍କର ମାତୃତ୍ୱ ଉପଯୋଗୀ ଅନେକଗୁଡ଼ିଏ ଅଙ୍ଗ ଅଛି । ସେହିଗୁଡ଼ିକ ନାରୀ ଦେହର ମୁଖ୍ୟ ଅଙ୍ଗ ରୂପରେ ଗଣ୍ୟ ହୁଏ । ବୟଃପ୍ରାପ୍ତିର ସଙ୍ଗେ ସଙ୍ଗେ ମାତୃତ୍ୱର ପରିପୋଷକ ଅଙ୍ଗଗୁଡ଼ିକ ସକ୍ରିୟ ହୁଏ । ନାରୀ ଚିତ୍ତରେ ସେତେବେଳେ ମାତୃତ୍ୱର କ୍ଷୁଧା ଆସେ । ଯଦି ସେହି ସମୟରେ ସେହି ଅଙ୍ଗଗୁଡ଼ିକର କ୍ଷୁଧା ନିବୃତ୍ତି ନ ହୁଏ ତାହାହେଲେ ସେହି ଅଙ୍ଗଗୁଡ଼ିକର ଓ ତତ୍‌ସଂଶ୍ଳିଷ୍ଟ ଗ୍ରନ୍ଥିଗୁଡ଼ିକର ବିକୃତି ଆସେ ଓ ବହୁ ବ୍ୟାଧି ଜନ୍ମେ । ଏହା ବିଶିଷ୍ଟ ଚିକିତ୍ସକ-ଗଣଙ୍କର ମତ । ବିଖ୍ୟାତ ମନୀଷୀ Havelock Ellis ଏଇ ମାତୃତ୍ୱର ସୁଖବୋଧକୁ massive and sustained physiological joy କହିଅଛନ୍ତି । ସୁତରାଂ ନାରୀ ମାତା ହେବାର ଉପଯୁକ୍ତ ହୋଇଲେ ସେତେବେଳେ ସେ ଯଦି ମାତା ହେବାର ସୁଯୋଗ ନ ପାଏ ତା ହେଲେ ତାହାର ଜୀବନରେ ବହୁ ଅଭାବ ପରିଲକ୍ଷିତ ହୁଏ । ସେ ଅଭାବ ପୂରଣ କରିବାକୁ ନଦେଲେ ତାହାର ଜୀବନରେ ବହୁ ବିକୃତି ଦେଖାଯାଏ ଓ ପରୋକ୍ଷରେ ତାହା ପ୍ରତି ବହୁ ନିର୍ଯ୍ୟାତନ କରି ହୁଏ । ସୁତରାଂ ମାତୃତ୍ୱର ଅଙ୍ଗଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଅର୍ଥାତ୍ ନାରୀ ଚିତ୍ତରେ ମାତୃତ୍ୱର ଆକାଂକ୍ଷା ଜାଗ୍ରତ ହେବାର ପୂର୍ବାହ୍ଣରେ ହିଁ ସେମାନଙ୍କର ମାତା ହେବାର ସୁବ୍ୟବସ୍ଥା ସମାଜ ପକ୍ଷରେ ଅବଶ୍ୟ କରଣୀୟ । କାରଣ ତାହା ନାରୀଗଣ ଓ ମନୁଷ୍ୟ ସମାଜ ଉଭୟଙ୍କ ପକ୍ଷରେ କଲ୍ୟାଣଜନକ ।

ଶରୀର ବିଜ୍ଞାନବିଦ୍ ବିଶିଷ୍ଟ ମନୀଷୀଗଣ କହିଅଛନ୍ତି ଯେ ଗ୍ରୀଷ୍ମ ପ୍ରଧାନ ଭାରତ ବର୍ଷରେ ନାରୀ ଦେହରେ ସାଧାରଣତଃ ବାର ବରଷ ବୟସରେ ମାତୃତ୍ୱର ପରିପୋଷଣୀ ଅଙ୍ଗପ୍ରତ୍ୟଙ୍ଗ-

Digitized by PPRACHIN, SOA

ଗୁଡ଼ିକ କ୍ରିୟାଶୀଳ ହେବାକୁ ଆରମ୍ଭ କରେ ଏବଂ ପନ୍ଦର ବର୍ଷଠାରୁ ଚାଳିଶି ବର୍ଷ ପର୍ଯ୍ୟନ୍ତ ପୂର୍ଣ୍ଣ କ୍ରିୟାଶୀଳ ରହି ପଇଁଚାଳିଶ ବର୍ଷରେ ତାହା ନିଷ୍କ୍ରିୟ ହୋଇଯାଏ । ଅବଶ୍ୟ ଏହି ନିୟମର ବ୍ୟତିକ୍ରମ ଦେଖାଯାଏ କିନ୍ତୁ ତାହା କ୍ୱଚିତ୍ । ସୁତରାଂ ବାଳିକାମାନେ ଯେଉଁଥିରେ କି ବାର ବରଷଠାରୁ ଚଉଦ ବର୍ଷ ମଧ୍ୟରେ ମାତା ହେବାର ସୁଯୋଗ ପାଇବେ ସେହିପରି ବ୍ୟବସ୍ଥା ସେମାନଙ୍କର ବିଧି ନିର୍ଦ୍ଦିଷ୍ଟ ଓ କଲ୍ୟାଣଜନକ ପନ୍ଥା । ସେଇଥିପାଇଁ ଆମ୍ଭମାନଙ୍କ ସତ୍ୟଦ୍ରଷ୍ଟା ଆର୍ଯ୍ୟ ଋଷିଗଣ ସମାଜରେ ବାଲ୍ୟ ବିବାହ (ଶିଶୁ ବିବାହ ନୁହେ) ପ୍ରବର୍ତ୍ତନ କରିଥିଲେ ।

ଦ୍ୱିତୀୟତଃ, ପ୍ରକୃତି ପର୍ଯ୍ୟବେକ୍ଷଣ କରିଲେ ଦେଖାଯାଏ ଯେ ସ୍ତ୍ରୀଜନ୍ତୁଗଣ ମାତୃତ୍ୱର ଉପଯୋଗୀ ହେଲେ ହିଁ ପୁଂଜନ୍ତୁଗଣ ସେମାନଙ୍କୁ ଅନୁସରଣ କରନ୍ତି ଏବଂ ଏହି ଭାବରେ ସୃଷ୍ଟିରକ୍ଷାର ବିରାଟ ପ୍ରବାହ ପରିପୂରିତ ହୋଇଥାଏ । ଉଦ୍ଭିଦ ଜଗତରେ ପୁଷ୍ପ ପ୍ରସ୍ଫୁଟିତ ହେଲେ ହିଁ ମକ୍ଷିକାଗଣ ପୁଂପୁଷ୍ପଠାରୁ ସ୍ତ୍ରୀପୁଷ୍ପକୁ ରେଣୁ ବହନ କରିନିଅନ୍ତି ଏବଂ ସେତିକିବେଳେ ଘଟେ ଫଳର ଆବିର୍ଭାବ । ଏହା ହିଁ ପ୍ରକୃତିର ବିଧାନ । ମନୁଷ୍ୟ ସମାଜରେ ଏହି ନିୟମର ବ୍ୟତିକ୍ରମ ହୁଏ ନାହିଁ । କିନ୍ତୁ ପଶୁ ଜଗତ ପରିଚାଳିତ ହୁଏ ସେମାନଙ୍କର ସହଜାତ ସଂସ୍କାର ଦ୍ୱାରା; କିନ୍ତୁ ମନୁଷ୍ୟ ସମାଜ ଚଳେ ସ୍ୱୀୟ ସ୍ୱାଧୀନ ବୁଦ୍ଧିବୃତ୍ତି ଦ୍ୱାରା । ସେଇଥିପାଇଁ ସଂସାରାନଭିଜ୍ଞା ତରୁଣୀଗଣ ଯେଉଁଥିରେ କୌଣସି ବିକୃତ ବୁଦ୍ଧି ପୁରୁଷ ଦ୍ୱାରା ପ୍ରରୋଚିତ ହୋଇ ବିପଥଗାମୀ ନ ହୁଅନ୍ତି ସେ ବିଷୟରେ ସମାଜ ହିତୈଷୀ ବ୍ୟକ୍ତି ମାତ୍ରେ ହିଁ ଲକ୍ଷ୍ୟ ରଖିବା ବିଧେୟ ।

Digitized by PPRACHIN, SOA

ସୁତରାଂ ମାତୃତ୍ୱର ଲକ୍ଷ୍ୟଗୁଡ଼ିକ ପୂର୍ଣ୍ଣଭାବରେ ପରିପୁଷ୍ଟ ହେବାର ପୂର୍ବରୁ ତରୁଣୀଗଣଙ୍କୁ ପାନସ୍ଥା କରିଲେ ସେମାନଙ୍କର ପ୍ରତାରିତ ହେବାର ଅଶେଷ ଦୁର୍ଗତି ଭୋଗରୁ ରକ୍ଷା ପାଇବା ଅନେକ ସହଜ । ଅବଶ୍ୟ ତରୁଣୀଗଣ ଯଦି ପିତୃଗୃହରେ ଉପଯୁକ୍ତ ରୂପେ ଶିକ୍ଷିତା ହେବାର ସୁଯୋଗ ପାଆନ୍ତି, ତାହାହେଲେ ସେମାନେ ସାଧାରଣତଃ ବିପଥଗାମିନୀ ହେବେ ନାହିଁ । ଅନ୍ୟଥାରେ ନାରୀର ବାଲ୍ୟ ବିବାହ ତାହାକୁ ଅନେକ ଦୁର୍ଦ୍ଦୈବରୁ ରକ୍ଷା କରେ । ପିତା ମାତା ଉଭୟଙ୍କର ଦାୟିତ୍ୱରେ ହିଁ ସନ୍ତାନର ପ୍ରତିପାଳନ । କିନ୍ତୁ ବିବାହ ବ୍ୟତୀତ ପୁରୁଷ ସନ୍ତାନ ପ୍ରତିପାଳନର ଦାୟିତ୍ୱ ପୁରୁଷକୁ ବର୍ତ୍ତାଏ ନାହିଁ । ପୁରୁଷ ବିବାହର ମଧ୍ୟରେ ହିଁ ଅପତ୍ୟ-ଗଣଙ୍କର ଦାୟିତ୍ୱ ବହନ କରିଥାଏ ଓ ବିବାହ ସମ୍ପର୍କରୁ ହିଁ ଏହି ପ୍ରାକୃତିକ ପ୍ରଜନନ କରିଥାଏ । ବିବାହ କଥାର ମାନେ—ବି (ବିଶିଷ୍ଟରୂପେ, ଅର୍ଥାତ୍ ଯାହା ଯାହାର ନିଜସ୍ୱ ରୂପରେ)+ବହ୍ ଧାତୁରୁ । ବହ୍ ଧାତୁମାନେ ବହନ କରିବା—ଜୀବନ ଓ ବୃଦ୍ଧି ଦିଗରୁ । ନାରୀ ଗୃହେଁ ପୁରୁଷକୁ ସମ୍ବର୍ଦ୍ଧନା କରିବାକୁ ଏବଂ ପୁରୁଷ ଗୃହେଁ ନାରୀଠାରେ ସମ୍ବର୍ଦ୍ଧିତ ହେବାକୁ । ନର-ନାରୀଙ୍କର ଏହି ସହଜ ଓ ସହଜାତ ପ୍ରବୃତ୍ତିର ସମାଧାନ ହେଲା ବିବାହ । ପରସ୍ପରକୁ ନିଜସ୍ୱ ଭାବରେ ବହନ କରିନେବାର ନାମ ବିବାହ । ବିବାହର ଅନ୍ୟ ଉଦ୍ଦେଶ୍ୟ ନାରୀମାନଙ୍କୁ ଏକା ସନ୍ତାନ ପ୍ରତିପାଳନ କରିବାକୁ ହେଲେ ଯେଉଁ କଷ୍ଟ ଭୋଗ କରିବାକୁ ହୁଏ ସେଥିରୁ ମୁକ୍ତିଦାନ । ସେଥିପାଇଁ ନାରୀ ସମାଜର ମଙ୍ଗଳ ନିମନ୍ତେ ସେମାନଙ୍କୁ ବହୁବିଧ ଦୁର୍ଭୋଗ ମଧ୍ୟରୁ ରକ୍ଷାର ନିମିତ୍ତ ହିଁ ବିବାହ ମାନବ ସମାଜରେ ଅବଶ୍ୟ କର୍ତ୍ତବ୍ୟ । ଏହି ବିବାହ ନାରୀର ଉପଯୁକ୍ତ ବୟସରେ ଅର୍ଥାତ୍ ସାଧାରଣତଃ ବାରବର୍ଷରୁ ଚୌଦ ବରଷ ମଧ୍ୟରେ ହେବା ବାଞ୍ଛନୀୟ ।

Digitized by PPRACHIN, SOA

ବୃଷ୍ଟିପୂତଃ, ନାରୀମାନଙ୍କର ଅଳ୍ପ ବୟସରେ ବିବାହ ହେଲେ କୁମାରୀ ହୃଦୟର କଳୁଷଲେଶହୀନ ପ୍ରଥମ ପବିତ୍ର ପ୍ରେମ ସ୍ୱାମୀର ଉପରେ ନ୍ୟସ୍ତ ହେବାର ସୁଯୋଗ ପାଏ । କାରଣ, ନାରୀର ସ୍ୱାଭାବିକ ଧର୍ମ-ସହଜାତ ସଂସ୍କାର ହେଉଛି ପ୍ରାଣଭରି ଭଲପାଇବା ଓ ପ୍ରାଣଭରି ଭଲ ପାଇବାକୁ ଅନୁମତ କରିବାର ଆକାଙ୍କ୍ଷା— "Love is woman's whole existence" ସେଇଥିପାଇଁ ଉପଯୁକ୍ତ ବୟସରେ ଭଲ ପାଇବାର କ୍ଷୁଧା ହୃଦୟରେ ଜାଗରୂକ ହେବାର ସଙ୍ଗେ ସଙ୍ଗେ ହିଁ ଯଦି ସେମାନେ ଉପଯୁକ୍ତ ପାତ୍ର ନିକଟରେ ମିଳିଯାଏ, ସେମାନଙ୍କର ପ୍ରକୃତି ପ୍ରଦତ୍ତ ସ୍ୱାଭାବିକ ପ୍ରବୃତ୍ତି ସେଇଠାରେ ବିଶ୍ରାମ ଲାଭ କରି ଜୀବନକୁ ଫୁଲ ଫଳରେ ସୁଶୋଭିତ କରି ତୋଳିବାକୁ ସକ୍ଷମ ହୁଏ । ପିତା ମାତାର ସହିତ ସନ୍ତାନର ସମ୍ବନ୍ଧ ଯେପରି ସ୍ୱାଭାବିକ ଓ ସହଜ, କୌଣସି ପ୍ରକାର ରୂପ ବା ଗୁଣର ଅପେକ୍ଷା ରହେ ନାହିଁ । ଅଳ୍ପ ବୟସରେ ବିବାହ ହେଲେ ଦମ୍ପତି ତଦ୍ରୂପ ପରସ୍ପର ସମ୍ବନ୍ଧ ବିଧିର ନିର୍ବନ୍ଧ ବୋଲି ବିବେଚନା କରି ଓ ମାନିନେଇ ପରସ୍ପରର ଦୋଷତ୍ରୁଟି ସ୍ୱୀକାର କରି ନେଇ-ପାରନ୍ତି । ଦୁଇଜଣ ଏକତ୍ରିତ ହେଲେ, ଏକହିଁ ପରିବାରରେ ଗୋଟିଏ ପ୍ରକାରେ, ଏକ ପାରିପାର୍ଶ୍ୱିକ ଆବହାଓୟାରେ ବର୍ଦ୍ଧିତ ହେବାରୁ ପରସ୍ପରଙ୍କ ପ୍ରତି ସହଜ ମମତ୍ୱବୋଧ ଜାଗରିତ ହେବାର ସୁଯୋଗ ପାଏ । ପତ୍ନୀ ତାହାର ସ୍ୱାଭାବିକ ବୈଶିଷ୍ଟ୍ୟାନୁସାରେ ହିଁ ଅନେକାଂଶରେ ପତିର ମନୋବୃତ୍ତ୍ୟାନୁସାରିଣୀରୂପେ ନିଜକୁ ଗଢ଼ି ନେବାକୁ ସମର୍ଥ ହୁଏ ଏବଂ ବିବାହ ମଧ୍ୟ ସେଥିପାଇଁ ସଚରାଚର ସୁଖଶାନ୍ତିପ୍ରଦ ଓ କଲ୍ୟାଣକାରୀ ହୁଏ । ସେଥି ସକାଶେ ଆର୍ଯ୍ୟ ଭାରତରେ ବିବାହ-ବିଚ୍ଛେଦ ଆଇନର କେବେ ପ୍ରୟୋଜନ ହୋଇନାହିଁ । ଏ ଦେଶର ନାରୀମାନେ ଏକହିଁ ସ୍ୱାମୀକୁ ଜନ୍ମଜନ୍ମାନ୍ତର

Digitized by PPRACHIN, SOA

ସ୍ୱାମୀରୂପରେ ପାଇବାକୁ କାମନା କରି ସକ୍ଷମ ହୋଇଥାନ୍ତି । ସ୍ୱାମୀ-ସ୍ତ୍ରୀର ସମ୍ବନ୍ଧ ଜନ୍ମଜନ୍ମାନ୍ତରର ସମ୍ବନ୍ଧ ବୋଲି ସେମାନେ ମାନି ଚଳିବାରେ ହିଁ ଅଭ୍ୟସ୍ତ ।

ଚତୁର୍ଥତଃ, ବାଲ୍ୟ ବୟସରେ ଝିଅମାନଙ୍କର ମନୋବୃତ୍ତି ଖୁବ୍ କୋମଳ ଥାଏ । ସେମାନଙ୍କର ମଧ୍ୟ ସହଜରେ ନମନୀୟ ହୁଏ । ସେତେବେଳେ ସେମାନଙ୍କର ସ୍ୱାଧୀନ ବ୍ୟକ୍ତିତ୍ୱ ପ୍ରତିଷ୍ଠିତ ହୁଏ ନାହିଁ । ସେମାନଙ୍କୁ ଯେ ରୂପରେ ମଧ୍ୟ ଗଢ଼ି ନେବା କଷ୍ଟକର ନୁହେଁ । ସେହି ସମୟରେ ଯଦି ସେମାନେ ବିବାହିତା ହୋଇ ଶ୍ୱଶୁରାଳୟକୁ ଗମନ କରନ୍ତି, ସଂସାର ଅଭିଜ୍ଞତା, ଶାଶୂ ବା ଅନ୍ୟ କୌଣସି ବୟୋଜ୍ୟେଷ୍ଠା ଗୃହକର୍ତ୍ତ୍ରୀର କର୍ତ୍ତୃତ୍ୱାଧୀନରେ ରହି ସେମାନେ ଗୃହକର୍ମରେ ଦକ୍ଷତା ଅର୍ଜ୍ଜନ ପଟୁତା ଲାଭ କରିପାରନ୍ତି । ସଂଯମ, ମିତବ୍ୟୟିତା, ସେବା, ଶୁଶ୍ରୂଷା, ସନ୍ତାନ ପାଳନ ଇତ୍ୟାଦି ନାରୀ ଜୀବନର ଅପରିହାର୍ଯ୍ୟ ଓ ଅବଶ୍ୟ ଜ୍ଞାତବ୍ୟ ବିଷୟଗୁଡ଼ିକ ସମ୍ୟକ୍ ଶିକ୍ଷାଲାଭ କରି ଭବିଷ୍ୟତରେ ସୁଗୃହିଣୀ ଓ ସୁମାତା ହେବାର ଅମୂଲ୍ୟ ସୁଯୋଗ ଲାଭ କରି ପାରନ୍ତି । ନାରୀର ସୁଗୃହିଣୀ ଓ ସୁମାତା ହେବାର ଶିକ୍ଷା ଉପରେ ନିର୍ଭର କରେ ଜାତିର ଭବିଷ୍ୟତ । କାରଣ ଯେଉଁ ଶିଶୁମାନେ ଜାତିର ଭବିଷ୍ୟତ ସେମାନଙ୍କର ପ୍ରକୃତ ଶିକ୍ଷାର ସ୍ୱସ୍ତି ବଚନ ହୁଏ ମାତାଠାରୁ । "The Mother is the child's supreme parent"

Sex and Society—Ellis

ବିବାହ ନାରୀର ଶ୍ରେଷ୍ଠ ସଂସ୍କାର । ବିବାହଦ୍ୱାରା ନାରୀ ଗୋତ୍ରାନ୍ତରିତା ହୁଏ । ଗୋତ୍ରାନ୍ତରିତ ହେବା ମାନେ ହିଁ ବିବାହ

Digitized by PPRACHIN, SOA

ଘରଠାରୁ ନାରୀ ତାହାର ଶ୍ୱଶୁର କୁଳର କୃଷ୍ଟି ଓ ରକ୍ତର ଧାରା ବହନ କରି ତାହାର ସନ୍ତାନଙ୍କୁ ମୂର୍ତ୍ତିକରି ତୋଳିବାର ଦାୟିତ୍ୱ ଗ୍ରହଣ କରେ । ସ୍ୱାମୀର ବଂଶର କୃଷ୍ଟି ଓ ଆଚାରର ବ୍ୟବହାର ଯଦି ତାହାର ଚରିତ୍ରକୁ ଯଦି ତଦନୁପାତିକ ଗଠନ କରି ନପାରେ ତେବେ ତାହା ମାଧ୍ୟମରେ ତାହାର ସ୍ୱାମୀ ବଂଶର ଧାରା ଅବ୍ୟାହତ ରହିବ କି ପ୍ରକାରେ ? ମନୁଷ୍ୟ ତାହାର ସନ୍ତାନ ସନ୍ତତିର ମଧ୍ୟ ଦେଇ ବଞ୍ଚି ରହିଥାଏ । ଏଇ ବଂଶଧାର—ଏଇ ବଂଶର ଧାରା ଅବ୍ୟାହତ ରଖିବାର ଦାୟିତ୍ୱ ନାରୀର । ଅନେକେ ହିଁ ଯୌବନ-ବିବାହର ପକ୍ଷପାତୀ । ଯୌବନ ବିବାହର ପ୍ରଥମ ଦୋଷ ଯେ ବାଲ୍ୟାବସ୍ଥାରେ ନାରୀର ମାତୃତ୍ୱ ପରିପୋଷିଣୀ ଅଙ୍ଗଗୁଡ଼ିକ ଯେତେବେଳେ ପୁଷ୍ଟ ହୋଇ ଉଠେ ସେତେବେଳେ ଉପଯୁକ୍ତ ବ୍ୟବହାରର ଅଭାବରେ ସେଗୁଡ଼ିକ ବିକୃତାବସ୍ଥା ପ୍ରାପ୍ତ ହୋଇପାରେ । ଏହା ବ୍ୟତୀତ ଏହି ବିବାହର ଆଉ ଗୋଟିଏ ମାରାତ୍ମକ ଦୋଷ ଅଛି ଯେଉଁଥିରେ କେବଳ ମାତ୍ର ନାରୀର ନୁହେଁ ସମସ୍ତ ଜାତିର ସମୂହ କ୍ଷତିର ଆଶଙ୍କା ରହେ । ନାରୀ ଯୌବନରେ ଉପନୀତ ହେବାର ବହୁ ପୂର୍ବେ ହିଁ ଅର୍ଥାତ୍ ବାଳିକାବସ୍ଥାରେ (୧୨-୧୪ ବରଷରେ) ତାହା ମନରେ ପ୍ରଥମ ଭଲ ପାଇବାର ପ୍ରଶ୍ନ ଜାଗ୍ରତ ହୁଏ । ସେତେବେଳଠୁହିଁ ବହୁଦିନ ଧରି ଭଲ ପାଇଥିବା ପାତ୍ରଟିର ଅପେକ୍ଷା କରିବାକୁ ହେଲେ ତାହା ମନରେ ଅନ୍ୟ ପୁରୁଷର ଛାୟା ପଡ଼ିପାରେ କାହାକୁ ମଧ୍ୟ ସ୍ୱାମୀରୂପରେ କଳ୍ପନା କରିପାରେ, କାହା ସାଥିରେ ପ୍ରୀତି ସହିତ ମିଳାମିଶା କରିପାରେ—ପରିଣାମରେ ହୁଏତ ସେହି ସମସ୍ତ ପୁରୁଷ ସାଥିରେ ବିବାହ ନହୋଇ ଅନ୍ୟ ସାଥିରେ ବିବାହ ହେଲା । କିନ୍ତୁ ଏହି ମିଶିବା ଫଳ ସ୍ୱରୂପ ନାରୀ ମସ୍ତକରେ ଯେଉଁ ଛାୟାପଡ଼େ

Digitized by PPRACHIN, SOA

ସେଥିରେ ତାହାର ସହଜ ନମନୀୟ ଚରିତ୍ର ରଞ୍ଜିତ ହୋଇଯାଏ । ପରେ ଅନ୍ୟ ପୁରୁଷର ସହିତ ତାହାର ମିଳନ ହେଲେ ତାହାର ମସ୍ତିଷ୍କରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ଚରିତ୍ରରେ ଯେଉଁ ଅନମନୀୟ କାଠିନ୍ୟର ପ୍ରକାଶ ପାଏ ସେଥିରେ ସେମାନଙ୍କର ଦାମ୍ପତ୍ୟ ଜୀବନ ତ ଦୁର୍ବହ ହୁଏ । ଏହା ବ୍ୟତୀତ ସେହି ଦ୍ୱନ୍ଦ୍ୱପୂର୍ଣ୍ଣ, ପ୍ରୀତିଶୂନ୍ୟ, ପ୍ରେମବର୍ଜିତ ମନୋଭାବରୁ ଯେଉଁ ସନ୍ତାନ ସନ୍ତତି ଜନ୍ମଗ୍ରହଣ କରନ୍ତି ସେମାନେ ପ୍ରାୟ ହିଁ ଦୁର୍ବଳ, ଇନ୍ଦ୍ରିୟ ପରବଶ ଓ ଅଳ୍ପାୟୁ ହୋଇ ଜନ୍ମଗ୍ରହଣ କରନ୍ତି । ଏହି ଭାବରେ ଦୁର୍ବଳ ଜାତିର ଉଦ୍ଭବ ହୁଏ । ସୁତରାଂ ବାଲ୍ୟ କାଳରେ ଯେତେବେଳେ ମନୋବୃତ୍ତି ସମସ୍ତ କୋମଳ ଓ ସହଜ ନମନୀୟ ରହେ ସେତେବେଳେ ସୁଶିକ୍ଷାଦ୍ୱାରା ମନୁଷ୍ୟ ନିଜକୁ ଗଢ଼ି ନେବାର ସୁଯୋଗ ପାଏ । ବାଲ୍ୟ ବିବାହ ମାନେ ମୁଁ ଶିଶୁ ବିବାହ କହୁନାହିଁ । ନାରୀ ସେତେବେଳେ ହିଁ ବିବାହଯୋଗ୍ୟା ହୁଏ ଯେତେବେଳେ ତାହାର ଶାରୀରିକ ଓ ମାନସିକ ଯୌବନାରମ୍ଭ ସୂଚିତ ହୁଏ ଅର୍ଥାତ୍ ସାଧାରଣତଃ ବାର ବରଷଠାରୁ ଚଉଦ ବରଷ ହିଁ ତାହାର ବିବାହଯୋଗ୍ୟ ବର୍ଷ ।

ବାଲ୍ୟ ବିବାହରେ ଅଭିଭାବକମାନଙ୍କର ଦାୟିତ୍ୱ ଜ୍ଞାନ ଗୋଟିଏ ଖୁବ୍ ବଡ଼ କଥା । ଯୌବନ ବିବାହର ଶୁଭାଶୁଭ ଯେପରି ଅନେକାଂଶରେ ପାତ୍ର-ପାତ୍ରୀର ବୁଦ୍ଧି, ବିବେଚନା ଓ ମନୋନୟନ କ୍ଷମତା ଉପରେ ନିର୍ଭର କରେ, ବାଲ୍ୟ ବିବାହର ମଙ୍ଗଳାମଙ୍ଗଳ ପ୍ରଧାନତଃ ନିର୍ଭର କରେ ଅଭିଭାବକର ସୁଶିକ୍ଷା ଓ ସୁସ୍ଥ ମନୋନୟନ କ୍ଷମତା ଉପରେ । ଉଭୟ ବଂଶର କୃଷ୍ଟି ଓ ଭାବଧାରାର ସହିତ ସମ୍ୟକ୍ ପରିଚିତ ପାତ୍ର-ପାତ୍ରୀର ଶାରୀରିକ ଓ

Digitized by PPRACHIN, SOA

ମାନସିକ, ସ୍ୱାସ୍ଥ୍ୟ, ସେମାନଙ୍କର ନୈତିକ ଓ ମାନସିକ ଲକ୍ଷଣ ଇତ୍ୟାଦି ସମ୍ୟକ୍ ରୂପରେ ବିଚାର କରି ତେବେ ହିଁ ବିବାହ ସଂଘଟଣ କରାଇବା କର୍ତ୍ତବ୍ୟ । ଏ ବିଷୟରେ ଅଭିଭାବକଗଣଙ୍କର ବହୁଦର୍ଶୀ ଅଭିଜ୍ଞତା ହିଁ ସେମାନଙ୍କୁ ଭ୍ରାନ୍ତିହିଁ ଭ୍ରାନ୍ତିରୁ ରକ୍ଷା କରିବାକୁ ସକ୍ଷମ । ସୁତରାଂ ଏ ବିଷୟରେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହେବାକୁ ହେଲେ ସାମାଜିକ ସଂସ୍ଥା ଓ ସଂସ୍କୃତିର ଯେଉଁ କେତେକ ଜିନିଷର ପ୍ରୟୋଜନ ତାହା ସହଜରେ ଅନୁମେୟ ।

Digitized by PPRACHIN, SOA

ଜନ୍ମ ଶତାବ୍ଦ

ଦେଶରେ ପ୍ରୟୋଜନ ମନୁଷ୍ୟ । ମନୁଷ୍ୟତ୍ୱ ହିଁ ଜାତୀୟ ଜୀବନର ପରମ ସମ୍ପଦ । ଯୁଗେ ଯୁଗେ, କାଳେ କାଳେ, ସର୍ବ ଦେଶରେ, ସର୍ବ ସମାଜରେ ମନୁଷ୍ୟତ୍ୱର ଆରାଧନା ହିଁ ଚାଲି ଆସୁଅଛି । ମନୁଷ୍ୟତ୍ୱର ଆଧାର ନରରୂପୀ ଦେବତା ହିଁ ସର୍ବକାଳରେ ଜନଗଣଙ୍କର ପଥପ୍ରଦର୍ଶକ । ଶ୍ରୀ ରାମଚନ୍ଦ୍ର, ଶ୍ରୀକୃଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ପ୍ରଭୃତି ମହାମାନବଗଣ ଯୁଗେ ଯୁଗେ ଜନ୍ମଗ୍ରହଣ କରି ତଦାନୀନ୍ତନ ଜାତୀୟ ଜୀବନରେ କଳୁଷ କାଳିମା ବିଦୂରିତ କରି ଜଗତରେ ସତ୍ୟ, ଶିବ ଓ ସୁନ୍ଦର ପ୍ରତିଷ୍ଠା କରି ଯାଇଅଛନ୍ତି ।

ମହାମାନବମାନଙ୍କୁ ଶିକ୍ଷାଦ୍ୱାରା ତିଆରି କରି ହୁଏ ନାହିଁ ସେମାନେ ଜନ୍ମଗ୍ରହଣ କରିଥାଆନ୍ତି । ସେମାନଙ୍କର ଜନ୍ମ ନିର୍ଭର କରେ ଉପଯୁକ୍ତ କ୍ଷେତ୍ର ଓ ପରିବେଶର ମାଧ୍ୟମରେ । ଆଜି ଭାରତରେ ଜୀବନ ମରଣର ସନ୍ଧିକ୍ଷଣ । ତାହାର ଧର୍ମ, ତାହାର କୃଷ୍ଟି, ତାହାର ଜୀବନ ଆଜି ବିପନ୍ନ । ଆଜି ଭାରତ ଚାହେଁ ଏପରି କର୍ଣ୍ଣଧାର, ଏପରି ପଥପ୍ରଦର୍ଶକ ଯେ ତାହାକୁ ସକଳ ବିପଦରୁ ଉତ୍ତୀର୍ଣ୍ଣ କରି ତାହାର ଧର୍ମ, ତାହାର କୃଷ୍ଟି, ତାହାର ଜୀବନ ରକ୍ଷା କରିବାର ଉପଯୋଗୀ ସୁନିୟନ୍ତ୍ରିତ କର୍ମପନ୍ଥାର ନିର୍ଦ୍ଦେଶ ଦେଇ ପାରିବେ । ଆମର ପ୍ରୟୋଜନ ବର୍ତ୍ତମାନ ଶିବାଜୀ ପରି ସନ୍ତାନ, ବିବେକାନନ୍ଦଙ୍କ ସଦୃଶ ତ୍ୟାଗୀ ପୁତ୍ର । ଏଇଥି ସକାଶେ ପ୍ରୟୋଜନ ଉପଯୁକ୍ତ କ୍ଷେତ୍ର, ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ସୃଷ୍ଟି କରିବା । ମନୁଷ୍ୟ

Digitized by PPRACHIN, SOA

ହେବାର ସର୍ବପ୍ରଥମ ଆମ୍ଭମାନଙ୍କର ପ୍ରୟୋଜନ Nature and Nurture ଅର୍ଥାତ୍ ସ୍ୱଭାବ ଓ ଶିକ୍ଷା । ଆମ୍ଭମାନଙ୍କର ସ୍ୱଭାବ ତଦନୁରୂପ ଭାବେ ଆତ୍ମପ୍ରକାଶ କରେ । ଆମ୍ଭେମାନେ ଯେପରି ଭାବରେ instinct ଅର୍ଥାତ୍ ସହଜାତ ସଂସ୍କାରର ଅଧିକାରୀ ହେଉ । ଏହି instinct ହେଉଛି ପ୍ରତ୍ୟେକଟିର ବ୍ୟକ୍ତିତ୍ୱର ବୁନିୟାଦ । Instinct ଯାହାର ଯେପରି କୃଷ୍ଟି ସମୃଦ୍ଧ ଏବଂ ଉତ୍ତର ଜୀବନରେ ସିଏ ଯେପରି ନିଜର instinct ର ପରିପୋଷଣୀ ଶିକ୍ଷା ଲାଭରେ ସମର୍ଥ ହୁଏ, ସେ ସେହିଭାବରେ ମନୁଷ୍ୟତ୍ୱ ଲାଭ କରିପାରେ । Instinct ଆମ୍ଭେମାନେ ଲାଭ କରୁ ଆମ୍ଭମାନଙ୍କର ପିତୃପୁରୁଷଙ୍କ ନିକଟରୁ । ଏହାକୁ ଚଳନ୍ତି କଥାରେ କହୁ ବଂଶର ଧାରା । ଯଦି ଉତ୍କୃଷ୍ଟ ଅର୍ଥାତ୍ ଉଚ୍ଚ ସଂସ୍କୃତି-ସମ୍ପନ୍ନ ବୀଜ ତଦୁପଯୁକ୍ତ କ୍ଷେତ୍ରରେ ରୋପିତ ହୁଏ, ତେବେହିଁ ଉତ୍କୃଷ୍ଟ ଫସଲର ଆଶା କରି ଯାଇପାରେ । ଏହାପରେ ଆସେ ଶିକ୍ଷାର ପ୍ରଶ୍ନ । କିନ୍ତୁ ସର୍ବପ୍ରଥମରେ ଆମ୍ଭମାନଙ୍କର ପ୍ରୟୋଜନ ଉତ୍କୃଷ୍ଟ ବୀଜ ଓ ଅନୁକୂଳ କ୍ଷେତ୍ର । ବୀଜର ଅନ୍ତର୍ନିହିତ ଗୁଣାବଳୀ ହିଁ ସନ୍ତାନ-ସନ୍ତତିର ସ୍ୱଭାବ-ଚରିତ୍ରକୁ ନିୟନ୍ତ୍ରିତ କରିଥାଏ । ଏହା ହିଁ ବୈଜ୍ଞାନିକ ସତ୍ୟ । Mendel ଆବିଷ୍କାର କରିଅଛନ୍ତି ଯେ—କେତେଗୁଡ଼ିଏ ଚରିତ୍ରଗତ ଲକ୍ଷଣ ବଂଶାନୁକ୍ରମରେ ଧାରାବାହିକ ଅବ୍ୟାହତ, ଅବିକୃତ ଓ ଅତୁଟଭାବରେ ସନ୍ତାନ-ସନ୍ତତିଙ୍କ ମଧ୍ୟରେ ରହିଯାଏ । ସେହି କାରଣରୁ ବୀଜ ଯଦି ଉନ୍ନତ ସଂସ୍କୃତିସଂପନ୍ନ ହୁଏ ଓ ତଦୁପଯୁକ୍ତ କ୍ଷେତ୍ରରେ ଯଦି ବିଧିମାଫିକ ବପନ କରି ହୁଏ ତାହା ହେଲେ ଦେଶ ତଥା ଜାତି ପ୍ରଭୂତ ପରିମାଣରେ ଉତ୍କୃଷ୍ଟ ଫଳ ଲାଭରେ ସୁସମୃଦ୍ଧ ହୋଇ ଉଠିବାର ସମ୍ଭାବନା ଅଛି । ଏହି ଦିଗରୁ ଦେଖିଲେ ଜାତି ଓ ଦେଶର ଏହି ଦୁର୍ଦ୍ଦିନରେ ଉପଯୁକ୍ତ ପୁରୁଷର ବହୁ ବିବାହ କେବଳ ପ୍ରଶଂସାର୍ହ ହିଁ

Digitized by PPRACHIN, SOA

ନୈତିକ—ଅବଶ୍ୟ କର୍ତ୍ତବ୍ୟ । ବହୁ ବିବାହର ଅନ୍ୟ ଗୋଟିଏ ଦିଗ ମଧ୍ୟ ଅଛି । ଯଥା—କୌଣସି ପୁରୁଷର ସର୍ବତୋମୁଖୀନ ପ୍ରତିଭା ଅଛି । ଅର୍ଥାତ୍ ଶିକ୍ଷାରେ, ଦୀକ୍ଷାରେ, ଜ୍ଞାନରେ, ଚରିତ୍ରରେ, ବଂଶରେ, ବର୍ଣ୍ଣରେ ଓ ବିଦ୍ୟାରେ ଜଣେ ପୁରୁଷ ସମାଜରେ କୀର୍ତ୍ତିସ୍ଥାନୀୟ । କୌଣସି ନାରୀ ତାହାଙ୍କୁ ସ୍ୱାମୀତ୍ୱରେ ବରଣ କଲେ । ବର୍ତ୍ତମାନ ସେହି ନାରୀ ତାହାର ସ୍ୱାମୀର ଚରିତ୍ରର ବିଶିଷ୍ଟତାର ଯେଉଁ ଅଂଶଦ୍ୱାରା ବେଶୀ ପ୍ରଭାବାନ୍ୱିତା ହୋଇବେ ଅର୍ଥାତ୍ ସ୍ୱାମୀର ଯେଉଁ ଗୁଣରେ ସେ ଭାବୋନ୍ମତ୍ତା ହୋଇ ସମ୍ୟକ୍ ଉପଲବ୍ଧି କରିପାରିବେ, ତଦନୁରୂପ ସନ୍ତାନର ସେ ଜନନୀ ହୋଇପାରିବେ । ସ୍ୱାମୀର ଚରିତ୍ରର ଯେଉଁ ଗୁଣଗୁଡ଼ିକରେ ସେ ସ୍ୱାମୀର ପଥାନୁଗମନ କରିପାରିବେ ନାହିଁ ସେହି ଗୁଣାନୁଭବ ସନ୍ତାନ ପାଇପାରିବେ ନାହିଁ । ସେଥି ନିମିତ୍ତ ଯଦି ବହୁଗୁଣସମ୍ପନ୍ନ ପୁରୁଷର ବହୁ ସ୍ତ୍ରୀ ରହେ ଓ ତେବେ ବହୁଗୁଣସମ୍ପନ୍ନ ବହୁ ସନ୍ତାନର ଜନନୀ ହୋଇପାରେ ।

ଉଦ୍ଭିଦ ଜଗତରେ ଆମ୍ଭେମାନେ ଦେଖିବାକୁ ପାଇଥାଉ ଯେ ସୁମିଷ୍ଟ ଓ ଉଚ୍ଚଜାତିର ଆମ୍ର ଶାଖା ବହୁ ନୀଚଜାତିର ଆମ୍ର ଗଛର କୋଡ଼ ବାନ୍ଧି ଆମ୍ଭେମାନେ ବହୁ ଉତ୍କୃଷ୍ଟ କଲମ ଗଛ ସୃଷ୍ଟି କରି ପାରିଥାଉ । ତଦ୍ରୂପ ମନୁଷ୍ୟ ସମାଜରେ ଯଦି ଉପଯୁକ୍ତ ପୁରୁଷର ବହୁ ସ୍ତ୍ରୀ ଶାସ୍ତ୍ରସମ୍ମତ ଭାବରେ ବିଦ୍ୟମାନ ଥାଏ ତାହାହେଲେ ବହୁ ଉତ୍କୃଷ୍ଟ ସନ୍ତାନ ହିଁ ଆମ୍ଭେମାନେ ଲାଭ କରିପାରିବା । ବହୁ ବିବାହରେ ସ୍ୱପକ୍ଷରେ ଅନ୍ୟ ଗୋଟିଏ ବିଚାରଣୀୟ ବିଷୟ ହେଲା—ନାରୀ ଯେଉଁ ସମୟ ମଧ୍ୟରେ ଗୋଟିଏ

Digitized by PPRACHIN, SOA

ସନ୍ତାନ ପ୍ରସବ କରିବାକୁ ସମର୍ଥ ହୁଏ ପୁରୁଷ ସାଧାରଣତଃ ସେହି ସମୟ ମଧ୍ୟରେ ଏକାଧିକ ସନ୍ତାନର ଜନକ ହେବ ।

"Every egg produced by a woman (usually once a month) carries the same type of sex chromosome"

ପୁନଶ୍ଚ ପୁରୁଷର ସମ୍ବନ୍ଧରେ ଦେଖାଯାଏ—"The sperms are released in fantastically large numbers up to a thousand million." ଅର୍ଥାତ୍, ନାରୀର ଡିମ୍ବକୋଷ ସାଧାରଣତଃ ପ୍ରତିମାସରେ ଗୋଟିଏ କରି ସୁପରିପୁଷ୍ଟ ଡିମ୍ବ ପ୍ରଦାନ କରିବାକୁ ସକ୍ଷମ; କିନ୍ତୁ ପୁରୁଷର ସେହି ସମୟ ମଧ୍ୟରେ ଲକ୍ଷ କୋଟି ଶୁକ୍ରକୀଟ ଉତ୍ପାଦନ କରିଥାଏ । ସୁତରାଂ ସ୍ୱାସ୍ଥ୍ୟବାନ, ଚରିତ୍ରବାନ, ଆଦର୍ଶପରାୟଣ, ବଳଶାଳୀ ପୁରୁଷ ଯଦି ତଦୁପଯୁକ୍ତ ଏକାଧିକ ସ୍ତ୍ରୀରେ ଧର୍ମତଃ ଉପଗତ ହୁଏ ତାହାହେଲେ ବହୁ ଉତ୍କୃଷ୍ଟ ସନ୍ତାନର ଜନ୍ମ ହୋଇଥାଏ । ଏହି ଭାବରେ ଦେଶ ତଥା ଜାତି ବହୁଳାଂଶରେ ଉପକୃତ ହୋଇଥାଏ । ଜନ୍ମ-ମୃତ୍ୟୁର ଗଣନାରୁ ଦେଖାଯାଇଅଛି, ପୁତ୍ର-ସନ୍ତାନ ଅପେକ୍ଷା କନ୍ୟା-ସନ୍ତାନର ସଂଖ୍ୟା ହିଁ ବେଶୀ ହୋଇଛି—"Average parental mortality, male to famale 127.5 to 100" ସୁତରାଂ, ଯେଉଁଠାରେ କନ୍ୟା ସନ୍ତାନର ସଂଖ୍ୟା ହିଁ ଅଧିକ ଏବଂ କନ୍ୟା ଯଦି ସତ୍ପାତ୍ରରେ ସଂପ୍ରଦାନ କରିବାର ଇଚ୍ଛା ହିଁ ରହିଥାଏ ତେବେ ସେଠାରେ ପ୍ରାକୃତିକ ନିୟମରେ ସ୍ୱଇଚ୍ଛାରେ ଉପଯୁକ୍ତ ପାତ୍ରରେ ଏକାଧିକ ସ୍ତ୍ରୀ ପରିଣୀତା ହୁଏ । ସେଠାରେ ବିରୋଧିତା ନକରି ସହାନୁଭୂତି ଓ ଉଦାରତା ବର୍ଦ୍ଧନ କରିବା ହିଁ ସମସ୍ତଙ୍କର କର୍ତ୍ତବ୍ୟ । କନ୍ୟାଗଣଙ୍କୁ ସେହି ଭାବରେ ଶିକ୍ଷିତା କରିବା ଉଚିତ ଯେଉଁଥିରେକି ସେମାନେ ଉପଯୁକ୍ତ ସତ୍ପାତ୍ର ପାଇଲେ ସପତ୍ନୀଙ୍କୁ ସ୍ୱୀକାର

Digitized by PPRACHIN, SOA

କରିନେଇ ଉକ୍ତ ସ୍ଥାନରେ ସନ୍ତୁଷ୍ଟ ଚିତ୍ତରେ, ସାଗ୍ରହରେ ଆତ୍ମ ସମର୍ପଣରେ ଉଦ୍‌ବୁଦ୍ଧା ହୁଏ । ତାହା ନ ହେଲେ ଅନେକ କୁମାରୀଙ୍କୁ ହୀନସ୍ଥାନ ମନୋନୟନ କରିବାକୁ ହୋଇବ ଅଥବା କୁମାରୀ ଜୀବନ ଯାପନ କରିବାକୁ ବାଧ୍ୟ ହେବ ।

ନାରୀର ଅନ୍ତର୍ନିହିତ ଆକାଂକ୍ଷା ମାତୃତ୍ୱରେ । ମାତୃତ୍ୱ ହିଁ ନାରୀର ପୂର୍ଣ୍ଣ ବିକାଶ । ସେ ଚାହେଁ ଉତ୍କୃଷ୍ଟ ସନ୍ତାନର ଜନନୀ ହେବାକୁ । ଶାରୀରିକ ଓ ମାନସିକ ଗଠନ ହିଁ ତାହାର ମାତୃତ୍ୱର ଉପଯୋଗୀ । ଉତ୍କୃଷ୍ଟ ସନ୍ତାନର ଜନନୀ ହେବାକୁ ଗଲେ ତାହାର ଇଚ୍ଛା, ତାହାର ସ୍ପୃହା ଏପରି ହେବା ପ୍ରୟୋଜନ, ଯେଉଁଥିରେ କି ସେ ସ୍ୱଭାବତ ହିଁ ଆଦର୍ଶପରିପୂର୍ଣ ଏବଂ ସର୍ବାଂଶରେ ତାହାଠାରୁ ଶ୍ରେଷ୍ଠ ପୁରୁଷକୁ ପତି ରୂପରେ ପାଇବାର ସାଧନା କରିପାରେ ଏବଂ ନାରୀର ସହଜାତ ସଂସ୍କାର ଓ ସହଜ ମାତୃବୁଦ୍ଧି ହିଁ ତାହାକୁ ସର୍ବାଂଶରେ ଶ୍ରେଷ୍ଠ ପୁରୁଷକୁ ପତିରୂପରେ ବରଣ କରିବାର ପ୍ରେରଣା ଦିଏ । ସେଥି ସକାଶେ ବର୍ଣ୍ଣାର୍ଡ଼ଶ' କହିଅଛନ୍ତି, ନାରୀର ସହଜ ମାତୃବୁଦ୍ଧି ହିଁ ତାହାକୁ ଶ୍ରେଷ୍ଠ ପୁରୁଷର ଦଶମାଂଶକୁ ବରଂ ଶ୍ରେୟ ଜ୍ଞାନ କରେ । ତୃତୀୟ ଶ୍ରେଣୀର ଜଣେ ନିକୃଷ୍ଟ ବ୍ୟକ୍ତିକୁ ପୁରାପୁରି ପାଇବା ଅପେକ୍ଷା ଗୋଟିଏ ଦିଗରୁ ବିବେଚନା କରିଲେ ଜଣେ ଶ୍ରେଷ୍ଠ ପୁରୁଷର ବହୁ ସ୍ତ୍ରୀ ହେବା ସ୍ୱାଭାବିକ । ଦ୍ୱିତୀୟତଃ, Men are over-sexed, they are by nature polygamous and at the same time make love to another woman or have sexual relations with her. It is quite a common thing with a man. It is quite a common thing with woman"

—Dr. William J. Robins

Digitized by PPRACHIN, SOA

ଏହି କାରଣରେ ନାରୀର ସହଜ ସଂସ୍କାର ହେଉଛି ଉତ୍ତମକୁ ସ୍ୱାମୀରୂପରେ ଗ୍ରହଣ କରିବା ଏବଂ ପୁରୁଷର ବହୁ ବିବାହ ସ୍ୱାଭାବିକ ।

ପୁନଶ୍ଚ, "Man's love is of man's life a thing apart. This woman's whole existence" ଅର୍ଥାତ୍, ପୁରୁଷର ନାରୀ ପ୍ରତି ଭଲ ପାଇବା ହିଁ ତାହାର ଅସ୍ତିତ୍ୱ । ପୁରୁଷ ଯଦି ଆଦର୍ଶରେ ଅନୁପ୍ରାଣିତ ରହିଥାଏ, ତେବେ ବହୁ ବିବାହ ତାହାର କମ୍ କ୍ଷତି କରିପାରେ । ସମାଜ ଚାହେଁ ସୁସନ୍ତାନ । ସେଥିପାଇଁ ବର୍ତ୍ତମାନ, ଯୋଗ୍ୟ ପୁରୁଷ ପ୍ରତି ସମ୍ୟକ ଆକାଂକ୍ଷା ସ୍ତ୍ରୀଗଣ ପ୍ରାୟ ଦେଖାଯାଏ ସୁସନ୍ତାନର ଜନନୀ ହୋଇଥାଆନ୍ତି । ଲୋକ-ତଥ୍ୟ ଗଣନାରେ ଦେଖାଯାଇଛି, ବର୍ତ୍ତମାନ ସମାଜରେ ଯେଉଁମାନେ ଯେତେ ଅଯୋଗ୍ୟ ଓ ଦୁର୍ବଳ ଚିତ୍ତ ସେମାନଙ୍କର ସନ୍ତାନ ସୁସ୍ଥ ଦେହ ବ୍ୟକ୍ତିର ସନ୍ତାନଠାରୁ ଶତକଡ଼ା ପଚିଶ ଭାଗ ବେଶୀ । ଦୁର୍ବଳ ଚିତ୍ତତା ପୁରୁଷାନୁକ୍ରମରେ ସଂକ୍ରମିତ ହୋଇଥାଏ ଏବଂ ଏହା ଗୋଟିଏ ଗୁରୁତର ଦୋଷ । ଗ୍ୟାଲ୍‌ଟନ୍ ପ୍ରତିଷ୍ଠିତ ଏଇ ସୁପ୍ରଜନନ-ବିଜ୍ଞାନର ଲକ୍ଷ୍ୟ ହିଁ ହେଉଛି, ସମାଜ ଏହି ଦୋଷ ନିରାକରଣ ଏବଂ ଯେଉଁମାନେ ଶରୀର-ମନର ଦିଗ ଦେଇ ସର୍ବାପେକ୍ଷା ସୁସ୍ଥ ଓ ସକ୍ଷମ ସେମାନଙ୍କ ମଧ୍ୟରୁ ସନ୍ତାନ ଉତ୍ପାଦନ କରିବା ।

ସେଥି ନିମିତ୍ତ ଆର୍ଯ୍ୟ ଋଷିଗଣ ସମାଜକୁ ଲକ୍ଷ୍ୟ କରି ଯୋଗ୍ୟ ପୁରୁଷ ବହୁ ବିବାହ ସମର୍ଥନ କରିଅଛନ୍ତି । କାରଣ ବହୁ ବିବାହଦ୍ୱାରା ସଂସାରରେ ଗୋଟିଏ ମହତ୍ ଉପାୟ ସାଧିତ ହୁଏ ଯେ ଉତ୍କୃଷ୍ଟ କୁମାରୀଗଣ ସ୍ୱଭାବତଃ ହିଁ ଶ୍ରେଷ୍ଠ ପୁରୁଷକୁ ପତିରୂପରେ ବରଣ କରିବେ । ସେଥିପାଇଁ ସମାଜ ମଧ୍ୟରେ

Digitized by PPRACHIN, SOA

ଯେଉଁମାନେ ନିକୃଷ୍ଟ ପୁରୁଷ ସେମାନେ ଉତ୍କୃଷ୍ଟ ସ୍ତ୍ରୀ ଗ୍ରହଣ କରିପାରିବେ ନାହିଁ । ଫଳ ସ୍ୱରୂପ ଆର୍ଯ୍ୟ ସମାଜ ଦେହ ହିଁ ପୁଷ୍ଟିଲାଭ କରିବ; ଏବଂ ଯେଉଁମାନେ ଉତ୍କୃଷ୍ଟ ନୁହନ୍ତି — ସେମାନେ ଉତ୍କୃଷ୍ଟର ପୂଜକ ହୋଇ ଉତ୍କର୍ଷ ଲାଭ କରିବେ । କାରଣ, ପୁରୁଷ ଚାହେଁ ନାରୀ ଦ୍ୱାରା ସଂବର୍ଦ୍ଧିତ ହେବାକୁ । ଉତ୍କୃଷ୍ଟ ନାରୀ ଦ୍ୱାରା ସଂବର୍ଦ୍ଧିତ ହେବାର ଇଚ୍ଛାଥିଲେ ନିଜକୁ ମଧ୍ୟ ଉତ୍କୃଷ୍ଟ ହେବାକୁ ହେବ । ଏହା ବ୍ୟତୀତ, ସମାଜରେ ଯେଉଁମାନେ ଦୁର୍ବଳ ଓ ଅଯୋଗ୍ୟ ପୁରୁଷ, ଯଥାସମ୍ଭବ ସେମାନଙ୍କର ବଂଶ ନିବାରିତ ହେବ । ଏଥିରେ ସମାଜର ବିଶେଷ ମଙ୍ଗଳ ସାଧିତ ହେବ ।

ପୁରୁଷତ୍ୱର ସର୍ବାପେକ୍ଷା ବଡ଼ ଅବମାନନା ହେଉଛି ନାରୀକୁ ବିବାହ ନିମନ୍ତେ ପ୍ରସ୍ତାବ ଦେବା । କିନ୍ତୁ ନାରୀ ଯଦି ସ୍ୱତଃ ପ୍ରଣୋଦିତ ହୋଇ ସଶ୍ରଦ୍ଧ ଆକୁତିରେ କୌଣସି ପୁରୁଷକୁ ପତିତ୍ୱରେ ବରଣ କରେ ଏବଂ ସେହି ନାରୀ ଯଦି ବର୍ଣ୍ଣରେ, ବଂଶରେ ଓ ଚରିତ୍ରରେ ଅର୍ଥାତ୍ ସର୍ବତୋଭାବରେ ସେଇ ପୁରୁଷର ଗ୍ରହଣୀୟା ହୁଏ, ତେବେ ସେଇ ନାରୀକୁ ସ୍ତ୍ରୀରୂପେ ଗ୍ରହଣ କରିବା ହିଁ ପୁରୁଷର ଧର୍ମ । ସର୍ବପ୍ରକାରେ ଗ୍ରହଣଯୋଗ୍ୟା ହେଲେ ମଧ୍ୟ, ଯଦି ଗ୍ରହଣଯୋଗ୍ୟା ନହୁଏ, ତେବେ ନାରୀ ପ୍ରାୟଶଃ ହିଁ ଉଚ୍ଛୃଙ୍ଖଳ, ବିକୃତ ଓ ସମାଜଘାତିନୀ ହୋଇଥାଏ ଏବଂ ସେହି ପୁରୁଷ ହିଁ ହୁଏ ଏଥି ସକାଶେ ଦାୟୀ । ଅତଏବ ଏହା କରିବା ପୁରୁଷ ପକ୍ଷରେ ବିଶେଷ ଅଧର୍ମ ।

ନାରୀ ଯଦି ସ୍ୱେଚ୍ଛାରେ ସର୍ବତୋଭାବରେ ଯୋଗ୍ୟତା ବିଚାର କରି କୌଣସି ପୁରୁଷକୁ ପତିତ୍ୱରେ ବରଣ କରେ ଏବଂ ସେ ଯଦି

Digitized by PPRACHIN, SOA

ସେହି ପୁରୁଷର ଦଶମାଂଶର ଏକାଂଶର ମଧ୍ୟ ହୁଏ, ତେବେ ବି ସେ ନିଜକୁ ସୌଭାଗ୍ୟବତୀ ବୋଲି ଜ୍ଞାନ କରିବ। କାରଣ ସ୍ୱାମୀ କଥାର ଅର୍ଥ—'ମୋର ଅସ୍ତିତ୍ୱ'।

ସ୍ୱାମୀ—ସ୍ୱ (Self-ଆତ୍ମା)+ଆମିନ୍ (ଅସ୍ତ୍ୟର୍ଥେ)। ସୁତରାଂ କୌଣସି କନ୍ୟା ଯଦି କୌଣସି ପୁରୁଷକୁ ସ୍ୱେଚ୍ଛାରେ ନିଜର ଅସ୍ତିତ୍ୱରୂପେ ଗ୍ରହଣ କରେ ଏବଂ ତାହାର ଗ୍ରହଣ କରିବା ମଧ୍ୟରେ ଯଦି କୌଣସି ଇତର ଉଦ୍ଦେଶ୍ୟ ନଥାଏ ତାହା ହେଲେ ସେହି ଅସ୍ତିତ୍ୱକୁ ସେ ନିଜ କ୍ଷମତାନୁଯାୟୀ ବଞ୍ଚିବା ଓ ବଢ଼ିବାର ପଥରେ ପରିଚାଳିତ କରିବେ—ଏହାହିଁ ନାରୀର ବୈଶିଷ୍ଟ୍ୟ।

"ନାରୀ ହେବ ଚିରସହନଶୀଳା, ଚିରସୁଖୀ ଓ କଲ୍ୟାଣୀ—ତାହାର ପ୍ରଜ୍ଞା ସ୍ୱାର୍ଥସାଧନ ସକାଶେ ନୁହେଁ ତ୍ୟାଗର ସକାଶେ। ତାହାର ପ୍ରଜ୍ଞା ତାହାକୁ କୌଣସି ଭାବରେ ସ୍ୱାମୀର ଊର୍ଦ୍ଧ୍ୱରେ ନେଇଯାଏ ନାହିଁ। ସ୍ୱାମୀର ପାର୍ଶ୍ୱଚାରିଣୀ କରିବାକୁ ଚାହେଁ। ନାରୀର ପ୍ରଜ୍ଞାରେ ସ୍ୱାର୍ଥାନ୍ଧ କାମର ସଂକୀର୍ଣ୍ଣତା ନାହିଁ, ଅଛି ଅସୀମ ବୈଚିତ୍ର୍ୟମୟ, ଅନୁରାଗଭରା ବିନୟ ଓ ସେବା ନମ୍ରତା—ନାରୀର ପରିବର୍ତ୍ତନଶୀଳତା ବୈଚିତ୍ର୍ୟର ସ୍ୱରୂପ ହିଁ ଏଇ!"

—ବଙ୍କିମ

ଏହାହିଁ ନାରୀର ସ୍ୱରୂପ। ନାରୀର ଏଇ ରୂପ ଯେଉଁଠାରେ ବିକୃତ ହୁଏ ନାହିଁ—ନାରୀ ଯେଉଁଠାରେ ପ୍ରକୃତ ଶିକ୍ଷିତା, ନାରୀ ଯେଉଁଠାରେ ଭଲ ପାଇବାର ଆଧାର-ସ୍ୱରୂପା, ଅର୍ଥାତ୍ କାମନାହୀନ ଭଲ ପାଇବା ଯେଉଁଠାରେ ନାରୀର ଧର୍ମ ସେହି ସ୍ଥଳରେ ଆଦର୍ଶ-ସମ୍ପୂର୍ଣ୍ଣ ଯୋଗ୍ୟ ପୁରୁଷର ବହୁ ସ୍ତ୍ରୀ ରହିଲେ ମୁଦ୍ଧା ସେମାନଙ୍କ

Digitized by PPRACHIN, SOA

ମଧ୍ୟରେ ବିକ୍ଷୋଭ ବା ଅଶାନ୍ତି ଘଟିବାର ସମ୍ଭାବନା କମ୍ ଥାଏ । କାରଣ ପତ୍ନୀ ନାରୀର ବୈଶିଷ୍ଟ୍ୟ ହେଉଛି ସ୍ୱାମୀକୁ ଅସ୍ତି ରୂପେ ଗ୍ରହଣ କରି ତାହାର ବଞ୍ଚିବା ଓ ବୃଦ୍ଧି ପାଇବାକୁ ସର୍ବତୋଭାବରେ ଅବ୍ୟାହତ ରଖିବା । ଏହି କ୍ଷେତ୍ରରେ ସମସ୍ୱାର୍ଥସମ୍ପନ୍ନା ସପତ୍ନୀ ତାହାର ବିରାଗଭାଗିନୀ ନ ହୋଇ ସନ୍ତୋଷଦାୟିନୀ ହିଁ ହୋଇଥାଏ । କାରଣ ଉଭୟଙ୍କର ଲକ୍ଷ୍ୟ ବସ୍ତୁ ଏକ ଏବଂ ତାଙ୍କର ହିଁ ଜୀବନ ଓ ବୃଦ୍ଧିକୁ କେନ୍ଦ୍ର କରି ତାଙ୍କର ଗନ୍ତପଥ ନିରୂପିତ ଏବଂ ସ୍ୱାମୀ ଯେଉଁମାନଙ୍କର ସ୍ୱାର୍ଥରେ ହାନିଜନକ, ଖିଆଲ-ଖୁସି ପ୍ରବୃତ୍ତିର ସନ୍ତାନମାନେ ଭାଗୀଦାର ହେଲେ ସେମାନଙ୍କର ଈର୍ଷା ଓ ବିଦ୍ୱେଷର ଉତ୍ପତ୍ତି ହୋଇଥାଏ । କାରଣ ସ୍ୱାର୍ଥର ବ୍ୟାଘାତ ହିଁ ବିରୋଧ ଏବଂ ସ୍ୱାର୍ଥର ପରିପୂରଣ ହିଁ ମିଳନ—ଏହା ହିଁ ଜୀବନର ପ୍ରକୃତି । ଅନ୍ୟଥା ପତିକୁ ତୁଷ୍ଟି ଓ ପୁଷ୍ଟି କରିବା ହିଁ ଯେଉଁମାନଙ୍କର ସ୍ୱାର୍ଥ, ଅଂଶୀଦାରରେ ସେମାନଙ୍କର ଆନନ୍ଦ ଓ ଭଲ ପାଇବା ସ୍ୱାଭାବିକ । ମହାଭାରତ ରାମାୟଣରେ ଏହାର ଅନେକ ଉଦାହରଣ ବିଦ୍ୟମାନ । ଅବଶ୍ୟ ବହୁ ବିବାହ ଯୋଗ୍ୟ ପୁରୁଷଙ୍କ ନିମିତ୍ତ ସମସ୍ତଙ୍କ ସକାଶେ ନୁହେଁ ।

କିନ୍ତୁ ଯୋଗ୍ୟ ପୁରୁଷ ଆମ୍ଭେମାନେ କାହାକୁ କହିବା ? କେଉଁ ପୁରୁଷ ବହୁ ବିବାହର ଉପଯୁକ୍ତ ? ନାରୀ ଜାତି ଏହି ଭାବର ପୁରୁଷର ସହିତ ବିବାହରେ ସମ୍ମତ ହେବା ଉଚିତ, ଅଥବା ଏହା ସେମାନଙ୍କ ପକ୍ଷରେ ପ୍ରାଣାନ୍ତକ ଶାସ୍ତିସ୍ୱରୂପ । ଏହି ସମସ୍ତ ପ୍ରଶ୍ନର ଉପଯୁକ୍ତ ସମାଧାନର ଉପରେ ହିଁ ଏହାର ଔଚିତ୍ୟ ଓ ଅନୌଚିତ୍ୟ ନିର୍ଭର କରୁଛି । ବହୁ ବିବାହର ନାମ ଶୁଣି ଆତଙ୍କିତ ହେବାର କୌଣସି କାରଣ ନାହିଁ । ପାଶ୍ଚାତ୍ୟ ଶିକ୍ଷାର ମୋହରେ ଆଜ

Digitized by PPRACHIN, SOA

ଆର୍ଯ୍ୟ ସମାଜ ଏତେ ବିଭ୍ରାନ୍ତ ଯେ, କେଉଁଥିରେ ସେମାନଙ୍କର ମଙ୍ଗଳ, କେଉଁଥିରେ ସେମାନଙ୍କର ଅମଙ୍ଗଳ ସେ ଚିନ୍ତା କରିବାକୁ ସେହ୍ମମାନେ ପରାଙ୍ମୁଖ ।

ଯାହା ଆମ୍ଭମାନଙ୍କର ସମାଜ ପକ୍ଷରେ କଲ୍ୟାଣକର, ଯେଉଁ ବିଧି ଆମ୍ଭମାନଙ୍କର ଜାତୀୟ ଜୀବନରେ ମଙ୍ଗଳପ୍ରସୂ, ଯାହା ଆମ୍ଭମାନଙ୍କର ସହଜାତ ସଂସ୍କାର ମଧ୍ୟରେ ମଜ୍ଜାଗତ, ତାହା ହିଁ ଆମ୍ଭମାନଙ୍କର ଆର୍ଯ୍ୟ ଋଷିଗଣ ଆମ୍ଭମାନଙ୍କର ସମାଜରେ ପ୍ରବର୍ତ୍ତିତ କରିଥିଲେ । ଟିକିଏ ଧୀରଭାବରେ ଚିନ୍ତା କରିଲେ ହିଁ ଆମ୍ଭେମାନେ ବୁଝିବାକୁ ପାରିବା ଯେ ଆମ୍ଭମାନଙ୍କର କଣ ଥିଲି ଏବଂ ଆମ୍ଭେମାନେ କଅଣ ହରେଇବାକୁ ବସିଅଛୁ ।

ବର୍ତ୍ତମାନ ମଧ୍ୟ ବହୁ-ବିବାହ କେଉଁ କେଉଁ କ୍ଷେତ୍ରରେ ଏବଂ କେଉଁ କେଉଁ ଅବସ୍ଥାରେ ସମର୍ଥନଯୋଗ୍ୟ ତାହା ହିଁ ଆମ୍ଭେମାନେ ବିଚାର କରି ଦେଖିବା । ପ୍ରକୃତ ପୁରୁଷ ନାମର ଅଧିକାରୀ ଯିଏ ସେ କଦାପି ବିବାହ ନିମନ୍ତେ ଲାଳାୟିତ ହୁଅନ୍ତି ନାହିଁ । ବିବାହ ତାହା ନିକଟରେ, ତାହା ଜୀବନରେ ମୁଖ୍ୟ ବ୍ୟାପାର ନୁହେଁ ।

ପୁରୁଷ ଯେଉଁଠାରେ ଆଦର୍ଶପରାୟଣ ଶୌର୍ଯ୍ୟରେ, ବୀର୍ଯ୍ୟରେ, ବଂଶରେ, ଚରିତ୍ରରେ, ମନୁଷ୍ୟତ୍ୱରେ, ସାମାଜିକ ପରିସ୍ଥିତିରେ ଶୀର୍ଷସ୍ଥାନ ଅଧିକାର କରି ବିଦ୍ୟମାନ ଏବଂ ନାରୀ ଯେଉଁଠାରେ ସ୍ୱତଃ ପ୍ରଣୋଦିତ ହୋଇ ସଶ୍ରଦ୍ଧ ଅନ୍ତଃକରଣରେ, ସର୍ବତୋଭାବରେ ନିଜକୁ ତଦୁପଯୁକ୍ତ କରି ଗଢ଼ି ନେଇ ସେହି ପୁରୁଷଙ୍କ ପଦରେ ଦ୍ୱିଧାଶୂନ୍ୟ ଚିତ୍ତରେ ନିଜ ଜୀବନକୁ ଅର୍ଘ୍ୟ ଦେଇ ଧନ୍ୟ ହୁଏ, କୃତାର୍ଥ ହୁଏ, ବହୁ ବିବାହ ସେଇଠାରେ ହିଁ ସାର୍ଥକ ଏବଂ ସେହି କ୍ଷେତ୍ରରେ

Digitized by PPRACHIN, SOA

ଦେଶ ସୁସନ୍ତାନ ଆଶା କରିପାରିବ । ଉନ୍ନତ ସ୍ତ୍ରୀ ପୁରୁଷ ମିଳନରୁ ନାରୀ ହିଁ କେବଳ ଉତ୍କୃଷ୍ଟ ସନ୍ତାନ ଲାଭରେ ସମର୍ଥ ହୁଏ ।

ପୁରୁଷ ଧାବିତ ହେବ ତାହାର ଆଦର୍ଶର ପଶ୍ଚାତରେ— ତାହାର ଜାତୀୟ ଜୀବନର ପୂର୍ବ ଗୌରବ ପୁନଃ ପ୍ରତିଷ୍ଠା କରିବାକୁ । ଆଦର୍ଶରେ ଅନୁପ୍ରାଣିତ ହୋଇ ତାହାଙ୍କର ପ୍ରତିଷ୍ଠାରେ ସର୍ବତୋଭାବରେ ଆତ୍ମନିୟୋଗ କରିବାରେ ହିଁ ପୁରୁଷର ପୁରୁଷତ୍ୱ ।

Man's power is active, progressive, defensive. He is eminently the doer, the creator, the discoverer, the defender. His intellect is for speculation and invention, his energy for adventure for conquest.

—Ruskin

ପୁରୁଷ ସ୍ୱଭାବତଃ ହିଁ ଗୃହ ଓ ସଂସାର ପ୍ରତି ଉଦାସୀନ । ପୁରୁଷତ୍ୱର ସର୍ବାପେକ୍ଷା ବଡ଼ ନିଦର୍ଶନ ଆଦର୍ଶରେ ଅନୁପ୍ରାଣନା ଏବଂ ନାରୀ ସାଧାରଣଙ୍କ ପ୍ରତି ଗୋଟିଏ ସହଜ ମାତୃବୁଦ୍ଧି । ପୁରୁଷତ୍ୱର ପରମ ବିକାଶ ଆମ୍ଭେମାନେ ମରହଟ୍ଟା ବୀର ଶିବାଜୀଙ୍କ ନିକଟରେ ଦେଖିବାକୁ ପାଉଁ ଏବଂ ନାରୀର ନାରୀତ୍ୱ ହିଁ ତାହାଙ୍କୁ ଅନୁପ୍ରାଣିତ କରିଥିଲା ସ୍ୱାମୀ ବିବେକାନନ୍ଦ ଓ ନେତାଜୀ ସୁଭାଷଙ୍କ ଚରିତ୍ରରେ ମଧ୍ୟ । ପ୍ରକୃତ ପୁରୁଷ ପଦରେ ନାରୀ ସର୍ବଦା ହିଁ ନତି ସ୍ୱୀକାର କରେ । ଯେଉଁ ପୁରୁଷ ନାରୀ ନିକଟରେ ସହଜଲଭ୍ୟ ତାହାକୁ କଦାପି ନାରୀ ଶ୍ରଦ୍ଧା କରେ ନାହିଁ । ଯେଉଁ ପୁରୁଷକୁ ଆରାଧନା କରି ପାଇବାକୁ ହୁଏ ଅର୍ଥାତ୍ ଯେଉଁ ପୁରୁଷ ବର୍ଣ୍ଣରେ, ବଂଶରେ, ବିଦ୍ୟାରେ, ଚରିତ୍ରରେ, ବୟସରେ, ସର୍ବତୋଭାବରେ ନାରୀଠାରୁ ଶ୍ରେଷ୍ଠ, ନାରୀ ସ୍ୱଭାବତଃ ତାହାକୁ ହିଁ ସ୍ୱାମୀରୂପରେ ପାଇ କୃତାର୍ଥ

Digitized by PPRACHIN, SOA

ହୁଏ । ଏହି ପ୍ରକାର ସ୍ୱାମୀର ଆଶ୍ରୟରେ ନାରୀର ସର୍ବତୋଭାବରେ ବୃତ୍ତିଗୁଡ଼ିକର ବିଶ୍ରାମ ଲାଭ କରିଥାଏ । ସେଥିପାଇଁ ନାରୀର ଆଦର୍ଶ ଗିରିରାଜ କନ୍ୟା ଉମା । କେତେ କଠୋର ତପସ୍ୟା କରି ସେ ମହେଶ୍ୱରଙ୍କୁ ସ୍ୱାମୀରୂପରେ ଲାଭ କରିଥିଲେ ଏବଂ ତାହାରି ଫଳରେ ସେ ଗଣପତି ଓ କାର୍ତ୍ତିକେୟଙ୍କର ଜନନୀ ହୋଇପାରିଥିଲେ ।

ବହୁ ବିବାହ ବିରୁଦ୍ଧରେ କଥା ଉଠିପାରେ ଏବଂ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ ମାନେ ହିଁ କହିବେ, ମଣିଷ ମଣିଷ, ତାହାର ହୃଦୟ ଅଛି, ତାହାର ବୁଦ୍ଧି ଅଛି, ସେ ଇତର ପ୍ରାଣୀ ସଦୃଶ କେବଳ ଆହାର ପାଇଲେ ହିଁ ଓ ପ୍ରଜନନ କରିପାରିଲେ ହିଁ ସେ ତୃପ୍ତ ରହେ ନାହିଁ । ମନୁଷ୍ୟ ସମସ୍ତ ଶକ୍ତି କେବଳ ମାତ୍ର ଆହାର ଅନ୍ୱେଷଣ ଓ ପ୍ରଜନନ କ୍ରିୟାରେହିଁ ସୀମାବଦ୍ଧ ନୁହେଁ । ଏହା ଖୁବ ସତ୍ୟ କଥା । ଆମ୍ଭମାନଙ୍କର ଆର୍ଯ୍ୟଋଷିଗଣ ଏହି କଥା ବହୁଥର ସୂଚାଇ ଦେଇଅଛନ୍ତି । ଏ କଥା ଆମ୍ଭମାନଙ୍କର ଆର୍ଯ୍ୟଋଷିଗଣ ଜାଣିଥିଲେ । କିନ୍ତୁ ତେବେ ବି ମଧ୍ୟ ସେମାନେ ଆର୍ଯ୍ୟ ସମାଜରେ ବହୁ ବିବାହର ପ୍ରଚଳନ ଓ ସମର୍ଥନ କେଉଁ ଉଦ୍ଦେଶ୍ୟରେ କରିଥିଲେ ତାହା ହିଁ ବର୍ତ୍ତମାନ ଆମ୍ଭମାନଙ୍କର ବୁଝିବା ଉଚିତ । ଆଜି ଦେଶରେ ବଡ଼ ଦୁର୍ଦ୍ଦିନ । ହିନ୍ଦୁ ସମାଜ ଆଜି ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହେବାକୁ ଯାଉଅଛି । ଦେଶରେ ଏହି ଦୁର୍ଦ୍ଦିନରେ, ହିନ୍ଦୁ ଜାତିର ଏହି ଚରମ ବିପଦରେ ମୁହୂର୍ତ୍ତରେ ଅଧୁନା ସଭ୍ୟ ପାଶ୍ଚାତ୍ୟର ଅନୁକରଣ ନ କରି ଆମ୍ଭମାନଙ୍କର ଗୌରବମୟ ଅତୀତ ସଭ୍ୟତାର ଦିଗକୁ ଲକ୍ଷ୍ୟ ରଖି ଆମ୍ଭମାନଙ୍କର ପିତୃପୁରୁଷର ବୈଜ୍ଞାନିକ ଉପାୟରେ ଲବ୍ଧ ବିବିଧ ସମସ୍ୟାର ସମାଧାନରାଜି, କାଳୋପଯୋଗୀ କରି

Digitized by PPRACHIN, SOA

ଗ୍ରହଣ କରିବା ଉଚିତ ଏବଂ ତାହାହିଁ ଆମ୍ଭମାନଙ୍କର ବଞ୍ଚିବା ଓ ବଢ଼ିବାର ଏକମାତ୍ର ପଥ । ମନୁଷ୍ୟର ବୁଦ୍ଧି ଅଛି, ହୃଦୟ ଅଛି— ସେଇଥିପାଇଁ ମନୁଷ୍ୟ ଆତ୍ମତ୍ୟାଗ କରିପାରେ । ଦେଶର ସ୍ୱାର୍ଥ ନିମିତ୍ତ ଦଶର ସ୍ୱାର୍ଥ ପାଇଁ ମନୁଷ୍ୟ ହିଁ ନିଜର ବ୍ୟକ୍ତିଗତ କ୍ଷୁଦ୍ର ସ୍ୱାର୍ଥ ବଳି ଦେବାକୁ ସମର୍ଥ । ମନୁଷ୍ୟ ଯେତେବେଳେ କୌଣସି କିଛି ମଙ୍ଗଳ ବୋଲି ଜାଣିପାଏ, କଲ୍ୟାଣକର ବୋଲି ବୁଝିପାରେ, ଆପାତତଃ ଦୃଷ୍ଟିରେ ତାହା ବେଦନାଦାୟକ ହେଲେ ମଧ୍ୟ ମନୁଷ୍ୟ ହିଁ ତାହା ଗ୍ରହଣ କରିବାକୁ ଉଦ୍‌ବୁଦ୍ଧ ହୁଏ । ଏହା ମନୁଷ୍ୟର ଧର୍ମ—ପଶୁର ନୁହେଁ ।

Digitized by PPRACHIN, SOA

ବଧୂ

ଓଁ ସମ୍ରାଜ୍ଞୀ ଶ୍ୱଶୁରେ ଭବ ସମ୍ରାଜ୍ଞୀ ଶ୍ୱଶ୍ର୍ୱାଂ ଭବ ।
ନନନ୍ଦାରି ସମ୍ରାଜ୍ଞୀ ଭବ ସମ୍ରାଜ୍ଞୀ ଅଧିଦେବୃଷୁ ॥

—ବିବାହ ମନ୍ତ୍ର, ପୁରୋହିତ ଦର୍ପଣ

ଏହା ହିଁ ହିନ୍ଦୁ ବିବାହ ମନ୍ତ୍ରର ଗୋଟିଏ ଅଂଶ । ଏହି ପ୍ରକାର ବହୁ ମନ୍ତ୍ର ଅଛି, ଓ ନାରାୟଣ ସମ୍ମୁଖରେ ଆବୃତ୍ତି କରି, ପ୍ରତିଜ୍ଞାବଦ୍ଧ ହୋଇ ହିନ୍ଦୁର ବିବାହ ସଂପନ୍ନ କରିବାକୁ ହୁଏ । ଏହି ନିର୍ଦ୍ଦେଶଗୁଡିକ ନାରୀ ତାହା ଜୀବନରେ ଯଥାଯଥଭାବରେ ପାଳନ କରିବା କର୍ତ୍ତବ୍ୟ ଏବଂ ଏଥି ନିମନ୍ତେ ପ୍ରୟୋଜନ ଉପଯୁକ୍ତ ଶିକ୍ଷା । ଏହି ଶିକ୍ଷାର କେତେକାଂଶ ସେ ପିତୃଗୃହରୁ ଶିକ୍ଷା କରିଥାଏ ଏବଂ ଅବଶିଷ୍ଟାଂଶ ସେ ପତିଗୃହରେ ଶିକ୍ଷା କରିଥାଏ । ସମସ୍ତ ସଂସାରରେ ସେ ସାମ୍ରାଜ୍ଞୀ ହେବାକୁ ଥିଲେ ସେ ଯଦି ସମସ୍ତ ବିଷୟ ଶିକ୍ଷା ନ କରେ ତା ହେଲେ ତାହାର ସମସ୍ତ ଜୀବନ ବିଧ୍ୱସ୍ତ ହୋଇଯାଏ । ହିନ୍ଦୁ ବିବାହର ଦାୟିତ୍ୱ କେବଳ ସ୍ୱାମୀ ପ୍ରତି କର୍ତ୍ତବ୍ୟ ପାଳନ କଲେ ଯେ ଶେଷ ହୋଇଯାଏ ତାହା ନୁହେଁ, ଏହା କେବଳ ସ୍ୱାମୀ-ସଂଶ୍ଳିଷ୍ଟ ନୁହେଁ । ବଧୂ ଯିଏ ଆସେ ସେ ସମସ୍ତ ସଂସାରରେ ହିଁ ବଧୂ ରୂପରେ ଆବିର୍ଭୂତା ହୁଅନ୍ତି । ସେ ସ୍ୱାମୀର ଯେପରି ବଧୂ, ଶ୍ୱଶୁର, ଶ୍ୱଶ୍ରୂମା—ଏମାନଙ୍କର ସେପରି ବଧୂମାତା । ପୁନଶ୍ଚ ଦେବର ନଣନ୍ଦଙ୍କର ପ୍ରତି ମଧ୍ୟ ସେ ବହୁ-ମାଆ । ସେଇଥି ସକାଶେ ସମସ୍ତଙ୍କୁ ବନ୍ଧନ କରିବାର ଭାରପ୍ରାପ୍ତ ହୁଅନ୍ତି

Digitized by PPRACHIN, SOA

ଏହି ବଧୂ । ଯଦି ସେ ଏହି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ନ କରି ପାରନ୍ତି, ତାହା ହେଲେ ତାଙ୍କର ବଧୂନାମ ସାର୍ଥକ ହୁଏ ନାହିଁ । ସ୍ୱାମୀ ଜୀବନର ଭିତ୍ତି ହେଲେ ଶ୍ୱଶୁର ଏବଂ ଶାଶୁ । ସେମାନଙ୍କର ସେବା, ସେମାନଙ୍କର ସନ୍ତୁଷ୍ଟି ବଧୂ ଜୀବନର ସର୍ବପ୍ରଧାନ ଓ ସର୍ବପ୍ରଥମ କର୍ତ୍ତବ୍ୟ । ସ୍ୱାମୀର ମଙ୍ଗଳାକାଂକ୍ଷିଣୀ, ସ୍ୱାମୀର ଜୀବନ-ବର୍ଦ୍ଧନରେ ଆଗ୍ରହ ସମ୍ପର୍ଣ୍ଣା, କୌଣସି ସ୍ତ୍ରୀ ତାହାର ଜ୍ଞାତସାରରେ କିମ୍ବା ଅଜ୍ଞାତ-ସାରରେ କୌଣସି ପ୍ରକାରରେ ତାହାର ଶ୍ୱଶୁର-ଶାଶୁର ସେବାରୁ ବିମୁଖ ହୋଇପାରେ ନାହିଁ । ସ୍ୱାମୀକୁ ଅବଲମ୍ବନ କରି, ବଧୂ ସଂସାରରେ ପ୍ରବେଶ କରନ୍ତି । ସ୍ୱାମୀ ବଧୂ ଜୀବନରେ ମେରୁଦଣ୍ଡ, ତଥାପି ଯେଉଁମାନଙ୍କର କୃପାରୁ, ଯେଉଁମାନଙ୍କର ପ୍ରସାଦସ୍ୱରୂପ ସେ ସ୍ୱାମୀ ଲାଭ କରିଅଛନ୍ତି, ସେମାନଙ୍କର ସନ୍ତୁଷ୍ଟି, ସେମାନଙ୍କର ଆଶୀର୍ବାଦ ବଧୂ ଜୀବନର ପରମ ପାଥେୟ । ସେଥି ନିମିତ୍ତ ସ୍ୱାମୀର ଯଦି ପିତା-ମାତାଙ୍କ ପ୍ରତି କୌଣସି ଅଭାବ ଥାଏ ତାହା ହେଲେ ବଧୂ ସ୍ୱାମୀଙ୍କୁ ସହାନୁଭୂତି ଓ ସାହଚର୍ଯ୍ୟ ଦ୍ୱାରା ପ୍ରସନ୍ନ କରି ତାହାର ବିଚ୍ୟୁତି, ତାହାର ପାତିବ୍ରତ୍ୟରୁ ତାହାକୁ ଉଦ୍ଧାର କରି, ସ୍ୱାମୀର ଜାଗ୍ରତ ଦେବତା ତାହାର ପିତା-ମାତାଙ୍କ ସେବାରେ ସ୍ୱାମୀକୁ ନିୟୋଜିତ କରିବ । ଏହିଥିରେ ହିଁ ସ୍ୱାମୀର ମଙ୍ଗଳ । ଶ୍ୱଶୁର, ଶାଶୁର ସେବା କରିବାକୁ ଯାଇ ଯଦି ସ୍ୱାମୀର ପ୍ରତି ଟିକେ ମନଯୋଗ କମ୍ ହୁଏ, ତାହା ହେଲେ ମଧ୍ୟ କ୍ଷତି ନାହିଁ; ସମସ୍ତେ ହେଲେ ସ୍ୱାମୀ ସମସ୍ତ ହିଁ ବୁଝିପାରିବେ ଏବଂ ଏଥିରେ ହିଁ ସେ ମଙ୍ଗଳର ଅଧିକାରୀ ହେବେ ।

ବଧୂକୁ ଆମ୍ଭେମାନେ ଗୃହଲକ୍ଷ୍ମୀ କହିଥାଉ । ଲକ୍ଷ୍ମୀ କଥାର ଅର୍ଥ ଶ୍ରୀ ଏବଂ ଶ୍ରୀ କଥାଟି ଆସିଛି ସେବାରୁ—ଶ୍ୱଶୁରାଳୟରେ ଆସି ବଧୂ ଯଦି ବାକ୍ୟରେ, ବ୍ୟବହାରରେ, ସହାନୁଭୂତିରେ,

Digitized by PPRACHIN, SOA

ସାଂସାରିକ କାର୍ଯ୍ୟରେ ସ୍ୱାମୀର ପ୍ରତ୍ୟେକଙ୍କୁ ଖୁସୀ କରିପାରନ୍ତି, ତୃପ୍ତି ଦେଇପାରନ୍ତି ସେତେବେଳେ ହିଁ ତାଙ୍କର ଗୃହଲକ୍ଷ୍ମୀର ଆଖ୍ୟା ସାର୍ଥକ ହୁଏ ନଚେତ୍ ନୁହେଁ ।

ମନୀଷୀ ବଙ୍କିମଚନ୍ଦ୍ର ସୁଖ୍ୟାତ ଉପନ୍ୟାସ ଦେବୀ ଚୌଧୁରାଣୀ ପୁସ୍ତକରେ ପ୍ରଫୁଲ୍ଲର ଚରିତ୍ରରେ ଆମ୍ଭେମାନେ ଦେଖିବାକୁ ପାଉଥାଉ ଯେ ପ୍ରଫୁଲ୍ଲ ସର୍ବଶାସ୍ତ୍ର ଅଧ୍ୟୟନ କରିଥିଲେ—ସର୍ବଶିକ୍ଷାରେ ଶିକ୍ଷିତା ହୋଇଥିଲେ । ଧନ, ଜନ, ଜ୍ଞାନରେ ମହିମାନ୍ୱିତା ହୋଇଥିଲେ ଓ ଦେବୀ ଚୌଧୁରାଣୀ ଆଖ୍ୟାରେ ସିଂହାସନ ଆହରଣ କରିଥିଲେ । ସ୍ୱାମୀ ବ୍ରଜେଶ୍ୱର ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ ଅନୁକୂଳ ଥିଲେ, ତଥାପି ତାହାଙ୍କୁ ବଧୂ ଜୀବନର କର୍ତ୍ତବ୍ୟ ପାଳନ ସକାଶେ ଶ୍ୱଶୁର-ଶାଶୁ ଓ ସଂସାରର ସେବାର୍ଥେ ରାଣୀତ୍ୱରେ ଜଳାଞ୍ଜଳି ଦେଇ, ସମସ୍ତ ଐଶ୍ୱର୍ଯ୍ୟ ବିତରଣ କରି ପୁଷ୍କରିଣୀ ଘାଟରେ ବାସନ ମାଜିବାକୁ ଆମ୍ଭେମାନେ ଦେଖିଛୁ । ଏବଂ ଏହି କାର୍ଯ୍ୟରେ ସେ ପାଇଥିଲେ ହୃଦୟର ପରିପୂର୍ଣ୍ଣ ତୃପ୍ତି । ସେହିଠାରେ ହିଁ ତାହାର ନାରୀତ୍ୱ, ତାହାର ବଧୂତ୍ୱରେ ସାର୍ଥକତା ମଣ୍ଡିତ ହୋଇଥିଲା । ଏହା ହିଁ ଥିଲା ଆମର ଆର୍ଯ୍ୟ ସମାଜରେ ବଧୂ ଜୀବନର ଆଦର୍ଶ । ନାରୀ ଯାହାକୁ ଭଲ ପାଇବ—ନାରୀର ଯିଏ ଅବଲମ୍ବନ ସେହି ଅବଲମ୍ବନର ମୂଳରୁ ଆରମ୍ଭ କରି ଶାଖା-ପ୍ରଶାଖା ପର୍ଯ୍ୟନ୍ତ ସମସ୍ତ ରହିଥାଏ ତାହାର ସସ୍ନେହ ଅନୁସନ୍ଧିତ୍ସୁ ସେବା ପ୍ରଣବତା । ପ୍ରିୟର ଯାହା କିଛି ପ୍ରିୟ, ଯାହା କିଛି ଜୀବନୀୟ ସବୁ କିଛି ହିଁ ପ୍ରିୟର ଜୀବନର ଅନୁକୂଳ କରି, ସୁବନ୍ୟସ୍ତ କରି ତୋଳିବା ହିଁ ନାରୀର ତୃପ୍ତି ।

ତାହା ହିଁ ନାରୀ-ଚରିତ୍ରର ବୈଶିଷ୍ଟ୍ୟ । ଏବଂ ପ୍ରକୃତ ଭଲ ପାଇବାର ମାପକାଠି ମଧ୍ୟ ତାହା ହିଁ । ସେଥି ସକାଶେ ପତିବ୍ରତା ସ୍ତ୍ରୀର

Digitized by PPRACHIN, SOA

ଶ୍ୱଶୁର ଶାଶୁଡ଼ୀ ସେବାରେ ସଂସ୍କାରର କର୍ତ୍ତବ୍ୟ ପାଳନର କଷ୍ଟ ହୁଏ ନାହିଁ । ହୁଏ ତୃପ୍ତି, ହୁଏ ଆନନ୍ଦ—ନବ ନବ ଉପଭୋଗ ।

ମହାଭାରତରେ ଅଛି—

"ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ, ଭାର୍ଯ୍ୟା ଶ୍ରେଷ୍ଠତମଃ ସଖା ।
ଭାର୍ଯ୍ୟା ମୂଳଂ ତ୍ରିବର୍ଗସ୍ୟ, ଭାର୍ଯ୍ୟା ମୂଳଂ ତରିଷ୍ୟତଃ ॥"

ଭୃ ଧାତୁମାନେ—ଧାରଣ, ଭରଣ, ପୋଷଣ, ପୂରଣ, ଦାନ, ପ୍ରାପ୍ତି ଓ ଗ୍ରହଣ । ଯିଏ ମୋତେ ଧାରଣ କରିଅଛି, ଅର୍ଥାତ୍ ଯିଏ ମୋର ଅସ୍ତିତ୍ୱର ଅନୁକୂଳ, ଯିଏ ମୋତେ ପ୍ରୟୋଜନୀୟ ଆହାର ଓ ପାନୀୟର ଦ୍ୱାରା ଭରଣ କରି ପୋଷଣରେ, ବର୍ଦ୍ଧନରେ ସଜୀବ କରି ତୋଳୁଅଛି, ଯିଏ ସର୍ବତୋଭାବରେ ମୋର ମନନା-ନୁଗାନୁସାରିଣୀ ହୋଇ, ମୋର ସମସ୍ତ ଶୂନ୍ୟତାର ପୂରଣ କରୁଅଛି, ଯିଏ ନିଜକୁ ସମ୍ପୂର୍ଣ୍ଣଭାବରେ ମୋତେ ଦାନ କରି ତୃପ୍ତ ହୋଇଅଛି, ଯିଏ ମୋତେ ପରିପୂର୍ଣ୍ଣଭାବରେ ତାହାର ନିଜର ଅସ୍ତିତ୍ୱସ୍ୱରୂପ ଗ୍ରହଣ କରିଅଛି ସେ ହିଁ ମୋର ଭାର୍ଯ୍ୟା । ଆମର ଏହି ଆର୍ଯ୍ୟାବର୍ତ୍ତରେ କେବଳ ଶାରୀରିକ ଉପଭୋଗଦ୍ୱାରା ଭାର୍ଯ୍ୟା ହୁଅନ୍ତି ନାହିଁ; ଏଠାରେ ଭାର୍ଯ୍ୟା, ବଧୂ ବା ସ୍ତ୍ରୀର ସଂଜ୍ଞା ବହୁ ବିସ୍ତୃତ ।

ଭାର୍ଯ୍ୟା ଏଠାରେ ସହଧର୍ମିଣୀ ଓ ଅର୍ଦ୍ଧାଙ୍ଗିନୀ । ଚତୁରାଶ୍ରମ ମଧ୍ୟରେ ଗାର୍ହସ୍ଥ୍ୟାଶ୍ରମ ସର୍ବଶ୍ରେଷ୍ଠ । ସେହି ଗାର୍ହସ୍ଥ୍ୟାଶ୍ରମରେ ପୁରୁଷ ନାରୀର ହସ୍ତଧାରଣ କରିଥାଏ । ସେଠାରେ ନାରୀ ତାହାର ପ୍ରେରଣା—ନାରୀ ତାହାର କର୍ମର ଉତ୍ସ । ବଧୂରୂପିଣୀ ନାରୀ ସେଠାରେ ସଶ୍ରଦ୍ଧ ସହାନୁଭୂତିପୂର୍ଣ୍ଣ ହେବା ଯୋଗେ ସଂସାର ପ୍ରତି କର୍ମରେ ସ୍ୱାମୀର ଅନୁଗମନ କରେ—ସ୍ୱାମୀର କର୍ତ୍ତବ୍ୟ କର୍ମରେ

Digitized by PPRACHIN, SOA

ଅନୁପ୍ରେରଣା ଯୋଗାଏ । ନାରୀର କୋମଳ ହସ୍ତର ସ୍ପର୍ଶରେ ସଂସାରର ସବୁ କଠୋରତା ଓ ନୀରସତା ପୁରୁଷ ନିକଟରେ ସହନୀୟ ଓ ବରଣୀୟ ହୋଇ ଉଠିଥାଏ । କବିଗୁରୁଙ୍କ ଭାଷାରେ—

"ଧୋଇ ଦେଉଛି ଦାଗ ଧୂଳିର ଚିହ୍ନ
ଯୋଡ଼ା ଦେଇଛି ଭଗ୍ନ ଛିନ୍ନ
ସୁନ୍ଦର କର—ସାର୍ଥକ କର
ପୁଞ୍ଜିତ ଆୟୋଜନ !
ତମେ ଆସ, ଆସ ନାରୀ
ଯେବେ ଆସ ଧର୍ମବାରି ।
ସ୍ନିଗ୍ଧ ହସରେ ବଦନ ଇନ୍ଦୁ
ମଥାରେ ଅଙ୍କିତ ସିନ୍ଦୂର ବିନ୍ଦୁ
ମଙ୍ଗଳ କର, ସାର୍ଥକ କର,
ଶୂନ୍ୟ ଏ ମୋର ଗେହ ।
ଆସ କଲ୍ୟାଣୀ ନାରୀ
ବହନ ଧର୍ମବାରି ।"

ଏହା ହିଁ ହେଲା ନାରୀର ଉଦ୍ଦେଶ୍ୟରେ ପୁରୁଷର ମର୍ମବାଣୀ । ଶୈଶବରେ ପୁରୁଷ ଜୀବନରେ ଜନନୀର ପ୍ରଭାବ ଯେପରି କାର୍ଯ୍ୟକାରୀ ହୁଏ, ସେହି ଭାବରେ ଯୌବନରେ ପତ୍ନୀର ପ୍ରଭାବରେ ପୁରୁଷ ଅନେକାଂଶରେ ପ୍ରଭାବାନ୍ୱିତ ହୁଏ ଓ ତାହାର ଜୀବନ ମଧ୍ୟ ବହୁଳାଂଶରେ ତଦନୁରୂପ ଭାବରେ ସାଫଲ୍ୟମଣ୍ଡିତ ହେବାର ସୁଯୋଗ ପାଏ ।

Digitized by PPRACHIN, SOA

"Impulse is at the basis of our activity. Each impulse produces a whole harvest of attendant beliefs. A life governed by purposes and desires to the exclusion of impulses, is a tiring life · it exhausts vitality and leaves a man in the end, indifferent to the very purpose which he has been trying to achieve"

— Russel

ପୁରୁଷର କର୍ମମୟ ଜୀବନରେ ଯଦି ନାରୀର ସ୍ନେହସୁଧା ନ ରହେ, ଯଦି କଠୋର କର୍ତ୍ତବ୍ୟ ସାଧନା ପରେ ଗୋଟିଏ ପ୍ରୀତି ମଧୁର ହସମୁଖ ପୁରୁଷ ଦେଖି ନ ପାରେ, ତାହାର ସମସ୍ତ କର୍ମକ୍ଷମତା ଧୀରେ ଧୀରେ ପଙ୍ଗୁ ହୋଇ ଆସେ, ତାହାର ଜୀବନୀ-ଶକ୍ତି ମଧ୍ୟ ଆସ୍ତେ ଆସ୍ତେ କମି ଆସେ—ଏହା ହିଁ ବିଧିର ବିଧାନ । ନର ଓ ନାରୀ, ପୁରୁଷ ଓ ପ୍ରକୃତି । ଜଣେ ଜଣକର ଅନୁପୂରକ । ସେଥିପାଇଁ କବିଗୁରୁ ରବୀନ୍ଦ୍ରନାଥ କହିଛନ୍ତି—

"ବୁଝିଅଛୁ ଆଜି
ବହୁ କର୍ମ ଲାଗି ଖ୍ୟାତି ଆୟୋଜନ ରାଜି
ଶୁଷ୍କ ବୋଝ ହୋଇଥାଏ, ସବୁ ହୁଏ ମିଛ
ଯଦି ସେହି ସ୍ତୂପାକାର ଉଦ୍‌ଯୋଗ ପଛରେ
ନ ରହେ ଗୋଟିଏ ହସ ।"

ଏହି ଉକ୍ତିଗୁଡ଼ିକରୁ ବୁଝି ହୁଏ ଯେ ନାରୀର କର୍ତ୍ତବ୍ୟ କେତେ ବିସ୍ତୃତ ଓ କେତେ ମହାନ୍, ଏହା ଚିନ୍ତାର ବିଷୟ । ତାହାର ସୁନିୟନ୍ତ୍ରଣ-କ୍ଷମତା ଓ ଶୁଭ ବୁଦ୍ଧିରେ ଗୋଟିଏ ମନୁଷ୍ୟର ଶୁଭ-ଶୁଭ ନିର୍ଭର କରେ । ନାରୀ ଏକାଧାରରେ ସମଗ୍ର ଜାତିର ଭାଗ୍ୟନିୟନ୍ତ୍ରୀ ।

Digitized by PPRACHIN, SOA

ସେ ଇଚ୍ଛା କଲେ ଅର୍ଥାତ୍ ସେ ବୈଶିଷ୍ଟ୍ୟାନୁପାତକ ସୁଶିକ୍ଷିତା ହୋଇଲେ, ଜାତକୁ ତଥା ଦେଶକୁ ଉନ୍ନତର ଶିଖରରେ ତୋଳଧାରେ, ପୁନରପ୍ୟ ତାହାର ଅକ୍ଷମତା ଯୋଗୁଁ ହିଁ ଗୋଟିଏ ସମଗ୍ର ଜାତି ଦୁର୍ଦ୍ଦଶାର ପଙ୍କିଳ ଆବର୍ତ୍ତରେ ନିମଜ୍ଜିତ ହୋଇପାରେ। ପତ୍ନୀତ୍ୱରେ ହିଁ ନାରୀର କର୍ତ୍ତବ୍ୟର ଆରମ୍ଭ ଓ ମାତୃତ୍ୱରେ ସେହି କର୍ତ୍ତବ୍ୟର ପୂର୍ଣ୍ଣ ପରିଣତି। ମହାଭାରତରେ ଅଛି—

"ଯଦି ବୈ ନ ସ୍ତ୍ରୀ ରୋଚେତ ପୁମାଂସଂ ନ ପ୍ରମୋଦୟେତ୍
ଅପ୍ରମୋଦାତ୍ ପୁନଃ ପୁଂସଃ ପ୍ରଜନୋ ନ ପ୍ରବର୍ଦ୍ଧତେ।"

ଅର୍ଥାତ୍ ସ୍ତ୍ରୀ ଯଦି ପୁରୁଷର ମନୋରଞ୍ଜନୀ ଏବଂ ପ୍ରହର୍ଷିଣୀ ନ ହୁଏ, ତାହା ହେଲେ ପୁରୁଷର ଅପ୍ରମୋଦରୁ ସନ୍ତତିହୀନତା ଘଟେ। ଏହାର ବିପରୀତ କ୍ଷେତ୍ରରେ ଅର୍ଥାତ୍ ଯେଉଁଠାରେ ସ୍ତ୍ରୀ ସ୍ୱାମୀର ମନୋବୃତ୍ତ୍ୟନୁସାରିଣୀ ହୁଏ ସେ ସ୍ଥାନରେ ସ୍ୱାମୀ, ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚତୁର୍ବର୍ଗ ଫଳଲାଭ କରେ।

ମନୁସଂହିତା ୯।୨୮ ଶ୍ଳୋକ ଏହାର ଜ୍ୱଳନ୍ତ ପ୍ରମାଣ। ଯଥା—

"ଅପତ୍ୟଂ ଧର୍ମକାର୍ଯ୍ୟାଣି ଶୁଶ୍ରୂଷାର ରତିରୁତ୍ତମା
ଦାରାଧୀନ ସ୍ତଥା ସ୍ୱର୍ଗଃ ପିତୃଣାମତ୍ମନଶ୍ଚହ।"

ଅପତ୍ୟ, ଧର୍ମକାର୍ଯ୍ୟ, ଶୁଶ୍ରୂଷା, ଉତ୍ତମ ରତି ଏବଂ ପିତୃଗଣଙ୍କର ସ୍ୱର୍ଗ ସମସ୍ତ ହିଁ ଦାରାଧୀନ।

"It is the type of an eternal truth that the soul's armour is never well set to the heart unless a woman's

Digitized by PPRACHIN, SOA

hand has braced it; and it is only when she braces it loosely that the honour of manhood fails''

- John Ruskin

ପୁରୁଷର ଯଦି ରକ୍ଷାର କୌଣସି ପନ୍ଥା ରହେ ତାହା ନାରୀର ପ୍ରଜ୍ଞା ଓ ଗୁଣଦ୍ୱାରା ହିଁ ହୁଏ । ତାହା ନ ହେଲେ ଅନ୍ୟ କୌଣସି ପନ୍ଥା ନାହିଁ ।

ସେଥିପାଇଁ ଆର୍ଯ୍ୟଋଷିଗଣ ସ୍ୱାସ୍ଥ୍ୟ ପୁରୁଷ ପକ୍ଷରେ ବିବାହ ଅବଶ୍ୟ କର୍ତ୍ତବ୍ୟ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ପାଶ୍ଚାତ୍ୟ ସମାଜରେ ପ୍ରଧାନତଃ ବର ଓ କନ୍ୟାର ପରସ୍ପର ମନୋନୟନ ଉପରେ ନିର୍ଭର କରେ—କରିଥାଏ । ନିର୍ଦ୍ଦିଷ୍ଟ ସ୍ଥାନରେ ଉଭୟେ ଉଭୟଙ୍କର ସଂସ୍ପର୍ଶରେ ଆସି ପରସ୍ପର ଦ୍ୱାରା ପ୍ରଭାବାନ୍ୱିତ ହୋଇଥାଆନ୍ତି ଓ ପରେ ନିଜର ଇଚ୍ଛାନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଭବିଷ୍ୟତରେ ଯଦି ସେମାନଙ୍କ ମଧ୍ୟରେ ଅମେଳ ଓ ଅସଦ୍ଭାବ ପରିଲକ୍ଷିତ ହୁଏ ତାହା ହେଲେ ସେମାନେ ବିବାହ ବିଚ୍ଛେଦ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ସଖା-ସଖୀଭାବର ଗୁଣ ଦେଖି ପ୍ରାଚ୍ୟ ଦେଶରେ ସାଧାରଣତଃ ବିବାହ ହୋଇଥାଏ । ସେଠାରେ ଦାମ୍ପତ୍ୟ ଜୀବନର ସୁଖ-ଶାନ୍ତି ପରସ୍ପର ସଖା-ସଖୀ ଭାବଧାରା ଉପରେ ଗୁଣରେ ସଂପୂର୍ଣ୍ଣ ନିର୍ଭର କରେ । ତରୁଣମାନେ ସେଠାରେ ପ୍ରଧାନତଃ ଶିକ୍ଷିତା ଓ ନୃତ୍ୟଗୀତକୁଶଳା ତରୁଣୀମାନଙ୍କୁ ପସନ୍ଦ କରନ୍ତି ଏବଂ ସେମାନେ ମନେ କରନ୍ତି ପଦାର ମନୋମୁଗ୍ଧକର ଗୁଣ ଥିଲେ ସମସ୍ତ ଜୀବନରେ ସୁଖୀ ହୋଇପାରିବେ । କିନ୍ତୁ ବିବାହ ଗୋଟିଏ ଅନ୍ୟ ପନ୍ଥା । ବିବାହିତ ଜୀବନରେ ସ୍ଥାୟୀଭାବରେ ସୁଖୀ ହେବାକୁ ଥିଲେ ସ୍ତ୍ରୀର ମାତୃଭାବର

Digitized by PPRACHIN, SOA

ଏକାନ୍ତ ପ୍ରୟୋଜନ । ସ୍ତ୍ରୀର ମାତୃତ୍ୱର ଅଙ୍ଗୀଭୂତ ସେବା, ସନ୍ତୃପରିପୂର୍ଣତା, କ୍ଷମା, ତ୍ୟାଗଶୀଳତା ଓ ସହ୍ୟଗୁଣ ନ ଥିଲେ ସ୍ୱାମୀ-ସ୍ତ୍ରୀ ଉଭୟେ ହିଁ ଜୀବନରେ ସୁଖୀ ହୋଇ ପାରିବେ ନାହିଁ, ଜୀବନଟା ଅଶାନ୍ତିମୟ ହେବ । ସ୍ଥାୟୀ ଦାମ୍ପତ୍ୟ ପ୍ରେମର ପ୍ରଧାନ ଅଙ୍ଗ ହିଁ ହେଲେ ସ୍ତ୍ରୀର ମାତୃଭାବ । ମାତୃତ୍ୱର ଉପଯୋଗୀ ଗୁଣ-ସମନ୍ୱିତା ସ୍ତ୍ରୀର ସଖୀଭାବରେ ଗୁଣ ରହିଲେ ହିଁ ଦାମ୍ପତ୍ୟ ଜୀବନ ସ୍ଥାୟୀ ସୁଖର ହୁଏ । କାରଣ ସଂସାରେ ଦୁଃଖର ଅଭାବ ନାହିଁ । ଜୀବନରେ ଅସ୍ୱାସ୍ଥ୍ୟ, କ୍ଳାନ୍ତି, ଭଗ୍ନାଶା ଓ ପରର ଦୁର୍ବ୍ୟବହାର ସକାଶେ ମାନସିକ ବିପର୍ଯ୍ୟୟ ପ୍ରାପ୍ତ ହିଁ ଘଟିଥାଏ । ସେତେବେଳେ ସାଧାରଣତଃ ହିତାହିତର ଜ୍ଞାନ ରହେ ନାହିଁ । ସେତେବେଳେ ସର୍ବାପେକ୍ଷା ଘନିଷ୍ଠ ଲୋକର ଉପରେ ମନୁଷ୍ୟ ଅନିଚ୍ଛାସତ୍ତ୍ୱେ ହିଁ ଅଯଥା ରୁକ୍ଷ ବ୍ୟବହାର କରିଥାଏ । ସେତେବେଳେ ଯଦି ସ୍ତ୍ରୀର ମାତୃଭାବ-ପ୍ରସୂତ ସହିଷ୍ଣୁତା, କ୍ଷମାଶୀଳତା, ସେବା ଓ ସନ୍ତୃ-ପରିପୂର୍ଣତା ନ ରହେ, ସେତେବେଳେ ଯଦି ସ୍ତ୍ରୀ ଆତ୍ମସମ୍ମାନର ହାନିରେ ଅଧୀର ହୋଇ ଅନୁରୂପ ବ୍ୟବହାର କରିବାକୁ ଚେଷ୍ଟା କରେ ତାହା ହେଲେ ସାଂସାରିକ ବିପର୍ଯ୍ୟୟ ଅନିବାର୍ଯ୍ୟ । ସଂସାରର ଶାନ୍ତି ଅକ୍ଷୁଣ୍ଣ ରଖିବାକୁ ହେଲେ ସ୍ୱାମୀର ଜୀବନ ସାଫଲ୍ୟମଣ୍ଡିତ କରି ତୋଳିବାକୁ ବଧୂତ୍ୱରେ—ମାତୃତ୍ୱର ପ୍ରତିଷ୍ଠା କରିବାକୁ ହେବ । ମାତା ଯେପରି ଶିଶୁର ବିରକ୍ତି, କ୍ରନ୍ଦନ ଓ ଅଭାବର କାରଣ ସସ୍ନେହ-ଅନୁସନ୍ଧିତ୍ସାର ସହିତ ନିରୂପଣ କରି ତାହାର ପରିପୂରଣରେ ସନ୍ନିବିଷ୍ଟ ହୁଏ ।ସେହି ଭାବରେ ପତିବ୍ରତା ସ୍ତ୍ରୀ ମଧ୍ୟ ସ୍ୱାମୀର ଧାତୁ, ଅବସ୍ଥା ଓ ପ୍ରୟୋଜନର ସହିତ ସାଗ୍ରହରେ ପରିଚିତା ହୋଇ ସର୍ବ-ପ୍ରଯତ୍ନେ ସ୍ୱାମୀର ଅଭାବ ଓ ଗୃହଦ୍ୱାର ପରିପୂରଣରେ ପ୍ରୟାସଶୀଳା ରହିବେ । ତାହା ହେଲେ ସର୍ବ ଅବସ୍ଥାରେ ସ୍ତ୍ରୀ

Digitized by PPRACHIN, SOA

ଅନେକାଂଶରେ ସ୍ୱାମୀର ମନକୁ ସ୍ନିଗ୍ଧ, ଶାନ୍ତ, ତୃପ୍ତ ଓ ଉଦ୍‌ବୁଦ୍ଧ କରି ରଖିବାକୁ ସକ୍ଷମ ହୋଇବେ ।

ଶ୍ରୀ ରାମଚନ୍ଦ୍ରଙ୍କ ଉକ୍ତରେ ଆମ୍ଭେମାନେ ଆଦର୍ଶ ସ୍ତ୍ରୀ ଚରିତ୍ରରେ ପାଇଥାଉ—

"କାର୍ଯ୍ୟେଷୁ ମନ୍ତ୍ରୀ, କରଣେଷୁ ଦାସୀ
ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ
ସ୍ନେହେଷୁ ମାତା, ଶୟନେଷୁ ରମା
ରଙ୍ଗେ ସଖୀ, ଲକ୍ଷ୍ମଣ ସଦା ପ୍ରିୟାମେ ।"

Digitized by PPRACHIN, SOA

ମାତା

ମାତୃତ୍ୱରେ ହିଁ ନାରୀତ୍ୱର ପୂର୍ଣ୍ଣ ପରିଣତି । ମାତୃତ୍ୱ ହିଁ ନାରୀତ୍ୱର ଚରମ ସାର୍ଥକତା । ମାତା ହେବା ନିମିତ୍ତ ନାରୀର ଜନ୍ମ । ଦେହ ମନର ସମସ୍ତ ପ୍ରସ୍ତୁତି ହିଁ ତାହାର ମାତୃତ୍ୱର ପରିପୋଷଣୀ । ଜଗତ୍ ସ୍ରଷ୍ଟାର ମହାନ୍ ଉଦ୍ଦେଶ୍ୟ ନାରୀର ମାତୃରୂପେ ହିଁ ସମ୍ପୂର୍ଣ୍ଣତା ଲାଭ କରେ । ସୃଷ୍ଟି-ସ୍ଥିତି-ପାଳନର କର୍ତ୍ତ୍ରୀ ନାରୀ । ସମ୍ପୂର୍ଣ୍ଣଭାବରେ ନାରୀର ନୈପୁଣ୍ୟର ଉପରେ ନିର୍ଭର କରେ ମନୁଷ୍ୟ ଜୀବନର ସର୍ବାଙ୍ଗୀନତା ଓ ସର୍ବସାର୍ଥକତା । ସେଥିପାଇଁ ନାରୀ ମାତା । ସନ୍ତାନର ଶାରୀରିକ ଓ ମାନସିକ ଗଠନର ପରିମାପ-ସାଧନ ମାତାର ହିଁ କୃତିତ୍ୱ, ଏହି କ୍ଷେତ୍ରରେ ଅନ୍ୟ କାହାରି ହସ୍ତ ନାହିଁ । ମାତା ହିଁ ଏହିଠାରେ ସର୍ବମୟୀ କର୍ତ୍ତ୍ରୀ । ସେଥିପାଇଁ ନାରୀ ଜନ୍ମ ଓ ଜାତିର ନିୟନ୍ତ୍ରୀ । ମହାମତି ମନୁ କହିଅଛନ୍ତି— ପିତାଙ୍କଠାରୁ ମାତା ସହସ୍ର ଗୁଣେ ଗରୀୟସୀ । ପିତାଠାରୁ ଶିଶୁ ତାହାର ବଂଶାନୁକ୍ରମିକତା ଓ ସହଜାତ ସଂସ୍କାର ସମସ୍ତ ଲାଭକରି ଥାଏ । କିନ୍ତୁ ତାହାର ସେହି ବଂଶାନୁକ୍ରମିକତା ଓ ସହଜାତ ସଂସ୍କାରରାଜି ତାହାର ଜୀବନ ଓ ବର୍ଦ୍ଧନର ଅନୁକୂଳ କରି ସୁବିନ୍ୟସ୍ତ ଓ ସୁସମ୍ବଦ୍ଧ କରିବାର କ୍ଷମତା ଓ ଦାୟିତ୍ୱ ମାତାର । କୌଣସି ଗୋଟିଏ ଉତ୍କୃଷ୍ଟ ବୀଜ କ୍ଷେତ୍ରରେ ବପନ କରିବାକୁ ହେଲେ କ୍ଷେତ୍ରକୁ ବିଧିମାଫିକ ସେହି ବୀଜର ପରିପୋଷଣୀୟ ଓ ପରିବର୍ଦ୍ଧନୀୟ ରୂପରେ ପ୍ରସ୍ତୁତ କରି ନେବାକୁ ହେବ । ତାହା ହେଲେ ଆମ୍ଭେମାନେ ଉତ୍କୃଷ୍ଟ ବୀଜରୁ ଉତ୍କୃଷ୍ଟ ଗଛ ଏବଂ ତହିଁରୁ

Digitized by PPRACHIN, SOA

ଉତ୍କୃଷ୍ଟ ଫଳର ଆଶା କରିପାରିବା । କେବଳ ମାତ୍ର ଶ୍ରେଷ୍ଠ ବୀଜ ଅଥବା ଶ୍ରେଷ୍ଠ କ୍ଷେତ୍ରରୁ ଫଳ ଲବ୍ଧ ହୁଏ ନାହିଁ । ବୀଜ ଓ କ୍ଷେତ୍ର ଉଭୟେ ହିଁ ଉଭୟଙ୍କର ପରିପୂରକ ହେବା ଆବଶ୍ୟକ । କେବଳ ମାତ୍ର ବୀଜକୁ ଅଙ୍କୁରିତ କରିବା ହିଁ କ୍ଷେତ୍ରର ସୀମାବଦ୍ଧ ନୁହେଁ । ଅଙ୍କୁରରେ ତାହାର ପୂର୍ବ ବୀଜର ଯାବତୀୟ ଗୁଣାଗୁଣ ସୁସାମଞ୍ଜସ୍ୟରୂପେ ଫୁଟାଇବା, ପ୍ରକୃତି ମଧ୍ୟରୁ ସେହି ଅଙ୍କୁର ମଧ୍ୟରୁ ସୃଜନିକ ବୈଶିଷ୍ଟ୍ୟ ପରିପୋଷଣୀ, ଉପାଦାନ ସଂଗ୍ରହ କରି ଅଙ୍କୁରରେ ଜୀବନ ଓ ବର୍ଦ୍ଧନର ଅନୁକୂଳ କରି ପରିବେଷଣ କରିବାର ଦାୟିତ୍ୱ ମଧ୍ୟ କ୍ଷେତ୍ରର । ଯେତେ ଦିନ ପର୍ଯ୍ୟନ୍ତ ବୃକ୍ଷ ଜୀବିତ ଥାଏ, ସେତେଦିନ ପର୍ଯ୍ୟନ୍ତ କ୍ଷେତ୍ର ହିଁ ତାହାକୁ କେତେ ସ୍ନେହ, କେତେ ମମତାରେ ବକ୍ଷରେ ଧାରଣ କରି ଲୋକଚକ୍ଷୁର ଅନ୍ତରାଳରେ ତାହାର ଯାବତୀୟ ଜୀବନୀୟ ଓ ବର୍ଦ୍ଧନୀୟ ରସ ବା ଉପାଦାନ ସରବରାହ କରିଥାଏ ।

ମାଟି ହିଁ ଜନନୀ । ସନ୍ତାନ ଜନ୍ମର ବହୁ ପୂର୍ବରୁ ଜନନୀର ଦେହ ଓ ମନରେ ଆଗମନୀର ସ୍ୱର ଧ୍ୱନିତ ହେବ । ମାତାର ଜୀବନରେ ସନ୍ତାନ ସମ୍ଭାବନାର ପ୍ରସ୍ତୁତି ପୂର୍ବରୁ ହିଁ ଆରମ୍ଭ ହୋଇଥାଏ । ସୁସନ୍ତାନ ମାନବ ଜୀବନର ପରମ ସମ୍ପଦ । ସୁସନ୍ତାନ ଲାଭର ସମସ୍ତ ଲଉପ୍ୟାଜମା ଅର୍ଥାତ୍ କଳ-କୌଶଳ ମାତାର ହିଁ କରାୟତ୍ତ । ପିତା ଯେତେ ମହାନ୍ ଓ ଯେତେ କୃଷ୍ଟିସମୃଦ୍ଧ, ସହଜାତ ସଂସ୍କାର-ସମ୍ପନ୍ନ ମହାପୁରୁଷ ହୁଅନ୍ତୁ ନା କାହିଁକି, ମାତା ଯଦି ସ୍ୱାମୀର ବୈଶିଷ୍ଟ୍ୟାନୁସାରେ ତାହାକୁ ଉଦ୍ଦୀପ୍ତ କରି ନ ପାରେ ତେବେ ସ୍ୱାମୀର ଗୁଣରାଶି ଓ ତାହାର ବଂଶାନୁକ୍ରମିକତା ପୂର୍ଣ୍ଣଭାବରେ ସେ ସନ୍ତାନରେ ମୂର୍ତ୍ତିକରି ତୋଳିବାକୁ

Digitized by PPRACHIN, SOA

ପାଇବେ ନାହିଁ । ସେଥି ନିମିତ୍ତ ଆମ୍ଭେମାନେ ବହୁ କ୍ଷେତ୍ରରେ ଅଭ୍ୟୁଦ୍‌ଭାସିତ ପୁରୁଷର ନିକୃଷ୍ଟ ସନ୍ତାନ ଦେଖିବାକୁ ପାଇଥାଉଁ ।

ଉତ୍କୃଷ୍ଟ ବା ଶ୍ରେଷ୍ଠ ପୁରୁଷଙ୍କର ଉପଯୁକ୍ତ ଅର୍ଥାତ୍ ସ୍ୱାମୀର ସତ୍ତ୍ୱ ଓ ବୈଶିଷ୍ଟ୍ୟ ପରିପୋଷଣୀ ଓ ଉଦ୍‌ବର୍ଦ୍ଧନୀ ଗୁଣବିଶିଷ୍ଟ ସମନ୍ୱୟଶୀଳ ସତ୍ତ୍ୱର ପତ୍ନୀ ହିଁ ପିତାର ଭାବଧାରାର ପରିପୂରକ ଉତ୍କୃଷ୍ଟ ସନ୍ତାନର ଜନନୀ ହେବାର ଯୋଗ୍ୟ ।

"ସ୍ୱାମୀ-ସ୍ୱାର୍ଥରେ ଅଟୁଟ ଗତି
ଅବଶ ନୁହେଁ ମନଟିରେ,
ଫନ୍ଦି ଫିକର ଏଇ ତାଳରେ
ସ୍ୱାମୀର ଉଦ୍ଦୀପନାରେ ।
ସଦାଚାରରେ ଅଟୁଟ ନିଷ୍ଠା
ଇଷ୍ଟରେ ପ୍ରୀତି ଯାହାର,
ଜୀବନ କାର୍ଯ୍ୟରେ ଧର୍ମନୀତି
ପ୍ରୀଣନ ବ୍ୟବହାର ।
ସଦାଳାପରେ ସ୍ୱାମୀ-ଆଣତି
ଉଚ୍ଛଳ ପ୍ରାଣ ଯିଏ
ଊର୍ଦ୍ଧ୍ୱ ଜୀବନ ସୁପ୍ରଜର ମା—
ଜାଣିଥାଅ, ନାରୀ ସେଇ ।"

—ଶ୍ରୀ ଶ୍ରୀ ଠାକୁର

ସ୍ତ୍ରୀର ସେବା ଓ ସମ୍ବର୍ଦ୍ଧନାରେ ପୁରୁଷ ଯେତେବେଳେ ଉଦ୍ଦୀପ୍ତ ଓ ଉଚ୍ଛଳ ହୋଇ ସ୍ତ୍ରୀଠାରେ ଉନ୍ମୁଖ ହୋଇଉଠେ, ସ୍ତ୍ରୀର

Digitized by PPRACHIN, SOA

ସାନ୍ନିଧରେ ଯେତେବେଳେ ଏକାନ୍ତ ପ୍ରୀତିକର ଓ ଅପରିହାର୍ଯ୍ୟରୂପେ ସ୍ୱାମୀର ଚିତ୍ତ ଆକର୍ଷଣ କରୁଥାଏ, ଯେତେବେଳେ ସ୍ୱାମୀ-ସ୍ତ୍ରୀର ପୃଥକ୍ ଅସ୍ତିତ୍ୱ ଚିନ୍ତା କରିଲେ ହିଁ ପୁରୁଷର ମନ ଅପାରଗ ହୋଇଥାଏ । ପୁନରପି, ସ୍ତ୍ରୀ ଯେତେବେଳେ ତାହାର ଏକାନ୍ତ ଗୁଣ-ମୁଗ୍ଧ ସ୍ୱାମୀ-ଦେବତାର ଚରଣରେ ନିଜକୁ ସର୍ବତୋଭାବରେ ନିଃଶେଷରେ ନିବେଦନ କରିପାରିଲେ ହିଁ ନିଜକୁ କୃତକୃତାର୍ଥ ବିବେଚନା କରେ, ସେତେବେଳେ ହିଁ ହୁଏ ସ୍ୱାମୀ-ସ୍ତ୍ରୀର ସାର୍ଥକ ମିଳନ ଏବଂ ସୁସନ୍ତାନର ଜନ୍ମ ସେତେବେଳେ ହିଁ ସମ୍ଭବ । ସ୍ତ୍ରୀର ନିଷ୍ଠା, ଅନୁରକ୍ତି, ଭାବ ଓ ଭକ୍ତିରେ ସ୍ୱାମୀ ଯେତେବେଳେ ଅନୁରଞ୍ଜିତ ହୋଇ ସତ୍ ଓ ସୁସ୍ଥଭାବରେ ଉଦ୍ଦୀପ୍ତ ହୋଇ ସ୍ତ୍ରୀରେ ଆନତ ହୋଇବ—ସତ୍, ସୁସ୍ଥ, ଧୀମାନ ଓ ଧର୍ମଜ୍ଞ ସନ୍ତାନ ଲାଭ ସେତେବେଳେ ହିଁ ସମ୍ଭବ ।

"ଲକ୍ଷ କର୍ମରେ ବ୍ୟାପୃତ ରହି
ସ୍ୱାମୀ—ସୋହାଗ ଭରେ
କେଉଁ ଫାଙ୍କରେ ସମୟ କରି
ସ୍ୱାମୀର ରଞ୍ଜନ କରେ
ଆଲୋଚନାରେ ସତ୍ କଥାଟି
ଉଦ୍ଦୀପନା ପ୍ରୀତି
ଏପରି ଝିଅ ଲଭେ ନିଶ୍ଚୟ
ଶ୍ରେଷ୍ଠ ସୁସନ୍ତତି ।

—ଶ୍ରୀ ଶ୍ରୀ ଠାକୁର

Digitized by PPRACHIN, SOA

ନାରୀ ତାହାର ଶ୍ୱଶୁର-ଶାଶୁ ପ୍ରଭୃତି ଗୁରୁଜନମାନଙ୍କ ପ୍ରତି ଯେପରି ଭକ୍ତିମତୀ, ସ୍ନେହଶୀଳା ଓ ସେବାପରାୟଣା ହୋଇବ, ତାହାର ଆଚରଣ, ବ୍ୟବହାର ଓ ଚାଲିଚଳନରେ ଯେତେ ସେମାନେ ତୃପ୍ତ ଓ ସୁଖୀ ହୋଇବେ, ଭବିଷ୍ୟତ ଜୀବନରେ ସିଏ ଓ ତାହାର ସନ୍ତାନ-ସନ୍ତତିଙ୍କ ନିକଟରୁ ସେହିଭାବରେ ବ୍ୟବହାର ପାଇବେ । କାରଣ କେବଳ ଉପଦେଶ ବା ତାଡ଼ନାଦ୍ୱାରା ସନ୍ତାନ-ସନ୍ତତିକୁ ସତ୍‌ପଥରେ ପରିଚାଳିତ କରାଯାଏ ନାହିଁ । ବ୍ୟାବହାରିକ ଜଗତରେ ସଦା-ସର୍ବଦା ପ୍ରାତ୍ୟହିକ ଚଳଣିରେ ସେମାନେ ଯେଉଁ ଆଚରଣ, ବ୍ୟବହାର ଓ ରୀତି-ନୀତି ପ୍ରତ୍ୟକ୍ଷ କରନ୍ତି ତାହାଦ୍ୱାରା ହିଁ ସେମାନେ ବେଶୀ ପ୍ରଭାବାନ୍ୱିତ ହୁଅନ୍ତି ଓ ସେମାନଙ୍କର ବାସ୍ତବ ଜୀବନ ମଧ୍ୟ ସେହି ଭାବରେ ହୋଇଥାଏ । ସେଥିପାଇଁ ଯେଉଁ ନାରୀ ତାହାର ଗୁରୁଜନ ଓ ସ୍ନେହାସ୍ପଦମାନଙ୍କ ପ୍ରତି ଯେତେ ନିଖୁଣଭାବରେ କର୍ତ୍ତବ୍ୟପରାୟଣ, ଉତ୍ତର ଜୀବନରେ ତାହାର ପ୍ରାପ୍ୟ ମଧ୍ୟ ତଦନୁରୂପ ହୋଇଥାଏ । ସେଥିପାଇଁ ସନ୍ତାନ ଗର୍ଭରେ ଧାରଣ କରିବା ପୂର୍ବରୁ ମାତାର ଚରିତ୍ର, ମାତାର ଚଳନ, ମାତାର ଅଭ୍ୟାସ, ବ୍ୟବହାର, ଉତ୍ସାହ, ସୁସ୍ଥ ଓ ସୁପରିମାର୍ଜିତଭାବରେ ଜୀବନ-ବୃଦ୍ଧିର ସହାୟକ-ରୂପରେ ଗଢ଼ି ଉଠିବା ପ୍ରୟୋଜନ । ତେବେ ହିଁ ସନ୍ତାନ ସୁସ୍ଥ କ୍ଷେତ୍ରରେ ସତ୍ ପରିବେଶରେ ଜନ୍ମି ଓ ବର୍ଦ୍ଧିତ ହୋଇ ଦେହରେ ଓ ମନରେ ସୁସ୍ଥ ଓ ସ୍ୱସ୍ଥ ହୋଇଣ ପ୍ରକୃତ ମନୁଷ୍ୟ ହୋଇ ଉଠିପାରେ । ଅନ୍ୟଥାରେ ମାତାର ସ୍ୱଭାବ ଓ ଚଳନ ଯେଉଁଠାରେ ବିକୃତ ଏବଂ ତାହା ଯେଉଁଠାରେ ଅଶୁଭ ଓ ଅସୁସ୍ଥ ପରିବେଶ ସୃଷ୍ଟି କରେ ସେ ସ୍ଥାନରେ ସୁସନ୍ତାନ ଆକାଙ୍କ୍ଷା କରିଲେ ମଧ୍ୟ ସୁସନ୍ତାନ ଲାଭ ସୁଦୂର ପରାହତ । ପୁନଶ୍ଚ, ସନ୍ତାନ ଯେଉଁଠାରେ ବିବାହିତ ଜୀବନରେ ନିର୍ଦ୍ଦିଷ୍ଟ ଓ ଅନାୟାସ ଲବ୍ଧ ଫଳ, ସନ୍ତାନର

Digitized by PPRACHIN, SOA

ନିମିତ୍ତ ଯେଉଁଠାରେ, କୌଣସି ପ୍ରସ୍ତୁତି ବା ସାଧନା ନାହିଁ, ସନ୍ତାନ ସମ୍ଭାବନା ଯେଉଁ ସ୍ଥାନରେ ନର-ନାରୀର ପ୍ରବୃତ୍ତି ପରିତୃପ୍ତିର ଅବଶ୍ୟମ୍ଭାବୀ ପରିଣତି । ସୁସନ୍ତାନ ଲାଭର କଥା ସେ ସ୍ଥାନରେ ଆଶା କରିବା ବୃଥା—ଅନ୍ୟଥାରେ ସୁସନ୍ତାନର କାମନା ଯେଉଁ ସ୍ଥାନରେ ଆନ୍ତରିକ ଓ ଅକପଟ ସେଠାରେ ଆନ୍ତରିକ ଅକପଟ ସାଧନାର ମଧ୍ୟ ପ୍ରୟୋଜନ । ତେଣୁ ସକା[illegible] ପୁରାକାଳରେ ଭାରତ ବର୍ଷରେ ସୁସନ୍ତାନ ଲାଭ ନିମିତ୍ତ ଯାଗଯଜ୍ଞ ଅନୁଷ୍ଠାନର ବହୁ ପ୍ରଥା ପ୍ରଚଳିତ ଥିଲା । ସନ୍ତାନଧାରଣ ମୁହୂର୍ତ୍ତରେ ସ୍ୱାମୀ-ସ୍ତ୍ରୀର ମାନସିକ ଓ ଶାରୀରିକ ଅବସ୍ଥା, ସେମାନଙ୍କର ଅବଚେତନ ମନର ସ୍ତରରେ ଅଙ୍କିତ ଜୀବନର ସମୁଦାୟ ଚଳନ ଓ କର୍ମର ଅନୁଭୂତିର ସ୍ମୃତି—ତତ୍‌କାଳୀନ ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ଓ ପିତାମାତାର ବଂଶାନୁକ୍ରମିକତା ସମସ୍ତ ହିଁ ଭବିଷ୍ୟତ୍ ସନ୍ତାନର ଶାରୀରିକ ଓ ମାନସିକ ପ୍ରକୃତି ଗଠନର ଅବିଚ୍ଛେଦ୍ୟ ଉପାଦାନ । ଏମାନଙ୍କର ଉପରେ ସନ୍ତାନର ଭବିଷ୍ୟତ ସ୍ୱରୂପ, ଜୀବନ ଓ ବୃଦ୍ଧି ନିର୍ଭର କରୁଅଛି ।

ଯେଉଁ ସ୍ଥାନରେ ପିତା-ମାତା ପ୍ରକୃତ ସୁସ୍ଥ ଦେହ ଓ ମନର ଅଧିକାରୀ, ଯେଉଁଠାରେ ପିତା ବଂଶାନୁକ୍ରମିକ ଭାବରେ ଉନ୍ନତ ଓ ଶ୍ରେଷ୍ଠ, କୃଷ୍ଟି ଓ ସଂସ୍କୃତିସମ୍ପନ୍ନ ଏବଂ ଉଚ୍ଚ ଓ ସତ୍ ଗୁଣବିଶିଷ୍ଟ ଓ ମାନସିକ ଗୁଣାବଳୀ ମଜ୍ଜାଗତ—ମାତା ଯେଉଁଠାରେ ପ୍ରକୃତ ଶିକ୍ଷିତା ଓ ସଦ୍‌ବଂଶଜାତା—ସ୍ୱାମୀର ମନୋବୃତ୍ତ୍ୟାନୁସାରିଣୀ, ସଚ୍ଚରିତ୍ରା, ସୁଶୀଳା, ପ୍ରକୃତ ସ୍ୱାମୀ-ସହଧର୍ମିଣୀ, ଯେଉଁ ସ୍ଥାନରେ ପାରିପାର୍ଶ୍ୱିକ ଅବସ୍ଥା ଓ ସମସ୍ତ ଦେହ ମନର ସମ୍ପୂର୍ଣ୍ଣ ଅନୁକୂଳ ଓ ତୃପ୍ତିପ୍ରଦ,

Digitized by PPRACHIN, SOA

ସେ ରୂପ ସ୍ଥଳରେ ହିଁ ଦେହରେ, ମନରେ ସୁସ୍ଥ ଓ ଧୀମାନ୍ ସନ୍ତାନର ଜନ୍ମ ସମ୍ଭବ ।

ଏବଂ ଏହା ସମ୍ଭବ କରି ତୋଳିବାର ଦାୟିତ୍ୱ ଓ କ୍ଷମତା ପ୍ରଧାନତଃ ମାତାର ।

ସେଇଥିପାଇଁ କହେ ମୋ' ନାରୀ
ମାଆର ଆସନ ନେବାକୁ ଆଗ
ଦୁନିଆସାରା ସଜାଇ ଦେ ତୁ
"ଉମା" ସଦୃଶ ଉଠ ତୁ ଜାଗ ।

ଏହାପରେ ସେହି ନାରୀର ଯେତେବେଳେ ପ୍ରକୃତ ସନ୍ତାନ ହେବାର ସମ୍ଭାବନା ଆସେ— ଯେତେବେଳେ ସେ ପ୍ରକୃତ ମାତା ହେବାର ସୂଚନା ମିଳେ ସେତେବେଳେ ତାହାର ପ୍ରକୃତ କର୍ମ ଜୀବନର ଅଧ୍ୟାୟ ଆରମ୍ଭ ହୁଏ । ଯେଉଁ ବୀଜ ତାହାଠାରେ ଉପ୍ତ ହୋଇଲା, ତାହାକୁ ପରିପୁଷ୍ଟ ଓ ପରିବର୍ଦ୍ଧିତ କରି ଅଙ୍କୁରିତ ହେବାର ଓ କରିବାର ସମୁଦାୟ ଦାୟିତ୍ୱ ଏକା ମାତାଙ୍କୁ ହିଁ ବହନ କରିବାକୁ ହୁଏ । ମାତାର ଦେହ ରସରେ ଓ ମନ ଶ୍ୱାସରେ, ବୀଜ ତାହାର ଆବଶ୍ୟକୀୟ ପୁଷ୍ଟି ଆହରଣ କରିଥାଏ । ମାତାର ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ହେବ, ସନ୍ତାନ ସେହିପରି ଦେହ ଓ ମନର ସ୍ୱାସ୍ଥ୍ୟ ନେଇ ଭୂମିଷ୍ଠ ହେବ । ସେଥି ସକାଶେ ଜନନୀ ମାତା । ସେ ସନ୍ତାନର ଦେହ ଓ ମନର ପ୍ରତିଟି ଅଂଶର ପରିମାପ ସାଧନ କରନ୍ତି । ସେଇଥି ସକାଶେ ଗର୍ଭାବସ୍ଥାରେ ଜନନୀର ଦେହ ଓ ମନ ପରିପୂର୍ଣ୍ଣଭାବରେ ସୁସ୍ଥ ଓ ପ୍ରଫୁଲ୍ଲ ରଖିବା ପ୍ରୟୋଜନ । ଆମ୍ଭମାନଙ୍କ ଦେଶରେ ନିୟମ ଅଛି ଗର୍ଭିଣୀର କୌଣସି ପ୍ରକାରେ

Digitized by PPRACHIN, SOA

ଇଚ୍ଛା ବା କାମନା ଅପୂର୍ଣ୍ଣ ରଖିବା ଅନୁଚିତ । ସେଇଥି ସକାଶେ ଗର୍ଭାବସ୍ଥାରେ ସାଧ ଭକ୍ଷଣର ବିଧି ଏହି ଦେଶରେ ପ୍ରଚଳିତ । ଯାହା ତାହାର ଖାଇବାକୁ ଇଚ୍ଛା ହୁଏ, ଯେଉଁ ପରିଚ୍ଛଦକୁ ସେ ଭଲ ପାଏ ତାହାକୁ ସେହି ପ୍ରକାର ସାମଗ୍ରୀ ପ୍ରଦାନର ବିଧି ଏହି ଦେଶରେ ପ୍ରଚଳିତ । ଯେଉଁଥିରେ ତାହାର ମନ ପ୍ରଫୁଲ୍ଲ ଓ ତୃପ୍ତ ରହେ ତଦୁଦ୍ଦେଶ୍ୟରେ ହିଁ ଏହି ନିୟମର ପ୍ରବର୍ତ୍ତନ । ତାହାର ସ୍ୱାଚ୍ଛନ୍ଦ୍ୟ ଓ ସନ୍ତୁଷ୍ଟି ବିଧାନର ଦିଗକୁ ପରିବାରର ପ୍ରତ୍ୟେକଙ୍କର ଦୃଷ୍ଟି ସଜାଗ ରହିବା ଉଚିତ । କାରଣ ମାତାର ଦେହ-ମନର, ସ୍ୱାସ୍ଥ୍ୟର ଉପରେ ହିଁ ସନ୍ତାନର ସ୍ୱାସ୍ଥ୍ୟ ନିର୍ଭର କରେ । ମାତାର ଦେହ ସେତେବେଳେ ଦେବ ମନ୍ଦିର ସଦୃଶ ପବିତ୍ର । ସେଠାରେ ତାହାର ଶିଶୁ ଦେବତା ଅଧିଷ୍ଠିତ । ସେଥିପାଇଁ ସେତେବେଳେ ସତ୍ ଓ ଉନ୍ନତ ଚିନ୍ତା, ସତ୍ ଓ ଉନ୍ନତ ଆଲୋଚନା, ସତ୍ ଓ ଉନ୍ନତ ଆବେଷ୍ଟନୀର ମଧ୍ୟରେ ମାତା ତାହାର ଶିଶୁ-ଦେବତାର ଆରାଧନାରେ କାଳଯାପନ କରିବେ । ମାତାର ମସ୍ତିଷ୍କ-ପ୍ରସୂତ ଭାବଧାରା, ତାହାର ପ୍ରତିମୁହୂର୍ତ୍ତର ଚଳନାର ଛନ୍ଦ ତାହାର ଗର୍ଭସ୍ଥ ସନ୍ତାନର ମସ୍ତିଷ୍କର ପ୍ରତିଟି କୋଷକୁ ତଦନୁରୂପଭାବରେ ନିୟନ୍ତ୍ରିତ କରି ତୋଳେ । ସେଥିପାଇଁ ଏହି ଅବସ୍ଥାରେ ମାତା ଯେ ଭାବରେ ପବିତ୍ର ଓ ଉନ୍ନତ ଭାବରେ ଜୀବନଯାପନ କରିବାକୁ ସମର୍ଥନ ହେବେ—ଗର୍ଭସ୍ଥ ସନ୍ତାନ ମଧ୍ୟ ତଦ୍ରୂପଭାବରେ ଉନ୍ନତ ଓ ପବିତ୍ର ହୋଇ ଭୂମିଷ୍ଠ ହେବାର ସମ୍ଭାବନା ରହିବ । ଏଇଥି ସକାଶେ ଗର୍ଭିଣୀର ବାସଗୃହକୁ ମହାପୁରୁଷର ଆଲେଖ୍ୟ ଓ ମନୋମୁଗ୍ଧକର ଦୃଶ୍ୟାବଳୀ ଦ୍ୱାରା ସୁଶୋଭିତ କରିବାର ବିଧି ଅଛି । ଯେଉଁଥିରେ ମାତାର ମନ ସ୍ୱତଃ ହିଁ ଉନ୍ନତ ଭାବଦ୍ୱାରା ଅନୁରଞ୍ଜିତ ରହିବାର ସୁବିଧା ପାଇପାରିବ ।

Digitized by PPRACHIN, SOA

ଗର୍ଭାବସ୍ଥାରେ ପ୍ରତ୍ୟେକ ମାତାଙ୍କର ଯଥୋପଯୁକ୍ତ ପରିଶ୍ରମ କରିବା ପ୍ରୟୋଜନ । କେବଳ ଶୋଇବସି ଆଳସ୍ୟରେ ସମୟ ବିତାଇବା ଉଚିତ ନୁହେଁ । କାରଣ, ଆଳସ୍ୟରେ କାଳଯାପନ କରିଲେ କେତେବେଳେ ହିଁ ଦେହ ଓ ମନର ପ୍ରଶାନ୍ତି ଆସିପାରେ ନାହିଁ । ଦେହ, ମନ ଓ ସ୍ୱାସ୍ଥ୍ୟ ବିପନ୍ନ ହୁଏ ଏବଂ ଗର୍ଭସ୍ଥ ସନ୍ତାନର ଅଙ୍ଗ-ପ୍ରତ୍ୟଙ୍ଗ ସୁଷ୍ଠିଲିତ କରିପାରେ ନାହିଁ । ପୁନଶ୍ଚ, ଯଥୋପଯୁକ୍ତରୂପେ କର୍ତ୍ତବ୍ୟ ସମ୍ପାଦନରେ ଯେପରି ମନର ପ୍ରଶାନ୍ତି ଲାଭକରା ହୁଏ ଏପରି ଅନ୍ୟ କୌଣସିଥିରେ ସମ୍ଭବ ହୁଏ ନାହିଁ । ସେଥିପାଇଁ ମନର ଶାନ୍ତି ବଜାୟ ରଖିବାକୁ ହେଲେ ଗର୍ଭିଣୀର ସର୍ବଦା ନିଜର କର୍ତ୍ତବ୍ୟ ସମ୍ପାଦନରେ ବିଶେଷ ଯତ୍ନଶୀଳ ରହିବା ଉଚିତ ।

"ପ୍ରସବ କରିବା କଠିଣ ଯଦି ବା
ସନ୍ତାନ ପୋଷଣ ସହଜ ନୁହେଁ
ସମସ୍ୟା ସହ ବୁଦ୍ଧି ମତ୍ତା
ଦକ୍ଷ-ନିପୁଣ ହେବାକୁ ହୁଏ ।"

ସନ୍ତାନ ଯେତେବେଳେ ମାତୃଗର୍ଭ ମଧ୍ୟରୁ ମାତୃକ୍ରୋଡରେ ଆବିର୍ଭୂତ ହୋଇଥାଏ, ସେତେବେଳେ ମାତା ହିଁ ଶିଶୁର ଅସ୍ତିତ୍ୱର ଭିତ୍ତି । ମାତାର ସସ୍ନେହ ସଜାଗ ଦୃଷ୍ଟି ବିଚକ୍ଷଣତା ଓ ନିପୁଣତା ହିଁ କ୍ଷୁଦ୍ର ଶିଶୁର ଜୀବନଧାରଣର ପ୍ରଧାନ ଉପକରଣ । ମାତା ନିକଟରୁ ସିଏ ତାହାର ପ୍ରୟୋଜନୀୟ ଆହାର ଓ ଆଶ୍ରୟ ଲାଭ କରିଥାଏ । ଶିଶୁର ପ୍ରତ୍ୟେକ ଭାବ, ପ୍ରତିଟି ଅଙ୍ଗ ସଞ୍ଚାଳନ, ପ୍ରତିଥରର ହସ-କାନ୍ଦ ଯଦି ମାତାର ବୋଧ ମଧ୍ୟରେ ଧରା ନ ପଡ଼େ ଯଦି ମାତା ସେଗୁଡ଼ିକର ଠିକ୍ ଅର୍ଥ ହୃଦୟଙ୍ଗମ କରି ତାହାର

Digitized by PPRACHIN, SOA

ଯଥାଯଥ ବ୍ୟବସ୍ଥାନୁଯାୟୀ ପରିପୂରଣ କରି ନପାରେ, ତେବେ ଶିଶୁର ଜୀବନର ଭିତ୍ତିରେ ହିଁ ଫାଙ୍କ ଦେଖାଯାଏ । ଶିଶୁର ଜୀବନ ଓ ବର୍ଦ୍ଧନ ଛିନ୍ନ ଓ ଦୁର୍ବଳ ହୋଇ ଉଠିବ । ସେଥିପାଇଁ ଜନ୍ମ ପୂର୍ବରୁ ଶିଶୁ ପାଳନର ଯାବତୀୟ ନିୟମ କାନୁନ୍ ମାତାର ଆୟତ୍ତରେ ଆସିବା ଏକାନ୍ତ ପ୍ରୟୋଜନ ।

ଶିଶୁର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ମାତାର ଜ୍ଞାନ ଓ ଅଭିଜ୍ଞତା ଉପରେ ନିର୍ଭର କରିଥାଏ । ଶିଶୁର ସ୍ନାନ, ଆହାର, ବିଶ୍ରାମ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନର ଅଭାବରେ ହିଁ ଶିଶୁକୁ ବହୁ କ୍ଷେତ୍ରରେ ଅସୁସ୍ଥ କରି ତୋଳିଥାଏ । ସମୟ ସମୟରେ ତାହାର ଜୀବନ ମଧ୍ୟ ବିପନ୍ନ ହୋଇଥାଏ । କେବଳ କ୍ଷୁଧା ହେଲେ ହିଁ ଶିଶୁ କାନ୍ଦେ ନାହିଁ । ସୁତରାଂ କାନ୍ଦିଲେ ହିଁ ତାହାକୁ ଖୋଇବାକୁ ହେବ, ଏପରି କୌଣସି କଥା ନାହିଁ । ସତର୍କ ଅନୁସନ୍ଧାନ ଦ୍ୱାରା ସନ୍ତାନ ତାହାର କ୍ରନ୍ଦନର କାରଣ ନିରୂପଣ କରି, ତାହା ନିରସନ କରିବା ହିଁ ମାତାର କର୍ତ୍ତବ୍ୟ । ଅନେକ ଶିକ୍ଷକଙ୍କ ମତରେ ଏପରି ଶିଶୁର ଜନ୍ମ ପରଠାରୁ ତାହାର ଅଭ୍ୟାସ, ବ୍ୟବହାର ଓ ମିଜାଜକୁ ସୁନିୟନ୍ତ୍ରିତ କରି ସୁନ୍ଦର ଓ କଲ୍ୟାଣକର ସମାବେଶ କରିବାର ଦାୟିତ୍ୱ ମାତାର । ସେତେବେଳରୁ ହିଁ ତାହାର ଶିକ୍ଷା ଆରମ୍ଭ ହୁଏ ।

ପ୍ରକୃତିର ସହିତ ସାମଞ୍ଜସ୍ୟ ରଖି ଶିଶୁର ଶାରୀରିକ ଓ ମାନସିକ ଗଠନକୁ ସୁସ୍ଥ ଓ ସର୍ବାଙ୍ଗସୁନ୍ଦର କରି ଗଢ଼ି ତୋଳିବାକୁ ମାତା ହିଁ ସକ୍ଷମ । ମାତା ହିଁ ଶିଶୁକୁ ଧୈର୍ଯ୍ୟ ଓ ସହିଷ୍ଣୁତାର ଶିକ୍ଷା ଦେଇଥାଏ ତାହାର ଜୀବନର ଆରମ୍ଭରୁ । ନିର୍ଦ୍ଦିଷ୍ଟ ସମୟରେ

Digitized by PPRACHIN, SOA

ଶୁଆଇବା, ଏପରି କି ନିର୍ଦ୍ଦିଷ୍ଟ ସମୟରେ ଖୋଇବା, ଏପରି କି ନିର୍ଦ୍ଦିଷ୍ଟ ସମୟରେ କୋଳରେ ରଖି ଆଦର ମାଧ୍ୟମରେ ମାଆ ତାହାକୁ ସହିଷ୍ଣୁତା ଓ ନିୟମାନୁବର୍ତ୍ତିତା ଶିକ୍ଷା ଦିଅନ୍ତି ।

ଶିଶୁର ଜନ୍ମାର୍ଜିତ ସଂସ୍କାରରାଶି ତାହାର ମସ୍ତିଷ୍କରେ ପ୍ରତିକୋଷରେ ସୁପ୍ତାବସ୍ଥାରେ ନିହିତ ରହିଥାଏ । ଉପଯୁକ୍ତ ସମୟରେ ଏବଂ ଯଥୋପଯୁକ୍ତ ଭାବରେ ଯଦି ସେଇ ବିକାଶୋନ୍ମୁଖ ସଂସ୍କାର ରାଶିକୁ ପୁଷ୍ଟିଦାନରେ ସମ୍ବର୍ଦ୍ଧିତ କରି ତୋଳି ନ ହୁଏ, ଯଦି ସେଗୁଡ଼ିକୁ ଶୃଙ୍ଖଳବଦ୍ଧ କରି ଜୀବନ ଓ ବର୍ଦ୍ଧନରେ ଅନୁକୂଳ କରି ନିୟନ୍ତ୍ରିତ କରି ନ ହୁଏ, ତେବେ ଅନେକ ସ୍ଥଳରେ ସେଗୁଡ଼ିକ ଜୀବନରେ ବିପର୍ଯ୍ୟୟର ସୃଷ୍ଟି କରିଥାଏ । ଅଥବା ଉପଯୁକ୍ତ ପୁଷ୍ଟି ଓ ସାହାଯ୍ୟ ଅଭାବରେ ତାହା ଅଙ୍କୁରିତ ହେବା ଆଗରୁ ବିନଷ୍ଟ ହୋଇଯାଏ । ସେଥିସକାଶେ ମାତାର କର୍ତ୍ତବ୍ୟ ତାହାର ଶିଶୁ ସନ୍ତାନର ଧାତୁ ଏବଂ ଧାରା ବୁଝି, ତାହାର ପ୍ରକୃତିର ସହିତ ସମ୍ୟକ୍‌ଭାବରେ ପରିଚିତ ହୋଇ ସ୍ନେହର ସହିତ ତାହାକୁ ସତ୍‌ପଥରେ ପରିଚାଳିତ କରିବା । ଠିକ୍ ସମୟ ଓ ସୁଯୋଗ ଅନୁଯାୟୀ ଶିଶୁର ସତ୍ ପ୍ରବୃତ୍ତି ବା ଧାରାକୁ ଯଦି ଅଭ୍ୟାସରେ ରୂପାନ୍ତରିତ କରା ନ ହୁଏ, ତେବେ ସମୟାନ୍ତର ହୋଇଗଲେହଜାର ଚେଷ୍ଟା ବା ଶାସନରେ ତାହା ପୁନରାୟ ଆୟତ୍ତକୁ ଆଣି ହୁଏ ନାହିଁ ।

"The hand that rocks the cradle rules the world"

ଶିଶୁ ହିଁ ଜାତିର ଜନକ ଏବଂ ଏହି ଶିଶୁର ଭବିଷ୍ୟତ ଜୀବନ ଓ ଚଳନ ମାତାର ଜ୍ଞାନ ଓ ବିବେଚନାପ୍ରସୂତ ପ୍ରୟାସର ଉପରେ ହିଁ ବହୁଳାଂଶରେ ନିର୍ଭରଶୀଳ । ସେଥିପାଇଁ ମାତାର

Digitized by PPRACHIN, SOA

ବୁଦ୍ଧି-ବିବେଚନା, ଜ୍ଞାନ ଓ ଅଭିଜ୍ଞତା ଯେ କେତେ ଦୂର ନିର୍ଭୁଲ ଓ ସୁସ୍ଥ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ତାହା ସହଜରେ ଅନୁମେୟ ।

ମାତା ଉପରେ ହିଁ ଗୋଟିଏ ଜୀବନର ଭିତ୍ତି ସ୍ଥାପନର ଦାୟିତ୍ୱ । ଏହି ଭିତ୍ତି ଯେତେ ଦୃଢ଼ ଓ ମଜବୁତ୍ ହୋଇବ, ଜୀବନ-ସୌଧ ମଧ୍ୟ ସେତେ ଆକାଶଚୁମ୍ବୀ ହୋଇ ଝଡ଼ଝଞ୍ଜାକୁ ଉପେକ୍ଷା କରି ସଗୌରବରେ ନିଜର ଅସ୍ତିତ୍ୱକୁ ଅତୁଟ ରଖିବାକୁ ସକ୍ଷମ ହେଇବ ଏବଂ ଏହି ଭାବରେ ଗଢ଼ି ଉଠିବ ଗୋଟିଏ ଜାତିପୂ ଜୀବନର ଭିତ୍ତି । ସେଥିପାଇଁ ମାତା ହିଁ ଜୀବନ ଓ ଜାତିର ନିୟନ୍ତ୍ରୀ । ମାତା ହିଁ ଶିଶୁର ସର୍ବାପେକ୍ଷା ପ୍ରିୟ ଓ ନିକଟତମ ଆତ୍ମୀୟ । ଶିଶୁର ଜୀବନରେ ମାତାର ପ୍ରଭାବ ଅପରିସୀମ ଓ ଅପ୍ରତିହତ । ଜୀବନର ସାରାଂଶ ଶିଶୁକାଳରେ ତାହାର ମାତାର ସାନ୍ନିଧ୍ୟରେ ହିଁ ପ୍ରଧାନତଃ ଅତିବାହିତ ହୋଇଥାଏ । ସେଥିପାଇଁ ଶିଶୁ ଜୀବନର ସତ୍ ଓ ଅସତ୍ ଉଭୟବିଧ ପରିଣତି ସକାଶେ ପ୍ରଧାନତଃ ମାତା ହିଁ ଦାୟୀ ।

ଶିଶୁଗଣ ବଡ଼ ହିଁ ଅନୁକରଣ ପ୍ରିୟ । ସେମାନେ ଯାହା ଅନୁଷ୍ଠିତ ହେବାକୁ ଦେଖନ୍ତି ତାହା ହିଁ ଆଚରଣରେ ପରିଣତ କରିଥାଆନ୍ତି । ଏହା ହିଁ ଶିଶୁ ଚରିତ୍ରର ଗୋଟିଏ ପ୍ରଧାନ ବୈଶିଷ୍ଟ୍ୟ । ଶିଶୁକୁ ପ୍ରକୃତ ମନୁଷ୍ୟତ୍ୱର ଅଧିକାରୀ କରି ଗଢି ତୋଳିବାର ଆକାଂକ୍ଷା ଥିଲେ—ଶିଶୁର ଯେଉଁମାନେ ନିକଟତମ ପାର୍ଶ୍ୱଚର, ସେମାନଙ୍କର ପ୍ରତ୍ୟେକକୁ ହିଁ ପ୍ରକୃତ ମନୁଷ୍ୟ ନାମରେ ଯୋଗ୍ୟ ହେବା ଏକାନ୍ତ ପ୍ରୟୋଜନ । ସେମାନଙ୍କର ଆଚାର, ବ୍ୟବହାର, ବାକ୍ ଓ ଚଳନ ସମ୍ପୂର୍ଣ୍ଣଭାବରେ ମନୁଷ୍ୟୋଚିତ ହେବା ପ୍ରୟୋଜନ । ଏହା

Digitized by PPRACHIN, SOA

ମଧ୍ୟରେ ଯଦି କୌଣସି ଗଳଦ ରହେ ଅର୍ଥାତ୍ ନିଜର ଚରିତ୍ର ଯଦି ପରିମାର୍ଜିତ ଓ ପରିଶୁଦ୍ଧ ନ ହୁଏ—ଯଦି ଶିଶୁକୁ ମନୁଷ୍ୟ କରିବାର ପ୍ରୟାସ କେବଳ ମାତ୍ର ସତ୍ ଉପଦେଶ ଓ ତାଡ଼ନାର ଦ୍ୱାରା ହିଁ ଗୃହୀତ ହୁଏ ତାହା ହେଲେ ଶିଶୁ ମାନବ ନ ହୋଇ ଦାନବ ହୋଇ ଉଠିବ । ଶିଶୁର ମନ କୋମଳ ଓ ସହଜନମ୍ୟ ଚରିତ୍ର, ଆଚରଣ ଓ ଉପଦେଶର ବିରୁଦ୍ଧଭାବର ଦ୍ୱାରା ପିଷ୍ଟ ହୋଇ ଗୋଟିଏ ସ୍ୱାଭାବିକ ଦ୍ୱିଧା-ବିଭକ୍ତ ବିକୃତ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହୋଇ ଉଠିବ— ଏହା ଅତି ନିଶ୍ଚୟ । ଯେଉଁମାନଙ୍କର ଉପଦେଶ ଓ ଆଚରଣରେ କୌଣସି ସାମଞ୍ଜସ୍ୟ ନାହିଁ ସେମାନଙ୍କ ପ୍ରତି ସ୍ୱତଃ ହିଁ ଶିଶୁଟିର ଶ୍ରଦ୍ଧାହୀନ ହୋଇ ପଡ଼ିବ ଏବଂ ତାହା ହିଁ ହେବ ଶିଶୁ-ଜୀବନର ସର୍ବାପେକ୍ଷା ବଡ଼ ଅଭିଶାପ । — —

କାରଣ "ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍" । ଶ୍ରଦ୍ଧାହୀନ ପକ୍ଷରେ ଜ୍ଞାନଲାଭ ବା ମନୁଷ୍ୟତ୍ୱ ଲାଭ ଅତି ଦୁଃସାଧ୍ୟ ବ୍ୟାପାର । ସେଥିପାଇଁ ଶିଶୁ ନିକଟରେ ଆତ୍ମୀୟମାନଙ୍କର ବାକ୍ୟ, ବ୍ୟବହାର, ମୌଖିକ ଉପଦେଶ ଓ ବାସ୍ତବ ଚଳନ ଯଦି ସୁଷ୍ଠୁ ଓ ସୁସମଞ୍ଜସ ନ ହୁଏ ତେବେ ସେଇଟା ଶିଶୁ ପକ୍ଷରେ ସମୂହ କ୍ଷତିଜନକ । ସେଥିପାଇଁ ଶିଶୁକୁ ଯେପରି ଭାବରେ ଚାଲିବାକୁ ଓ କହିବାକୁ ଉପଦେଶ ଦେବାକୁ ହୁଏ, ମାତାର ଚଳନ-ଚରିତ୍ର ଠିକ୍ ସେଇ ସତ୍-ଉପଦେଶର ପରିପୂରକ ହେବା ଏକାନ୍ତ ପ୍ରୟୋଜନ ଏବଂ ସେଇ ସତ୍ ଦୃଷ୍ଟାନ୍ତ ଅନୁସରଣ କରି ଶିଶୁର ଚରିତ୍ର ତାହାର ଅଜ୍ଞାତସାରରେ ସ୍ୱାଭାବିକ ଭାବରେ ଧୀରେ ଧୀରେ ଗଢ଼ି ଉଠିଥାଏ ।

ଶିଶୁର ସ୍ୱାଭାବିକ ଚଳନ ଯଦି ଶିଶୁର ଜୀବନ ଓ ବର୍ଦ୍ଧନର କ୍ଷତିକାରକ ନ ହୁଏ—ତାହା ହେଲେ ସେଥିରେ କେତେବେଳେ ହିଁ

Digitized by PPRACHIN, SOA

ବାଧା ସୃଷ୍ଟି କରିବା ଉଚିତ ନୁହେଁ । ତାହାର ନିଜର ଧାତୁ ଏବଂ ଗଢ଼-ଅନୁଯାୟୀ ତାହାକୁ ବୃଦ୍ଧିର ସୁଯୋଗ ଦେବା ଉଚିତ । କାରଣ, ପ୍ରତ୍ୟେକ ହିଁ ତାହାର ନିଜର ବୈଶିଷ୍ଟ୍ୟରେ ଅପର ନିକଟରୁ ଭିନ୍ନ । ସେଥିସକାଶେ ପ୍ରତ୍ୟେକର ଚଳନ ଓ ବାଳକମାନେ କହିବା ଅପର ନିକଟରୁ ଭିନ୍ନ । ଏବଂ ଏହା ହିଁ ସ୍ୱାଭାବିକ । ପ୍ରତ୍ୟେକ ଶିଶୁ ଯେଉଁଥିରେ କି ତାହାର ସ୍ୱକୀୟ ବୈଶିଷ୍ଟ୍ୟାନୁଯାୟୀ ବଢ଼ି ହେବାକୁ ସୁଯୋଗ ପାଏ । ମାତାର ଦୃଷ୍ଟି ସର୍ବଦା ହିଁ ସେହି ଦିଗକୁ ସଜାଗ ରହିବା ଉଚିତ । ଶିଶୁର କୋମଳ ଓ ସହଜ ନମନୀୟ ସ୍ୱାଭାବିକ ମନୋବୃତ୍ତି ଉପରେ ଅପର କାହାରି ନିଜସ୍ୱ ଭାବଧାରା ଜୋର ଜବରଦସ୍ତି ଲଦି ଦେବା ଉଚିତ ନୁହେଁ । ଏଥିରେ ତାହାର ସ୍ୱାଭାବିକ ବୃଦ୍ଧି ବ୍ୟାହତ ହୁଏ । ଏବଂ ଏହି ରୂପରେ ସେ କ୍ରମେ କ୍ରମେ ନକଲି ମନୁଷ୍ୟ ହୋଇ ଗଢ଼ି ଉଠେ । ଶିଶୁର ସ୍ୱାଭାବିକ ଗୃହ ଚଳନରେ ଯେଉଁଥିରେ କି ନିଜର ବୈଶିଷ୍ଟ୍ୟରେ ସୁସ୍ଥ ଓ ପରିମାର୍ଜିତ ହୋଇ ବଢ଼ି ଉଠିପାରେ ମାତା କେବଳ ତାହାକୁ ସାହାଯ୍ୟ କରେ ।

"ଶିଶୁ ଯେବେ ଦେଖେନି କଥାରେ
ଯେଉଁ ଲକ୍ଷ୍ୟରେ ଯାହା, ଯାହା କହେ
ତାହା ନ ବୁଝି ଚେପେଇ ଦେଲେ
ଆଣେ ବୋଧର ବିପର୍ଯ୍ୟୟ ।"

ଶିଶୁ ତାହାର ପ୍ରତିଟି କାର୍ଯ୍ୟ ଓ ପ୍ରତିଟି ଚଳନ ପାଇଁ ତାହାର ମାତା ନିକଟରୁ ବାହାବା ଚାହେଁ । ଏଇଟା ଶିଶୁ ଚରିତ୍ରର ଗୋଟାଏ ପ୍ରଧାନ ବୈଶିଷ୍ଟ୍ୟ । ଶିଶୁର ଏଇ ମନୋବୃତ୍ତି ବା

Digitized by PPRACHIN, SOA

ଆକାଙ୍‌କ୍ଷା ହିଁ ଶିଶୁକୁ ନିୟନ୍ତ୍ରିତ କରିବାର ପ୍ରଧାନ କଳକାଠି, ଏବଂ ଈଶ୍ୱର ପ୍ରଦତ୍ତ ଅର୍ଥାତ୍ ଭଗବାନଙ୍କର ଦେବା ଏଇ କଳକାଠିଟି ମାତାର ହିଁ କରାୟତ୍ତ । ମାତା ଯଦି ସନ୍ତାନ ପାଳନରେ ସୁଶିକ୍ଷିତା ଓ ଯତ୍ନବତୀ ହୁଅନ୍ତି, ତାଙ୍କର ଯଦି ନିଜର ଚରିତ୍ର ଓ ଧାରା ସମ୍ବନ୍ଧେ ସମ୍ୟକ୍ ଜ୍ଞାନ ଥାଏ, ତେବେ ସେ ଶିଶୁର ଏଇ ମନୋ-ବୃତ୍ତିର ସାହାଯ୍ୟରେ ଅନାୟାସରେ ତାହାକୁ ସତ୍ ଓ ନ୍ୟାୟପଥରେ ପରିଚାଳିତ କରିପାରିବେ । ଏବଂ ଯାହା ସେ (ମାନେ ମାତା) ତାଙ୍କର ସନ୍ତାନର ଜୀବନ ଓ ବର୍ଦ୍ଧନର ପକ୍ଷରେ କ୍ଷତିକାରକ ବିବେଚନା କରିବେ, ଅତି ସହଜରେ ସେ ତାହାର ଗତିରୋଧ କରିପାରିବେ । ମାତା ନିକଟରୁ ବାହାବା ପାଇବା ଯେଉଁ ଶିଶୁର ଯେତେ ପ୍ରବଳ ଓ ଦୁର୍ନିବାର, ସେହି ଶିଶୁର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ଓ ଆଶାପ୍ରଦ । କାରଣ, କମ୍-ବେଶୀ ସମସ୍ତ ଜୀବନ ହିଁ ସେ ଏଇ ଆକାଙ୍‌କ୍ଷା ଦ୍ୱାରା ହିଁ ପରିଚାଳିତ ହୁଏ । ସେଥିପାଇଁ ମାତାର ସର୍ବପ୍ରଧାନ କର୍ତ୍ତବ୍ୟ ହେଲା, ତାହାର ପ୍ରତି ଯେଉଁଥିରେ ଶିଶୁର ପ୍ରୀତିର ଟାଣ ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହୁଏ ତାହାର ହିଁ ବ୍ୟବସ୍ଥା କରିବା ।

"ମାତୃଭକ୍ତି ଅଟୁଟ ଯେତେ
ସେହି ସନ୍ତାନ ହୁଏ କୃତୀ ସେତେ ।"

ମହାପୁରୁଷ ଓ ମନୀଷୀମାନଙ୍କର ଜୀବନ ଆଲୋଚନା କଲେ ଏହି ଋଷିବାକ୍ୟର ଯଥାର୍ଥ ସମ୍ବନ୍ଧରେ ଆଉ କୌଣସି ସଂଶୟ ରହେ ନାହିଁ । ଶିଶୁର ଯଦି ମାତା ପ୍ରତି ଭକ୍ତି-ଶ୍ରଦ୍ଧା ଅଟୁଟ ଓ ଅବ୍ୟାହତ ରହିଥାଏ, ସେହି ଶିଶୁ ଜୀବନରେ ମହତ୍ ବଡ଼ ହେବ ହିଁ ହେବ । ଏହା ସ୍ୱତଃସିଦ୍ଧ । ମାତାଙ୍କ ପ୍ରତି ଶ୍ରଦ୍ଧାର ଊର୍ଦ୍ଧ୍ୱଗତି

Digitized by PPRACHIN, SOA

ତାହାର ବୃତ୍ତିର ଶୃଙ୍ଖଳାର ନିମ୍ନଗତିକୁ ପରାସ୍ତ କରି ତାହାକୁ ସତ୍ୟ ଓ ନ୍ୟାୟପଥରେ ପରିଚାଳିତ କରିବେ । ମାତା ପ୍ରୀତିପ୍ରଫୁଲ୍ଲ ମୁଖ ହିଁ ହେବ ଶିଶୁର ସର୍ବପ୍ରକାର ଖେଳ ଓ କାର୍ଯ୍ୟର ପ୍ରେରଣା । ମାତାକୁ ଖୁସୀ ଓ ତୃପ୍ତ କରିବାକୁ ପାରିଲେ, ଯଦି ତାହାର ତୃପ୍ତି ଓ ସନ୍ତୁଷ୍ଟି ସମ୍ଭବ ହୁଏ ଏବଂ ମାତାର ବିଷଣ୍ଣ ମୁଖ ଦେଖିଲେ ହିଁ ଯଦି ତାହାର ସମସ୍ତ ଆନନ୍ଦ ଓ ସବୁ ଖେଳ ଧୂଳିସାତ୍ ହୋଇଯାଏ, ତାହା ହିଁ ହେବ ତାହାର ଭବିଷ୍ୟତ ଜୀବନରେ ବଡ଼ ହେବାର ଶୁଭ ନିର୍ଦ୍ଦେଶ ।

ଏବଂ ଏହା କରିବାକୁ ହେଲେ ମାତାକୁ ଶିଶୁଜୀବନର ପ୍ରତି କର୍ମରେ ସର୍ବକ୍ଷଣର ସାଥୀ ହେବାକୁ ହେବ । ମାତା ହିଁ ସେହି ଶିଶୁର ଏକାଧାରରେ ଶିଶୁର ସାଥୀ, ବନ୍ଧୁ ଓ ଗୁରୁ । ତାହାର ନିକଟରୁ ଶିଶୁ ପାଇବେ ତାହାର ଆନନ୍ଦ ଓ ଉତ୍ସାହର ଖୋରାକ । ମାତାର ସ୍ନେହରେ, ମାତାର ଆଦରରେ, ମାତାର ସାହଚର୍ଯ୍ୟରେ ଶିଶୁର ଜୀବନ ଓତଃପ୍ରୋତ ଭାବରେ ଜଡିତ ରହିବ । ମାତା ଯଥାସମ୍ଭବ ନିଜ ହସ୍ତରେ ତାହାର ଶିଶୁ ସନ୍ତାନର ସକଳ ପ୍ରୟୋଜନ ପରିପୂରଣ କରିବେ । କୌଣସି ସମୟରେ ଅପର କାହା ଦ୍ୱାରା ଅଥବା ଦାସୀ ଚାକରଙ୍କ ହାତରେ ତାହାର ଶିଶୁ ଦେବତାର ସେବାର ଭାର ଅର୍ପଣ କରି ନିଶ୍ଚିନ୍ତ ରହିବେ ନାହିଁ । ସେଥିରେ ଶିଶୁର ଶାରୀରିକ ଓ ମାନସିକ ଉଭୟ ଦିଗରୁ କ୍ଷତିର ସମ୍ଭାବନା ଅଛି । ଏବଂ ସେଥିରେ ମାତା ମଧ୍ୟ ଧୀରେ ଧୀରେ ଶିଶୁର ଜୀବନଠାରୁ ଦୂରକୁ ଚାଲିଯିବେ । ସେତେବେଳେ ମାତାର ବ୍ୟକ୍ତିତ୍ୱ ଶିଶୁ-ଜୀବନରେ ପୁନରାଏ ବିଶେଷ କାର୍ଯ୍ୟକାରୀ ହୁଏ ନାହିଁ । ସେଥିସକାଶେ ଅଶନରେ, ବ୍ୟସନରେ, ସୁଖରେ, ଦୁଃଖରେ ମାତା ହିଁ ହେବେ ଶିଶୁର ପ୍ରଧାନ ପାର୍ଶ୍ୱଚର ।

Digitized by PPRACHIN, SOA

ଏହି ପ୍ରକାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁର ଅଭ୍ୟାସ, ବ୍ୟବହାର ଓ ଝୁଙ୍କକୁ ସୁନିୟନ୍ତ୍ରିତ କରିପାରିଲେ ଶିଶୁର ଜୀବନରେ ଗତି ସାଧାରଣତଃ ସୁସ୍ଥ ଓ ସ୍ୱାଭାବିକ ଭାବରେ ବହୁଥିବ ।

"ଯାହା ହୁଏନା ପାଞ୍ଚରେ
ତା ହେବ ନାହିଁ ପଚାଶରେ ।"

ଚାଣକ୍ୟଙ୍କ ମତରେ—

"ଲାଳୟେତ ପଞ୍ଚ ବର୍ଷାଣି, ଦଶ ବର୍ଷାଣି ତାଡ଼ୟେତ୍ ।
ପ୍ରାପ୍ତେ ତୁ ଷୋଡ଼ଶ ବର୍ଷେ, ପୁତ୍ର ମିତ୍ର ବଦାଚରେତ୍ ॥"

ଏହା ଅତି ସତ୍ୟ କଥା ଯେ, ପାଞ୍ଚ-ସାତ ବରଷ ପର୍ଯ୍ୟନ୍ତ ଶିଶୁର ଜୀବନ ଯେଉଁ ଭାବରେ ଗଢି ଉଠେ, ତାହା ହିଁ ପ୍ରାୟ ହୁଏ ତାହାର ଭବିଷ୍ୟତ୍ ଜୀବନର ମୂଳଦୂଆ । ଉତ୍ତର ଜୀବନରେ ଏହି ମୂଳଦୂଆ ଅତି ଅଳ୍ପ ଅଂଶ ହିଁ ଅଦଳ-ବଦଳ ହୁଏ । "ଆହା ବର୍ତ୍ତମାନ ଛୁଆଟା କରୁ ବଡ଼ ହେଲେ ଠିକ୍ ହୋଇଯିବ" ଏ କଥା ଯେ କେତେ ଦୂର ଖରାପ ଅଜ୍ଞତା ଓ ଅବିବେଚନାପ୍ରସୂତ ତାହା କଥାରେ ଶେଷ କରି ହୁଏ ନାହିଁ । Habit is the second nature. ପାଞ୍ଚ-ସାତ ବର୍ଷ ପର୍ଯ୍ୟନ୍ତ ଯେଉଁ ଅଭ୍ୟାସ ହୋଇଯାଏ ତାହା ଛଡ଼ାଇବା ବଡ଼ ମୁସ୍କିଲ୍ । ସେଥିପାଇଁ ପାଞ୍ଚ ବରଷ ପର୍ଯ୍ୟନ୍ତ ଶିଶୁର ଚରିତ୍ର ଓ ଆଗ୍ରହ ବ୍ୟବହାରକୁ ମାଜି ଘଷି ସୁସ୍ଥ ଓ ପରିମାର୍ଜିତ କରି ଗଢ଼ି ପାରିଲେ ଶିଶୁର ଭବିଷ୍ୟତ ଜୀବନ ସମ୍ବନ୍ଧରେ ଆଉ ବିଶେଷ ଉତ୍କଣ୍ଠାର କାରଣ ରହେ ନାହିଁ । ସେତେବେଳେ ସେ ତାର ସ୍ୱାଭାବିକ ଗତିରେ ହିଁ ଚାଲୁଥାଏ । ଏବଂ

Digitized by PPRACHIN, SOA

ଏହି ଦାୟିତ୍ୱ ମାତାର ହିଁ । ଶିଶୁର ଚରିତ୍ର ଗଠନ ପକ୍ଷରେ ଅନ୍ୟ ଗୋଟିଏ କ୍ଷତିକାରକ ବ୍ୟାପାର ହେଉଛି ଶିଶୁର ଉପସ୍ଥିତିରେ ପିତାମାତାଙ୍କର କଳହ; ମନାନ୍ତର । ଏହା ଶିଶୁ ଜୀବନରେ ଓ ଚରିତ୍ରକୁ କେତେ ଯେ ବିକ୍ଷିପ୍ତ ଓ ଅଶାନ୍ତିମୟ କରିଥାଏ ତାହା ବର୍ଣ୍ଣନା କରି ଶେଷ କରି ହୁଏ ନାହିଁ । ଶିଶୁ ଜୀବନର ଭିତ୍ତି ହିଁ ହେଲା ପିତାମାତାଙ୍କ ସ୍ନେହ । ପିତାମାତାର ମାଧ୍ୟମରେ ହିଁ ସେ ବାହାର ଦୁନିଆର ସହିତ ପରିଚିତ ହୁଏ । ସେଠାକାର ପ୍ରୀତିପୂର୍ଣ୍ଣ ଶାନ୍ତ ଆବହାଓ୍ୱା ତାହାର ମାନସିକ ଶାନ୍ତି ରକ୍ଷା ପକ୍ଷରେ ଏକାନ୍ତ ଆବଶ୍ୟକ । ପିତା ଓ ମାତା ଶିଶୁର ପରମ ଶ୍ରଦ୍ଧାର ପାତ୍ର । ଜଣେ ଯଦି ଅନ୍ୟ ଜଣକ ପ୍ରତି ଅଶିଷ୍ଟ ଆଚରଣ କରନ୍ତି ଅଥବା ଅଶ୍ରଦ୍ଧେୟ ବାକ୍ୟ ବ୍ୟବହାର କରନ୍ତି, ଏବଂ ଶିଶୁ ଯଦି ତାହାର ପ୍ରତ୍ୟକ୍ଷଦର୍ଶୀ ହୁଏ ତେବେ ତାହାର ପିତୃମାତୃ ଭକ୍ତି ଅଚିରେ ହିଁ ଶିଥିଳ ହୋଇପଡ଼ିବ ଏବଂ ତାହା ହିଁ ହେବ ଶିଶୁ ଜୀବନର ବଡ଼ ସର୍ବନାଶ । ସେଥିସକାଶେ ପିତାମାତାଙ୍କ ମଧ୍ୟରେ ଯଦି କେବେ ମନାନ୍ତର ବା ମତାନ୍ତର ହୁଏ ତାହା ହେଲେ ଶିଶୁର ଅସାକ୍ଷାତରେ ସର୍ବପ୍ରଯତ୍ନେ ତାହାର ମୀମାଂସା ବା ମିଟମାଟ କରିବା ବିଶେଷ ପ୍ରୟୋଜନ । ଏଇ ବିରୋଧର କଣିକା ମାତ୍ର ଯେପରି ଶିଶୁକୁ ସ୍ପର୍ଶ ନ କରେ ସେ ଦିଗକୁ ତାଙ୍କର ଅବହିତ ହେବା ଉଚିତ ।

ଶିଶୁ ଯେପରି କି ତାହାର ପିତା, ପିତାମହ ଏବଂ ତାହାର ବଂଶର ପ୍ରତି ଶ୍ରଦ୍ଧାବାନ୍ ହୋଇ ଉଠେ, ଯେଉଁଥିରେ କି ନିଜ ବଂଶର ମହତ୍ତ୍ୱ ଓ ଗୁଣ-ଗରିମାର କାହାଣୀ ଶ୍ରବଣ କରି ଧୀରେ ଧୀରେ ନିଜକୁ ସେହି ବଂଶର ଉପଯୁକ୍ତ କରି ଗଢ଼ି ତୋଳିବାକୁ ତାହାର ପ୍ରାଣରେ ଆକାଂକ୍ଷା ଜାଗ୍ରତ ହୁଏ, ତାହାର ବ୍ୟବସ୍ଥା

Digitized by PPRACHIN, SOA

ମାତାକୁ ହିଁ କରିବାକୁ ହୁଏ । ସ୍ନେହରେ, ଆଦରରେ ଶିଶୁକୁ ବଶୀଭୂତ କରି ଧୀରେ ଧୀରେ ତାହାର କୋମଳ ଅନ୍ତରେ ବଡ଼ ହେବାର, ମହତ୍ ହେବାର ସ୍ପୃହା ମାତାକୁ ହିଁ ଜଗେଇ ଦେବାକୁ ହେବ । ତାହା ପରେ ଶିଶୁ ଯେତେ ବଡ଼ ହେଉଥାଏ ଗୋଟିଏ ଦୁଇଟି କରି ତାହାର ଜୀବନରେ ଯେତେ ହିଁ ଅପରିଚିତର ଆଗମନ ଘଟିଥାଏ; କେତେ ଅଜ୍ଞାତ ଓ ଅନଭ୍ୟସ୍ତ ପରିବେଶର ମାଧ୍ୟମରେ ତାହାର ଜୀବନର ଗତି ବୋହି ଚାଲିଥାଏ—କିନ୍ତୁ ତାହାର ମାତୃଭକ୍ତିରୂପ ଧ୍ରୁବତାରା ଯଦି ତାହାର ମାନସାକାଶରେ ଚିର ଜାଗ୍ରତ ରହିଥାଏ—ଜୀବନରେ ପଥଭ୍ରାନ୍ତ ଓ ବିଧ୍ୱସ୍ତ ସିଏ କମ୍ ହିଁ ହେବ ।

———

Digitized by PPRACHIN, SOA

ନାରୀର ସାଜସଜ୍ଜା

ମାନବ ସଭ୍ୟତାର ଆଦ୍ୟ ଯୁଗରେ ନର ଓ ନାରୀ କେହି କୌଣସି ପ୍ରକାର ଦୈହିକ ଆବରଣ ଅଥବା ସାଜସଜ୍ଜାର ପ୍ରୟୋଜନ ବୋଧ କରୁ ନଥିଲେ । ସେତେବେଳେ ସେମାନେ ପ୍ରକୃତି କୋଳରେ, ପ୍ରକୃତିର ନିରାବରଣ ସନ୍ତାନରୂପରେ ହିଁ ପରିବର୍ଦ୍ଧିତ ହେଉଥିଲେ । ଦେହ ଓ ମନର କୌଣସି ପ୍ରକାର ଆବରଣର ପ୍ରୟୋଜନ ସେମାନଙ୍କର ସେତେବେଳେ ଥିଲା ନାହିଁ ।

ତାହା ପରେ କାଳ ଧର୍ମାନୁସାରେ ଧୀରେ ଧୀରେ ମାନବ ସଭ୍ୟତାର ଉଦୟ ହେବାକୁ ଲାଗିଲା । ମାନବ-ମାନବୀ ପ୍ରାକୃତିକ ପ୍ରୟୋଜନରେ କ୍ରମେ କ୍ରମେ ସେମାନଙ୍କର ଆଦିମ ସ୍ୱଭାବରେ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ । ଦେହ ଓ ମନର ପରିଚ୍ଛଦ ବା ଆବରଣର ପ୍ରୟୋଜନ ଓ ବାହୁଲ୍ୟ ବୋଧ କ୍ରମଶଃ ହିଁ ମାନବ ସମାଜରେ ବିସ୍ତୃତି ଲାଭ କରିବାକୁ ଲାଗିଲା । ସଭ୍ୟତାର ଆଲୋକରେ ସେମାନେ ଦେଖିଲେ ନିରାବରଣ ଓ ନିରାଭରଣ ମନ ଓ ଦେହ ସେମାନଙ୍କର ଅସ୍ତିତ୍ୱ ରକ୍ଷା କରିବାର ଅନୁକୂଳ ନୁହେଁ । ମନର ଆବରଣ ବିଷୟକ ଆଲୋଚନା ଆମ୍ଭମାନଙ୍କର ପ୍ରବନ୍ଧରେ ଆଲୋଚ୍ୟ ବିଷୟ ନୁହେ । ଏଠାରେ କେବଳ ଆମ୍ଭେମାନେ ନାରୀ ଜାତିର ଦୈହିକ ସାଜସଜ୍ଜାର ଆଲୋଚନା କରିବା । ସର୍ବପ୍ରଥମେ ଆମ୍ଭେମାନେ ଦେଖିବା, ନାରୀର ସାଜସଜ୍ଜାର ପ୍ରୟୋଜନବୋଧ କେବଳ ଦୈହିକ କାମନା ପରିପୂରଣର ସକାଶେ ଉଦ୍ଭୂତ ନା

Digitized by PPRACHIN, SOA

ଏଦ୍ୱାରା ସମ୍ଭବତ ସେମାନଙ୍କର ମାନସିକ ଗୁହ୍ୟଦ୍ୱାର ଯୋଗାଯୋଗ ଅଛି ? ଏହା ତାଙ୍କର ବୈଶିଷ୍ଟ୍ୟ-ପରିପୂରକ, ସତ୍ତା ସଂବର୍ଦ୍ଧନୀ ଅଥବା ଏହା ସେମାନଙ୍କର ଜୀବନରେ କେବଳ ବାହୁଲ୍ୟକୁ ହିଁ ଆମନ୍ତ୍ରଣ କରେ ? ସାଜସଜ୍ଜା ନାରୀକୁ ସହଜ ଓ ସୁନ୍ଦର କରି ଗାର୍ହସ୍ଥ୍ୟ ଓ ସମାଜ ଜୀବନରେ ସ୍ୱଚ୍ଛଳ କରି ତୋଳୁଅଛି ଅଥବା ସେମାନଙ୍କର ଅର୍ଥନୈତିକ ଜୀବନର ମୂଳଦୁଆକୁ ବିଧ୍ୱସ୍ତ କରିବାକୁ ସାହାଯ୍ୟ କରୁଅଛି ? କି ପ୍ରକାର ପରିଚ୍ଛଦ ବା ସାଜ-ସଜ୍ଜା ସେମାନଙ୍କୁ ସେମାନଙ୍କର ସ୍ଥାନ, କାଳ ଓ ଅବସ୍ଥାର ଅନୁକୂଳରେ ଗଢ଼ି ଉଠିବାକୁ ସାହାଯ୍ୟ କରୁଅଛି । ସେମାନଙ୍କର ବୈଶିଷ୍ଟ୍ୟ ସେମାନଙ୍କୁ ଅବ୍ୟାହତ ରଖେ, ସେମାନଙ୍କ ଗାର୍ହସ୍ଥ୍ୟ ଓ ସମାଜ ଜୀବନକୁ ସୁସ୍ଥ ଶୋଭନ ଓ ମଙ୍ଗଳପ୍ରଦ କରି ଗଢ଼ିତୋଳିବାକୁ ସାହାଯ୍ୟ କରୁଛି । ଆମ୍ଭେମାନେ ସର୍ବପ୍ରଥମେ ସେହି ଆଲୋଚନା କରିବା ।

ନାରୀକୁ ଆମ୍ଭେମାନେ ସାଧାରଣତଃ ଗୃହ ମୂର୍ତ୍ତିରେ ଦେଖିବାକୁ ପାଇଥାଉଁ । ସେମାନେ ହେଲେ କନ୍ୟା, ଭଗିନୀ, ବଧୂ ଓ ଜନନୀ ଭାବରେ ମାନବ-ସମାଜରେ ସମଧିକ ପରିଚିତା । ନାରୀ = ନାରସୂଷ୍ଟି (ବୃଦ୍ଧି ପାଇବା) ଇତି ନାରୀ । ନାରୀର ସ୍ୱୀୟ ପରିଜନରୁ ଆରମ୍ଭ କରି ତାହାର ସନ୍ତାନ-ସନ୍ତତି ଜଗତକୁ ସର୍ବ ରକମରେ ବୃଦ୍ଧି କରାଇବାକୁ ତାହାର ପ୍ରକୃତ ତୃପ୍ତ ଓ ସନ୍ତୁଷ୍ଟ । ନାରୀର ବୈଶିଷ୍ଟ୍ୟରେ ଅଛି ନିଷ୍ଠା, ଧର୍ମ, ଶୁଶ୍ରୂଷା, ସେବା, ସାହାଯ୍ୟ, ସଂସ୍କରଣ, ସଂରକ୍ଷଣ, ପ୍ରେରଣା ଓ ପ୍ରଜନନ । ଏହି ନବଗୁଣରୁ କୌଣସି ଗୋଟିକରୁ ଯଦି ସିଏ ବିଚ୍ୟୁତ ହୋଇଯାଏ ତାହା ହେଲେ ସେ ତାହାର ନାରୀତ୍ୱକୁ କ୍ଷୁଣ୍ଣ କରିଦିଏ । ସୁତରାଂ ନାରୀ ଚରିତ୍ର

Digitized by PPRACHIN, SOA

ସର୍ବପ୍ରଧାନ ବା ସର୍ବଶ୍ରେଷ୍ଠ ଗୁଣରାଜି ମଧ୍ୟରୁ ଗୋଟିଏ ହେଲା ସଂରକ୍ଷଣ ପଟୁତା । ସେଥିସକାଶେ ଈଷତ୍ କୃପଣତା ନାରୀ ଚରିତ୍ରର ଦୋଷ ନ ହୋଇ ତାହାର ଗୋଟିଏ ଗୁଣରୂପରେ ଗଣ୍ୟ ହୁଏ । ଯେଉଁ ସଂସାରରେ ନାରୀ ସର୍ବଦା ହିଁ ମୁକ୍ତହସ୍ତ, ଅର୍ଥାତ୍ ଅତିଶୟ ଦାନଶୀଳା ସେହି ସଂସାରରେ ପୁରୁଷ ଯେତେ ହିଁ ଆହରଣ ପଟୁ ହେଉନା କାହିଁକି ସଂସାରରେ ଆଶାନୁରୂପ ସ୍ୱଚ୍ଛଳତା ରହିବା ବଡ଼ ହିଁ କଷ୍ଟସାଧ୍ୟ । ସଂସାରରେ ପୁରୁଷ କରେ ଆହରଣ, ଏବଂ ନାରୀର କର୍ତ୍ତବ୍ୟ ହେଲା ସେହି ଆହରିତ ସାମଗ୍ରୀର ଯଥାଯଥ ସଂରକ୍ଷଣ ଓ ସୁଷ୍ଠୁ ପରିବେଷଣ । ତାହାର ପ୍ରିୟଜନ ଓ ସନ୍ତାନ ସନ୍ତତିର ଜୀବନବୃଦ୍ଧି, ସ୍ୱଚ୍ଛଳତା । ସ୍ୱଚ୍ଛଳତା ଯେ ନାରୀର ଏହି ସଂରକ୍ଷଣ ପଟୁତା ଉପରେ କେତେଟା ନିର୍ଭରଶୀଳ ତାହା କହି ଶେଷ କରି ହୁଏ ନାହିଁ । ସେଥିପାଇଁ ସଂସାରରେ ବା ସମାଜରେ ଶାନ୍ତି ଓ କଲ୍ୟାଣ ଆଣିବାକୁ ହେଲେ ଅଶନରେ, ବ୍ୟସନରେ, ଶଯ୍ୟା ଓ ଚଳନରେ ନାରୀକୁ ହେବାକୁ ହେବ ସଂଯତ ଓ ସୁନିର୍ଦ୍ଦିଷ୍ଟ । ସାଜସଜ୍ଜାରେ ବା ପୂରଣ ପରିଚ୍ଛଦରେ କୌଣସି ପ୍ରକାର ଅସଂଯମ ବା ପ୍ରୟୋଜନାତିରିକ୍ତ ବ୍ୟୟ ନାରୀ ପକ୍ଷରେ କୌଣସି ଦିଗରୁ ସମର୍ଥନଯୋଗ୍ୟ ନୁହେଁ । ନାରୀ ଗୃହର ଲକ୍ଷ୍ମୀ । ଲକ୍ଷ୍ମୀ ମାନେ ଶ୍ରୀ । ପୁନଶ୍ଚ ଶ୍ରୀ କଥା ଆସିଛି ସେବା କରିବାରୁ । ନିଜର ପ୍ରୟୋଜନକୁ ସଂଯତ ଓ ସଂହତ କରି ପ୍ରୟୋଜନାତିରିକ୍ତ ତାହାକୁ ବଢ଼ାଇବାକୁ ନ ଦେଇ ସୁଷ୍ଠୁ, ଶୋଭନ ଓ ସୁରୁଚିସମ୍ପନ୍ନ କରି ନାରୀ ତାହାର ସଂସାର ବା ସମାଜର ସେବା କରିଥାଏ । ଏବଂ ଏହାର ବ୍ୟତିକ୍ରମ ଯେଉଁଠାରେ ସେଠାରେ ନାରୀ ଅମଙ୍ଗଳପ୍ରସୂତି । ଜାତିର ଜୀବନରେ ନୈତିକ ଅଧଃପତନର ସର୍ବପ୍ରଧାନ କାରଣ ହେଲା

Digitized by PPRACHIN, SOA

ବ୍ୟବହାର, ପୋଷାକ-ପରିଚ୍ଛଦ ଯେ କେତେ ଦୂର ସଂଯତ ଓ ଜାତୀୟ ବୈଶିଷ୍ଟ୍ୟ ପରିପୂରକ ହେବା ପ୍ରୟୋଜନ ତାହା ସହଜରେ ହିଁ ଅନୁମେୟ । ସାଜସଜ୍ଜାରେ ବା ପରିଧେୟରେ ଅନ୍ଧ-ଭାବରେ ଅପର ଜାତିର ଅନୁକରଣ କରିବା ନାରୀ ସମାଜ ପକ୍ଷରେ ଗ୍ରହଣଯୋଗ୍ୟ ନୁହେଁ ବା ସମର୍ଥନଯୋଗ୍ୟ ନୁହେଁ । ଏତଦ୍ୱାରା ସେମାନେ ନିଜର ସାଥୀରେ ନିଜ ସମାଜ ଏବଂ ଜାତିକୁ ଜଗତ ନିକଟରେ ହେୟ ପ୍ରତିପନ୍ନ କରି ତୋଳିଥାଆନ୍ତି । ଏହା ବ୍ୟତୀତ ଆମ୍ଭମାନଙ୍କର ସମାଜର ଅର୍ଥନୈତିକ ଦୁର୍ଗତିର ବିଷୟ ବିବେଚନା କରିଲେ ଆମ୍ଭମାନଙ୍କର ଜୀବନ ଯାତ୍ରାର କୌଣସି ଦିଗ ହିଁ ଅପ୍ରୟୋଜନୀୟ ବା ବାହୁଲ୍ୟଭାବରେ ବୃଦ୍ଧି କରାଇବାରେ ଉଚିତ ନୁହେଁ । ଯେଉଁ ଜାତିରେ ବା ଯେଉଁ ସମାଜରେ ଅଧିକାଂଶ ଲୋକଙ୍କ ନିକଟରେ କେବଳ ମୁଠିଏ ଖାଇ ବଞ୍ଚି ରହିବାର ଗୋଟାଏ ବଡ଼ ସମସ୍ୟା ସେଠାରେ ପୋଷାକ-ପରିଚ୍ଛଦର ବାହୁଲ୍ୟ କେବଳ ମାତ୍ର ଅଶୋଭନ ନୁହେଁ, ଅମାର୍ଜନୀୟ ଓ ଅପରାଧ ମଧ୍ୟ ।

ସାଜ-ସଜ୍ଜାର ପ୍ରୟୋଜନୀୟତା କେବଳ ମାତ୍ର ଦୈହିକ ପ୍ରୟୋଜନ ପରିପୂରଣର ଉଦ୍ଦେଶ୍ୟ ହିଁ ସୃଷ୍ଟ ହୋଇ ନାହିଁ, ମାନସିକ ସ୍ପୃହା ମଧ୍ୟ ଏହାର ସହିତ ଓତପ୍ରୋତଭାବରେ ଜଡ଼ିତ । ନର ଓ ନାରୀ ଉଭୟଙ୍କର ଆନ୍ତରିକ ଆକାଂକ୍ଷା ପରସ୍ପରର ଚକ୍ଷୁରେ କମନୀୟ ଓ ଆକର୍ଷଣୀୟ ରୂପରେ ପ୍ରତିଭାତ ହେବା । କିନ୍ତୁ ଏହି ସୌନ୍ଦର୍ଯ୍ୟର ଆକର୍ଷଣ ଜୀବନରେ ସେତେବେଳେ ସ୍ଥାୟୀ ଓ ତୃପ୍ତିପ୍ରଦ ହୋଇଥାଏ, ଯେତେବେଳେ ଏହାର ସହିତ ଶ୍ରଦ୍ଧା ବା ସମ୍ଭ୍ରମବୋଧ ଜଡ଼ିତ ରହିଥାଏ । ସ୍ନେହ, ପ୍ରେମ ବା

Digitized by PPRACHIN, SOA

ମୌଳିକତତ୍ତ୍ୱହୀନତା । ପ୍ରତ୍ୟେକ ଜାତିର ନିଜସ୍ୱ ସ୍ୱାତନ୍ତ୍ର୍ୟ ବା ବୈଶିଷ୍ଟ୍ୟ ବର୍ତ୍ତମାନ କି ସମାଜ ଜୀବନରେ, କି ବ୍ୟକ୍ତି ଜୀବନରେ, ପ୍ରତ୍ୟେକ ଜାତି ହିଁ ସ୍ୱକୀୟ ସଂସ୍କୃତି ଓ ରୀତି-ନୀତିରେ ଅନେକାଂଶରେ ଅପର ଜାତିଠାରୁ ଭିନ୍ନ । ପ୍ରତ୍ୟେକ ସମାଜର ଶିକ୍ଷା, ସଭ୍ୟତା, ଆଚାର, ବ୍ୟବହାର ଓ ପୋଷାକ-ପରିଚ୍ଛଦ ତାହାର ପାରିପାର୍ଶ୍ୱିକ ଅବସ୍ଥାର ଅନୁପୂରକ ହିସାବରେ ଗଢ଼ି ଉଠିଥାଏ । ଏହି ଦିଗରୁ ଦେଖିଲେ ଗୋଟିଏ ଠାରୁ ଅନ୍ୟଟିର ପୃଥକ୍ ହେବା ସ୍ୱାଭାବିକ ।

ସେଇଥି ପାଇଁ ଭଲ-ମନ୍ଦ, ପ୍ରୟୋଜନ ଓ ଅପ୍ରୟୋଜନ ବିଚାର ନକରି ଜଣେ ଅନ୍ୟକୁ ଅନ୍ଧଭାବରେ ଅନୁକରଣ କରିବାର ଶିକ୍ଷା ବା ପ୍ରବୃତ୍ତି ଜାତିର କ୍ଳୀବତ୍ୱର ହିଁ ପରିଚାୟକ । ବୈଶିଷ୍ଟ୍ୟ ଉଲ୍ଲଂଘୀ ଶିକ୍ଷା ବା ସଂସ୍କୃତି ଜାତୀୟ ଜୀବନର ଅପମୃତ୍ୟୁ ହିଁ ଆହ୍ୱାନ କରିଥାଏ । ଜାତିର ଗୌରବ ପ୍ରାତଃ ସ୍ମରଣୀୟ ବିଦ୍ୟାସାଗର, ଆଶୁତୋଷ ପ୍ରଭୃତି ମନୀଷୀମାନଙ୍କର ଜୀବନୀ ଆଲୋଚନା କରିଲେ ଆମ୍ଭେମାନେ ଦେଖିବାକୁ ପାଇଥାଉ ଯେ ସେମାନେ ଜାତୀୟ ଶିକ୍ଷା, ସଂସ୍କୃତି ଓ ପୋଷାକ-ପରିଚ୍ଛଦ ଉପରେ କେତେଟା ଶ୍ରଦ୍ଧାସମ୍ପନ୍ନ ଓ ଅସ୍ଖଳିତ ନିଷ୍ଠ ଥିଲେ । ବ୍ୟକ୍ତି-ସ୍ୱାର୍ଥ-ସମ୍ଭୂତ କୌଣସି ପ୍ରୟୋଜନବୋଧ ହିଁ ସେମାନଙ୍କୁ ନିଜ ଜାତୀୟ ଜୀବନଚ୍ୟୁତ କରିପାରି ନାହିଁ ।

ଜାତି ବା ସମାଜର ଯେଉଁମାନେ ପ୍ରାଣ, ଜାତିର ଧାତ୍ରୀ ଏବଂ ପାଳୟିତ୍ରୀ ଯେଉଁମାନେ ଯାହାଙ୍କର କଲ୍ୟାଣ ହସ୍ତର ଆଲୋକବର୍ତ୍ତିକା ବହୁଳାଂଶରେ ଜାତୀୟ ଜୀବନରେ ଗନ୍ତବ୍ୟ ପଥର ସନ୍ଧାନ ଦେଇଥିଲେ, ସେହି ନାରୀ ଜାତିର ଆଚାର

Digitized by PPRACHIN, SOA

ଭଲ ପାଇବା ପ୍ରଭୃତି ମାନବ ହୃଦୟର ପବିତ୍ର, ସୁକୁମାର ଓ ଅପାର୍ଥିବ ବୃତ୍ତିସମୂହ ସ୍ୱାଭାବିକ, ସୁନ୍ଦର ଓ କଲ୍ୟାଣଜନକ ଭାବରେ ଆତ୍ମପ୍ରକାଶ କରିବାକୁ ଓ ସ୍ଥାୟିତ୍ୱ ଲାଭ କରିବାକୁ ସେହି ସମୟରେ ହିଁ ପାରେ ଯେତେବେଳେ ନରନାରୀ ଉଭୟଙ୍କର ପରସ୍ପରର ପ୍ରତି ଥାଏ ଗୋଟିଏ ସହଜ ଓ ସ୍ୱାଭାବିକ ଶ୍ରଦ୍ଧା ବା ସମ୍ଭ୍ରମବୋଧ । ଏବଂ ଶିକ୍ଷା, ଦୀକ୍ଷା, ଆଚାର ବ୍ୟବହାର ଓ ପୋଷାକ ପରିଚ୍ଛଦ ଜୀବନରେ ଶ୍ରଦ୍ଧା ଆକର୍ଷଣରେ ଅନେକଟା ହିଁ ସାହାଯ୍ୟ କରିଥାଏ ।

ସେଥିସକାଶେ ନାରୀର ସାଜସଜ୍ଜାର ରୁଚି ଓ ଅଭ୍ୟାସ ଶିଶୁକାଳଠାରୁ ଏପରି ଭାବରେ ସୁଚିନ୍ତିତ ରୂପରେ ନିୟନ୍ତ୍ରିତ ହେବା ଦରକାର ଯେଉଁଥିରେ କି ଉତ୍ତର ଜୀବନରେ ସେମାନେ ଜାତି, ସମାଜ ଓ ନିଜ ପରିବାରର ଅବଜ୍ଞେୟ ଓ କ୍ଷତିକାରକ ନ ହୋଇ ଶ୍ରଦ୍ଧେୟ ଏବଂ ଉଦ୍ଦୀପନାମୟୀ ରୂପେ ଗଢିବାକୁ ସମର୍ଥା ହୁଅନ୍ତି । ନାରୀ ସମାଜର ମାତା, କନ୍ୟା ଓ ବଧୂ । ସେମାନେ ପୁରୁଷର ବଡ଼ ଆଦରର ଓ ଗର୍ବର ସାମଗ୍ରୀ । ନାରୀ ମାଧୁର୍ଯ୍ୟରେ ଓ ଗୌରବରେ ପୁରୁଷ ସଦା ଜଗତରେ ନିଜକୁ ଅନେକଟା ଗୌରବାନ୍ୱିତ ବୋଧ କରେ ଏବଂ ନାରୀ ଅବମାନନାରେ ତାହାର ମଥା ସ୍ୱତଃ ହିଁ ନତ ହୋଇଯାଏ । ସେଥିପାଇଁ ନାରୀର ସାଜସଜ୍ଜା ସହଜ, ଅନାଡ଼ମ୍ବର ଓ ନମ୍ର ମନ-ତୃପ୍ତିପ୍ରଦ, ଅଥଚ ଗାମ୍ଭୀର୍ଯ୍ୟ ଓ ଶାଳୀନତାପୂର୍ଣ୍ଣ ହେବା ଦରକାର । ପୁନଶ୍ଚ, ଲଜ୍ଜା ହିଁ ନାରୀର ଭୂଷଣ । ତାହା ବୋଲି ଅତ୍ରପ୍ୟାଜମାସୁ ଜଡ଼ତା କୌଣସି ଦିଗରୁ ସମର୍ଥନଯୋଗ୍ୟ ନୁହେଁ ; ତାହା ଏ ଯୁଗରେ ଏକଦମ୍ ଅଚଳ । ଯେଉଁ ସାଜସଜ୍ଜାରେ ନାରୀର ଦୈହିକ ସୌନ୍ଦର୍ଯ୍ୟ ନିର୍ଲଜ୍ଜଭାବରେ ପ୍ରକାଶ ପାଏ ତାହା

Digitized by PPRACHIN, SOA

ଅତି ନିକୃଷ୍ଟ ସ୍ତରର ସଜ୍ଜା । ଏଥିରେ ସଜ୍ଜାକାରିଣୀ ନିଜେ ହିଁ ଲୋକଚକ୍ଷୁ ସମକ୍ଷରେ ହେୟ ପ୍ରତିପନ୍ନ ହୁଏ । ପୁରୁଷ ହୁଏତ ଏହି ସାଜସଜ୍ଜାକୁ ସାମୟିକ ଭାବରେ ଚମତ୍କୃତ ଭାବରେ ଦୃଷ୍ଟିପାତ କରିପାରେ, କିନ୍ତୁ ତାହାର ହୃଦୟ ଏଥିରେ ଉତ୍ସାହିତ ହୁଏ ନାହିଁ, ତାହାର ଚକ୍ଷୁ ସେଥିରେ ତୃପ୍ତ ହୁଏ ନାହିଁ । ସାମୟିକ ମୋହ କଟିଲେ ହିଁ ସେ ଏହା ପ୍ରତି ବିଦ୍ୱେଷାଭାବାପନ୍ନ ହୋଇଥାଏ । କାରଣ ତାହାର ମାତା ବା ଭଗ୍ନୀର ସୌନ୍ଦର୍ଯ୍ୟ ତାହା ନିକଟରେ ସେତେବେଳେ ଏକାନ୍ତ ପବିତ୍ର ଓ ନିଜସ୍ୱ ହୋଇଥାଏ । ସେ ଇଚ୍ଛା କରେ ନାହିଁ ଯେ ଏହି ଦୃଶ୍ୟ ପଣ୍ୟଦ୍ରବ୍ୟ ସଦୃଶ ଲୋକଚକ୍ଷୁ ଗୋଚର ହେଉ । ଶ୍ରୀ ଶ୍ରୀ ଠାକୁର ଏଇଥିସକାଶେ କହିଅଛନ୍ତି—"ନାରୀର ସାଜ-ସଜ୍ଜା, ପିନ୍ଧା-ପରିଚ୍ଛଦ, ଚଳଣି-ଚରିତ୍ର ଏପରି ଭାବରେ ହେବା ଉଚିତ, ଯାହା ପୁରୁଷ ମନରେ ଗୋଟାଏ ଉନ୍ନତ ପବିତ୍ର ସତ୍‌ଭାବ ସୃଷ୍ଟି କରିବ । ଏବଂ ଏହା ସୁପ୍ରଜନନର ଓ ମନୁଷ୍ୟକୁ ଶ୍ରଦ୍ଧାପାତ୍ର କରିବାର ଗୋଟାଏ ଉତ୍ତମ ଉପକରଣ—ଏହାର ବିହ୍ୱଳତାରେ ବାହୁଲ୍ୟକୁ ହିଁ ଡାକି ଆଣିବ—ସାବଧାନ ହୁଅ ।"

Digitized by PPRACHIN, SOA

କନ୍ୟାମାନଙ୍କର ବ୍ୟାୟାମ

ସ୍ୱାସ୍ଥ୍ୟ ଜୀବନର ପରମ ସମ୍ପଦ । ଏହି ଜଗତର କୌଣସି ରୂପ, ରସ, ଗନ୍ଧ, ଯଶ, ଅର୍ଥ, ମାନ କୌଣସି ସୁଖ ସମ୍ପଦ ହିଁ ସ୍ୱାସ୍ଥ୍ୟହୀନ ପକ୍ଷରେ ଆନନ୍ଦ ବା ତୃପ୍ତିପ୍ରଦ ନୁହେଁ । ପୁନଶ୍ଚ, ଦେହର ସ୍ୱାସ୍ଥ୍ୟର ସହିତ ମନର ସ୍ୱାସ୍ଥ୍ୟ ମଧ୍ୟ ଓତପ୍ରୋତ ଭାବରେ ଜଡ଼ିତ । ଦେହ ଯେଉଁଠାରେ ରୁଗ୍ଣ ମନ ମଧ୍ୟ ସେହିଠାରେ ଅସୁସ୍ଥ; ଅସୁସ୍ଥ ମନ ପାର୍ଥିବ ବା ଅପାର୍ଥିବ କୌଣସି ଜାଗରଣ ସୁଷ୍ଠୁ ଭାବରେ ଗ୍ରହଣ କରିପାରେ ନାହିଁ । ସେଇଥିପାଇଁ ଶାସ୍ତ୍ରରେ ଅଛି— "ଶରୀର ମାଦ୍ୟଂ ଖଳୁଧର୍ମ ସାଧନମ୍" ଯତ୍ନ ଓ ପରିଚର୍ଯ୍ୟାଦ୍ୱାରା ଶରୀର ସୁସ୍ଥ ରଖିବା ହିଁ ଧର୍ମ-ସାଧନାର ପ୍ରଥମ ସୋପାନ ।

ପ୍ରାଣୀ ଦେହ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ ଯନ୍ତ୍ରବିଶେଷ । କୌଣସି ଯନ୍ତ୍ରକୁ ଦୀର୍ଘକାଳ ଯତ୍ନହୀନ, ଅବ୍ୟବହାର ରଖିଦେଲେ ତାହାର ବିଭିନ୍ନ ଅଂଶରେ କଳଙ୍କି ପଡ଼ି ଧୀରେ ଧୀରେ ଅକର୍ମଣ୍ୟ ହୋଇଯାଏ । ସୁତରାଂ ଦେହକୁ ସୁସ୍ଥ ରଖିବାକୁ ହେଲେ ଏହାର ପ୍ରତ୍ୟେକ ଅଙ୍ଗକୁ ଯଥାବିଧି ଯତ୍ନ ଓ ପରିଚାଳନା କରିବା ପ୍ରୟୋଜନ; ଏବଂ ଅଙ୍ଗ-ପ୍ରତ୍ୟଙ୍ଗର ସୁନିୟନ୍ତ୍ରିତ ଓ ବୈଧୀ ପରିଚାଳନାର ନାମ ହେଲା ବ୍ୟାୟାମ । ଏଠାରେ ଆମ୍ଭେମାନେ ନାରୀ ଜାତିର ବ୍ୟାୟାମ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବା । ବ୍ୟାୟାମ ସମ୍ବନ୍ଧରେ ଅନେକ ଅଭିଜ୍ଞ ଓ କୁଶଳୀ ବ୍ୟାୟାମବିତ୍ ସେମାନଙ୍କର ସାଧନା ଓ ଅଭିଜ୍ଞତାର ଫଳ ସମୂହ ପୁସ୍ତକାକାରରେ ପ୍ରକାଶ କରିଅଛନ୍ତି ।

Digitized by PPRACHIN, SOA

ଯେଉଁ ସମସ୍ତ ପୁସ୍ତକ ପାଠକରି ନରନାରୀ ସମସ୍ତେ ନିଜ ନିଜର ଉନ୍ନତି କରିପାରିବେ । ମୁଁ ସେ ସମ୍ବନ୍ଧରେ କିଛି କହିବି ନାହିଁ । ମୁଁ ଆଲୋଚନା କରିବି ଅତି ସାଧାରଣ ଓ ସ୍ୱାଭାବିକ କେତେଗୋଟି ବ୍ୟାୟାମର କଥା । ଯାହାକୁ ସ୍ତ୍ରିଅ-ନାରୀମାନେ ସେମାନଙ୍କର କର୍ମମୟ ଓ ବହୁବିଧ ଦାୟିତ୍ୱପୂର୍ଣ୍ଣ ଜୀବନରେ ଅତି ସହଜ ଓ ସ୍ୱାଭାବିକ-ଭାବରେ ଅନୁଷ୍ଠାନ କରି ଦେହ ଓ ମନ ସୁସ୍ଥ ଓ ସବଳ ରଖିବାକୁ ପାରିବେ । ନାରୀମାନଙ୍କର ଗାର୍ହସ୍ଥ୍ୟ ଜୀବନରେ ନାନାବିଧ ସାଂସାରିକ ଓ ସାମାଜିକ କର୍ତ୍ତବ୍ୟ ଏବଂ ଜଟିଳ ପରିସ୍ଥିତିର ମଧ୍ୟଦେଇ ଜୀବନର ପଥରେ ଅଗ୍ରସର ହେବାକୁ ହୁଏ । ସେତେବେଳେ ସେମାନଙ୍କର ସମୟ, ସୁଯୋଗ ବା ଇଚ୍ଛା ରହେ ନାହିଁ । ଯେଉଁଥିରେ କି ସେମାନେ ସାଂସାରିକ କର୍ତ୍ତବ୍ୟ କର୍ମରେ ପଦାରେ କୌଣସି କିଛି ଅନୁଷ୍ଠାନ କରି ସେମାନଙ୍କର ଦେହ-ମନ ସ୍ୱାସ୍ଥ୍ୟ ଅବ୍ୟାହତ ରଖିବାର ଚେଷ୍ଟା କରିବାକୁ ପାରିବେ । ଏଇ ପ୍ରବନ୍ଧରେ ମୁଁ ଧନୀ ପରିବାରର ଆଲୋଚନା କରୁ ନାହିଁ । କାରଣ ସେମାନଙ୍କର ସମ୍ମୁଖରେ ବହୁ ପଥ ଖୋଲା ଅଛି । ବହୁରୂପରେ ସେମାନେ ଆତ୍ମଜୀବନର ଉନ୍ନତି ସାଧନ କରିପାରିବେ । ମୁଁ ଆଲୋଚନା କରୁଅଛି ମଧ୍ୟବିତ୍ତ ଘରର କର୍ତ୍ତବ୍ୟ ଭାରାକ୍ରାନ୍ତ ଗୃହ-ଲକ୍ଷ୍ମୀଗଣଙ୍କର ସମ୍ବନ୍ଧରେ । ଯେଉଁମାନଙ୍କର କଲ୍ୟାଣହସ୍ତର ପରିଚର୍ଯ୍ୟା ଦେଶୀୟ ମଧ୍ୟବିତ୍ତ ପରିବାରକୁ ଓ ସମାଜକୁ ସରସ ଏବଂ ପ୍ରାଣବନ୍ତ କରି ରଖିଅଛି । ଶୈଶବକାଳରେ କୁମାରୀ ଜୀବନରେ ବାଳିକାଗଣ ପ୍ରାୟ ହିଁ ବାଳକଗଣଙ୍କ ଅନୁରୂପରେ ହିଁ ଖେଳ-କସରତ ଏବଂ ଆମୋଦ-ପ୍ରମୋଦର ମାଧ୍ୟମରେ ସେମାନଙ୍କର ଦେହୋପଯୋଗୀ ଓ ପୋଷଣୀ ଆବଶ୍ୟକୀୟ ବ୍ୟାୟାମ ଅନୁଷ୍ଠାନ କରୁଥାଆନ୍ତି । ଖେଳ ଖେଳିବା ମଝିରେ ମଝିରେ ଘରକରଣାର କାର୍ଯ୍ୟ ମଧ୍ୟରେ

Digitized by PPRACHIN, SOA

ଯେତେ ଟିକଏ ପରିଶ୍ରମ ହୁଏ ତାହା ହିଁ ଯଥେଷ୍ଟ । "କନ୍ୟାପ୍ୟପି ରକ୍ଷଣୀୟା ଶିକ୍ଷଣୀୟାଶ୍ଚ ଯତ୍ନତଃ"—କନ୍ୟାକୁ ଯତ୍ନପୂର୍ବକ ରକ୍ଷଣ ଏବଂ ଶିକ୍ଷା ଦେବାକୁ—ଏହା ହିଁ ଶାସ୍ତ୍ରର ମତ । ସୁତରାଂ କନ୍ୟାର ଦୈହିକ ଓ ମାନସିକ ବିକାଶକୁ ସମ୍ପୂର୍ଣ୍ଣରେ କରିବାପାଇଁ ତାହାର ଦେହର ପ୍ରତ୍ୟେକଟି ଅଙ୍ଗ ପ୍ରତ୍ୟଙ୍ଗ ଓ ପେଶୀର ସଞ୍ଚାଳନା ଯେପରି ସହଜରେ ଘଟିଥାଏ ସେଥିପ୍ରତି ଆମ୍ଭମାନଙ୍କର ଲକ୍ଷ୍ୟ ରଖିବା ପ୍ରୟୋଜନ । ଏହି ପ୍ରୟୋଜନର ଦିଗକୁ ଲକ୍ଷ୍ୟ ରଖିବାକୁ ଯାଇ ଅନେକ ଅଭିଭାବକଗଣ ପୁତ୍ର ଓ କନ୍ୟାର ସମଶିକ୍ଷା ଓ ସମ-ବ୍ୟାୟାମର ବ୍ୟବସ୍ଥା କରିଥାଆନ୍ତି । କିନ୍ତୁ ବାଳକ ଓ ବାଳିକାର ଦୈହିକ ଗଠନ, ସଗଠନ ଉପାଦାନ ଏବଂ ପ୍ରକୃତିକ ବୈଶିଷ୍ଟ୍ୟ ଅନେକାଂଶ ହିଁ ପୃଥକ୍ । ସେଥିପାଇଁ ସମଶିକ୍ଷା ଓ ସମବ୍ୟାୟାମ ପୁତ୍ରକନ୍ୟାଗଣ ଉଭୟଙ୍କର ସମକ୍ଷେତ୍ରରେ ସମଫଳ ଅଣିପାରିବେ ନାହିଁ । ବାଳିକାଗଣ ଭବିଷ୍ୟତ୍ ଜୀବନରେ ବଧୂ ହୋଇବେ, ଜନନୀ ହେବେ, ଗୃହଲକ୍ଷ୍ମୀ ହେବେ, ଏବଂ ଏହିଠାରେ ହିଁ ସେମାନଙ୍କର ନାରୀତ୍ୱର ସାର୍ଥକତା, ଏବଂ ଏଇ ଦିଗକୁ ଲକ୍ଷ୍ୟ ରଖି ସେମାନଙ୍କ ବ୍ୟାୟାମର ପ୍ରୟୋଜନୀୟତା ଓ ପଦ୍ଧତି ସ୍ଥିର କରିବାକୁ ହେବ । ନଚେତ୍ ଉଦ୍ଦେଶ୍ୟର ଦିଗକୁ ଲକ୍ଷ୍ୟ ନରଖି ବାଳକମାନଙ୍କ ସଦୃଶ ଅନୁଷ୍ଠାନ କରିବାକୁ ଗଲେ ଅବାଞ୍ଛିତ ପରିଣତିର ଆଶଂକା ଅଛି ।

ଏହି ମଧ୍ୟବିତ୍ତ ଗୃହସ୍ଥଗଣଙ୍କର କନ୍ୟାମାନେ ଯେତେ ଶିକ୍ଷିତା ହୁଅନ୍ତୁ ନା କାହିଁକି ଗୃହକର୍ମରେ ସେମାନଙ୍କୁ ସୁଶିକ୍ଷିତା କରି ଗଢ଼ିବାକୁ ହିଁ ହେବ । ଏହା ଉପରେ ବିଶେଷ ପ୍ରାଧାନ୍ୟ ଦେବାକୁ ହେବ । କାରଣ ଗୃହକର୍ମରେ ଅପାରଗ ହେଲେ

Digitized by PPRACHIN, SOA

ସେମାନଙ୍କର ଜୀବନ ବ୍ୟର୍ଥ ହେବ । ଏହି ଦିଗରୁ ଚିନ୍ତାକରି ଦେଖିବାକୁ ଗଲେ, ଦେଖିବାକୁ ହୁଏ ଯେ, ଏହି ସମସ୍ତ ମଧ୍ୟବିତ୍ତ ଗୃହ କନ୍ୟାଗଣଙ୍କୁ ଓ ବଧୂମାନଙ୍କୁ ଏପରି କର୍ମ କରିବାକୁ ହୁଏ ଯେ, ତାହାଙ୍କୁ ଆଉ ଅନ୍ୟ ବ୍ୟାୟାମ କରିବାକୁ ପଡ଼େନାହିଁ । କାରଣ, ମଧ୍ୟବିତ୍ତ ଗୃହସ୍ଥ ଘରେ ଝିଅମାନଙ୍କର ସକାଳ ସନ୍ଧ୍ୟାରେ ପ୍ରଧାନତଃ ଗୃହ ମାର୍ଜ୍ଜନା କରିବାକୁ ହୁଏ, ପାଣି ବୋହିବାକୁ ହୁଏ, ବାସନ ମାଜିବାକୁ ହୁଏ । ଏହି ତିନଗୋଟି ଧର୍ମ ହିଁ ବେଶ୍ ଶ୍ରମସାଧ୍ୟ । ଏହି କର୍ମରେ ହସ୍ତପଦ ଚାଳନା ଓ ଉଠ-ବସ୍ ବହୁ ପରିମାଣରେ କରିବାକୁ ହୁଏ । ସେଥିରେ ହାତର, ପାଦର, ଅଙ୍ଗାର ଅର୍ଥାତ୍ ସ୍ନାୟୁ ହିଁ ସର୍ବଶରୀରର ପେଶୀସମୂହ ହିଁ କମ୍ ବେଶୀ ପରିଚାଳିତ ହୋଇଥାଏ । ଶରୀରରୁ ଘର୍ମ ନିର୍ଗତ ହୁଏ । ସର୍ବଶରୀରରେ ରକ୍ତ ଚଳାଚଳ ଦ୍ରୁତ ହୁଏ । ଏହି କାର୍ଯ୍ୟଗୁଡ଼ିକ ଯେଉଁମାନଙ୍କର ନିୟମିତଭାବରେ କରିବାକୁ ହୁଏ, ସେମାନଙ୍କର ସକାଳ ସନ୍ଧ୍ୟାରେ ଯଥୋପଯୁକ୍ତ ବ୍ୟାୟାମ ହୋଇଥାଏ । ପଲ୍ଲୀଗ୍ରାମର ପୋଖରୀ, କୁଅ ଓ ଢ଼ିଙ୍କି ଏବଂ ବିସ୍ତୃତ ଗୃହ-ପ୍ରାଙ୍ଗଣ ହିଁ ଗୃହଲକ୍ଷ୍ମୀମାନଙ୍କୁ ଉପଯୁକ୍ତ ବ୍ୟାୟାମ କରାଇ ନେଇଯାଏ । ଏହା ଉପରେ ଯଦି ସେମାନେ ଉପଯୁକ୍ତ ଆହାର ପାଆନ୍ତି, ତେବେ ସେମାନଙ୍କର ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଉ ଦୁଶ୍ଚିନ୍ତାଗ୍ରସ୍ତ ହେବାକୁ ହୁଏ ନାହିଁ । ଏହି କ୍ଷେତ୍ରଗୁଡ଼ିକରେ ଝିଅମାନଙ୍କର ପୋଷାକୀ ବ୍ୟାୟାମର ପ୍ରୟୋଜନ ହୁଏ ନାହିଁ । ଦ୍ୱିପ୍ରହରରେ ଏବଂ ସନ୍ଧ୍ୟାରେ ଝିଅମାନଙ୍କୁ ଦୌଡ଼ାଇ କରିବାକୁ ହୁଏ, ପରିବେଷଣ କରିବାକୁ ହୁଏ । ଏଥିରେ ସେମାନଙ୍କୁ ବହୁଥର ଉଠ-ବସ କରିବାକୁ ହୁଏ । ବହୁଥର ଘରୁ ଜିନିଷ ରଖିବାକୁ, ଓହ୍ଲାଇବାକୁ ହୁଏ । ଏହାପରେ ସେମାନେ

Digitized by PPRACHIN, SOA

ଯଦି ଅବସର ସମୟରେ ଠିକଏ ବୁଲି ନ ଯାଆନ୍ତି ତାହାହେଲେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତି ଅଳ୍ପେ ହିଁ ବିପନ୍ନ ହେବ ।

ଏହିପରି ଝିଅ-ବଧୂମାନେ ଯେତେବେଳେ ମାଆ ହୁଅନ୍ତି ସେତେବେଳେ ଏହି ବ୍ୟାୟାମର ଅତି ଅଭାବ ରହେ ନାହିଁ । ସେତେବେଳେ ସେମାନେ ଯଦି ଉପଯୁକ୍ତ ଆହାର ନପାଆନ୍ତି ତାହା ହେଲେ ସେମାନେ ଦୁର୍ବଳ ଓ ଅବସନ୍ନ ହୋଇ ପଡ଼ନ୍ତି । କାରଣ ସନ୍ତାନ ସମ୍ଭାଳିବାକୁ ଯେ କି କଷ୍ଟ ହୁଏ ତାହା ପ୍ରତ୍ୟେକ ଜନନୀ ଏହା ମର୍ମେ ମର୍ମେ ଅନୁଭବ କରିଥାଆନ୍ତି । ସେତେବେଳେ ସେମାନଙ୍କର ଅନ୍ୟ କୌଣସି ବ୍ୟାୟାମର ପ୍ରୟୋଜନ ହୁଏ ନାହିଁ । ପିଲାଙ୍କୁ ସମ୍ଭାଳିବାର ଯେ କି କଷ୍ଟ, ଦିନ-ରାତି କେଉଁଠି ଯେ ସମୟ କଟିଯାଏ ତାହା ସେ ନିଜେ ହିଁ ବୁଝିପାରନ୍ତି ନାହିଁ । ଏହାପରେ ଓ ବ୍ୟାୟାମର ପ୍ରୟୋଜନ ହେଲେ ଅଥବା ଯେଉଁମାନଙ୍କର କିଛିଟା ସମୟ ଓ ସୁବିଧା ଅଛି, ସେମାନଙ୍କ ପକ୍ଷରେ ଠିକଏ ନାଚ ଓ ଗୀତ ଶିକ୍ଷା କରିଲେ ଶ୍ୱାସଯନ୍ତ୍ର ଓ ସର୍ବାଙ୍ଗରେ ଅତି ଉତ୍ତମ ବ୍ୟାୟାମ ହୁଏ । ଫୁସ୍‌ଫୁସ୍‌ର ଯେଉଁ ସକଳ ଅଂଶ ସାଧାରଣ ଅବସ୍ଥାରେ ପୂରାପୂରି କ୍ରିୟା କରେ ନାହିଁ, ଗୀତରେ ସେହି ଅଂଶଗୁଡ଼ିକ କ୍ରିୟାଶୀଳ ହୁଏ; ଏବଂ ନାଚରେ ସର୍ବାଙ୍ଗର ବ୍ୟାୟାମ ହୁଏ । ଏହା ବ୍ୟତୀତ ସେହି ବିଦ୍ୟାଟି ଝିଅମାନଙ୍କର ଭବିଷ୍ୟତରେ ଜୀବନ ସଙ୍ଗରେ ସଙ୍ଗୀତହୀନ ତ ନୁହେଁ ବରଂଚ ସୁସଙ୍ଗତ ହୁଏ । ଆମ୍ଭମାନଙ୍କ ଦେଶରେ ଗୋଟାଏ କଥା ପ୍ରଚଳିତ ଅଛି, "ଧନର ଘରେ ରୂପର ବସା" କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ

Digitized by PPRACHIN, SOA

"ଧନର ଘରେ ରୋଗର ବସା" କହିବା ବାହୁଲ୍ୟ ଯେ ଏହା କେବଳ ଶ୍ରମହୀନତା ଯୋଗୁଁ ହିଁ ଘଟିଥାଏ । ଧନୀ ଘରେ ପ୍ରଚୁର ପୁଷ୍ଟିକର ଖାଦ୍ୟର ସହିତ ପ୍ରଚୁର କର୍ମହୀନତାର ଅସଙ୍ଗତ ଯୋଗାଯୋଗ ହିଁ ରୋଗ-ପ୍ରବଣତା ସୃଷ୍ଟି କରେ । ଯେଉଁଠାରେ ସ୍ୱାସ୍ଥ୍ୟ ନାହିଁ ସେଠାରେ ସୌନ୍ଦର୍ଯ୍ୟର କଳ୍ପନା ନିତାନ୍ତ ହିଁ ହାସ୍ୟକର । ଏଇଥିସକାଶେ ଧନୀ ଗୃହସ୍ଥର କନ୍ୟା ଓ ବଧୂଗଣଙ୍କ ପକ୍ଷରେ ସାଂସାରିକ ଶ୍ରମସାଧ୍ୟ ଘର-କରଣାର କର୍ମର ମାଧ୍ୟମରେ ଆବଶ୍ୟକୀୟ ବ୍ୟାୟାମ କରିବା ଏକାନ୍ତ ହିଁ ପ୍ରୟୋଜନ ।

Digitized by PPRACHIN, SOA

ବିଦୁଷୀ

'ବିଦୁଷୀ' କଥାଟି ଆସୁଅଛି ବିଦ୍ ଧାତୁ ମଧ୍ୟରୁ । ବିଦ୍ ଧାତୁମାନେ ଜାଣିବା । ଜାଣିବା ଜାହାକୁ କହନ୍ତି ଏବଂ କେଉଁ ପ୍ରକାର ଜାଣିଲେ ବା ଜ୍ଞାନରେ ପାରଦର୍ଶିନୀ ହୋଇଲେ ନାରୀ ବିଦୁଷୀ ବୋଲି ଗଣ୍ୟା ବା ସମାଦୃତା ହୁଏ ଆମ୍ଭେମାନେ ଏଠାରେ ତାହା ହିଁ ଆଲୋଚନା କରିବା । ବିଶ୍ୱସ୍ରଷ୍ଟାର ସୃଷ୍ଟିରେ ଅର୍ଥାତ୍ ଜୀବ ଜଗତରେ ଜାଗତିକ ଲୀଳା ଅବ୍ୟାହତ ରଖିବାକୁ ଗଲେ ଆମ୍ଭେମାନେ ଦୁଇପ୍ରକାର ଶକ୍ତିର ଅସ୍ତିତ୍ୱ ଉପଲବ୍ଧି କରିଥାଉଁ । ପ୍ରଥମ ଶକ୍ତି ପୁରୁଷ, ଦ୍ୱିତୀୟ ଶକ୍ତି ପ୍ରକୃତି । ଗୋଟିଏ ଅପେକ୍ଷାକୃତ static ଅପରଟି dynamic । ପ୍ରଥମଟି ଆତ୍ମସମାହିତ ସାମଗ୍ରିକ ଶକ୍ତିର ଉତ୍ସ, ଦ୍ୱିତୀୟଟି ହେଉଛି ଅନ୍ତର୍ନିହିତ ପ୍ରାଣ-ପ୍ରାଚୁର୍ଯ୍ୟର ବହିଃପ୍ରକାଶ । ପ୍ରକୃତି ସେଥିପାଇଁ ନିତ୍ୟ ଚଞ୍ଚଳା, ଲୀଳାମୟୀ, ନିତ୍ୟ ନବନବ ଅଘଟଣ ଘଟଣ ପଟିୟସୀ । ପୁରୁଷ ଶକ୍ତିର ବାସ୍ତବ ରୂପାୟନରେ ପ୍ରକୃତିରୂପା ନାରୀ ଶକ୍ତିର ସ୍ୱତଃ ସ୍ୱେଚ୍ଛା ଆକୁତିଭରା କର୍ମ ନୈପୁଣ୍ୟର ସୃଷ୍ଟିର ବୁନିୟାଦ ସଂସ୍ଥାପିତ । ସେଥିପାଇଁ ନାରୀ ଧାତ୍ରୀ, ପୁନରପି ପାଳୟିତ୍ରୀ ମଧ୍ୟ । ନାରୀର ଏହି ଧାରଣ ଏବଂ ପାଳନ କରିବାର କ୍ଷମତା ଉପରେ ନିର୍ଭର କରେ ସୃଷ୍ଟି ରକ୍ଷା ନିର୍ଭର କରୁଅଛି । ଅର୍ଥାତ୍, ପୁରୁଷ ଶକ୍ତିକୁ ବାସ୍ତବରେ ରୂପ ପରିଗ୍ରହ କରିବାର ବିଧିଦତ୍ତ କ୍ଷମତା ନାରୀର । ଏଇଥିରେ ହିଁ ତାହାର ସନ୍ତୋଷ ବା ତୃପ୍ତି । ଧାରଣ, ପାଳନ ଓ ପୋଷଣୋପଯୋଗୀ, ସମୁଦାୟ ଶିକ୍ଷାରେ ଯେତେବେଳେ ନାରୀ ସମ୍ୟକ୍‌ରୂପେ

Digitized by PPRACHIN, SOA

ସୁଶିକ୍ଷିତା ହୁଏ, ସେତେବେଳେ ନାରୀଚରିତ୍ର ଉନ୍ନତର ଜ୍ଞାନ ବା ବୋଧଶକ୍ତି ନାରୀର ଶିକ୍ଷା ପୂର୍ଣ୍ଣତା ଲାଭକରେ, ସେତେବେଳେ ନାରୀ ବିଦୁଷୀ ଭାବରେ ମାନ୍ୟା ହେବାର ଯୋଗ୍ୟା ହୁଏ । ଅର୍ଥାତ୍ ସେହି ଭାବରେ ଶିକ୍ଷା ହିଁ ନାରୀକୁ ବିଦୁଷୀ କରିବାକୁ ସକ୍ଷମ, ଯେଉଁଥିରେ ତାହାର ବୈଶିଷ୍ଟ୍ୟଗୁଡ଼ିକର ସମ୍ୟକ୍ ସ୍ଫୁରଣ ହୋଇପାରେ ।

ବର୍ତ୍ତମାନ କେଉଁଟା ନାରୀର ବୈଶିଷ୍ଟ୍ୟ ଏବଂ କେଉଁ ପ୍ରକାର ଶିକ୍ଷାରେ ତାହାର ସ୍ଫୁରଣ ହୁଏ ଏବଂ କିପରି ସେହି ବୈଶିଷ୍ଟ୍ୟଗୁଡ଼ିକ ଦ୍ୱାରା ନାରୀର ଜୀବନକୁ ଅନୁରଞ୍ଜିତ କରି ତାହାର ବାସ୍ତବ ଜୀବନକୁ ସଂସାର ବା ସମାଜର କଲ୍ୟାଣରେ ନିୟୋଜିତ କରିବାକୁ ହେବ ଆମ୍ଭେମାନେ ସେହି ଆଲୋଚନା କରିବା ।

ନାରୀର ବୈଶିଷ୍ଟ୍ୟରେ ଅଛି ନିଷ୍ଠା, ଧର୍ମ, ଶୁଶ୍ରୂଷା, ସେବା, ସାହାଯ୍ୟ, ସଂରକ୍ଷଣ, ପ୍ରେରଣା ଓ ପ୍ରଜନନ । ନି-ସ୍ଥା-ଧାତୁ = ନିଷ୍ଠା । ନିଷ୍ଠାର ଅର୍ଥ ନିବିଷ୍ଟରୂପରେ ରହିବା । ଅର୍ଥାତ୍ ଚିତ୍ତରେ ସ୍ଥୈର୍ଯ୍ୟ ବା ଏକାଗ୍ରତା ଏହା ନାରୀଚରିତ୍ରର ଗୋଟିଏ ବୈଶିଷ୍ଟ୍ୟ । କୌଣସିଠିରୁ ସହଜରେ ବିଚଳିତ ନହେବା, ଏକର ପ୍ରତି ଗୋଟାଏ ସହଜ ଓ ସ୍ୱାଭାବିକ ଅସ୍ଖଳିତ ଅନୁରକ୍ତି ନାରୀ-ଚରିତ୍ରର ଗୋଟିଏ ବିଶେଷ ଗୁଣ । ସେଇଥି ପାଇଁ ନିଷ୍ଠା ଅର୍ଥାତ୍ ଚିତ୍ତ-ସଂଯମ ଓ ଏକାଗ୍ରତା ଯାହାଙ୍କଠାରେ ନାରୀ ଜୀବନରେ ଅଛି ଓ ଅବ୍ୟାହତ ରହେ ତାହା ଜୀବନର ପ୍ରାରମ୍ଭରୁ ଲକ୍ଷ୍ୟ ରଖିବା ପ୍ରୟୋଜନ । ଏହି ନିଷ୍ଠା ହିଁ ନାରୀ ଜୀବନର ପ୍ରାରମ୍ଭରୁ ଲକ୍ଷ୍ୟ ରଖିବା ପ୍ରୟୋଜନ । ଏହି ନିଷ୍ଠା ହିଁ ନାରୀ-ଜୀବନର ପ୍ରଥମ ଓ

Digitized by PPRACHIN, SOA

ପ୍ରଧାନ ସୋପାନ । ଏହାର ସାହାଯ୍ୟରେ ଉତ୍ତର ଜୀବନରେ ସେ କଲ୍ୟାଣୀରୂପେ ସୁପ୍ରତିଷ୍ଠିତା ହୋଇପାରିବେ । କାରଣ, ଶ୍ରେୟର ପ୍ରତି ଅସ୍ଖଳିତ ନିଷ୍ଠା ମନୁଷ୍ୟକୁ ସର୍ବପ୍ରକାରରେ ଉନ୍ନତିର ଅଧିକାରୀ କରିଥାଏ ।

ଧୃ-ଧାତୁର ଅର୍ଥ ଧରି ରଖିବା । ଅର୍ଥାତ୍ ଯାହା ବଞ୍ଚିବା ଓ ବୃଦ୍ଧି ପାଇବାକୁ ସାହାଯ୍ୟ କରେ ତାହା ହିଁ ଧର୍ମ । ନାରୀ ଧାତ୍ରୀ ଓ ପାଳୟିତ୍ରୀ । ଧାରଣ ଓ ପାଳନର ପ୍ରକୃତି ନିର୍ଦ୍ଦିଷ୍ଟ କ୍ଷମତା ଓ ଦାୟିତ୍ୱ ନାରୀର । ସେଇଥି ପାଇଁ ଧର୍ମ ନାରୀର ବୈଶିଷ୍ଟ୍ୟ । ଜୀବନର ମୂଳତତ୍ତ୍ୱ ନାରୀଧର୍ମ ସମ୍ବନ୍ଧରେ ତାହାକୁ ସଚେତନ କରି ତୋଳିବା ନାରୀ ଶିକ୍ଷାର ଗୋଟିଏ ପ୍ରଧାନ ଓ ଅପରିହାର୍ଯ୍ୟ ଅଙ୍ଗରୂପେ ଗଣ୍ୟ ହେବା ଉଚିତ । ନାରୀ ସ୍ୱଭାବତଃ ହିଁ କୋମଳା ଓ ସ୍ନେହଶୀଳା । ତାହାର ଅନ୍ତର ସହଜନମ୍ୟ ଓ ଅନୁକଂପାଶୀଳା । ସେଥିପାଇଁ ଶୁଶ୍ରୂଷା, ସେବା ଓ ସାହାଯ୍ୟ ନାରୀର ସ୍ୱାଭାବିକ କର୍ମ । ଏହା ତାହାର ଅନ୍ତରର ଅନୁରାଗ । ଏହା ହିଁ ତାହାର ଆତ୍ମ ପ୍ରକାଶର ସହଜ ପଥ ।

"ରୋଗରେ ସେ ଶାନ୍ତି, ଦୁଃଖରେ ସେ ଦୟା
ଶୋକର ସେ ସାନ୍ତ୍ୱନାର ଛାୟା
ମାତା ଏଇ ଧରାତଳେ ରମଣୀର ବୁକ
ଏତାଧିକ ରମଣୀର ଅଛି ଯେଉଁ ସୁଖ ?"

ଏହା ହିଁ ନାରୀର ଅନ୍ତରର ଭାଷା, ପ୍ରାଣର ସ୍ୱାଭାବିକ ଓ ସ୍ୱତଃ-ସ୍ଫୂର୍ତ୍ତି ଅଭିବ୍ୟକ୍ତି । ନାରୀର ଜୀବନରେ ପ୍ରକୃତରୂପେ ତୃପ୍ତି ଓ ସନ୍ତୋଷ ଆସେ ସେତିକିବେଳେ ଯେତେବେଳେ ସେ ଉପଲବ୍ଧି

Digitized by PPRACHIN, SOA

କରେ । ତାହାର କରୁଣା ବା ଦାକ୍ଷିଣ୍ୟର ଉପରେ କାହାର ଅସ୍ତିତ୍ୱ ନିର୍ଭର କରୁଅଛି କେହି ଏକାନ୍ତରୂପେ ତାହାର ଉପରେ ନିର୍ଭର କରୁଅଛି—କେହି ଏକାନ୍ତରୂପରେ ତାହାରିଠାରେ ନିର୍ଭରଶୀଳ ବା ଶରଣାପନ୍ନ; ଏବଂ ସେହି ଆଶ୍ରିତ ବା ବିପନ୍ନର ସେବା-ଶୁଶ୍ରୂଷା ବା ସାହାଯ୍ୟ ଦାନର ମାଧ୍ୟମରେ ସେ ତୃପ୍ତି ପାଏ, ଜୀବନରେ ତାର ସାର୍ଥକତା ଆସେ । ସେଇଥିପାଇଁ ମାତୃତ୍ୱ ନାରୀର ଚରମ ବା ପରମ ସାଧନାର ଧନ । ଏବଂ ତାହାର ପ୍ରାପ୍ତିରେ ହିଁ ତାହାର ବାସନାର ପରିତୃପ୍ତି ଏବଂ ଦେହ-ମନର ପରିପୂର୍ଣ୍ଣ ପ୍ରଶାନ୍ତି ।

କିନ୍ତୁ ଏଇ ସେବା, ଶୁଶ୍ରୂଷା ବା ସାହାଯ୍ୟର ପ୍ରବୃତ୍ତି ନାରୀର ସ୍ୱାଭାବିକ ହେଲେ ମଧ୍ୟ ଏହାର ଉତ୍କର୍ଷ ଶିକ୍ଷା-ସାପେକ୍ଷ । ସେବା କାହାକୁ କୁହାଯାଏ ଓ କିପରି ଭାବରେ ସେବା କଲେ ସେବା ଗ୍ରହଣକାରୀର ଜୀବନ ଓ ବର୍ଦ୍ଧନର ଅନୁକୂଳ ହୁଏ । କି ପ୍ରକାର ସେବା କରିଲେ ତାହାର ଦେହ ଓ ମନରେ ତତ୍କାଳୀନ ସ୍ୱାସ୍ଥ୍ୟର ଉପଯୋଗୀ ଓ କଲ୍ୟାଣକର, ତାହା ଅନୁସନ୍ଧିତ୍ସା ବା ଦରଦର ସହିତ ଏକାନ୍ତ ଅଭିନିବେଶ ସହକାରରେ ଶିକ୍ଷଣୀୟ । ଏହି ଶିକ୍ଷା ସର୍ବାଙ୍ଗୀନତାର ଉପରେ ନାରୀ-ଜୀବନର ପୂର୍ଣ୍ଣତା ଅନେକାଂଶରେ ନିର୍ଭରଶୀଳ ।

ସମାଜ ଜୀବନରେ ବା ସଂସାର ଜୀବନରେ ସଦାସର୍ବଦା ଆମ୍ଭେମାନେ ଦେଖିବାକୁ ପାଇଥାଉ ପୁରୁଷଙ୍କର ଆହରଣ, ଏବଂ ନାରୀଙ୍କର—ତାହାର କାର୍ଯ୍ୟ ହେଲା ସେଇ ଆହରିତ ଦ୍ରବ୍ୟ ସାମଗ୍ରୀର ଯଥାଯଥ ସଂରକ୍ଷଣ । ଏଇ ସଂରକ୍ଷଣ ପଟୁତା

Digitized by PPRACHIN, SOA

ନାରୀର ଗୃହନିକ ବୈଶିଷ୍ଟ୍ୟ । ନାରୀର ଏହି ସଂରକ୍ଷଣ ପ୍ରବୃତ୍ତି ଉପରେ ନିର୍ଭର କରେ ସଂସାରର ଶ୍ରୀ ବା ସମୃଦ୍ଧି ବହୁଳାଂଶରେ ନିର୍ଭରଶୀଳ । ଆୟ ଦେଖି ବ୍ୟୟ କରିବାର ଶିକ୍ଷା ବା ଅଭ୍ୟାସ ଉପରେ ସାଂସାରିକ ସ୍ୱାଚ୍ଛନ୍ଦ୍ୟ ବା ଶାନ୍ତି ନିର୍ଭର କରେ । ସଂସାରରେ ପୁରୁଷ ଯେତେ ଆହରଣ ପଟୁ ହେଉନା କାହିଁକି, ସେ ଯେତେ ଉପାର୍ଜନ କ୍ଷମ ହୋଇଥାଉ, ନାରୀ ଯଦି ସେଠାରେ ଉପଯୁକ୍ତ ଭାବରେ ରକ୍ଷଣ ସ୍ୱଭାବ ବା ହିସାବୀ ନ ହୁଏ, ଏବଂ ସଂସାରରେ ସ୍ୱଚ୍ଛଳତା ବା ସ୍ୱାଚ୍ଛନ୍ଦ୍ୟ ସେଠାରେ ଅସମ୍ଭବ । ସେଥିପାଇଁ ଉଚିତ୍ କୃପଣତା ନାରୀର ଦୋଷ ନ ହୋଇ ତାହାର ଗୁଣ ବୋଲି ଗଣ୍ୟ ହୁଏ । ସଂସାର ନାରୀର ପ୍ରଧାନ କାର୍ଯ୍ୟକ୍ଷେତ୍ର । ତାହାର ଚରିତ୍ରରେ ଗୁଣରାଶି ବିକାଶର ଉପଯୁକ୍ତ ସ୍ଥାନ । ସେଥିପାଇଁ ଜୀବନର ଆରମ୍ଭରୁ ସଂସାର ପରିଚାଳନାପୋଯୋଗୀ ଯାବତୀୟ ଶିକ୍ଷାରେ ଝିଅମାନଙ୍କୁ ଶିକ୍ଷିତା କରି ତୋଳିବାର ପ୍ରୟୋଜନ । ପୋଥିଗତ ଶିକ୍ଷା ଅର୍ଥାତ୍ ସ୍କୁଲ୍-କଲେଜର ଶିକ୍ଷାରେ ଝିଅ ଯେତେ କୃତିତ୍ୱ ଅର୍ଜନ କରୁନା କାହିଁକି ଯେତେକ୍ଷଣ ପର୍ଯ୍ୟନ୍ତ ସଂସାର ପାଳନ ବା ପୋଷଣୋପୋଯୋଗୀ ବିଦ୍ୟାରେ ପାରଦର୍ଶିନୀ ସେ ନ ହୋଇଛନ୍ତି ସେତେକ୍ଷଣ ତାହାର ଶିକ୍ଷା ଅସମ୍ପୂର୍ଣ୍ଣ, ସେତେବେଳ ପର୍ଯ୍ୟନ୍ତ ଅଯୋଗ୍ୟା । ପଢା ଜ୍ଞାନର ସହିତ ସାଂସାରିକ ଜ୍ଞାନର ସମ୍ମିଶ୍ରଣରେ ହିଁ ନାରୀ ଜ୍ଞାନର ପୂର୍ଣ୍ଣତା ଏବଂ ସେତେବେଳେ ସେ ହୁଏ ପ୍ରକୃତ ବିଦୁଷୀ ।

ଜ୍ଞାନ, ଶକ୍ତି ଓ ଆନନ୍ଦ ଏହି ତ୍ରିବେଣୀ ସଙ୍ଗମରେ ମନୁଷ୍ୟ ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ଘଟେ । ଏମାନଙ୍କର ଗୋଟିକୁ ହରାଇଲେ ମନୁଷ୍ୟ—ମନୁଷ୍ୟ ହୋଇ ରହେ ନାହିଁ । ସେ ଧୀରେ ଧୀରେ ମନୁଷ୍ୟତ୍ୱର କ୍ଷେତ୍ରରୁ ଓହ୍ଲାଇଯାଏ । ମନୁଷ୍ୟର ଜୀବନ ବର୍ଦ୍ଧନକାରୀ

Digitized by PPRACHIN, SOA

ଏହି ବିଧାତାର ଉତ୍ସ ହେଲ ନାରୀ । ଜୀବନର ପ୍ରାରମ୍ଭରୁ ହିଁ ମନୁଷ୍ୟ ନାରୀର ହସ୍ତରୁ ତାହାର ପ୍ରାଣ-ପୋଷଣୀୟ ଯାବତୀୟ ଉପାଦାନ ଗ୍ରହଣ କରିଥାଏ । ଶିଶୁ ମାତା ନିକଟରୁ ତାହାର ସମୁଦାୟ ପ୍ରୟୋଜନ ଓ ଔତ୍ସୁକ୍ୟଭରା ପ୍ରଶ୍ନର ପରିପୂରଣ ଓ ସମାଧାନ ଆଶା କରିଥାଏ । ଶିଶୁ-କାଳରୁ ହିଁ ଧୀରେ ଧୀରେ ସେ ତାହାର ଜ୍ଞାନଭଣ୍ଡାର ପ୍ରଧାନତଃ ଜନନୀର ଦାକ୍ଷିଣ୍ୟରେ ହିଁ ନୂତନ [illegible] ପୂର୍ଣ୍ଣ କରିଥାଏ । ଏବଂ ଏହା ହିଁ ହୁଏ ତାହାର ଭବିଷ୍ୟତ ଚରିତ୍ରର ମୂଳ ବୁନିୟାଦ । ପୁନରାୟ, ଶିଶୁର ସମସ୍ତ କାର୍ଯ୍ୟ ବା ଚଳନର ଉତ୍ସାହ ବା ପ୍ରେରଣା ମାତା ହିଁ ଯୋଗାଇ ଦିଅନ୍ତି । ଜନନୀ ମୁଖରୁ ଶିଶୁ ସର୍ବଦା ତାହାର କାର୍ଯ୍ୟରେ ବାହାବା ନପାଇଲେ ତାହାର ସମସ୍ତ କାର୍ଯ୍ୟ ପଣ୍ଡ ହୋଇଯାଏ । ଜନନୀ ହିଁ ଶିଶୁର ସମସ୍ତ ପ୍ରେରଣାର ଉତ୍ସ । ପୁନରାୟ, ଶିଶୁ ଯେତେବେଳେ ଭବିଷ୍ୟତ ଜୀବନରେ ଯୁବା ହୁଏ ସେତେବେଳେ ତାହାର କାର୍ଯ୍ୟରେ ପ୍ରେରଣା ଯୋଗାଏ ବଧୂ । ବଧୂର ସ୍ମିତହାସ୍ୟ ସ୍ଫୁରିତ ଉତ୍ସାହବ୍ୟଞ୍ଜକ ଅନୁପ୍ରେରଣାରେ ପୁରୁଷ ତାହାର ଦୈନନ୍ଦିନ କର୍ତ୍ତବ୍ୟରାଶି ଅନାୟାସରେ ସୁସମ୍ପନ୍ନ କରିପାରେ । ଯଦି ଗୋଟିଏ ଅନୁକମ୍ପାଶୀଳ ଓ ଉଦ୍ଦୀପନାମୟ ସଦା ଜାଗ୍ରତ ହୃଦୟ ପୁରୁଷର ପ୍ରତି କାର୍ଯ୍ୟରେ ପ୍ରେରଣା ନ ଯୋଗାଏ ତାହା ହେଲେ ଜୀବନର କର୍ତ୍ତବ୍ୟରାଶି ଶୁଷ୍କ ବୋଧ ହୋଇ ତାହାର ଶ୍ୱାସରୋଧ କରିଥାଏ । ଏବଂ ଏହି ପ୍ରେରଣା ଯୋଗାଏ ନାରୀର ବୈଶିଷ୍ଟ୍ୟ । ନାରୀ ଯାହାକୁ ଭଲପାଏ, ସିଏ ତାହାର ପ୍ରାଣାଧିକ ପ୍ରିୟ, ତାହାର ପ୍ରତି କାର୍ଯ୍ୟରେ ପ୍ରେରଣା ଯୋଗାଏ ବା ଉତ୍ସାହ ଦାନ ନାରୀର ସ୍ୱାଭାବିକ ପ୍ରବୃତ୍ତି । ଏହିଥିରେ ହିଁ ତାହାର ତୃପ୍ତି ଓ ଆନନ୍ଦ । କିନ୍ତୁ ନାରୀର ଏହି ସ୍ୱାଭାବିକ ବୃତ୍ତିକୁ ଶିକ୍ଷା ଓ ଯତ୍ନଦ୍ୱାରା ପରିପୁଷ୍ଟ ଓ ପରିମାର୍ଜିତ କରିବା ପ୍ରୟୋଜନ । କେତେବେଳେ

Digitized by PPRACHIN, SOA

କେଉଁ ଭାବରେ ବାକ୍ୟ ପ୍ରୟୋଗ କରିବାକୁ ହେବ, ମନର କେଉଁ ଅବସ୍ଥାରେ କପରି ବ୍ୟବହାର ମନୁଷ୍ୟ ପ୍ରତ୍ୟାଶା କରେ, କପରି ଭାବରେ ଚାଲିଲେ ପ୍ରିୟଜନଙ୍କ ନିକଟରେ ତାହା ପ୍ରାଣଦ ଓ ଉତ୍ସାହବ୍ୟଞ୍ଜକ ହୋଇଥାଏ, ତାହା ପ୍ରତ୍ୟେକ ଝିଅଙ୍କର ଯତ୍ନର ସହିତ ଅନୁଧାବନ କରି ଶିକ୍ଷା କରିବା ପ୍ରୟୋଜନ । ମନୋବିଜ୍ଞାନ ସହିତ ସାମଞ୍ଜସ୍ୟ ରଖି ଏହି ଶିକ୍ଷା ଯେଉଁ ଝିଅର ଜୀବନରେ ଯେତେ ସମ୍ପୂର୍ଣ୍ଣ, ତାହାର ପାରିବାରିକ ଜୀବନ ମଧ୍ୟ ସେତେ ମଧୁମୟ ଓ ସାର୍ଥକ ହୁଏ । ମନ ବୁଝି ଚାଲିପାରିବାର କ୍ଷମତା ଝିଅମାନଙ୍କର କମ୍-ବେଶୀ ସ୍ୱାଭାବିକ ଥିଲେ ମଧ୍ୟ ଏହାର ଉତ୍କର୍ଷ ନିମନ୍ତେ ଉପଯୁକ୍ତ ଶିକ୍ଷାର ପ୍ରୟୋଜନ ।

ଝିଅମାନଙ୍କର ଅନ୍ୟ ଗୋଟିଏ ପ୍ରଧାନ ସ୍ୱାଭାବିକ ପ୍ରବୃତ୍ତି ହେଲା ମାତୃତ୍ୱର ଆକାଙ୍କ୍ଷା । ସେଥିସକାଶେ ପ୍ରଜନନ ନାରୀର ବୈଶିଷ୍ଟ୍ୟରାଜି ମଧ୍ୟରେ ଅନ୍ୟତମ ପ୍ରଧାନ ବୈଶିଷ୍ଟ୍ୟ । ଏହି ପ୍ରବୃତ୍ତିର ପ୍ରେରଣାରେ ହିଁ ନାରୀର ସମସ୍ତ ଜୀବନ କମ୍-ବେଶୀ ପରିଚାଳିତ ହୁଏ । ଏବଂ ଏଇ ଆକାଙ୍କ୍ଷାରେ ସୁଷ୍ଠୁ ପରିପୂରଣ ଉପରେ ତାହାର ଜୀବନର ସାର୍ଥକତା ନିର୍ଭର କରେ । ନାରୀର ଦେହ-ମନର ସ୍ୱାସ୍ଥ୍ୟ ମଧ୍ୟ ଏହି ଆକାଙ୍କ୍ଷା ପରିତୃପ୍ତି ଉପରେ ନିର୍ଭରଶୀଳ । ନାରୀ ମାତା ହୁଏ । ସେଥିପାଇଁ ମାତୃତ୍ୱର ପରିପୋଷଣୀ ଯାବତୀୟ ଶିକ୍ଷାରେ ନାରୀକୁ ଶିକ୍ଷିତା କରି ଗଢ଼ିବା ପ୍ରୟୋଜନ । ସନ୍ତାନ ଧାରଣର ପୂର୍ବେ ନାରୀର ଦେହ-ମନର ପ୍ରସ୍ତୁତି ପ୍ରୟୋଜନ । ଯେପରି ବୀଜ ବପନର ପୂର୍ବରୁ କ୍ଷେତ୍ରକୁ ପ୍ରସ୍ତୁତ କରି ନେବାକୁ ହୁଏ, ସେହିପରି ସନ୍ତାନ ଧାରଣର ପୂର୍ବରୁ ସର୍ବପ୍ରକାରେ ହିଁ ମାତାକୁ ପ୍ରସ୍ତୁତ କରିବାକୁ ହୁଏ । ଉତ୍କୃଷ୍ଟ ବୀଜର ତଦନୁପାତିକ ଫଳ ପାଇବାକୁ ହେଲେ କ୍ଷେତ୍ରକୁ ବଧିମାଫିକ ଯତ୍ନ

Digitized by PPRACHIN, SOA

ବୀଜର ସର୍ବତୋଭାବଶୀଘ୍ର ଓ ସମ୍ବର୍ଦ୍ଧନୀୟ ରୂପରେ ପ୍ରସ୍ତୁତ କରି ନେବାକୁ ହୋଇଥାଏ । ନଚେତ୍ ବା ସମସ୍ତ ପରିଶ୍ରମ ବୃଥା ହୁଏ । କେବଳ ମାତ୍ର ବୀଜକୁ ଅଙ୍କୁରିତ କରିବା ହିଁ କୃଷକର କର୍ତ୍ତବ୍ୟ ସୀମାବଦ୍ଧ ନୁହେଁ । ଅଙ୍କୁରରେ ବୀଜର ଯାବତୀୟ ଗୁଣ ସୁସମଞ୍ଜସ ରୂପରେ ଫୁଟାଇବା, ପ୍ରକୃତିଠାରୁ ସେହି ଅଙ୍କୁରରେ ଗୁରବିକ ବୈଶିଷ୍ଟ୍ୟ-ପରିପୋଷଣୀ ଉପାଦାନ ସଂଗ୍ରହ କରି ଅଙ୍କୁରର ଜୀବନ ଓ ବର୍ଦ୍ଧନର ଅନୁକୂଳ କରି ପରିବେଷଣ କରିବାର ଦାୟିତ୍ୱ ମଧ୍ୟ କୃଷକର । ଯାବତ୍ ବୃକ୍ଷ ଜୀବିତ ଥାଏ, ତାବତ୍ କୃଷକ ହିଁ ତାହାକୁ କେତେ ସ୍ନେହ, କେତେ ମମତାରେ ବକ୍ଷରେ ଧାରଣ କରି କୋଳକକ୍ଷର ଅନ୍ତରାଳରେ ତାହାର ଯାବତୀୟ ଜୀବନ-ବର୍ଦ୍ଧନୀୟ ରସ ବା ଉପାଦାନ ସରବରାହ କରିଥାଏ । ମାଟି ହିଁ ଜନନୀ । ସନ୍ତାନ ସୃଜନରେ ଓ ସନ୍ତାନ ପରିପାଳନରେ ଜନନୀର ଦାୟିତ୍ୱ ଓ କର୍ତ୍ତବ୍ୟ ସେଥିପାଇଁ ସୁଦୂରପ୍ରସାରୀ ଓ ଅପରିସୀମ । ସୁସନ୍ତାନ ମାନବ ଜୀବନର ପରମ ସମ୍ପଦ । ଦେଶ ଓ ଜାତିର ଏହା ପରମ କାମନାର ସାମଗ୍ରୀ । ସୁସନ୍ତାନ ଜାତିର ଭବିଷ୍ୟତ ଓ ଜାତିର ମେରୁଦଣ୍ଡ । ସେଥିପାଇଁ ସମଗ୍ର ଦେଶ ବା ଜାତି ଅର୍ଥାତ୍ ସମଗ୍ର ଦୁନିଆ ହିଁ ନାରୀ ନିକଟରୁ ସୁସନ୍ତାନ ଦାବୀ କରିଥାଏ । ନାରୀ ହିଁ ଜାତିର ସେହି ଦାବୀ ପୂରଣରେ ସମର୍ଥା—ଯଦି ସେ ଉପଯୁକ୍ତରୂପେ ଶିକ୍ଷିତା ହୁଏ । ଜଗତ୍ ସ୍ରଷ୍ଟାଙ୍କର ମହାନ୍ ଉଦ୍ଦେଶ୍ୟ ନାରୀର ମାତୃରୂପରେ ହିଁ ସମ୍ପୂର୍ଣ୍ଣତା ଲାଭ କରିଥାଏ । ସୃଷ୍ଟି, ସ୍ଥିତି, ପାଳୟିତ୍ରୀ ନାରୀ । ସମ୍ପୂର୍ଣ୍ଣଭାବରେ ନାରୀର ଶିକ୍ଷା ଓ ନୈପୁଣ୍ୟର ଉପରେ ନିର୍ଭର କରିଥାଏ, ମନୁଷ୍ୟ ଜୀବନର ସର୍ବାଙ୍ଗୀନତା ଓ ସର୍ବସାର୍ଥକତା । ସନ୍ତାନର ଶାରୀରିକ ଓ ମାନସିକ ଗଠନର ପରିମାପ ସାଧନ ଏକ ମାତ୍ର ମାତାର ହିଁ କୃତିତ୍ୱ । ସେଥିପାଇଁ ନାରୀ

Digitized by PPRACHIN, SOA

ଜନ୍ମ ଓ ଜାତିର ନିୟନ୍ତ୍ରୀ । ମନୁ କହିଛନ୍ତି—ମାତା, ପିତାଙ୍କଠାରୁ ଗରୀୟସୀ—"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" । ପିତାଙ୍କ ନିକଟରୁ ଶିଶୁ ତାହାର ବଂଶାନୁକ୍ରମିକତା ଓ ସହଜାତ ସଂସ୍କାର ସମସ୍ତ ଲାଭ କରିଥାଏ । କିନ୍ତୁ ତାହାର ସେହି ବଂଶାନୁକ୍ରମିକତା ଓ ସହଜାତ ସଂସ୍କାରରାଜି ତାହାର ଜୀବନର ଅନୁକୂଳ କରି ସୁବିନ୍ୟସ୍ତ ଓ ସୁସମ୍ବଦ୍ଧ କରିବାର ଦାୟିତ୍ୱ ମାତାର । ସେଇଥିପାଇଁ ମାତାର ଶିକ୍ଷା ଓ ଚରିତ୍ର ଯେ କେତେଦୂର ଉପଯୁକ୍ତ ଓ ନିଖୁଣ ହେବା ପ୍ରୟୋଜନ ତାହା ସହଜରେ ଅନୁମେୟ । ପୁରୁଷର ଶିକ୍ଷା ନିକଟରୁ ନାରୀର ଶିକ୍ଷା ଏହିଠାରେ ହିଁ ତଫାତ୍ । ନାରୀକୁ ଗୃହର କର୍ତ୍ତ୍ରୀ ହେବାକୁ ହେବ, ସନ୍ତାନର ଜନନୀ ହେବାକୁ ହେବ । ସେଇଥିପାଇଁ ବାହାରର ଶିକ୍ଷା ଅର୍ଥାତ୍ ସ୍କୁଲ କଲେଜର ଶିକ୍ଷା ତାହାକୁ ଯେତେ ଉନ୍ନତ କରି ଥାଉନା କାହିଁକି ଗୃହିଣୀ ହେବାର ଶିକ୍ଷା—ମାତା ହେବାର ନୈପୁଣ୍ୟ ଯଦି ତାହାର ନ ଥାଏ ତାହାର ଶିକ୍ଷା ଅସମ୍ପୂର୍ଣ୍ଣ ଓ ନିରର୍ଥକ ଅଟେ ନିଶ୍ଚୟ । ସେହି ଶିକ୍ଷା ତାହାର ନିଜ ଜୀବନରେ ଓ ଜାତିର ଜୀବନରେ କୌଣସି କଲ୍ୟାଣ ହିଁ ଆଣିପାରିବ ନାହିଁ । ସେଥିପାଇଁ ଏହି ଭାବରେ ଶିକ୍ଷିତା ଝିଅ ବିଦୁଷୀ ନାମର ହିଁ ଅଯୋଗ୍ୟା । କାରଣ ବାହାର କାର୍ଯ୍ୟପାଇଁ ପୁରୁଷ ହିଁ ଯଥେଷ୍ଟ, ସେଠାରେ ନାରୀର ଅନୁପ୍ରବେଶ ବିଶେଷ ପ୍ରୟୋଜନ ହୁଏ ନାହିଁ । ନାରୀର ପ୍ରୟୋଜନ ଗୃହରେ—ଗୃହାଧିଷ୍ଠାତ୍ରୀ ଦେବୀରୂପରେ । ଗୃହର ଉପଯୁକ୍ତା ହୋଇ ଦେଶ ଓ ଜାତିର ଶ୍ରଦ୍ଧାର ପାତ୍ରୀରୂପରେ ତାହାକୁ ଗଢ଼ି ଉଠିବାକୁ ହେବ । ସେତେବେଳେ ନର ଓ ନାରୀ ଉଭୟେ ଉଭୟଙ୍କର ପ୍ରତିଦ୍ୱନ୍ଦୀ ନ ହୋଇ, ହୋଇବେ ପରିପୂରକ, ସାନୁକମ୍ପୀ ସହାୟକ । ସେତେବେଳେ ଦେଶ ହସି ଉଠିବ ତାହାର ପୂର୍ବଗୌରବ ଓ ଐଶ୍ୱର୍ଯ୍ୟର ପୁନରାବିର୍ଭାବରେ ।

Digitized by PPRACHIN, SOA

ସତୀତ୍ୱ

ଯାହା ବଞ୍ଚିଥାଏ ଓ ଦୀପ୍ତି ପାଉଥାଏ ତାହା ହିଁ ସତ୍ୟ । ଏବଂ କେହି ବଞ୍ଚିଅଛି ସେତେବେଳେ କହିବ ଯେତେବେଳେ ସେ ସ୍ୱକୀୟ ବୈଶିଷ୍ଟ୍ୟ-ସମନ୍ୱିତ ହୋଇ ଦୀପ୍ତିମୟ ଜୀବନ ଯାପନରେ ସମର୍ଥ ହୋଇଛି । ଯାହାର ଜୀବନର ଦୀପ୍ତିରେ ଏବଂ ଔଜ୍ଜ୍ୱଲ୍ୟରେ, ଯାହାର ସଂସ୍ପର୍ଶରେ ଆଗତ ପ୍ରତି ପ୍ରତ୍ୟେକଙ୍କର ଜୀବନ ହିଁ ଅଳ୍ପ ବହୁତ ଦୀପ୍ତିମୟ ବା ଆଲୋକିତ ହୋଇଉଠେ—ଅନ୍ତତଃ ହେବାର ଆକାଂକ୍ଷା ଜଗେଇ ଦେଇଥାଏ—ବଞ୍ଚିବାର ଅଧିକାର ପୂର୍ଣ୍ଣମାତ୍ରାରେ କେବଳ ତାହାର ହିଁ ଅଛି କହିବ ଏବଂ ତାହାକୁ ହିଁ ସତ୍ୟ ବୋଲି ଅଭିହିତ କରିବ । ଆମ୍ଭେମାନେ ବର୍ତ୍ତମାନ ନାରୀ ଜାତିର ସତୀତ୍ୱ ସମ୍ବନ୍ଧରେ ଆଲୋଚନା କରିବା । ସତୀତ୍ୱ କାହାକୁ କହିବା ? ସତୀତ୍ୱର ଉପଯୁକ୍ତ ସଂଜ୍ଞା କଅଣ ? ବ୍ୟଷ୍ଟି ଜୀବନରେ ବା ସମଷ୍ଟି ଜୀବନରେ, ସମାଜ ଜୀବନରେ ବା ରାଷ୍ଟ୍ର ଜୀବନରେ ସତୀତ୍ୱର ପ୍ରୟୋଜନୀୟତା କେତେଟା; ସତୀତ୍ୱ ନାରୀ ଜୀବନକୁ ସୁଖ, ଶାନ୍ତି, ତୃପ୍ତି ଓ ଆନନ୍ଦ ପ୍ରଦାନ କରେ ଅଥବା ଏହା ନାରୀ ଜୀବନର ଗୋଟିଏ ବହୁ ପ୍ରାଚୀନ କୁସଂସ୍କାର ମାତ୍ର ? ଏହାକୁ ବିସର୍ଜନ ଦେଇ ଜୀବନକୁ ପରିପୂର୍ଣ୍ଣଭାବରେ ସୁଷମାମଣ୍ଡିତ କରି ଗଢି ତୋଳିବା କଅଣ ସମ୍ଭବ ? ପ୍ରାଚୀନ ଭାରତର ମନୀଷୀଗଣ ନାରୀ ଜୀବନରେ ସତୀତ୍ୱକୁ ଏତେ ପ୍ରାଧାନ୍ୟ ବା ଗୁରୁତ୍ୱ ଦେଇ ଅଛନ୍ତି କାହିଁକି ? କଅଣ ଏହାର ତାତ୍ପର୍ଯ୍ୟ ? ନାରୀର ବଞ୍ଚି ରହିବା ଓ ଦୀପ୍ତି ପାଇବା କଥା ଆମ୍ଭେମାନେ କଅଣ ବୁଝିବା ?

Digitized by PPRACHIN, SOA

କେଉଁଥିରେ ନାରୀ ବଞ୍ଚିଥାଏ ? କେଉଁଥିରେ ତାହାର ଜୀବନ ଶାନ୍ତି, ତୃପ୍ତି ଓ ଆନନ୍ଦରେ ଉଜ୍ଜ୍ୱଳ ହୋଇ ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ଗତିରେ ସେ ପାରିପାର୍ଶ୍ୱିକ ତାହାକୁ ଅମୃତର ଅଧିକାରିଣୀ କରି ଗଢ଼ି ତୋଳିଥାଏ ? ଯିଏ ନିଜ ଜୀବନର ସୁଖ ଶାନ୍ତି ପାଏ ନାହିଁ, ଯିଏ ସ୍ୱଭାବତଃ ହିଁ ଅପରକୁ ସୁଖ, ଶାନ୍ତି ଓ ତୃପ୍ତି ଦେଇପାରେ ନାହିଁ । ଯାହାର ଜୀବନ ମରୁଭୂମି ସଦୃଶ ନୀରସ ଓ ଅତୃପ୍ତ, ତାହାର ସଂସ୍ପର୍ଶରେ ଗଲେ ଦେହ-ମନର ଜ୍ୱାଳା ହିଁ କେବଳ ଅନୁଭୂତ ହୁଏ, ତୃପ୍ତି ମିଳେ ନାହିଁ । ସେଇଥିପାଇଁ ନାରୀର ସାହଚର୍ଯ୍ୟରେ ତୃପ୍ତି ପାଇବାକୁ ହେଲେ ସର୍ବପ୍ରଥମେ ଆମ୍ଭମାନଙ୍କୁ ଦେଖିବାକୁ ହେବ ନାରୀ କଣ ଚାହେଁ । କେଉଁଥିରେ ତାହାର ଜୀବନ ସ୍ୱାଭାବିକ ଓ ଅବ୍ୟାହତ ହୁଏ । ତେବେ ହିଁ ନାରୀଠାରୁ ତାହାର ଗୃହ, ସମାଜ ଓ ଦେଶ ଜୀବନ ବୃଦ୍ଧିର ଯାହା କିଛି ଆବଶ୍ୟକୀୟ ଉପାଦାନ ତାହା ଲାଭ କରିପାରିବ ।

"Man's love is of man's life a thing apart. It is woman's whole existence."

ପୁରୁଷ ଜୀବନରେ ବହୁମୁଖୀନ କର୍ତ୍ତବ୍ୟର ଦାୟିତ୍ୱ ଅଛି । ବାହାର ବିଶ୍ୱରେ ତାହାର ସୁବିସ୍ତୃତ କର୍ମକ୍ଷେତ୍ର, ଜୀବନର ଅଧିକାଂଶ ସମୟ ତାହାକୁ ବାହାରେ ରହିବାକୁ ହୁଏ, ବାହାର ଜୀବନରେ ହିଁ ସେ ବେଶୀ ଅଭ୍ୟସ୍ତ । ଗୃହ ତାହାର ଅବସର ବିନୋଦର ସ୍ଥାନ । ସେଥିପାଇଁ ସେ ଭଲପାଇବା ନପାଇଲେ ପୁରୁଷ ପକ୍ଷରେ ବଞ୍ଚିରହିବା ଯଦିବା ସମ୍ଭବ ହୁଏ, କିନ୍ତୁ ନାରୀ ପକ୍ଷରେ ପ୍ରେମହୀନ ଜୀବନ ଯାପନ କରିବା ଅସମ୍ଭବ । ଭଲପାଇବା ବିହୀନ ଜୀବନ ନାରୀ ପକ୍ଷରେ ଅଭିଶାପ ।

Digitized by PPRACHIN, SOA

Love is woman's whole life· ନାରୀର ସମସ୍ତ ଜୀବନ ଭଲ ପାଇବା । ନାରୀ ଗୃହକୁ ଭଲପାଇବା; ଭଲପାଏ ମଧ୍ୟ, ଭଲ ପାଇବା ନାରୀର ଜୀବନକୁ ନିୟନ୍ତ୍ରିତ କରେ । ସୁତରାଂ ନାରୀକୁ ବଞ୍ଚାଇବାକୁ ହେଲେ, ତାହାଠାରୁ ଜାତିକୁ ବଞ୍ଚିବାର ଉପାଦାନ ସଂଗ୍ରହ କରିବାକୁ ହେଲେ, ନାରୀ-ଜୀବନର ମୂଳରେ ପ୍ରେମବାରି ସିଂଚନର ପ୍ରୟୋଜନ । ସର୍ବଶ୍ରେଷ୍ଠ ଜୀବନ-ପୋଷଣୀୟ ପ୍ରେମ ନାରୀ କେଉଁଠି ପାଏ ଆମ୍ଭେମାନେ ଦେଖିବା । ନାରୀ-ଜୀବନରେ ଚରମ ଓ ପରମ କାମନାର ସାମଗ୍ରୀ ହେଲା ସ୍ୱାମୀ-ପ୍ରେମ । ସ୍ୱାମୀ-ପ୍ରେମ ଲାଭରେ ନାରୀ ଯଦି ତୃପ୍ତ ହୁଏ, କୃତାର୍ଥ ହୁଏ, ବାହାରର ଶତ-ସହସ୍ର ବାଧା-ବିଘ୍ନ-ବିପତ୍ତିକୁ ସେ ଉପେକ୍ଷା କରି ତାହାର ପାରିପାର୍ଶ୍ୱିକକୁ ଜୀବନର ସ୍ୱତଃସ୍ଫୂର୍ତ୍ତି ସ୍ପନ୍ଦନ ଜଗାଇ ଦେଇପାରେ—ସଂସାର ଜୀବନରେ କଲ୍ୟାଣ ବହନ କରି ସେ କଲ୍ୟାଣୀ ନାମ ସାର୍ଥକ କରିପାରେ । ସ୍ୱାମୀ-ପ୍ରେମ ଅତୃପ୍ତା ନାରୀ ପାର୍ଥିବ କୌଣସି ସଂପଦ ଦେଇ ତାହାର ହୃଦୟର କ୍ଷତ ଅନ୍ୟ କୌଣସିଥିରେ ନିରାମୟ କରିପାରେ ନାହିଁ । ଅନ୍ୟ କୌଣସି ଭଲପାଇବାର ଦାମ ମଧ୍ୟ ତାହା ନିକଟରେ ନିରର୍ଥକ, ଅସାର, ଅପ୍ରୟୋଜନୀୟ । ସେଇଥିସକାଶେ ପୁତ୍ରବତୀ ବିପୁଳ ବିତ୍ତଶାଳିନୀ ନାରୀ ଯଦି ବିଧବା ହୁଏ, ସେ ହୁଏ ଅନାଥିନୀ, ଦୁର୍ଭାଗିନୀ ।

ସ୍ୱାମୀ ନାରୀର ଅସ୍ତିତ୍ୱ । ସ୍ୱାମୀ-ପ୍ରେମ ନାରୀର ପ୍ରାଣ-ପ୍ରବାହ । ସ୍ୱାମୀକୁ କହନ୍ତି "ବର" । "ବର" କଥାର ଅର୍ଥ 'ବରଣୀୟ'—ପିଏ ଯେଉଁ ନାରୀର, ନିଜର ଓ ତାହାର ପିତୃ ପୁରୁଷଗଣଙ୍କର ବରଣୀୟ । ସେ ସେହି ନାରୀର ବର ହେବାର

Digitized by PPRACHIN, SOA

ଯୋଗ୍ୟ । ସେଥିପାଇଁ ନାରୀଠାରୁ ସର୍ବତୋଭାବରେ ଶ୍ରେଷ୍ଠ ପୁରୁଷ ହିଁ ସେହି ନାରୀର ସ୍ୱାମୀ ହୋଇପାରିବେ, ଏବଂ ସେହି ସ୍ୱାମୀର ପ୍ରତି ଏକନିଷ୍ଠ ସର୍ବସ୍ୱ ହୃଦୟରୁ ଅଜାଡ଼ି ଦେଇଥିବା ପ୍ରେମ ହିଁ ନାରୀକୁ କରିପାରେ ଉନ୍ନତ ଓ କଲ୍ୟାଣ ପ୍ରସବିନୀ । କାରଣ ଶ୍ରେଷ୍ଠଙ୍କ ପ୍ରତି ସହଜ ଭକ୍ତି ଓ ଭଲପାଇବାରୁ ମନୁଷ୍ୟ ଯେତେ-ବେଳେ କର୍ମି ତତ୍ପର ହୋଇଉଠେ, ସେତେବେଳେ ସତ୍ତାରେ ହିଁ ଉତ୍କର୍ଷ ଜନ୍ମେ । ଏବଂ ତାହା ଭଲ ପାଇବା ପ୍ରସୂତ ହୋଇଥିବାରୁ, ସତ୍ତାରୁ ସ୍ୱତଃ ଉଦ୍ଭାରିତ ହୋଇଥିବାରୁ ତାହାହେଲେ ତାର ନିଜସ୍ୱ ସମ୍ପଦ । ସେଥିପାଇଁ ଏହି ପ୍ରକାର ଉତ୍କର୍ଷ ମନୁଷ୍ୟର ଜୀବନକୁ ନୂତନ କରି ଗଢ଼ି ଉନ୍ନତିରେ ଅବାଧ କରି ତୋଳେ । ଏବଂ ଶ୍ରେଷ୍ଠର ପ୍ରତି ଆସକ୍ତିରେ ମସ୍ତିଷ୍କରେ ଗୋଟାଏ ଧାରା ପ୍ରବାହିତ ହେଉଥାଏ । ସେଥିନିମିତ୍ତ ମନୁଷ୍ୟର ମସ୍ତିଷ୍କ ବିଶେଷଭାବରେ ଶିକ୍ଷା ପ୍ରବଣ ଓ ଗ୍ରହଣକ୍ଷମ ହୁଏ । ସତ୍ତାଟାରେ ଭଲ ପାଇବା ଜନ୍ମିଲେ ହିଁ, ପ୍ରେମାସ୍ପଦକୁ ଅନୁସରଣ କରିବାର ପ୍ରବୃତ୍ତି ଜନ୍ମେ ଏବଂ ଏଇ ପ୍ରେମାସ୍ପଦ ଯଦି ସର୍ବାଂଶରେ ଶ୍ରେଷ୍ଠ ହୁଅନ୍ତି ତେବେ ମନୁଷ୍ୟ ସ୍ୱଭାବତଃ ହିଁ ଅତି ସହଜରେ ଉନ୍ନତିକୁ ଆଲିଙ୍ଗନ କରିପାରନ୍ତି, ସେତେବେଳେ ହିଁ ତାହାଙ୍କଠାରେ ସତ୍ଭାବ ଅଙ୍କୁରିତ ହୋଇଥାଏ । ଏହିଭାବରେ ପ୍ରେମ ଯଦି ଏକନିଷ୍ଠ ଓ ଅସ୍ଖଳିତ ହୁଏ ତା ହେଲେ ନାରୀ ସେତେବେଳେ ହିଁ ସତୀ ପଦବାଚ୍ୟ ହୁଏ । ଏହା ଅତସୀ ଜାତ ସଦୃଶ ଜୀବନକୁ ଆଲୋକିତ କରିଥାଏ । ସେତେବେଳେ ସେମାନେ ତାଙ୍କର ସାନିଧରେ ଆଗତ ଜନ ମଧ୍ୟ ତାହାଙ୍କ ନିକଟରୁ ଜୀବନୀୟ ଉପାଦାନ ଲଭ କରିବାକୁ ସକ୍ଷମ ହୁଏ । ସେଥିପାଇଁ ନାରୀ ସତୀତ୍ୱକୁ ଜୀବନର ଶ୍ରେଷ୍ଠ ସମ୍ପଦରୂପେ ମନୀଷୀଗଣ ଗଣ୍ୟ କରିଅଛନ୍ତି । ପତି ଯାହାର

Digitized by PPRACHIN, SOA

ପ୍ରାର୍ଥନୀୟ, ପତିକୁ ସେମାନେ ହିଁ ସଦିଚ୍ଛାଭାବରେ ସ୍ୱୀକାର କରିବା ହିଁ ଯେଉଁମାନଙ୍କର ସାଧନା— ପତିକୁ ଆଶ୍ରାକରି ଯିଏ ଜୀବନ ଧାରଣ କରିଥାଆନ୍ତି ସେ ହିଁ ପତିବ୍ରତା ବା ପତିପରାୟଣା । ପତିର ଯେ କୌଣସି ଚଳନ ବା ମତକୁ ଯେଉଁ ସ୍ତ୍ରୀ ଆନ୍ତରିକଭାବରେ ସମର୍ଥନ କରନ୍ତି ବା ମାନିକରି ଚଳୁଥାଆନ୍ତି, ଅନ୍ତତଃ ବାଧା ଦିଅନ୍ତି ନାହିଁ, ତାହାଙ୍କର ସତ୍-ଅସତ୍ କୌଣସି ପଥରେ ହିଁ ଯିଏ ଅନ୍ତରାୟ ହୁଅନ୍ତି ନାହିଁ, ବରଂ ସାଧ୍ୟାନୁଯାୟୀ ସାହାଯ୍ୟ କରନ୍ତି, ଏପରିକି ପ୍ରୟୋଜନ ହେଲେ ସ୍ୱାମୀର ଯେ କୌଣସି ପ୍ରବୃତ୍ତି ପରିତୃପ୍ତିର ସକାଶେ ହସମୁଖରେ ପ୍ରାଣ ବିସର୍ଜନ ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ, ପାତିବ୍ରତ୍ୟ ତାହାଙ୍କଠାରେ ହିଁ ସ୍ୱାର୍ଥକ ହୋଇଅଛି ।

କିନ୍ତୁ ସତୀ ଓ ପତିବ୍ରତାରେ କିଞ୍ଚିତ୍ ପାର୍ଥକ୍ୟ ଅଛି । ସତୀ କେତେବେଳେ ସ୍ୱାମୀର ଅନ୍ୟାୟ ବା ଅସତ୍ କର୍ମକୁ ସମର୍ଥନ କରେ ନାହିଁ । ସାହାଯ୍ୟ କରିବା ତ ଦୂରର କଥା । ସ୍ୱାମୀର ଜୀବନ ଓ ବୃଦ୍ଧିର ଯାହା ପ୍ରତିକୂଳ, ସତୀ ନାରୀ ପ୍ରାଣଗଲେ ମଧ୍ୟ ତାହାକୁ ସମର୍ଥନ କରିବେ ନାହିଁ; ସ୍ୱାମୀର ଉନ୍ନତି ନିମିତ୍ତ, ସ୍ୱାମୀର ପ୍ରତିଷ୍ଠା-ପାଇଁ, ସ୍ୱାମୀର ବିରୁଦ୍ଧାଚରଣ କରିବାକୁ ସତୀ ନାରୀ ପରାଙ୍ମୁଖ ହୁଏ ନାହିଁ । ଏହା ହିଁ ସତୀର ବୈଶିଷ୍ଟ୍ୟ । ସତୀତ୍ୱର ପରମ ଓ ଚରମ ବିକାଶ ଆମ୍ଭେମାନେ ଦେଖିବାକୁ ପାଉଁ ଦକ୍ଷରାଜ ଦୁହିତା ଉମାଙ୍କ ଚରିତ୍ରରେ । ସତୀରାଣୀ ନାମ ତାହାର ସାର୍ଥକ । ସ୍ୱାମୀଙ୍କ ପ୍ରତିଷ୍ଠା ପାଇଁ, ବାହାର ବିଶ୍ୱରେ ସ୍ୱାମୀକୁ ଈଶ୍ୱର ଉଦ୍ଦେଶ୍ୟରେ ସେ ସ୍ୱାମୀର ଇଚ୍ଛାକୁ ଗ୍ରହଣ କରି ନାହାନ୍ତି । ଯିଏ ପତିକୁ ଲାଭ କରିବା ପାଇଁ ନିଜର ପ୍ରାଣ ତୁଚ୍ଛକରି କଠୋର ସାଧନାରେ ଦେହ କ୍ଷୟ କରିବାକୁ ଉଦ୍ୟତ ହୋଇଥିଲେ ସେ ହିଁ ପ୍ରାଣସର୍ବସ୍ୱ ପତିକୁ ଅମାନ୍ୟ

Digitized by PPRACHIN, SOA

କରି, ତାଙ୍କର ପ୍ରତିଷ୍ଠା ନିମିତ୍ତ ଦେହତ୍ୟାଗ କରି ଭାରତର ପ୍ରତି ଦିଗରେ 'ବାଉନ' ପୀଠସ୍ଥାନ ସୃଷ୍ଟି କରି ଯାଇଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଭାରତରେ "ପୁରୁଷ ଆଦର୍ଶ ସର୍ବତ୍ୟାଗୀ ଶଙ୍କର" ଏବଂ ନାରୀଙ୍କ ଆଦର୍ଶ ସତୀରାଣୀ ଉମା ।

ସତୀ ନାରୀର ସମସ୍ତ ବୃତ୍ତି ସ୍ୱାମୀଠାରେ ହିଁ ସମାହିତ, ସ୍ୱାମୀଠାରେ ହିଁ ସାର୍ଥକ, ସ୍ୱାମୀର ସାନ୍ନିଧ୍ୟ ବା ସ୍ୱାମୀର ତୃପ୍ତି ବ୍ୟତୀତ କୌଣସି ପ୍ରବୃତ୍ତିର ଅସ୍ତିତ୍ୱ ହିଁ ସେ ଅନୁଭବ କରେ ନାହିଁ । ବୃତ୍ତିଗୁଡ଼ିକ ଏକମୁଖୀନ ବୋଲି ସେଗୁଡ଼ିକ ହୁଏ ସଂହତ ଓ ସ୍ୱାଭାବିକ ଏବଂ ତାହା ସମାଜ ଓ ସଂସାରରେ କଲ୍ୟାଣ ହିଁ ପ୍ରସବ କରିଥାଏ । ସେଇଥିପାଇଁ ସତୀତ୍ୱ ନାରୀର ଧର୍ମ । ଏହାରି ଉପରେ ଦଣ୍ଡାୟମାନ ତାଙ୍କର ନିଜର ଉତ୍କର୍ଷ, ସାମାଜିକ ଉତ୍କର୍ଷ ତଥା ସମଗ୍ର ଦେଶର ଜୀବନ ଓ ବୃଦ୍ଧି ନିର୍ଭର କରୁଅଛି ।

Digitized by PPRACHIN, SOA

ନାରୀ ରୋଷାଇ ଘରେ

ଜୀବ ମାତ୍ର ହିଁ ଦେହ ଓ ମନର ଅଧିକାରୀ । ଏବଂ ସେଇ ଦେହ ଓ ମନ ପରସ୍ପର ଅବିଚ୍ଛେଦ୍ୟ ସମ୍ବନ୍ଧରେ ଆବଦ୍ଧ । ଗୋଟିକର ଶୁଭାଶୁଭ ଉପରେ ଅପରର ଶୁଭାଶୁଭ ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି—ନିର୍ଭରଶୀଳ । ଦେହ ଯଦି ଅସୁସ୍ଥ ହୁଏ ସଙ୍ଗେ ସଙ୍ଗେ ମନ ମଧ୍ୟ କମ୍-ବେଶୀ ପୀଡ଼ିତ ହୋଇଥାଏ । ଏହା ନିତ୍ୟ-ନୈମିତ୍ତିକ ବ୍ୟାପାର ସ୍ୱତଃସିଦ୍ଧ । ପୁନଶ୍ଚ ମନ ଅସୁସ୍ଥ ହୋଇଲେ ଦେହ ମଧ୍ୟ ଆମ୍ଭେମାନେ ପୀଡ଼ାବୋଧ କରିଥାଉ—ସମସ୍ତ ଦୁନିଆ ହିଁ ବିସ୍ୱାଦ ଓ ବିରସ ହୋଇଥାଏ ।

ଏହାପରେ ମଧ୍ୟ ମନର ଅଭିବ୍ୟକ୍ତି ବା ମନର ଆତ୍ମପ୍ରକାଶ କ୍ଷୁଦ୍ର ପ୍ରାଣୀ ଅପେକ୍ଷା ମନୁଷ୍ୟର ମଧ୍ୟରେ ବେଶୀ ପ୍ରକଟ । ଜୀବ ଜଗତରେ କୀଟ ପତଙ୍ଗରୁ ଆରମ୍ଭ କରି ପ୍ରତ୍ୟେକ ଚେତନ ପ୍ରାଣୀର ହିଁ ସ୍ୱ ସ୍ୱ ଭାଷା ବର୍ତ୍ତମାନ । ଏବଂ ସେମାନଙ୍କର ସେହି ଭାଷାର ସାହାଯ୍ୟରେ ଅଥବା ଆକାର ଇଙ୍ଗିତଦ୍ୱାରା ସେମାନେ ନିଜ ନିଜର ମନର ଭାବ ବା ଆଶା-ଆକାଙ୍କ୍ଷା ପ୍ରକାଶ କରିଥାଆନ୍ତି । ସାଧାରଣ ମନୁଷ୍ୟ ନିଜର ଅଜ୍ଞତାର ବା ଅକ୍ଷମତାର ନିମିତ୍ତ ସେହି ଭାବର ସହିତ ସମ୍ୟକ୍ ପରିଚିତ ନୁହନ୍ତି । ଆମ୍ଭେମାନେ ମନୁଷ୍ୟ, ଆମ୍ଭେମାନେ ସାଧାରଣତଃ ମନୁଷ୍ୟ ଭାବର ସହିତ କମ୍-ବେଶୀ ପରିଚିତ । ସେଥିସକାଶେ ଆମ୍ଭେମାନେ ଏଠାରେ ମନୁଷ୍ୟ ସମ୍ବନ୍ଧରେ ଆଲୋଚନା କରିବା । ମନୁଷ୍ୟକୁ ଭଲଭାବରେ ବଞ୍ଚି ରହିବାକୁ ହେଲେ, ଏହି ଜଗତର ସୁଖ ଶାନ୍ତି ଭୋଗ କରିବାକୁ ହେଲେ, ତାହାର ଦେହ ଓ ମନର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରଖିବା

Digitized by PPRACHIN, SOA

ପ୍ରୟୋଜନ । ଜାଗତିକ କ୍ଷୟ ଓ କ୍ଷତିକୁ ପୂରଣ କରିବାକୁ ହେଲେ ପ୍ରୟୋଜନ ଉପଯୁକ୍ତ ପୁଷ୍ଟିର ସନ୍ଧାନ; ଏବଂ ଏହି ପ୍ରୟୋଜନୀୟ ପୁଷ୍ଟି ଆମ୍ଭେମାନେ ପାଉଛୁ, ଅନ୍ନର ଆହାର୍ଯ୍ୟ ମଧ୍ୟରୁ । ବର୍ତ୍ତମାନ କେଉଁପ୍ରକାରେ ଓ କେତେଟି କିଏ ଖାଦ୍ୟ କେତେବେଳେ ଏବଂ କେଉଁଭାବରେ ଗ୍ରହଣ କଲେ ଆମ୍ଭମାନଙ୍କର ଜୀବନ-ବର୍ଦ୍ଧନ ପକ୍ଷରେ ତାହା ଅନୁକୂଳ ହୋଇବ ? ଏବଂ କିଏ ବା ତାହା ନିର୍ଦ୍ଧାରଣ କରିଦେବେ ? କିଏ ଆମ୍ଭମାନଙ୍କର ମନ ସମ୍ମୁଖରେ ଆମ୍ଭମାନଙ୍କର ଅତ୍ୟାବଶ୍ୟକୀୟ ଜୀବନୀୟ ଆହାର୍ଯ୍ୟ ତୋଳି ଧରିବାକୁ ସକ୍ଷମ ? କାହାର ଦୃଷ୍ଟିରେ ଆମ୍ଭମାନଙ୍କର ସସ୍ନେହ ସାନୁକମ୍ପ ଅମୃତ ନିଃସରଣୀ ଦୃଷ୍ଟି ଆମ୍ଭମାନଙ୍କର ମନର କ୍ଷୁଧା ପରିତୃପ୍ତ କରିପାରିବେ ? କାହାର ହସ୍ତର ସ୍ୱତଃସ୍ନେହ ଦରଦଭରା ସଞ୍ଜ-ପୋଷଣୀ ଆହାର୍ଯ୍ୟ ପରିବେଷଣରେ ଆମ୍ଭମାନଙ୍କର ଦୈହିକ କ୍ଷୁଧାର ପରିସମାପ୍ତି ଘଟାଇପାରେ ? ତାହା ନିର୍ଦ୍ଧାରଣ କରିବାର ଚେଷ୍ଟା ହିଁ ହେବ ଆମ୍ଭମାନଙ୍କର ଏହି ଆଲୋଚନାର ପ୍ରଧାନ ଉଦ୍ଦେଶ୍ୟ ।

ଏହି ଜଗତରେ ସହିତ ପ୍ରଥମ ପରିଚୟର ଦିନରେ ଯିଏ ଆମ୍ଭମାନଙ୍କର ଚେତନାର ଜଗତରେ ସର୍ବପ୍ରଥମ ପ୍ରକଟିତା ହେଲେ ସେ ହିଁ ଆମ୍ଭମାନଙ୍କର ଜନନୀ । ଜନନୀର ନିରଳସ, ଅନୁସନ୍ଧିତ୍ସୁ, ସ୍ନେହଳସିକ୍ତ ପରିଚର୍ଯ୍ୟା ଆମ୍ଭମାନଙ୍କର ସମସ୍ତ ବୃହିଦାରେ ସବୁ ପ୍ରୟୋଜନରେ ଯଥୋପଯୁକ୍ତ ପରିପୂରଣରେ ସମର୍ଥ । ଜନନୀର ପ୍ରଜ୍ଞା ହିଁ କେବଳ ବୁଝିପାରେ ତାହାର ଶିଶୁର କେତେବେଳେ କଅଣ ପ୍ରୟୋଜନ । କେଉଁଥିରେ ଶିଶୁ ଶାରୀରିକ ଓ ମାନସିକ ଉଭୟ ଦିଗରେ ସୁସ୍ଥ ରହିବ, ନିଃସନ୍ଦେହରେ ତାହା

Digitized by PPRACHIN, SOA

ଶିଶୁର ଜନନୀ ହିଁ ବେଶୀ ବୁଝିବେ । କେଉଁ ପ୍ରକାର ଖାଦ୍ୟ, କେତୋଟି କଏ, ଏବଂ କେବେ, କେତେବେଳେ ଶିଶୁର ସ୍ୱାସ୍ଥ୍ୟ ପକ୍ଷରେ ବେଶୀ ଉପଯୋଗୀ, ତାହା ଶିଶୁର ଜନନୀ ବ୍ୟତୀତ ଆଉ କେହି ବୁଝିବାକୁ ସକ୍ଷମ କି ? ସେଇଥିପାଇଁ ଅତି ଶୈଶବକାଳରୁ ଶିଶୁ ତାହାର ଜନନୀର ହସ୍ତରୁ ଖାଦ୍ୟ ଗ୍ରହଣ କରିବାକୁ ଅଭ୍ୟସ୍ତ ହୁଏ । ଶିଶୁ ଭୂମିଷ୍ଠ ହେବା ପୂର୍ବରୁ ଜଗନ୍ମାତା ଜନନୀର ବୁକୁରେ ଶିଶୁମାନଙ୍କ ଜୀବନାୟୁ ଆହାର୍ଯ୍ୟ ସଞ୍ଚିତ କରି ରଖିଅଛନ୍ତି । ଭଗବାନ ହିଁ ଶିଶୁର ଆହାର ପରିବେଷଣର ଭାର ଓ ଦାୟିତ୍ୱ ସମସ୍ତ ଜନନୀର ହସ୍ତରେ ଅର୍ପଣ କରିଅଛନ୍ତି । ଭଗବତ୍ ପ୍ରଦତ୍ତ ଏଇ ମହାନ୍ କର୍ତ୍ତବ୍ୟର ଦାୟିତ୍ୱ ଜନନୀ ଯଦି ନିଷ୍ଠାର ସହିତ ଆଜୀବନ ପ୍ରତିପାଳନ କରିଯାଆନ୍ତି, ତାହାର ସନ୍ତାନର ଦେହ ଓ ମନର, ସ୍ୱାସ୍ଥ୍ୟର ଦ୍ୟୁତିରେ ହିଁ ସେ ତାହାର ଉପଯୁକ୍ତ ପୁରସ୍କାର ଲାଭ କରିବେ ଏହା ନିଶ୍ଚୟ ।

"ସ୍ୱାସ୍ଥ୍ୟ କ୍ଷୁଧା ବୁଝି ତେବେ
ପିଲାପିଲାଙ୍କ ଖାଦ୍ୟ ଦେବୁ,
ତା ନ ହେଲେ ହିଁ ଜାଣିଥା ତାଙ୍କ
ରୋଗର ପୂଜାରେ ଦିନ ଯାପିବୁ ।"

—ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ସେଥିପାଇଁ ସନ୍ତାନ-ସନ୍ତତିର ସ୍ୱାସ୍ଥ୍ୟ, କ୍ଷୁଧା ଓ ରୁଚି ପ୍ରଭୃତିର ସହିତ ଅନୁଧାବନ କରି ନିପୁଣତାର ସହିତ ଆହାର୍ଯ୍ୟର ବ୍ୟବସ୍ଥା କରିବା ମାତାର ହିଁ ଦାୟିତ୍ୱ ଓ କର୍ତ୍ତବ୍ୟ । ସେହି କ୍ଷେତ୍ରରେ ସେ ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଲେ ଆଶାନୁରୂପ ସୁଫଳ

Digitized by PPRACHIN, SOA

ପାଇବେ ନାହିଁ; ତେବେ କେବଳ ତ ଦୂରର କଥା ମାତା ବ୍ୟତୀତ ଅପର କେହି ନିକଟ ଆତ୍ମୀୟ ମଧ୍ୟ ସବୁ ସମୟରେ ଶିଶୁମାନଙ୍କର ରୁଚି ଓ ସ୍ୱାସ୍ଥ୍ୟ ବୁଝି ଆହାର୍ଯ୍ୟ ପରିବେଷଣ କରିବାକୁ ସମର୍ଥ ହେବେ ନାହିଁ । ଏବଂ ଶିଶୁଗଣ ମଧ୍ୟ ମାତାର ହସ୍ତରେ ନଖାଇଲେ ଖୁସୀ ହେବେ ନାହିଁ, ସେମାନେ ମାତାର ହସ୍ତରୁ ଖାଇଲେ ବେଶୀ ତୃପ୍ତି ଓ ସନ୍ତୋଷ ବୋଧ କରନ୍ତି, ଏବଂ ଏହିଥିରେ ହିଁ ତାଙ୍କର ଦେହ ଓ ମନର ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହିବାର ସମ୍ଭାବନା ।

ଏହାପରେ ଶିଶୁ ଧୀରେ ଧୀରେ ଯୌବନରେ ପଦାର୍ପଣ କରି ସେ କ୍ରମେ କ୍ରମେ ଜଣେ ସମ୍ପୂର୍ଣ୍ଣ ମନୁଷ୍ୟ ହୋଇ ଦଣ୍ଡାୟମାନ ହୁଏ । ଉତ୍ତର କାଳରେ ତାହାର ଜୀବନରେ ବଧୂର ଆଗମନ ଘଟେ । ଶ୍ୱଶ୍ରୂମାତା ଧୀରେ ଧୀରେ ତାହାର ପୁତ୍ରବଧୂକୁ ସଂସାରର ଯାବତୀୟ କର୍ତ୍ତବ୍ୟରେ ନିଜର ସହାୟକରୂପରେ ଗଢ଼ି ତୋଳନ୍ତି । ସଂସାରର ପ୍ରତିଟି ପ୍ରାଣୀର ସ୍ୱଭାବ, ରୁଚି ଓ ଶାରୀରିକ ଓ ମାନସିକ ଭାବଧାରାର ସହିତ ବଧୂ କ୍ରମେ କ୍ରମେ ପରିଚିତା ହୋଇ ଉଠନ୍ତି । ସେତେବେଳେ ବଧୂ ହିଁ ଧୀରେ ଧୀରେ ହୋଇ ଉଠନ୍ତି ସଂସାରର କର୍ତ୍ତ୍ରୀ ଓ ପାଳୟିତ୍ରୀ । ସ୍ୱାମୀ ବଧୂର ପ୍ରିୟତମ, ସ୍ୱାମୀର ପରିଜନମାନେ ହିଁ ତାହାର ପ୍ରିୟତମ ଆତ୍ମୀୟ । ସେମାନଙ୍କର ଜୀବନ ଓ ବର୍ଦ୍ଧନ ତାହାର ସ୍ୱାର୍ଥ । ସ୍ୱାମୀ ଓ ସ୍ୱାମୀର ପ୍ରିୟ ପରିଜନମାନେ ଯେଉଁଥିରେ ସୁସ୍ଥ ରହିବେ, ବଧୂ ସ୍ୱଭାବତଃ ସେଥିପାଇଁ ଯତ୍ନବତୀ ହୁଅନ୍ତି । ଭଲ ପାଇବାର ସାର୍ଥକ ହେଲା ବଧୂ ପ୍ରିୟକୁ ନିଜ ହସ୍ତରେ ପରିଚର୍ଯ୍ୟା କରି ତୃପ୍ତ ହେବା । ଭଲ ପାଇବାର ପାତ୍ରକୁ ନିଜ ହସ୍ତରେ ସେବା ଶୁଶ୍ରୂଷା ନକରିଲେ ତୃପ୍ତି ଆସେ—ଅପର ହସ୍ତରେ ସେ ଭାର ଦେଲେ ତୃପ୍ତି ସେ

Digitized by PPRACHIN, SOA

ପାଏନାହିଁ; ମନ କେତେବେଳେ ନିଶ୍ଚିନ୍ତ ହୋଇପାରେ ନାହିଁ । ନିଜ ହସ୍ତରେ ପ୍ରିୟର ସମସ୍ତ ସ୍ପୃହା ପୂରଣ କରିଲେ ମନର ପ୍ରଶାନ୍ତି ଘଟେ ଏହା ହିଁ ଭଲ ପାଇବାର ବୈଶିଷ୍ଟ୍ୟ । ସେଥିପାଇଁ ନାରୀ ନିଜ ହସ୍ତରେ ପ୍ରିୟ ପରମର ସେବାର ଭାର ସ୍ୱତଃ ସ୍ୱେଚ୍ଛା ଭାବରେ ଗ୍ରହଣ କରିଥାଏ । ଏବଂ ଏହିଥିରେ ହିଁ ତାହାର ପ୍ରକୃତ ଆନନ୍ଦ ଓ ଶାନ୍ତି । ନାରୀ ଧାତୁର ଅର୍ଥ ବୃଦ୍ଧି ପ୍ରାପ୍ତି କରାଇବା । ବୃଦ୍ଧି କରାଇବା ହେଲା ନାରୀର ଧର୍ମ ଏବଂ ଏହିଥିରେ ହିଁ ସେ ଆନନ୍ଦ ପାଏ । ଏହା ହିଁ ହେଲା ତାର ବୈଶିଷ୍ଟ୍ୟ । ବୃଦ୍ଧି ପାଇବାକୁ ହେଲେ ଅଥବା ବଞ୍ଚିବାକୁ ହେଲେ ସର୍ବପ୍ରଥମ ଆମ୍ଭମାନଙ୍କର ପ୍ରୟୋଜନ ଉପଯୁକ୍ତ ଆହାର । ସେଥିପାଇଁ ଉପଯୁକ୍ତ ଆହାର୍ଯ୍ୟ ପ୍ରସ୍ତୁତ ଓ ତାହାର ଯଥୋପଯୁକ୍ତ ପରିବେଷଣର ସମସ୍ତ ଭାର ଓ ଦାୟିତ୍ୱ ନାରୀର ହସ୍ତରେ ନ୍ୟସ୍ତ ହେବା ହିଁ ସ୍ୱାଭାବିକ ଓ କଲ୍ୟାଣକର । ସେଇଥି ସକାଶେ ସର୍ବଦେଶରେ ଓ ସର୍ବକାଳରେ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ହିଁ ନାରୀ ହସ୍ତରେ ରୋଷେଇ ଘରର ସମସ୍ତ ଭାର ଅର୍ପଣ କରିଅଛନ୍ତି । ଏହା ହିଁ ହେଲା ବିଧାନ । ପ୍ରୟୋଜନାନୁସାରେ ନାରୀ ବାହାରର ଯେ କୌଣସି କାର୍ଯ୍ୟ କରୁ ନା କାହିଁକି, ସଂସାର ହିଁ ତାହାର ସ୍ୱାଭାବିକ କର୍ମକ୍ଷେତ୍ର । ରୋଷାଇ ଘରେ ତାହାର ଗୃହିଣିକ ଗୁଣ ବା ନିପୁଣତା ପ୍ରକାଶର ଉପଯୁକ୍ତ ସ୍ଥାନ । ସଂସାର ନାରୀର ସାମ୍ରାଜ୍ୟ ଏବଂ ରୋଷାଇ ଘର ତାହାର ସିଂହାସନ—ଏବଂ ଏହି ସିଂହାସନ ଏକଛତ୍ର ଅଧିକାରିଣୀ ହେଲା—ନାରୀ । ସେଠାରେ ସେ ହିଁ ସର୍ବମୟୀ କର୍ତ୍ରୀ । ଏହି ଶାନ୍ତି ଶୀତଳରୂପ ସିଂହାସନରେ ଅଧିରୂଢ଼ା ରହି ତାହାର ପ୍ରିୟ-ପରିଜନ ସବୁଙ୍କୁ ଆପଣା କଲ୍ୟାଣ ହସ୍ତରେ ଆହାର୍ଯ୍ୟ ପାମପୁ ପରିବେଷଣ କରି ଜୀବନ ଓ ବର୍ଦ୍ଧନରେ ଅବ୍ୟାହତ ରଖିବାର

Digitized by PPRACHIN, SOA

ସ୍ୱାଧୀନତା ପ୍ରାପ୍ତି ଭି ନାରୀର ହିଁ । ଆମ୍ଭେମାନେ ଦେଖିଥାଉଁ ଯେ ନାରୀ ଶିଶୁକାଳରୁ ସେ ହାଣ୍ଡି, କଡ଼େଇ ନେଇ ଘେନି ଗୃହିଣୀ ସାଜି ଏହି ରୋଷାଇ ଚକାଇ ତାହା କଳ୍ପିତ ସଂସାର ସଜାଇ ବସି-ଥାଏ । ଧୂଳିମାଟିର ସଂସାର ସଜାଇ ସେ ରୋଷାଇ କରିବାରେ ବ୍ୟସ୍ତ । ଏପରିକି କଳ୍ପିତ ପୁତ୍ର କନ୍ୟା ଝିଅଙ୍କୁ ଆହାର କରାଇଥାଏ । ଏହି କାର୍ଯ୍ୟରେ ସେ କେତେ ତୃପ୍ତି ପାଏ । ଏହାପରେ ଟିକିଏ ବଡ଼ ହେଲେ ସେ ଦ୍ରୌପଦୀ ଭଳି ଭଲ ରୋଷାଇ କରିପାରିବ ଏହିପରି ପ୍ରାର୍ଥନା ସେ ବ୍ରତ କଥାରେ ପ୍ରାର୍ଥନା କରି ଜଣାଇଥାଏ । ଏହି କଥାଗୁଡ଼ିକ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ ସଂସାର ଓ ହାଣ୍ଡିଶାଳ ନାରୀର ସ୍ୱାଭାବିକ କର୍ମକ୍ଷେତ୍ର । ଏବଂ ଏହା ହିଁ ତାହାର ଆତ୍ମବିକାଶର ଉପଯୁକ୍ତ ସ୍ଥାନ । ପୂର୍ବକାଳରେ ବଡ଼ ବଡ଼ ରାଜା ମହାରାଜାଙ୍କ ଘରେ ରାଣୀଗଣ ରୋଷାଇ କରି ନିଜ ହସ୍ତରେ ସ୍ୱାମୀ ପୁତ୍ରମାନଙ୍କୁ ଖୁଆଉଥିଲେ । ପ୍ରାଚୀନ କାଳରେ ବିଧି ଥିଲା ଯେ ଗୃହସ୍ଥଗଣ ନିଜର ପରିବାରସ୍ଥ ମହିଳାଗଣଙ୍କ ବ୍ୟତୀତ ଅନ୍ୟ କାହାରି ହସ୍ତର ରୋଷାଇରେ ଅନ୍ନ ଗ୍ରହଣ କରୁ ନଥିଲେ ।

କିଛି ଦିନ ପର୍ଯ୍ୟନ୍ତ ଏହି ନିୟମ ଆମ୍ଭମାନଙ୍କର ଦେଶରେ ପ୍ରଚଳିତ ଥିଲା । ଆମ୍ଭେମାନେ ଅନୁକରଣ ପ୍ରିୟ ଜାତି । ପରାନୁକରଣ ମୋହରେ ଆମ୍ଭେମାନେ ଅନେକ ସମୟରେ ଅପରର ଭଲଟା ଗ୍ରହଣ ନକରି ସେମାନଙ୍କର ମନ୍ଦଟାହିଁ ବେଶୀ ଗ୍ରହଣ କରିଥାଉ । ଭାରତ ନିଜ ସଭ୍ୟତା ଓ ସଂସ୍କୃତିରେ ଅଧୁନା ସଭ୍ୟ ଅନ୍ୟ ଅନେକ ଦେଶଠାରୁ ବହୁ ପ୍ରାଚୀନ ଓ ଉନ୍ନତ । ଭାରତର ଋଷିଗଣ ସେମାନଙ୍କର ସାଧନା-ଲବ୍ଧ ଅଭିଜ୍ଞତାଦ୍ୱାରା ନର ଓ

Digitized by PPRACHIN, SOA

ନାରୀର କର୍ମକ୍ଷେତ୍ର ଯେଉଁ ଭାବରେ ନିର୍ଦ୍ଦିଷ୍ଟ କରିଦେଇଅଛନ୍ତି ଟିକିଏ ଅଭିନିବେଶ ଓ ଶ୍ରଦ୍ଧା ସହକାରେ ତାହାର ପର୍ଯ୍ୟାଲୋଚନା କରିଲେ ତାହାର ସୃଷ୍ଟିଙ୍କ ସମୀଚୀନତା ସମ୍ବନ୍ଧରେ ମନରେ ଆଉ କୌଣସି ସଂଶୟ ରହେ ନାହିଁ । ଯାହାର ଯେଉଁଟା ପ୍ରକୃତି-ନିର୍ଦ୍ଦିଷ୍ଟ ସ୍ୱାଭାବିକ କର୍ମକ୍ଷେତ୍ର, ନୁହେଁ ସେ ଯଦି ସେଠାରେ କାର୍ଯ୍ୟ କରିବାକୁ ବାଧ୍ୟ ହୁଏ, ସ୍ୱଭାବତଃ ହିଁ ସେ ସେହିଠାରେ ଆଶାନୁରୂପ ଉନ୍ନତି କରିପାରେ ନାହିଁ; ତାହାର ଶାରୀରିକ ଓ ମାନସିକ ଶାନ୍ତି ମଧ୍ୟ ବିପନ୍ନ ହୁଏ । ଏହା ଆମ୍ଭେମାନେ ସର୍ବଦା ହିଁ ଦେଖିବାକୁ ପାଇଥାଉଁ । ଅପରନ୍ତୁ ସେଠାରେ ସମାଜରେ ମଧ୍ୟ ବିଶୃଙ୍ଖଳା ଦେଖାଯାଏ । ସେଥିପାଇଁ ବୋଧହୁଏ ପାଶ୍ଚାତ୍ୟ ନାରୀମାନଙ୍କର ବହୁ କ୍ଷେତ୍ରରେ Back to the kitchen କରି ଦେଇଛନ୍ତି ।

ଆହାର୍ଯ୍ୟ ଦ୍ରବ୍ୟର ଗୁଣର ସହିତ ଅଥବା ଆହାର୍ଯ୍ୟ ପରିବେଶକର ଭାବର ସହିତ ଆମ୍ଭମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ କେଉଁ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ବର୍ତ୍ତମାନ ଆମ୍ଭେମାନେ ସେହି ସମ୍ବନ୍ଧରେ କିଛି ଆଲୋଚନା କରିବା । ଆମ୍ଭମାନଙ୍କର ସ୍ୱାସ୍ଥ୍ୟ ଓ ରୁଚି ଉପରେ ଆମ୍ଭମାନଙ୍କର ଆହାର୍ଯ୍ୟ ନିର୍ବାଚନ ନିର୍ଭର କରିଥାଏ । ସେହି ସମ୍ବନ୍ଧରେ ଏଠାରେ ବେଶୀ କିଛି କହିବାର ନାହିଁ । କିନ୍ତୁ ଆମ୍ଭମାନଙ୍କର ସ୍ୱାସ୍ଥ୍ୟ ଏବଂ ରୁଚି ଅନୁସାରେ ଯେଉଁ ପ୍ରକାର ଖାଦ୍ୟ ହିଁ ଆମ୍ଭେମାନେ ଗ୍ରହଣ କରୁନା କାହିଁକି ସେଇଟା ବିଶୁଦ୍ଧ ଏବଂ ପରିଷ୍କାର-ପରିଚ୍ଛନ୍ନ ଭାବରେ ତିଆରି ହେବା ପ୍ରୟୋଜନ । କାରଣ ଖାଦ୍ୟ ଓ ପାନୀୟର ମଧ୍ୟ ଦେଇ ଯେତେ ସହଜରେ ଆମ୍ଭମାନଙ୍କର ଦେହରେ ଦୁଷ୍ଟ ବୀଜାଣୁ ପ୍ରବେଶ କରିପାରେ, ଏପରି ଅନ୍ୟ କେଉଁଥିରେ ପାରେ ନାହିଁ । ସୁତରାଂ

Digitized by PPRACHIN, SOA

ଯିଏ ଖାଦ୍ୟ ତିଆରି କରିବେ ଓ ହାତରେ ନେଇ ସେହି ଖାଦ୍ୟ ଆମ୍ଭମାନଙ୍କର ମୁହଁରେ ତୋଳଦେବେ ତାହାଙ୍କ ହସ୍ତରେ ପ୍ରକୃତ ପକ୍ଷରେ ଆମ୍ଭମାନଙ୍କର ଜୀବପଣ ନିର୍ଭର କରୁଅଛି । ମନୁଷ୍ୟର ସ୍ୱାସ୍ଥ୍ୟ ବିଷୟକ ଜ୍ଞାନ ଓ ଖାଦ୍ୟଦ୍ରବ୍ୟର ଗୁଣାଗୁଣ ସମ୍ବନ୍ଧରେ ଖାଦ୍ୟ ପ୍ରସ୍ତୁତକାରୀର ସବିଶେଷ ଜ୍ଞାନ ଓ ଅଭିଜ୍ଞତା ନ ରହିଲେ, ଆହାର୍ଯ୍ୟ-ଗ୍ରହଣକାରୀ ପକ୍ଷରେ ସମୂହ କ୍ଷତିର ସମ୍ଭାବନା । କିନ୍ତୁ ଭଲ ପାଇବାର ଦରଦ ରହିଲେ ଓ ଏହି ଖାଦ୍ୟ ବିଷୟକ ଜ୍ଞାନ ଓ ଅଭିଜ୍ଞତା, ଖାଦ୍ୟ ପରିବେଶକର ନିପୁଣତା ଅର୍ଜନ କରିବାକୁ ବିଶେଷ କଷ୍ଟ ପାଇବେ ନାହିଁ । କାରଣ, ଖାଦ୍ୟ ଗ୍ରହଣକାରୀର ବଞ୍ଚିବା ଓ ବଢ଼ିବାର ଯଦି ଖାଦ୍ୟ-ପ୍ରସ୍ତୁତକାରୀର ସ୍ୱାର୍ଥ ହୁଏ ସେ ନିଜର ଅଧ୍ୟବସାୟ ଓ ଅନୁସନ୍ଧିତ୍ସା ବୋଲି ଅତି ଶୀଘ୍ର ଜ୍ଞାନ ଅର୍ଜନ କରିପାରିବ । ଏଇଥିସକାଶେ ମାତା ଯେତେ ଶୀଘ୍ର ଓ ସହଜରେ ତାହାର ସନ୍ତାନର ଖାଦ୍ୟର ଗୁଣାଗୁଣ ବିଚାର କରିବାକୁ ପାରନ୍ତି ସଚରାଚର ଏପରି କେହି ବିଶେଷ ପାରନ୍ତି ନାହିଁ । ଏହି ଦିଗ ଦେଇ ବିଚାର କଲେ ମଧ୍ୟ ନାରୀର ହସ୍ତରେ ହାଣ୍ଡିଶାଳର ଭାର ନ୍ୟସ୍ତ ହେବା ସମୀଚୀନ ବୋଲି ବୋଧହେବ ।

ତାହାପରେ ଆହାର ଗ୍ରହଣ କାଳରେ ଯଦି ଆମ୍ଭମାନଙ୍କର ମନରେ କୌଣସି ଅପ୍ରିୟ ଭାବର କଥା ଉଦୟ ହୋଇଅଛି, ଅର୍ଥାତ୍ ଆମ୍ଭମାନଙ୍କର ମନ ଯଦି ସେ ସମୟରେ କୌଣସି କାରଣରେ ବିରକ୍ତ ବା ଅସନ୍ତୁଷ୍ଟ ହୁଏ, ତାହାହେଲେ ଆମ୍ଭ-ମାନଙ୍କର ଖାଦ୍ୟ ପରିପାକରେ ବିଘ୍ନ ଉପସ୍ଥିତ ହୁଏ । ପୁନଶ୍ଚ ଯଦି କୌଣସି କାରଣରୁ ଆମ୍ଭମାନଙ୍କର ମନରେ ଉପସ୍ଥିତ ଖାଦ୍ୟର ପ୍ରତି ବିତୃଷ୍ଣା ବା ଘୃଣାର ଭାବ ଉଦ୍ରେକ ହୁଏ— ସେଥିରେ ମଧ୍ୟ ଆମ୍ଭମାନଙ୍କର ଖାଦ୍ୟ ଗ୍ରହଣ ସାର୍ଥକ ହେବ

Digitized by PPRACHIN, SOA

ନାହିଁ । କିନ୍ତୁ ଯିଏ ଆମ୍ଭମାନଙ୍କର ନିକଟ ସର୍ବାପେକ୍ଷା ବେଶୀ ପ୍ରିୟ, ଯାହାର ଉପସ୍ଥିତି ଆମ୍ଭମାନଙ୍କ ନିକଟରେ ପ୍ରୀତିଦାୟକ ଓ ଆକାଙ୍କ୍ଷିତ, ତାହାର ଦେୟ ଆହାର୍ଯ୍ୟ ସ୍ୱଭାବତଃ ହିଁ ଆମ୍ଭମାନଙ୍କର ସ୍ୱାସ୍ଥ୍ୟର ଅନୁକୂଳ ହୋଇବ । ଭଲ ପାଇବା ଅମୃତ । ଭଲପାଇବା ରୂପ ପରଶପଥର ଲୌହକୁ ସ୍ୱର୍ଣ୍ଣ କରିବାକୁ ସକ୍ଷମ । ସେଥିପାଇଁ ପାଚକ ହସ୍ତର ପରମାନ୍ନ ମାତା, ବଧୂ ବା କନ୍ୟା ହସ୍ତର ଶାକାନ୍ନର ସମକକ୍ଷ ହୋଇପାରେ ନାହିଁ ।

ପୁନଶ୍ଚ, ମଣିଷର ମନୋରାଜ୍ୟର ବ୍ୟାପାର ଅତି ବିଚିତ୍ର ଓ ସୂକ୍ଷ୍ମ । ମନୋବିଜ୍ଞାନର ସହିତ ଯେଉଁମାନଙ୍କର ପରିଚୟ ଅଛି, ସେମାନେ ବୁଝିପାରିବେ ଯେ ଆହାର୍ଯ୍ୟ ପ୍ରସ୍ତୁତକାରୀର ବା ପରିବେଷଣକାରୀର ମାନସିକ ଭାବରାଶି ଖାଦ୍ୟ ଗ୍ରହଣକାରୀର ମନ ଉପରେ କେତେଟା ପ୍ରଭାବ ବିସ୍ତାର କରିପାରିବ । ସୁତରାଂ ଯେଉଁମାନଙ୍କ ସହିତ ଆମ୍ଭମାନଙ୍କର କୌଣସି ନିକଟ ସମ୍ପର୍କ ନାହିଁ— ଯିଏ କି ନିତାନ୍ତ ଜଣେ ବାହାର ଲୋକ, ଯାହାର ଶରୀର ବା ମନର ଖବର ଆମ୍ଭେମାନେ ବିଶେଷ ରଖୁ ନାହୁଁ ବା ରଖିପାରିବୁ ନାହିଁ ସେହି ଲୋକ ହସ୍ତରୁ ଯେତେଦୂର ସମ୍ଭବ ଖାଦ୍ୟ ଓ ପାନୀୟ ଗ୍ରହଣ ନ କରିବା ହିଁ ଆମ୍ଭମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପକ୍ଷରେ ମଙ୍ଗଳ ।

ସେଥିପ୍ରକାରେ ସବୁ ଦିଗରୁ ବିଚାର କଲେ ଦେଖାଯାଏ ଯେ, ନାରୀ ହିଁ ଯେତେବେଳେ ଧାତ୍ରୀ ଓ ପାଳୟିତ୍ରୀ, ନାରୀ ହିଁ ଯେତେବେଳେ ତାହାର ସନ୍ତାନ-ସନ୍ତତିକୁ ଏହି ପୃଥିବୀକୁ ଆଣିଛନ୍ତି, ସେତେବେଳେ ନାରୀର ହସ୍ତରେ ସେମାନଙ୍କ ଜୀବନର ଦାୟିତ୍ୱ ନ୍ୟସ୍ତ ରହିବା ସମୀଚୀନ ଓ କଲ୍ୟାଣଜନକ ଏବଂ ପ୍ରକୃତିର ନିର୍ଦ୍ଦେଶ ମଧ୍ୟ ତାହା ହିଁ ।

Digitized by PPRACHIN, SOA

ଜନ୍ମ ନିୟନ୍ତ୍ରଣ

ମାନବ ଚିତ୍ତ ନୀଡ଼-ପ୍ରୟାସୀ । କେବଳ ମାନବ ଚିତ୍ତ ହିଁ ବା କାହିଁକି କହିବା ? ଜୀବ ଜଗତର ପ୍ରାୟ ପ୍ରତିଟି ସ୍ତରରେ ଦେଖିବାକୁ ପାଇଥାଉ ଏହି ନୀଡ଼ ରଚନାର ପ୍ରୟାସ । ଜୀବଜଗତର ଏହି ପ୍ରୟାସ ଚିରନ୍ତନ । କିନ୍ତୁ ଏହି ସ୍ଥାନରେ ଆମ୍ଭେମାନେ ମନୁଷ୍ୟ ସମାଜର ଆଲୋଚନା କରିବା । ମାନବ ସମାଜରେ ସୁ ବିଧ୍ୟ ଆମ୍ଭେ-ମାନେ ଦେଖିବାକୁ ପାଇଥାଉ ଯେ, ପୁରୁଷ ଅପେକ୍ଷା ନାରୀର ଗୃହ ରଚନାର ଆଗ୍ରହ ଅଧିକ । ପ୍ରୟୋଜନର ତାଗିଦରେ ଏବଂ ଅନ୍ତରର ଆଗ୍ରହରେ ନାରୀ ହିଁ ଗୃହ ରଚନାରେ ଅଗ୍ରଣୀ ହୋଇଥାଏ, ଏବଂ ନାରୀର ପ୍ରତି ସ୍ୱାଭାବିକ ଆକର୍ଷଣରେ ତାହାକୁ ସୁଖୀ କରିବାର ଆକୁତିରେ ପୁରୁଷର ମନରେ ସେହି ଆଗ୍ରହ ବା ଆକାଂକ୍ଷା ସଞ୍ଚାରିତ ହୁଏ । ତାହାପରେ ଉଭୟର ମିଳିତ ଚେଷ୍ଟାରେ ହୁଏ ତାଙ୍କର ନୀଡ଼ ରଚନା । ଗଢ଼ି ଉଠିଥାଏ ତାହାଙ୍କର ସୁଖ-ଦୁଃଖର ଲୀଳା-ନିକେତନ । ପୁନଶ୍ଚ, ମନୁଷ୍ୟ ମାନେ ହିଁ ସୁଖ-ଶାନ୍ତି କାମନା କରିଥାନ୍ତି । ସ୍ତ୍ରୀ ପୁରୁଷର ମିଳିତ ଜୀବନରେ ଅର୍ଥାତ୍ ଦାମ୍ପତ୍ୟ ଜୀବନରେ ସୁଖୀ ହେବାକୁ ହେଲେ, ଶାନ୍ତି ପାଇବାକୁ ହେଲେ, ସୁନ୍ଦର ଓ ପ୍ରୀତିପ୍ରଦ ଗୃହ ରଚନାର ଯେପରି ପ୍ରୟୋଜନ, ସେହିପରି ପ୍ରୟୋଜନ ଗୃହକୁ ସୁଷ୍ଠୁ ଓ ସୁଶୃଙ୍ଖଳରୂପରେ ପରିଚାଳିତ କରିବା । ଏ ଦାୟିତ୍ୱ ଉଭୟଙ୍କର । ସ୍ତ୍ରୀ ପୁରୁଷ ଉଭୟଙ୍କର ମିଳିତ ଚେଷ୍ଟା ବ୍ୟତୀତ ସୁନ୍ଦର ଓ ସୁଖମୟ ଗାର୍ହସ୍ଥ୍ୟ ଜୀବନର କଳ୍ପନା ମୋଟେ ହିଁ ସମ୍ଭବ ନୁହେଁ । ପରସ୍ପରଙ୍କର ପ୍ରୀତି ଉଭୟଙ୍କର ଶ୍ରଦ୍ଧା,

Digitized by PPRACHIN, SOA

ବିଶ୍ୱାସ ଓ ନିର୍ଭରତା—ଏହିସବୁ ହେଲା ଦାମ୍ପତ୍ୟ ଜୀବନର ଭିତ୍ତି । ଉଭୟଙ୍କର ମିଳିତ ଚେଷ୍ଟାରେ ଯେଉଁଥିରେ କି ଏହି ଭିତ୍ତି ଦୃଢ଼ ହୁଏ ସେହି ଦିଗକୁ ସର୍ବାଗ୍ରେ ଦୃଷ୍ଟି ଦେବା ଅତ୍ୟନ୍ତ ଆବଶ୍ୟକ । ଜଣେ ଜଣକର ପରିପୂରକ ବା ସହାୟକ । ପୁରୁଷ ଅର୍ଥ ଯିଏ ପୂରଣ କରିଥାଏ ଏବଂ ନାରୀ (ନାରପ୍ରୀତ) ଅର୍ଥାତ୍ ଯିଏ ବୃଦ୍ଧି କରାଏ । ଜଣେ ଜଣକର ପରିପୂରକ । ଜଣେ ଜଣକର ସମ-ବିପରୀତସତ୍ତା । ଏହି ଦୁହେଁ ମିଳିଲେ ଏକ ଅର୍ଥାତ୍ ଅଖଣ୍ଡ । ସଂସାରକୁ ସୁନ୍ଦର, ସ୍ୱଚ୍ଛଳ କରିବାକୁ ହେଲେ ଅର୍ଥାତ୍ ଗୃହକୁ ଶ୍ରୀମଣ୍ଡିତ କରିବାକୁ ହେଲେ ଉଭୟଙ୍କର ଦାୟିତ୍ୱ, ଆନ୍ତରିକତା ଓ ଯତ୍ନ ହିଁ ସମାନ ଅପରିହାର୍ଯ୍ୟ । ପୁରୁଷର ବୈଶିଷ୍ଟ୍ୟ ଆହରଣରେ, ଏବଂ ନାରୀର ବୈଶିଷ୍ଟ୍ୟ ହେଲା ସଂରକ୍ଷଣରେ । ବାହାର ବିଶ୍ୱ ମଧ୍ୟରୁ ସୁଖ ଏବଂ ସ୍ୱଚ୍ଛଳତା ଆହରଣ କରିବାକୁ ହେଲେ ପୁରୁଷକୁ ସର୍ବଦା ବାହାରେ ରହିବାକୁ ହୁଏ । ଗୃହର ଆଭ୍ୟନ୍ତରୀଣ ବ୍ୟାପାରରେ ସେ କମ୍ ହିଁ ଯୋଗ ଦେଇ ପାରିଥାଏ । ନାରୀ ଗୃହର ଶ୍ରୀବୃଦ୍ଧିର ବେପାରରେ ମନଯୋଗ ଦେବାକୁ ବେଶୀ ପସନ୍ଦ କରିଥାଏ । ସେଥିପାଇଁ ନାରୀକୁ ଲକ୍ଷ୍ମୀ ବା ଶ୍ରୀ କହିଥାଆନ୍ତି । ନାରୀର ସହଜାତ ସଂସ୍କାର ହେଲା ଗୃହକୁ ସୁନ୍ଦର, ସୁଶ୍ରୀ ଓ ସ୍ୱାସ୍ଥ୍ୟକର କରି ଗଢ଼ିବା, ତାହାର ପ୍ରିୟପରମ ପତି ଦେବତାର ଓ ତାହାର ପରିଜନବର୍ଗଙ୍କର ତୁଷ୍ଟି ଏବଂ ପୁଷ୍ଟି ବିଧାନ କରିବା । "ପ୍ରିୟ ଶ୍ରିୟଶ୍ଚ ଗେହେଷୁନ ବିଶେଷୋଽସ୍ତି କଂଚନ (ମନୁ) । କାର୍ଯ୍ୟାନ୍ତରେ ଗୃହକୁ ଫେରି ଗୃହର ସୁସ୍ଥ ଆବହାଓ୍ୱାରେ ସ୍ୱାମୀ ଯେଉଁଥିରେ ଦେହ ଓ ମନରେ ସ୍ୱଚ୍ଛଳ ହୋଇ ଉଠିପାରିବେ ନାରୀର ସୁସ୍ଥ ମନୋବୃତ୍ତି ସ୍ୱଭାବତଃ ହିଁ ସେ ଦିଗରେ ଆଗ୍ରହଶୀଳ । ସେ ତାହାର ସେବା, ସାହଚର୍ଯ୍ୟ ଓ ଆନ୍ତରିକତା ପୂର୍ଣ୍ଣ ଅସ୍ତିତ୍ୱ, ସପ୍ରେମ

Digitized by PPRACHIN, SOA

ବ୍ୟବହାରଦ୍ୱାରା ସ୍ୱାମୀର ସମୁଦାୟ କ୍ଳାନ୍ତି ଓ ଅବସାଦ ଯୋଗୁଁ ନେଇଯିବା ଏହା ହିଁ ସ୍ୱାଭାବିକ ଏବଂ ତାହା ହିଁ ସ୍ୱାସ୍ଥ୍ୟପ୍ରଦ । ଏହାର ବିପରୀତ ଅବସ୍ଥା ଯେଉଁଠାରେ ସେହିଠାରେ ହେଉଛି ଦାମ୍ପତ୍ୟ ଜୀବନର ଶୋଚନୀୟ ଅପମୃତ୍ୟୁ । ପୁନଶ୍ଚ, ସ୍ୱାମୀ-ସ୍ତ୍ରୀର ମିଳନର ସେତୁ ହେଉଛି ସନ୍ତାନ । ପତି-ପତ୍ନୀର ମିଳିତ ଏକକ ଜୀବନରେ ଯଦି ବନ ସନ୍ତାନର ଆବିର୍ଭାବର ଅଭାବରେ ଅଶାନ୍ତି ଓ ଅତୃପ୍ତି ଦେଖାଯାଏ । ଜୀବନ ଯେପରି ବୈଚିତ୍ର୍ୟହୀନ ନୀରସ ପ୍ରାୟ ମନେ ହୁଏ । ସବୁ ହିଁ ଯେପରି ଶୂନ୍ୟ ଏବଂ ମରୁଭୂମି ସଦୃଶ ଦେଖାଯାଏ । ଏବଂ ଏହି ପ୍ରକାର ଅବସ୍ଥା ପୁରୁଷ ଅପେକ୍ଷା ନାରୀର ହୁଏ ବେଶୀ । କାରଣ, ମାତୃତ୍ୱର ଆକାଂକ୍ଷା ନାରୀର ସହଜାତ ସଂସ୍କାର । "Nature has so constituted woman that her creative power and yearning centre primarily on the forming of a child and so long as woman is woman it must remain so".—Havelock Ellis. ସେଥିପାଇଁ, 'ମା' ହୋଇବା ସକାଶେ ନାରୀର ଜୀବନ ଓ ଜନ୍ମ । ସମସ୍ତ ମାତୃତ୍ୱର ଉପାଦାନ ଯେନ, ଉପଯୋଗୀ ଉପାଦାନରେ ଦେହ ଓ ମନରେ ସଜ୍ଜିତ ହୋଇ ନାରୀ ଜନ୍ମଗ୍ରହଣ କରିଥାଏ । ସୁତରାଂ ମାଆ ତାହାକୁ ହେବାକୁ ହେବ । ମାତୃତ୍ୱର ହିଁ ତାହାର ଚରମ ପରିଣତି ଏବଂ ପରମ ବିକାଶ । ସମସ୍ତ ଜୀବ-ଜଗତ ନାରୀର ଏହି ମାତୃମୂର୍ତ୍ତିର ପାଦପୀଠ ତଳେ ମଥା ନତ କରି ଧନ୍ୟ ହୁଏ, କୃତାର୍ଥ ହୁଏ ।

"The Madona conception expresses man's highest comprehension of a woman's character.

—G. S. Hall.

ନାରୀ ସେଥିପାଇଁ ଜନନୀ, ଧାତ୍ରୀ ଓ ପାଳୟିତ୍ରୀ । ଅପର କ୍ଷେତ୍ରରେ, ପୁରୁଷର ହେଉଛି ବହିର୍ମୁଖୀ ପ୍ରକୃତି । ସଦା କାର୍ଯ୍ୟରେ

Digitized by PPRACHIN, SOA

କର୍ମରେ, ବ୍ୟବସାୟ-ବାଣିଜ୍ୟରେ ଦିନ ରାତି ଅଧିକାଂଶ ସମୟ ପୁରୁଷଙ୍କୁ ଗୃହର ବାହାରେ ରହିବାକୁ ହୁଏ । ସେଥିସକାଶେ ସ୍ତ୍ରୀଙ୍କର ଝୁଙ୍କ ଓ ମନଯୋଗ ସଦାସର୍ବଦା ସେହି ଦିଗରେ ଥାଏ । ଗୃହ ପ୍ରତି ସେଇଥିପାଇଁ ସାଧାରଣତଃ ଏବଂ ମୁଖ୍ୟତଃ ସେ ନିର୍ଲିପ୍ତ ଓ ଉଦାସୀନ । ସେଥିପାଇଁ ସନ୍ତାନଙ୍କ ଅଭାବ ତାହାଙ୍କୁ ଏତେଟା ଉତଳା ବା ବ୍ୟାକୁଳ କରି ପୀଡ଼ା ଦେଇପାରେ ନାହିଁ । କିନ୍ତୁ ବଂଶାନୁକ୍ରମିକତା ସକାଶେ ଏବଂ ବାର୍ଦ୍ଧକ୍ୟର ଅବଲମ୍ବନ ଓ ଭରସା ହିସାବରେ ମଧ୍ୟ ପୁରୁଷ ସନ୍ତାନର କାମନା କରିଥାଏ । ଏହା ବ୍ୟତୀତ କଅଁଳ ମୁହଁ, ଦରୋଟି କଥା, ନୂତନ ପ୍ରାଣରେ ସୁଧା ବୋଳି କଳ-କଲ୍ଲୋଳ ସ୍ୱାଭାବତଃ ହିଁ ଗୃହକୁ ପ୍ରାଣବନ୍ତ ଓ ସୁଷମାମଣ୍ଡିତ କରି ରଖିଥାଏ । ଏହା ସ୍ତ୍ରୀ ପୁରୁଷ ଉଭୟଙ୍କର ହିଁ ଆନନ୍ଦ ଓ ତୃପ୍ତିର ସାମଗ୍ରୀ । ଉଭୟେ ହିଁ ଏହା କାମନା କରନ୍ତି ।

କିନ୍ତୁ ଆଜି ଦେଶର ବଡ଼ ହିଁ ଦୁର୍ଦ୍ଦିନ । ସାଂସାରିକ ଜୀବନରେ ତଥା ସମାଜ ଜୀବନରେ, ଅର୍ଥନୈତିକ ମୂଳଦୁଆ ପ୍ରାୟ ଭାଙ୍ଗି ପଡ଼ିବାର ଉପକ୍ରମ ହୋଇଛି । ବିଳାସ ବ୍ୟସନର କଥା ବାଦ ଦେଲେ ଦୁଇ ମୁଠା ଅନ୍ନ ଦୁଇବେଳା ମଧ୍ୟ ଆମ୍ଭେମାନେ ପାଇପାରୁ ନାହୁଁ । ଯାହା ବା ଆହାର ଜୁଟୁଅଛି, ତାହା କେତେ ଦୂର ଖାଣ୍ଟି ଏବଂ ଦେହ-ପୋଷଣୀୟ ଉପାଦାନ-ସମୃଦ୍ଧ ତାହା ଭୁକ୍ତଭୋଗୀ ମାନେ ହିଁ ଅବଗତ ଅଛନ୍ତି । ଏହାପରେ ଅଛି ଆଚ୍ଛାଦନ ସମସ୍ୟା, ଗୃହ ସମସ୍ୟା, ଚିକିତ୍ସା ସମସ୍ୟା ଏବଂ ବହୁ ଅନ୍ୟ ସମସ୍ୟା ମଧ୍ୟ । ସମସ୍ୟା ସମସ୍ୟାରେ ଆମ୍ଭମାନଙ୍କର ଜୀବନ ଭାରାକ୍ରାନ୍ତ—ଦୁର୍ବହ । କିନ୍ତୁ ସମାଧାନର ଉପାୟ ବର୍ତ୍ତମାନ ଅଜ୍ଞାତ ଅନଧିକୃତ । ଯଦିବା

Digitized by PPRACHIN, SOA

କୌଣସିମତେ ଜୀବନ ରକ୍ଷା ପାଏ, ଶିକ୍ଷାର ଅବ୍ୟବସ୍ଥା ଫଳରେ ଭବିଷ୍ୟତ ଜୀବନ ଅନିଶ୍ଚିତ, ଅନ୍ଧକାରାଚ୍ଛନ୍ନ ।

ଶିଶୁ ଗୃହରେ ଆସିଲେ ସଂସାର ପାଇଁ ସେ ବୋହି ଆଣେ ସ୍ୱର୍ଗର ସୁଷମାମଣ୍ଡିତ ପ୍ରାଣ-ପ୍ରାଚୁର୍ଯ୍ୟ । ଶିଶୁର ସେହି ଜୀବନ-ସୁଷମା ଯଦି ସଂସାର ପ୍ରତିକୂଳ ଆବହାୱାରେ ଯେତେବେଳେ ଶୁଷ୍କ ହୋଇ ମ୍ଳାନଭ୍ରଷ୍ଟ ବା ବିକୃତରୂପ ଧାରଣ କରେ, ସେତେ-ବେଳେ ପିତାମାତାର ହୃଦୟରେ ଯେ କେଉଁ ଶକ୍ତିଶେଳ ବିନ୍ଧିହୁଏ ତାହା ପିତାମାତା ମାନେ ହିଁ ବୋଧ କରିପାରନ୍ତି । ଏତେ ସାଧନାର ଧନ, ଆରାଧନାର ସାମଗ୍ରୀ, ସନ୍ତାନ ହୁଏ ସେତେବେଳେ ମର୍ମପୀଡ଼ାର କାରଣ—ଅଶାନ୍ତିର ହେତୁ—ଦୁଃଶ୍ଚିନ୍ତାର ଉତ୍ସ । କିନ୍ତୁ ଯଦି ଅଳ୍ପସଂଖ୍ୟକ ସନ୍ତାନ ଭୂମିଷ୍ଠ ହୁଅନ୍ତି ତେବେ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ବି କୌଣସି ପ୍ରକାରେ ସେମାନଙ୍କୁ ମନୁଷ୍ୟଭାବରେ ଗଢ଼ିବାକୁ ସମ୍ଭବ ହୋଇପାରେ । ବର୍ତ୍ତମାନ ଦୁର୍ଦ୍ଦିନରେ ଜନନୀର ସ୍ୱାସ୍ଥ୍ୟ ମଧ୍ୟ ସେଥିରେ ଭାଙ୍ଗି ପଡ଼ିବାର ସମ୍ଭାବନା କମ୍ ଥାଏ । କିନ୍ତୁ ଏହାର ବିପରୀତ ଅବସ୍ଥା ଯେଉଁଠାରେ ସେହିଠାରେ ହିଁ ଘଟିଥାଏ ବିପର୍ଯ୍ୟୟ, ବିଶୃଙ୍ଖଳା ଓ ଅଶାନ୍ତି । କଥାରେ କହନ୍ତି, ଅଧିକ ସନ୍ତାନ ଦାରିଦ୍ର୍ୟର ଲକ୍ଷଣ । ବିଶେଷତଃ ବର୍ତ୍ତମାନ ସମସ୍ୟା ବିକ୍ଷୁବ୍ଧ ଜୀବନରେ ଯଦି ଅଧିକ ସଂଖ୍ୟକ ସନ୍ତାନର ଜନକ-ଜନନୀ ହେବାର ଦୁର୍ଭାଗ୍ୟ ଅର୍ଜନ କରାଯାଏ, ତାହାହେଲେ ଅବସ୍ଥା ଯେ କେତେଦୂର ସଙ୍ଗୀନ ହୋଇ ଉଠେ ତାହା ଭୁକ୍ତଭୋଗୀ ମାନେ ହିଁ ବୁଝିପାରିବେ ।

ଯେଉଁମାନଙ୍କୁ ସଂସାରରେ ଆଣିବା ହେଲା, ସେମାନଙ୍କ ପ୍ରତି ଯଦି ଯଥାସାଧ୍ୟ କର୍ତ୍ତବ୍ୟ ପାଳନ ନ କରିହୁଏ—ଶିକ୍ଷାରେ, ଦୀକ୍ଷାରେ,

Digitized by PPRACHIN, SOA

ଚରିତ୍ରରେ, ସ୍ୱାସ୍ଥ୍ୟରେ ସର୍ବୋପରି ମନୁଷ୍ୟତ୍ୱରେ ଯଦି ସେମାନଙ୍କୁ ଭବିଷ୍ୟତ ଜୀବନରେ ଗୋଟିଏ ଗୋଟିଏ ପରିପୂର୍ଣ୍ଣ ମନୁଷ୍ୟରୂପେ ପ୍ରତିଷ୍ଠିତ ନ କରିପାରିବା, ତେବେ ପିତାମାତାଙ୍କ ପକ୍ଷରେ ଘୋରତର ଅପରାଧ ଏପରି କି ଏହାକୁ ମହାପାପ କୁହାଯାଏ । କାରଣ, ଜୀବନ ଓ ବୃଦ୍ଧିରୁ ଯାହା ପତିତ କରେ ତାହାହିଁ ପାପ । ସନ୍ତାନ ନିମନ୍ତେ ସଂପୂର୍ଣ୍ଣ ରୂପରେ ତାହାରି ପିତାମାତା ହିଁ ଦାୟୀ; ଏବଂ ତାହା ଭୂମିଷ୍ଠ ହେବାର ବହୁ ପୂର୍ବରୁ । ଏବଂ ସେହି କ୍ଷେତ୍ରରେ ପିତା ଅପେକ୍ଷା ମାତାର ଦାୟିତ୍ୱ ବା କରଣୀୟ, ସର୍ବାପେକ୍ଷା ବେଶୀ । କାରଣ, ସ୍ୱାମୀ ନିକଟରୁ ସୁସନ୍ତାନ ଲାଭ କରିବାର କ୍ଷମତା ନାରୀର ଅଛି । ଶିକ୍ଷାଦ୍ୱାରା ସେ କ୍ଷମତା ନାରୀର ଅଛି । ଶିକ୍ଷାଦ୍ୱାରା ସେ କ୍ଷମତା ନାରୀକୁ ଅର୍ଜନ କରିବାକୁ ହୁଏ । ପିତା ଯେତେ ମହାନ୍ ଓ କୃଷ୍ଟିସମ୍ପନ୍ନ, ସହଜାତ-ସଂସ୍କାର ସମ୍ପୂର୍ଣ୍ଣ ପୁରୁଷ ହୁଅନ୍ତୁ ନା କାହିଁକି; ମାତା ଯଦି ତଦ୍ଭାବ ଦ୍ୱାରା ଅନୁପ୍ରାଣିତା ହୋଇ ତାହାର ବୈଶିଷ୍ଟ୍ୟାନୁସାରେ ଉଦ୍ଦୀପ୍ତ କରି ନିଜଠାରେ ସ୍ୱାମୀକୁ ଆନତ ନ କରିପାରନ୍ତି ତେବେ ସ୍ୱାମୀର ଗୁଣରାଜି ଓ ବଂଶାନୁକ୍ରମିକତା ସେ ସନ୍ତାନରେ ସଂପୂର୍ଣ୍ଣରୂପେ ମୂର୍ତ୍ତିକରି ତୋଳି ପାରିବେ ନାହିଁ । ସେଇଥିପାଇଁ ଆମ୍ଭେମାନେ ବହୁ କ୍ଷେତ୍ରରେ ଅତ୍ୟୁଦ୍ଭାସିତ ପୁରୁଷର ନିକୃଷ୍ଟ ସନ୍ତାନ ଦେଖିବାକୁ ପାଇଥାଉ । ମାତାର ଦାୟିତ୍ୱ ସମ୍ବନ୍ଧରେ ନାରୀର ସର୍ବତୋଭାବରେ ସଚେତନ ହେବାର ପ୍ରୟୋଜନ । ସନ୍ତାନମାନଙ୍କୁ ସଂସାରରେ ଆମନ୍ତ୍ରଣ କରି ଯଦି ସେମାନଙ୍କର ପ୍ରାଣରେ ଅଶାନ୍ତିର ଅଗ୍ନି ଜାଳି ଦେଉଁ, ଅଶିକ୍ଷାର ଗ୍ଳାନି ଭରି ଦେଉଁ ତେବେ ମାତାପିତା ନିଜ ନିକଟରେ ତ ଅପରାଧୀ ହେବେ ହିଁ ତାହା ପରେ ଦେଶ ଓ ଦଶର ନିକଟରେ ସେମାନେ ସଂପୂର୍ଣ୍ଣରୂପେ ଅପରାଧୀ ସାବ୍ୟସ୍ତ ହେବେ । କାରଣ,

Digitized by PPRACHIN, SOA

ସୁସନ୍ତାନ ଯେପରି ମାନବ ଜୀବନରେ ତଥା ଜାତୀୟ ଜୀବନର ଶ୍ରେଷ୍ଠ ସମ୍ପଦ—କୁସନ୍ତାନ ସେହିପରି ସମାଜ ଜୀବନରେ କୁତ୍ସିତ ବ୍ୟାଧି । ଏହି ସତ୍ୟ ପ୍ରତି ପିତାମାତାଙ୍କର ସ୍ମରଣ ରଖିବା କର୍ତ୍ତବ୍ୟ ।

ମନୁଷ୍ୟ ନିକଟରେ ମନୁଷ୍ୟତ୍ୱ ହିଁ ଆଶା କରାଯାଏ । ସିଏ ତ ଆଉ ବୁଦ୍ଧି-ବିବେଚନାଶୂନ୍ୟ ପ୍ରବୃତ୍ତି-ପରିଚାଳିତ ପଶୁ ନୁହେଁ । ସ୍ଥାନ, କାଳ, ପାତ୍ର ବିବେଚନା କରି ଅଗ୍ରପଶ୍ଚାତ୍ ହିସାବ କରି କାର୍ଯ୍ୟ କରିବାର କ୍ଷମତା ଭଗବାନ ତାହାକୁ ପରିପୂର୍ଣ୍ଣ ଭାବରେ ସମର୍ପଣ କରି ପଠାଇ ଅଛନ୍ତି । ତାହାର ସତ୍ ବ୍ୟବହାର କରି ନ ପାରିବା ଏହାର କୌଣସି କୈଫିୟତ ହିଁ ନାହିଁ ଏବଂ ଉଚିତ ମଧ୍ୟ ନୁହେଁ ।

ପ୍ରକୃତ ବିବାହ ବୋଲି ଆମ୍ଭେମାନେ ଯାହା ବୁଝିଥାଉଁ, ଆର୍ଯ୍ୟ ଭାରତର ସେହି ଋଷି ପ୍ରବର୍ତ୍ତିତ ପବିତ୍ର ସଂସ୍କାର ମଧ୍ୟରେ ବର୍ତ୍ତମାନ ସମାଜ ବ୍ୟବସ୍ଥାରେ ଅନେକ ଭୁଲ ପ୍ରବେଶ କରିଅଛି । ସେଥିସକାଶେ ବିବାହର ମୂଳ-ଉଦ୍ଦେଶ୍ୟ ହେଲା "ଉଦ୍ବର୍ଦ୍ଧନ ଓ ସୁପ୍ରଜନନ" ସମାଜର ପ୍ରତି ସ୍ତରରେ ହିଁ ପ୍ରାୟ ବ୍ୟାହତ ହେଉଅଛି । ଉପଯୁକ୍ତ ବିବାହର ଅଭାବରେ, ତଦୁପରି ଉପଯୁକ୍ତ ଭାବରେ ପରିବେଶ ସୃଷ୍ଟିର ଅପାରଗତାରେ କ୍ରମଶଃ ହିଁ ଦେଶରେ ପ୍ରକୃତ ମନୁଷ୍ୟର ଅଭାବ ପରିଲକ୍ଷିତ ହେଉଅଛି । ସୁସନ୍ତାନ ଆଉ ଜନ୍ମଗ୍ରହଣ କରୁ ନାହାନ୍ତି । ଦେଶର ଆଜି ବଡ଼ ଦୁର୍ଦ୍ଦିନ । ଚିନ୍ତା କରିବା ଓ ବିବେଚନା କରିବାର ସମୟ ଆସିଛି ।

ପ୍ରାୟ ହିଁ ଆମ୍ଭେମାନେ ଦେଖିବାକୁ ପାଇଥାଉ ଯେ, କଷ୍ଟର ସଂସାରରେ, ଅଭାବର ସଂସାରରେ ସନ୍ତାନ ସଂଖ୍ୟା ଅଧିକ ।

Digitized by PPRACHIN, SOA

ପୁନଶ୍ଚ ସ୍ୱଚ୍ଛଳ, ଲକ୍ଷ୍ମୀ ଶ୍ରୀମଣ୍ଡିତ, ଶିକ୍ଷିତ ପରିବାରରେ ସାଧାରଣତଃ ସନ୍ତାନ ସଂଖ୍ୟା କମ୍ ଏହାର କାରଣ ଅନ୍ତ ନିଷ୍ଟ। ପ୍ରଥମ କଥା ହେଲା ମାନସିକ ପ୍ରସାରଣା, ଉତ୍ତର ଉଦାରତା ଏବଂ ନୈତିକ ଦୃଢ଼ତା ବେଶୀ କ୍ଷେତ୍ରରେ ଦାରିଦ୍ର୍ୟର କଷାଘାତରେ ନଷ୍ଟ ହୋଇଯାଏ। ତଦୁପରି ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ସହାନୁଭୂତିଶୀଳ ଅନୁକମ୍ପାର ଅଭାବ, ପରସ୍ପର ମଧ୍ୟରେ ଭାବର ଆଦାନ-ପ୍ରଦାନର ଅପାରଗ୍ୟ, ଅବସର ସମୟରେ ଜଣେ ଅନ୍ୟକୁ ନିର୍ଦ୍ଦୋଷ ଅଥଚ ତୃପ୍ତିପ୍ରଦ ସଙ୍ଗଦାନରେ ଅପାରଗତା ଇତ୍ୟାଦି ଅନେକ ସମୟରେ ଅଧିକ ସନ୍ତାନ ଜନ୍ମର ପ୍ରଧାନ କାରଣ। ଏବଂ ପିତାମାତାର ମାନସିକ ଅସୁସ୍ଥତାର କାରଣ ସ୍ୱରୂପ ଏହିପରି ସନ୍ତାନ ପ୍ରାପ୍ତ ହିଁ ସୁସନ୍ତାନ ପର୍ଯ୍ୟାୟରେ ଗଣ୍ୟ ହୁଅନ୍ତି ନାହିଁ। କାରଣ ସୁସନ୍ତାନ ପାଇବାକୁ ହେଲେ ପିତାମାତାଙ୍କୁ ସର୍ବପ୍ରଥମେ ସମ୍ପୂର୍ଣ୍ଣ ରୂପେ, ସୁସ୍ଥ ଦେହ ଓ ମନର ଅଧିକାରୀ ହେବାକୁ ହୁଏ; ଏହି ବ୍ୟାପାରରେ ପୁନଶ୍ଚ ବହୁ ଦିଗରୁ ବିବେଚନା କରିବାର ଅଛି। କିନ୍ତୁ ଏହିଟା ହିଁ ମୁଖ୍ୟ କଥା। ସନ୍ତାନ-ଧାରଣର ମୁହୂର୍ତ୍ତରେ ସ୍ୱାମୀ-ସ୍ତ୍ରୀର ମାନସିକ ଓ ଶାରୀରିକ ଅବସ୍ଥା ଉପରେ ପ୍ରଧାନତଃ ସନ୍ତାନର ଜୈବୀ ସ୍ଥିତି ଅନେକାଂଶରେ ନିର୍ଭର କରେ।

ଅପର କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀ ଉଭୟେ ହିଁ ସତ୍ୟ ଓ ଉଚ୍ଚ-ଭାବ ଦ୍ୱାରା ଅନୁପ୍ରାଣିତ ରହିବାର ଧାରା ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ସକ୍ଷମ ହୁଏ। ସେବା, ସହାନୁଭୂତି ଓ ପରିପୂର୍ଣ୍ଣ ଦରଦର ସହିତ ଏକେ ଅନ୍ୟର ପ୍ରିୟତମ ବନ୍ଧୁର ସଦୃଶ ଅନ୍ତ ନିକଟରେ ଚଳିପାରନ୍ତି। ଆଶାରେ, ଭରସାରେ, ଉତ୍ସାହ ଓ ଉଦ୍ଦୀପନାରେ ପରସ୍ପର ପରସ୍ପରର ଅବସାଦ ଓ କ୍ଳାନ୍ତି ଦୂର କରିପାରେ। ସ୍ୱାମୀ

Digitized by PPRACHIN, SOA

ସ୍ତ୍ରୀର ଏହି ପ୍ରକାର ସୁସ୍ଥ ମିଳନ ଓ ମଧୁର ନାଃଶଙ୍କ ଉପଭୋଗ ଦ୍ୱାରା ବର୍ତ୍ତମାନ ସମୟରେ ଏଇ ଭାବରେ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ବ ଉଭୟଙ୍କର ମିଳିତ ଜୀବନ ଶାନ୍ତ ଓ ନିଶ୍ଚୟ ତୃପ୍ତିମୟ ହୋଇ ଉଠିବ ।

ଅଭ୍ୟାସ କରିଲେ ଜଗତରେ କିଛି ଅସମ୍ଭବ ନୁହେଁ । ମନୁଷ୍ୟ ବିବେକ-ବୁଦ୍ଧି ଓ ସଂଯମର ଅଧିକାରୀ । ଅନୁଶୀଳନ କରିଲେ ତାହା ପକ୍ଷରେ କିଛି ହିଁ ଅସମ୍ଭବ ନୁହେଁ । ଯେଉଁ ଉପଭୋଗର ପଶ୍ଚାତ୍‌ରେ ମନସ୍ତାପ ଓ ଅଶାନ୍ତି ବର୍ତ୍ତମାନ ଅଛି, ଅଳ୍ପ ଟିକିଏ ଚେଷ୍ଟା କରି ସେଥିରୁ ଯେତେଦୂର ସମ୍ଭବ ଅବ୍ୟାହତି ଲାଭ କରିବା କଣ ସମ୍ଭବ ନୁହେଁ ? ଜନନ-ନିରୋଧ ପ୍ରୟୋଜନରେ କୃତ୍ରିମ ଉପାୟ ଅବଲମ୍ବନ କରି ଅଥବା ଦୁଃଶ୍ଚିନ୍ତା ଓ ଉଦ୍‌ବେଗରେ କାଳଯାପନ କରିବା, ସ୍ୱାସ୍ଥ୍ୟ-ବିକୃତିବରଣ କରିନେବା କୌଣସି-ବେଳେ ହିଁ ସମୀଚୀନ ନୁହେ ଏବଂ ତାହାର ପ୍ରୟୋଜନ ମଧ୍ୟ ନାହିଁ ।

ଏହି ସମ୍ବନ୍ଧରେ ପୁରୁଷ ଅପେକ୍ଷା ନାରୀର କ୍ଷମତା ଅଧିକ । ନାରୀ ଶକ୍ତିମୟୀ-ମହାଶକ୍ତିର ଆଧାର-ଶକ୍ତି ଅଂଶରେ ତାହାର ଜନ୍ମ । ସିଏ ଯେଉଁ ଭାବ ଓ ଅନୁପ୍ରେରଣା ପୁରୁଷର ହୃଦୟରେ ଜାଗ୍ରତ କରାଇବ, ପୁରୁଷ ସେହି ଭାବଦ୍ୱାରା ଅନୁପ୍ରାଣିତ ହୋଇ କର୍ମ କ୍ଷେତ୍ରରେ ଅଗ୍ରସର ହୁଏ । ଏହା ହିଁ ଚିରନ୍ତନ ।

"କାର୍ଯ୍ୟେଷୁ ମନ୍ତ୍ରୀ, କରଣେଷୁ ଦାସୀ,
ସ୍ନେହେଷୁ ମାତା, କ୍ଷମୟା ଧରିତ୍ରୀ ।
ଶୟନେଷୁ ରମ୍ଭା, ସଙ୍ଗେ ସଖୀ,
ସା ସୀତା ପ୍ରିୟା ମେ ।"

Digitized by PPRACHIN, SOA

ଏହା ହିଁ ହେଲା ନାରୀର ସତ୍ୟକାର ସୁସ୍ଥ ରୂପ । ଏହି ଭାବରେ ସମୟୋପଯୋଗୀ ବିଭିନ୍ନ ରୂପରେ ନାରୀ ଯଦି ତାହାର ପୁରୁଷ ନିକଟରେ ଦଣ୍ଡାୟମାନ ହୋଇପାରେ, ତେବେ ସମସ୍ତ ଜଗତ ତାହାର ଚରଣରେ "ମା ମୋର, ଜନନୀ ମୋର, ଧାତ୍ରୀ ମୋର" କହି ଧନ୍ୟ ହେବ, କୃତାର୍ଥ ହେବ । ବାସ୍ତବ ଜଗତ ହୋଇ ଉଠିବ ସ୍ୱର୍ଗ ଦୁଃଖ, କ୍ଲେଶ, ଅଶାନ୍ତି । ନାରୀର ଏହି କଲ୍ୟାଣୀ ରୂପର ସ୍ପର୍ଶରେ ସୁଖ, ଶାନ୍ତି ଓ ତୃପ୍ତିରେ ରୂପାନ୍ତରିତ ହୁଏ । ଏହି ଯୁଗ ସନ୍ଧିକ୍ଷଣରେ, ଜାତିର ଏହି ଘୋର ଦୁର୍ଦ୍ଦିନରେ ଉଠ ନାରୀ, ଜାଗ୍ରତ ହୁଅ ମାତା ଦଶ ପ୍ରହରଣ ହସ୍ତରେ ଅସୁର ବିନାଶ କରି, ଅଶିବ ନାଶ କରି ପୁନର୍ବାର ଜଗତରେ ସତ୍ୟ-ଶିବ-ସୁନ୍ଦରର ପ୍ରତିଷ୍ଠା କର । ସ୍ୱାମୀ ଓ ସନ୍ତାନର ହାତ ଧରି ମାଭୈଃ ମନ୍ତ୍ରରେ ସେମାନଙ୍କୁ ସତ୍ୟର ପଥରେ, ନ୍ୟାୟର ପଥରେ, ମଙ୍ଗଳର ପଥରେ ପରିଚାଳିତ କର ।

କାରଣ, ନାରୀ ହିଁ ଜନନ-ନିୟନ୍ତ୍ରୀ । ନାରୀ ବିବେଚନା-ପ୍ରସୂତ ବିଧି ବୁଦ୍ଧି ଅନୁସରଣରେ ପ୍ରୟୋଜନ ଅନୁସାରେ ନିଜେ ହିଁ ଜନନ ନିୟନ୍ତ୍ରଣ କରିବାକୁ ସକ୍ଷମ ଆବଶ୍ୟକ ହୋଇଲେ । ଶାସ୍ତ୍ରର ଓ ରାଜସ୍ୱାର୍ଥେ ନିର୍ଦ୍ଦିଷ୍ଟ ବିଧି ଓ ନିଷେଧ ଦିବସାଦି ଲକ୍ଷ୍ୟ କରି ଚାଲିଲେ ନାରୀ ସ୍ୱୟଂ ପ୍ରୟୋଜନାନୁସାରେ ସନ୍ତାନ ଜନନ କାର୍ଯ୍ୟରେ ନିୟନ୍ତ୍ରଣ କରିପାରନ୍ତି ।

Digitized by PPRACHIN, SOA

ନାରୀ ଜୀବନରେ ଅର୍ଥ ସମସ୍ୟା

ବିଂଶ ଶତାବ୍ଦୀର ଜୀବନ ସମସ୍ୟା-ସମାକୀର୍ଣ୍ଣ । ଘରେ ବାହାରେ ବହୁବିଧ ସମସ୍ୟାରେ ବିଂଶ ଶତାବ୍ଦୀର ମନୁଷ୍ୟ ଜରାଜୀର୍ଣ୍ଣ । ଅର୍ଥନୈତିକ-ସମସ୍ୟା, ଶିକ୍ଷା-ସମସ୍ୟା, ରୋଗବ୍ୟାଧିରେ-ଚିକିତ୍ସା ସମସ୍ୟା, ବେକାର-ସମସ୍ୟା, ବାସ୍ତୁହରା-ସମସ୍ୟା, ନାନାବିଧ ସମସ୍ୟାରେ ମନୁଷ୍ୟ ଆଜି ଉଦ୍‌ଭ୍ରାନ୍ତ ହୋଇଛନ୍ତି । କୌଣସି ଦିଗରେ ସେମାନେ ଆଲୁଅ ଦେଖି ନାହାନ୍ତି । ନିରାଶାର ଅନ୍ଧକାରରେ ଜୀବନ ପରିପୂର୍ଣ୍ଣ । ପ୍ରାଣର ପ୍ରଦୀପ ନିରାଶରେ ନିଷ୍ପ୍ରଭ । ଉତ୍ସାହ ନାହିଁ, ଉଦ୍ଦୀପନା ନାହିଁ, କୌଣସି ପ୍ରକାର ପ୍ରାଣର ସମାବେଶ ନାହିଁ । ଜୀବନରୁ ଆନନ୍ଦ ଉତ୍ସାହ ଲିଭି ଯାଇଛି । ଆକାଶର ଅଳକ ଇସାରାରେ ଡାକେ ନାହିଁ । ବତାସର ବଂଶୀ ଆଉ କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହୋଇ ପ୍ରୀତିର ସୁଧା ଢାଳୁ ନାହିଁ । ସମସ୍ତ ହିଁ ପ୍ରାଣହୀନ । ସମୁଦାୟ ହିଁ ବିବର୍ଣ୍ଣ । କେବଳ ଦିନଗତ ପାପକ୍ଷୟ କରି ଚାଲିବା । କେବଳ କୌଣସି ପ୍ରକାରେ ବଞ୍ଚି ରହିବା । କେବଳ ଧୂକ-ଧୂକରେ ନମରି ରହିବା ପ୍ରାଣ ଟିକକୁ ଜିଆଇ ରଖିବା । ଭୁକ୍ତଭୋଗୀ ମାନେ ହିଁ ସେ କଥା ଜାଣନ୍ତି—ବେଶୀ ବର୍ଣ୍ଣନାର ଅପେକ୍ଷା ସେମାନେ ରଖନ୍ତି ନାହିଁ ।

ସ୍ତ୍ରୀ-ପୁରୁଷ ମିଶି ସଂସାର । ଗୋଟିଏ ଅନ୍ୟର ପରିପୂରକ । ଦୁଇଟି ମିଶି ଗୋଟିଏ ଅଖଣ୍ଡ ଏକ । ଜଣେ କାରଣ ଓ ଅନ୍ୟ ଜଣେ କାର୍ଯ୍ୟ । ଜଣେ ପ୍ରାଣ, ଅନ୍ୟ ଜଣେ ଦେହ । ଜଣେ ଆଭ୍ୟନ୍ତର, ଅନ୍ୟ ଜଣେ

Digitized by PPRACHIN, SOA

ବହିରଙ୍ଗ । ପ୍ରାଣ ଓ ଦେହ ଯେଉଁ ଜୀବନ ଅବାଧରେ ଚାଲୁ ଅଛି । କାର୍ଯ୍ୟ ଓ କାରଣର ସୁସମ୍ବନ୍ଧ ରହିଲେ ସାଂସାରିକ ଗତିର ନିଜ ପତନ ଘଟେ ନାହିଁ । ନାରୀ-ପୁରୁଷ ଦୁହେଁ ମିଶି ସଂସାର ଧାରା ଅବାଧରେ ଚାଳନା କରି ଥାଆନ୍ତି । ନାରୀ-ପୁରୁଷ ଦୁହେଁ ମିଳି ଜୀବନ ସମୁଦ୍ରକୁ ପାର ହୋଇ ଯାଆନ୍ତି ଜଣେ ଜଣକର ଦକ୍ଷିଣ ପବନରେ । ସ୍ୱାଭାବିକ ପରସ୍ପରର ପ୍ରେମ ସମ୍ବନ୍ଧ ସହଯୋଗିତାର ଦାକ୍ଷିଣ୍ୟରେ ଜୀବନ ସହଜ ହୁଏ । ସୃଷ୍ଟିର ଆବାହନରୁ ଏହିପରି ଭାବରେ ଚାଲି ଆସୁଛି । କିନ୍ତୁ ଆଜି ଆମ୍ଭେମାନେ କଣ ଦେଖୁଛୁ ? ଏହାର ସମସ୍ତ ଓଲଟା ।

ମନେହୁଏ ଜୀବନ ରଥ ଯେପରି ଚାଲୁ ନାହିଁ । ଗୋଟିଏ ପରେ ଅନ୍ୟଟିରେ ସମସ୍ୟା ଉପଳ ଖଣ୍ଡରେ ଅଟକି ଯାଇ ଯେପରି ରଥ ଅଟକି ଯାଉଛି । କ୍ରମାଗତ ଠୋକରର ଖାଇ ଖାଇ ଜୀର୍ଣ୍ଣ ହୋଇ ଆସୁଛି । ଯେ କୌଣସି ମୁହୂର୍ତ୍ତରେ ଏହି ରଥର ଚକଟି ଭଗ୍ନ ହୋଇଯାଇପାରେ । ଜୀବନ ଏକାଥରକେ ପଙ୍ଗୁ ହୋଇ-ଯାଇପାରେ । କିପରି ଭାବରେ ଏହାର ସମାଧାନ ହେବ ? କିପରି ଭାବରେ ଏହି ବିପର୍ଯ୍ୟୟର ହସ୍ତରୁ ରକ୍ଷା ମିଳିବ ? ଭାବି ଦେଖିବା ଉଚିତ । ଉଚିତ ଉପାୟ ନିର୍ଦ୍ଧାରଣ କରିବା ।

ସମସ୍ତଙ୍କଠାରୁ ବଡ଼ ସମସ୍ୟା ହେଲା ଅର୍ଥନୈତିକ ସମସ୍ୟା । ଅନ୍ନ, ବସ୍ତ୍ରର ସମସ୍ୟା । ଅର୍ଥାତ୍ ଜୀବନ ଧାରଣ କରିବାର ସମସ୍ୟା । ଉଦରରେ ଗଣ୍ଡାଏ ଭାତ ଥିଲେ, ପିନ୍ଧିବାକୁ ଖଣ୍ଡେ ବସ୍ତ୍ର ଥିଲେ, ମୁଣ୍ଡ ଗୁଞ୍ଜିବାକୁ ଟିକେ ସ୍ଥାନ ଥିଲେ ମନୁଷ୍ୟର ଅଭାବ ଟିକିଏ ଦୂରୀଭୂତ ହୁଏ । ସେତେବେଳେ ତାର ମନର ଜୋର୍ ଆସେ ।

Digitized by PPRACHIN, SOA

ପଦାର ଝଡ଼ ବତାସ ଟିକିଏ କମ୍ ଅନୁଭବ ହୁଏ । ଅନ୍ୟ ସବୁ ସମସ୍ୟା ସେତେବେଳେ ସମାଧାନ ଯୋଗ୍ୟ ବିବେଚିତ ହୁଏ । ପେଟ ଥଣ୍ଡା ରହିଲେ ମନୁଷ୍ୟର ଅନ୍ୟ ସବୁ ଥଣ୍ଡା ଆସିଯାଏ । ମସ୍ତିଷ୍କ ସେତେବେଳେ ଠିକ୍ ଆସିଯାଏ ଓ ଅନ୍ୟ ସମସ୍ୟାଗୁଡିକ ସମାଧାନର ଶକ୍ତି ଆସେ ।

କିନ୍ତୁ ବର୍ତ୍ତମାନ ଆମ ପରି ମଧ୍ୟବିତ୍ତ ସଂସାରରେ କେତେ ଜଣଙ୍କର ମସ୍ତିଷ୍କ ଥଣ୍ଡା ଥାଏ ? କେତେ ଜଣ ବଞ୍ଚିବା ପାଇଁ ଆହାର, ପରିଧେୟ ବସ୍ତ୍ର ଓ ରହିବା ପାଇଁ ଖଣ୍ଡେ ସ୍ଥାନ ପାଉଛନ୍ତି ? କେତେ ଜଣ ବଞ୍ଚିବାର ସୁସ୍ଥ ଅଧିକାର ପାଉଛନ୍ତି ? କେତେ ଜଣ ସଂସାରରେ ମୁଣ୍ଡ ଟେକି ଚାଲି ପାରୁଛନ୍ତି ?

ଖୁବ୍ କମ୍ ଲୋକ ପାଉଛନ୍ତି । ବିପୁଳ ଜନସଂଖ୍ୟାର ଅତି ନଗଣ୍ୟ ଅଂଶ ହିଁ ଆଜିକାର ବଜାରରେ ତୃପ୍ତ ଦେହ-ମନରେ ମନୁଷ୍ୟର ଅଧିକାର ନେଇ ସମାଜର ବୁକୁରେ ସ୍ୱଚ୍ଛନ୍ଦରେ ବିଚରଣ କରିବାକୁ ସମର୍ଥ ହୋଇଛନ୍ତି । ଆଉ ଅନ୍ୟମାନେ ? ତାଙ୍କର ଅବସ୍ଥା କାହାରି ଅଗୋଚର ନାହିଁ । ସେମାନେ କେବଳ ଦିନଗତ ପାପ କ୍ଷୟ କରି ଚାଲିଛନ୍ତି । ଅସହାୟ ଭାବରେ ତାଙ୍କର ଶେଷ ପରିଣାମ କଣ ତାହାହିଁ ଲକ୍ଷ୍ୟ କରି ଚାଲିଛନ୍ତି ସେମାନେ ।

ଏ ଅବସ୍ଥା ପାଇଁ ଦାୟୀ କିଏ ? ସେ ପ୍ରଶ୍ନ ଥାଉ, ସେ ଦିଗକୁ ବର୍ତ୍ତମାନ ଯାଉ ନାହିଁ । ଏଇ ପ୍ରକାର ଜୀବନ-ଚଳନାର ସଙ୍କଟରେ କେଉଁମାନେ ସର୍ବାପେକ୍ଷା ଅଧିକ ମର୍ମପୀଡ଼ା ଭୋଗ କରୁଛନ୍ତି, କେଉଁମାନଙ୍କର ମଧୁର ହସ, ଜୀବନର ସରସତା ସଂସାରର

Digitized by PPRACHIN, SOA

ମରୁଭୂମିରେ ମିଳାଇ ଯାଉଛି, ଏ ସମସ୍ୟାର ସମାଧାନରେ କେଉଁ-ମାନେ ଘରେ ବାହାରେ ଦଗ ବଦଗ ଶୂନ୍ୟ ହୋଇ ଉପାୟ ନିର୍ଦ୍ଧାରଣ କରିବାପାଇଁ ମରୀଚିକାର ପଶ୍ଚାଦରେ ଧାବିତ ହେଉ-ଅଛନ୍ତି, କ୍ଳାନ୍ତିରେ ମଝିରେ ରହି ଯାଉଛନ୍ତି ସେଇମାନଙ୍କ ବିଷୟରେ କିଛି କହିବା । ନାରୀ ଗୃହଲକ୍ଷ୍ମୀ । 'ଲକ୍ଷ୍ମୀ କଥା ଆସିଛି ଶ୍ରୀ ଅର୍ଥାତ୍ ସେବା କରିବା କଥାରୁ । ସେବା, ସହାନୁଭୂତି ଏବଂ ଅନାବିଳ ସାହଚର୍ଯ୍ୟ ଦ୍ୱାରା ଗୃହର ଶ୍ରୀ ସମ୍ପାଦନ କରିଥାଆନ୍ତି ଯିଏ ସେ ହେଲେ ଗୃହଲକ୍ଷ୍ମୀ । ନାରୀର ସହଜାତ ସଂସ୍କାର ହେଲା ଗୃହକୁ ସୁନ୍ଦର, ସୁଶ୍ରୀ ଓ ସ୍ୱାସ୍ଥ୍ୟକର କରି ଗଢ଼ି ତୋଳିବା ଏବଂ ସେଇ ପରିବେଶରେ ତାର ପ୍ରିୟତମ ପତିଦେବତା ଓ ତାହାର ପରିଜନ-ବର୍ଗ ସହ ନିଜର ସନ୍ତାନ ସନ୍ତତିର ପୁଷ୍ଟି ସାଧନ କରିବା । ନାରୀ (ନାଳସୂତ୍ର) ଅର୍ଥାତ୍ ଯେ ବୃଦ୍ଧି କରାଏ । ପ୍ରିୟଜନବର୍ଗଙ୍କୁ ବୃଦ୍ଧି କରିବା, ଯାହାର ଧର୍ମ ହେଲା ପରିବାରକୁ ଯିଏ ବଞ୍ଚାଇ ରଖେ—ଏହା ହିଁ ହେଲା ନାରୀ ଚରିତ୍ରର ବୈଶିଷ୍ଟ୍ୟ । ସ୍ୱାମୀ ନାରୀର ଅସ୍ତିତ୍ୱ । ନାରୀ ଜୀବନର ସୁଖ ଓ ଶାନ୍ତିର ଉତ୍ସ ହେଲେ ତାଙ୍କର ସ୍ୱାମୀ । ଭଲପାଇବା ହିଁ ହେଲା ନାରୀର ଜୀବନ । ପ୍ରେମହୀନ ଜୀବନ ନାରୀ ନିକଟରେ ମରୁଭୂମି । ସ୍ୱାମୀ ପ୍ରେମ ନାରୀର ପ୍ରାଣପ୍ରଦୀପ ।

ପୁନଶ୍ଚ ନାରୀ ଓ ପୁରୁଷ ମଧ୍ୟରେ ସେତୁ ହେଲା ତାଙ୍କର ସନ୍ତାନ । ସ୍ୱାମୀ-ସ୍ତ୍ରୀର ମିଳିତ ଜୀବନରେ ସନ୍ତାନ ହିଁ ଆସେ ବୈଚିତ୍ର୍ୟ । ସନ୍ତାନ ନାରୀ-ଜୀବନର ପରମ ସମ୍ପଦ । ମାତୃତ୍ୱର ବିକାଶ ହିଁ ନାରୀତ୍ୱର ପରମ ଓ ଚରମ ପରିଣତି । ମାଆ ହେବା ସକାଶେ ନାରୀର ଜନ୍ମ ଏବଂ ଏଇଥିରେ ହିଁ ଆସେ ନାରୀ ଜନ୍ମର

Digitized by PPRACHIN, SOA

ସାର୍ଥକତା । ନାରୀର ଦେହ ଓ ମନ ଏହି ଉପାଦାନରେ ଗଠିତ । ବିଶ୍ୱନିୟନ୍ତାର ଆକାଙ୍କ୍ଷା ନାରୀର, ମାତୃତ୍ୱ ରୂପରେ ହିଁ ସାର୍ଥକତା ଆଣିଥାଏ । ନାରୀ ଧାତ୍ରୀ, ନାରୀ ପାଳୟିତ୍ରୀ ପୁନରାୟ ନାରୀ ହିଁ ମାତା । ସନ୍ତାନର ଦେହ ମନର ପରିମାପ ସାଧନ କରିବା ନାରୀର କୃତିତ୍ୱ । ସ୍ୱାମୀ ଓ ସନ୍ତାନ ନାରୀ ଜୀବନର ମେରୁଦଣ୍ଡ । ସେହି ମେରୁଦଣ୍ଡରେ ଯେତେବେଳେ ବ୍ୟାଧି ପ୍ରବେଶ କରେ ନାରୀର ଜୀବନ ସେତେବେଳେ ଅଚଳ ହୋଇଯାଏ । ସେତେବେଳେ ନାରୀର ଜୀବନ ମନ୍ଦିରରୁ ସମସ୍ତ ଆଲୋକ ଲିଭିଯାଏ । ନାରୀ ଯେତେବେଳେ ଅନ୍ଧକାରରେ ଘୂରିବୁଲେ । ସେମାନଙ୍କର ଦୁର୍ଗତିରେ ସେ ଦିଗଭ୍ରାନ୍ତ ହୋଇ ଚତୁର୍ଦ୍ଦିଗ ଘୂରିବୁଲେ—କେଉଁଠି ନିରାକରଣ ହେବ ଏହା ହିଁ ଖୋଜି ବୁଲେ । କିନ୍ତୁ ଉପାୟ ? ଦୁଃଖ କିଣ କମିଯାଏ ? ସ୍ୱାମୀ ଓ ସନ୍ତାନର ଜୀବନ କିଣ ସେଥିରେ କଣ୍ଟକଶୂନ୍ୟ ହୁଏ ?

ପ୍ରୟୋଜନୀୟ ଅର୍ଥର ଅଭାବରେ ସନ୍ତାନ ଉପଯୁକ୍ତ ଶିକ୍ଷା ପାଏ ନାହିଁ । ଗୋଟିଏ ମନୁଷ୍ୟ ପରି ମନୁଷ୍ୟ ହୋଇ ଗଢ଼ି ଉଠି ପାରେ ନାହିଁ ଏ ସୁଯୋଗ ସୁବିଧା ସେ ପାଏ ନାହିଁ । ସ୍ୱାମୀ ମୁଖରେ ସୁପୁଷ୍ଟିକର ଖାଦ୍ୟ ତୋଳି ଦେଇପାରେ ପାରେ ନାହିଁ । ସେହି ସ୍ତ୍ରୀର ସମ୍ମୁଖରେ ପୁଷ୍ଟିକର ଖାଦ୍ୟର ଅଭାବରୁ ଧୀରେ ଧୀରେ ସ୍ୱାମୀର ସ୍ୱାସ୍ଥ୍ୟର ଅବନତି ହୋଇଯାଏ । ନିରୁପାୟ ହୋଇ ସ୍ତ୍ରୀ କେବଳ ନିଃସହାୟତାରେ ଦେଖିବା ବ୍ୟତୀତ ଆଉ କିଛି କରିପାରେ ନାହିଁ । ସଂସାର ବିଷାକ୍ତ ହୋଇ ଉଠେ, ଜୀବନ ଦୁର୍ବହ ହୋଇ-ଯାଏ । କୌଣସି ଉପାୟ ନଦେଖି ନାରୀ ଗୃହକାର୍ଯ୍ୟର ଉଦ୍ଦେଶ୍ୟରେ ଗଳି ଗଳି ବୁଲିବୁଲେ । ଅର୍ଥ ଉପାର୍ଜନ ସକାଶେ ବିଭିନ୍ନ ପନ୍ଥା ଗ୍ରହଣ କରିଥାଏ । ନାରୀର ପ୍ରିୟ ସ୍ଥାନ ହେଲା ନିରୁଦ୍‌ବେଗ

Digitized by PPRACHIN, SOA

ଶାନ୍ତଶ୍ରୀ ମଣ୍ଡିତ ଆତ୍ମୀୟ-ସ୍ୱଜନ ପରିବେଷ୍ଟିତ ଗୃହର ନଗପଦ ଆଶ୍ରୟ ନାରୀର ଚିରକାଳ ପ୍ରିୟବସ୍ତୁ-ଆକାଙ୍କ୍ଷା ସାମଗ୍ରୀ । ସକ୍ଷ-ସ୍ୱପ୍ନର ଆଧାର, ଅଭାବ ଅଭିଯୋଗ ବର୍ଜିତ ଗୋଟିଏ ନୀଡ଼ର ପରିକଳ୍ପନା ତାର ଆବାଲ୍ୟର ସାଧନା । ତାର କୁନ୍ଦେଇ ଘର ଖେଳିବା ସମୟର ପରିକଳ୍ପନା । ତାର ବଳାସିତାର ପ୍ରୟୋଜନ ନାହିଁ—ଅସ୍ତିତ୍ୱର ପ୍ରୟୋଜନ ।

ଏହିପରି ଗୃହଟିକୁ ନାରୀ ତ୍ୟାଗ କରିବାକୁ ବାଧ୍ୟ ହୁଏ, ଅତି ଦୁଃଖରେ । ଅନେକ ଅଭାବ ଅଭିଯୋଗ ପରେ ନାରୀ ତାର ଘର ଛାଡ଼ିବାକୁ ବାଧ୍ୟ ହୁଏ । ପ୍ରଥମରେ ଦେହ-ମନ ଚାହେଁ ନାହିଁ ଏ କାର୍ଯ୍ୟ କରିବାକୁ; କିନ୍ତୁ ପରେ ସବୁ ଦେହ-ମନ ସହିଯାଏ । କଷ୍ଟସାଥି ହୋଇଉଠେ ତାହାର ରୁକ୍ଷ ଜୀବନ । ତେବେ ବା ଉପାୟ ଥାଏ ନାହିଁ ତାର । ଏହି ବିଂଶ ଶତାବ୍ଦୀର କୋଳରେ ନାରୀକୁ ଅର୍ଥ ଉପାର୍ଜନ କରିବାକୁ ହୁଏ ବିଭିନ୍ନ ପଥରେ ଯାତ୍ରୀ ହୋଇ । ଗୃହର ଅବସ୍ଥା ସ୍ୱଚ୍ଛଳ କରିବା ପାଇଁ ନାରୀକୁ ଖୋଜିବାକୁ ହୁଏ ରୁକ୍ଷତା । ସ୍ୱାମୀ ଓ ସନ୍ତାନର ସ୍ୱାସ୍ଥ୍ୟ ଫେରାଇ ଆଣିବା ପାଇଁ ନାରୀକୁ ଖୋଜିବାକୁ ହୁଏ ରୁକ୍ଷତା । ଅର୍ଥନୈତିକ ସମସ୍ୟା ସାଧନ ପାଇଁ ନାରୀକୁ ଦୀର୍ଘ ସମୟ ପଦାରେ କଟାଇବାକୁ ହୁଏ ।

କିନ୍ତୁ ଏଥିରୁ କଣ ସମସ୍ୟାର ସମାଧାନ ହୁଏ ? ଅଭାବ ଅଭିଯୋଗ କଣ ଦୂରୀଭୂତ ହୁଏ ? ସ୍ୱାମୀ-ସନ୍ତାନର ସ୍ୱାସ୍ଥ୍ୟ କଣ ଫେରି ଆସେ ? ପୁନରାୟ କଣ ନାରୀ ଜୀବନରେ ଆନନ୍ଦ ଫେରି ଆସେ ? ଦୁଃଖ କଷ୍ଟର ଅବସାନ ହୁଏ ?

Digitized by PPRACHIN, SOA

ବର୍ତ୍ତମାନ କୁମାରୀ କନ୍ୟାଗଣଙ୍କର ସମ୍ବନ୍ଧରେ କିଛି କହିବାକୁ ଚାହେଁ ନାହିଁ । ଯେଉଁ ଝିଅମାନେ ସକ୍‌ରେ କିଛି ସମୟ ପଦାରେ କଟାଇ ଚାକରୀ ବାହାନାରେ କାଳଯାପନ କରିବା ପାଇଁ ଧାଇଁ ବୁଲନ୍ତି ତାଙ୍କର ଆଲୋଚନା ପରେ । ଯେଉଁମାନେ ଜନନୀ, ଗୃହିଣୀ ଯେଉଁମାନେ ବାଧ୍ୟ ହୋଇ ସ୍ୱାମୀ ସନ୍ତାନର ସୁଖ ପାଇଁ ଅର୍ଥ ଉପାର୍ଜନ କରି ବୁଲନ୍ତି, ତାଙ୍କର କଥା ମୁଁ ଏଠାରେ ଆଲୋଚନା କରିବି । ଦେଖିବା ଉଦ୍‌ବୃତ୍ତ ଅର୍ଥ ଉପାର୍ଜନ କରି ସଂସାରରେ କେତେଟା ସୁଖର ସ୍ରୋତ ବୁହାଇ ଦେବେ ?

ଗୃହିଣୀକୁ କାର୍ଯ୍ୟରେ ବାହାରିବାକୁ ହୁଏ । ଦୀର୍ଘ ସମୟ ସକାଳେ ତାହାକୁ ପଦାରେ ରହିବାକୁ ହୁଏ ସଂସାର ନିକଟରୁ ଅନୁପସ୍ଥିତ । କେବଳ ତାର ଅଫିସ ଛୁଟି ଦିନଟି ବ୍ୟତୀତ ସେ ସଂସାରରେ ସ୍ୱାମୀ-ସନ୍ତାନ ଓ ସ୍ୱଜନବର୍ଗଙ୍କର ସେବା କରିପାରେ ନାହିଁ । ଏକା ମଣିଷ ଘର ବାହାରେ କେତେ କାର୍ଯ୍ୟ ସମ୍ଭାଳିବ ? ଏହା ବ୍ୟତୀତ ନିଜର ଶାରୀରିକ କ୍ଲାନ୍ତି ମଧ୍ୟ ତ କିଛି ଅଛି । ଗୋଟିଏ ମନୁଷ୍ୟ ପକ୍ଷରେ ସେଥିପାଇଁ ଗୃହିଣୀ ସଂସାରରେ ଠିକ୍ ଠିକ୍ ମନ ସଂଯୋଗ କରିପାରନ୍ତି ନାହିଁ । ଏହି କାରଣରେ ସଂସାରର ସମସ୍ତ କାର୍ଯ୍ୟ ନିର୍ଭର କରିବାକୁ ହୁଏ ତୃତୀୟ ବ୍ୟକ୍ତିଙ୍କ ଉପରେ । ସମ୍ପର୍କୀୟ କୌଣସି ଲୋକ ଯଦି ମିଳେ ତାହାହେଲେ ତ ଭଲ, ତାହା ନହେଲେ ଟଙ୍କା ଦେଇ, ମାସିକ ଦରମା ଦେଇ ଦାସୀ ଚାକର ରଖିବାକୁ ହେବ । ରୋଜଗାରରୁ ଗୋଟିଏ ମୋଟା ଅଙ୍କ ବାହାରିଯାଏ ଦାସ-ଦାସୀଙ୍କର ମାସିକ ଦରମା ଓ ଖାଇବା ପିନ୍ଧିବାରେ ଏବଂ ସ୍ୱାମୀ-ସନ୍ତାନଙ୍କ ସୁଖର ଭାର ଛାଡ଼ି ଦେବାକୁ ହୁଏ ପଦା ଲୋକଙ୍କ ଉପରେ ।

Digitized by PPRACHIN, SOA

ଏହି ମଦା ଲୋକଙ୍କ ଉପରେ ବିଶ୍ୱାସ କରିଲେ ସେମାନେ କଣ ଉପଯୁକ୍ତ ଭାର ନେଇପାରିବେ ? ମୋର ସଂସାରର ଶ୍ରୀବୃଦ୍ଧିରେ ଅପରର ସ୍ୱାର୍ଥ କଣ ? ନିଃସ୍ୱାର୍ଥ ଭାବରେ ପରୋପକାର ସ୍ପୃହା ହେବ କାହିଁକି ଏହି ଯାନ୍ତ୍ରିକ ଯୁଗରେ ? ଯନ୍ତ୍ରରେ ଦେଲ ତାଳ, ଠିକ୍ ଯନ୍ତ୍ର ଚାଲିବ ତା ନହେଲେ ଅଚଳ । ଏହି ଯୁଗରେ ମନୁଷ୍ୟ ତାର ହୃଦୟ ହଜାଇ ଦେଇଛି । ମନୁଷ୍ୟ ଆଜି ନିଜର ଅସ୍ତିତ୍ୱ ରକ୍ଷା ନେଇ ବ୍ୟସ୍ତ । ସେଥିସକାଶେ ନିଜ ଲୋକର ସେବା ନିମନ୍ତେ ଅପର ନିକଟରୁ ତାହା ପାଇବା ଦୁରୂହ । ଗୃହିଣୀ ନିଜେ ଯଦି ବ୍ୟୟ କରିବେ ତାହାହେଲେ ନିଜର ଆୟ ଅନୁସାରେ ସେ ତାଙ୍କର ସଂସାରର ଖରଚ ବ୍ୟୟ କରିପାରିବେ କିନ୍ତୁ ଅପର ଲୋକ କଣ ତାହା ପାରିବ ? ଅଳ୍ପ ବ୍ୟୟରେ ସୁଷମ ଖାଦ୍ୟ ଇତ୍ୟାଦି ଖୁଆଇ ଗୃହିଣୀ ତାଙ୍କର ପରିଜନବର୍ଗଙ୍କର ସ୍ୱାସ୍ଥ୍ୟକୁ ବେଶ୍ ଦେଖିପାରିବେ କିନ୍ତୁ ସେହି ସ୍ଥାନରେ ଅପର ପକ୍ଷରେ କଣ ସମ୍ଭବ ?

ଗୃହିଣୀ ଯଦି ଦୀର୍ଘ ସମୟ ବାହାରେ ରହି ସମୟ କଟାଇବେ, ସେହି ସମୟରେ ଭୃତ୍ୟ ବ୍ୟକ୍ତିଙ୍କର ପରିଚର୍ଯ୍ୟାରେ ସେହି ଘରର କ୍ଷୟ କ୍ଷତିର ସମ୍ଭାବନା ବେଶି ହୋଇଥାଏ । ଗୃହିଣୀ ବାହାରୁ ଉଦ୍‌ବୃତ୍ତ ଅର୍ଥ ଉପାର୍ଜନ କରି ଆଣିଲେ ମଧ୍ୟ କେତେବେଳେ ହିଁ ସିଏ ଘରର ବାଜେ ଖର୍ଚ୍ଚକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ । ସମସ୍ତ ଦିନର ଅକ୍ଳାନ୍ତ ସହି ଶାରୀରିକ ଓ ମାନସିକ ପରିଶ୍ରମ କରିବା ପରେ ସ୍ୱାମୀ-ସ୍ତ୍ରୀଙ୍କର ଆତ୍ମସୁଖ ମିଳନ କଣ ସମ୍ଭବପର ହୁଏ ? ଦୁହେଁ ଦୁହିଙ୍କର ପ୍ରେମୋଚ୍ଛଳ ପ୍ରଦୀପ ଶିଖାରେ କଣ ତାଙ୍କର କ୍ଳାନ୍ତି ଦୂର କରିଦେଇ ପାରନ୍ତି ?

Digitized by PPRACHIN, SOA

ସମଗ୍ର ଦିନର ପରିଶ୍ରମ ପରେ ସ୍ତ୍ରୀ କଣ ତାହାର ସ୍ୱାମୀର କ୍ଲାନ୍ତି ଦୂର କରିପାରିବ ? ଗୃହିଣୀଙ୍କ ପ୍ରତି ଗୃହ ସ୍ୱାମୀର ପ୍ରେମାକର୍ଷଣ ଚିରଦିନ ପାଇଁ କଣ ଏହି ଅବସ୍ଥାରେ ଅତୁଟ ରହିପାରିବ ? ଗୃହର ପ୍ରତି ସ୍ୱାମୀର ନଜର କଣ ରହିପାରିବ ? ହୋଟେଲ୍-ରେସ୍ଟୁରେଣ୍ଟର ଖାଦ୍ୟଠାରୁ ଅପର ହସ୍ତର ଖାଦ୍ୟ କଣ ତାଙ୍କୁ ସୁସ୍ୱାଦୁ ଲାଗିବ ? ଗୋଟିଏ ପ୍ରଣୟ-ମଧୁର ଓ ପ୍ରତୀକ୍ଷାବ୍ୟାକୁଳ ଦୃଷ୍ଟି-ପ୍ରଦୀପର ଆକର୍ଷଣ ବ୍ୟତୀତ ଗୃହର ସମ୍ବନ୍ଧରେ ସ୍ୱାମୀର ମନ କିଅଣ ଧାବିତ ହେବ ? ଏହି ଘଟଣାଟି ମଧ୍ୟ ଆମର ବିଶେଷ ଭାବି ଦେଖିବା ଉଚିତ । ସ୍ୱାମୀ-ସ୍ତ୍ରୀର ପ୍ରେମାକର୍ଷଣ ଯଦି ନ ରହିଲା ତା ହେଲେ ସେହି ରୋଜଗାରରୁ କିଅଣ ସୁଖ ମିଳିବ ? ମନର ବନ୍ଧନ ଯଦି ଦିନକୁ ଦିନ ଢିଲା ହେଲା ତେବେ ଏହି ସଂସାରରେ ରହିଲା କିଅଣ ? ଦାମ୍ପତ୍ୟ ଜୀବନର ମାଧୁର୍ଯ୍ୟ କେଉଁଠାରେ ? ଟଙ୍କା କିଅଣ ଶାନ୍ତି ଦେବ ?

ତୃତୀୟତଃ ପଦାକୁ ଯାତାୟାତର ଗୋଟାଏ ଖରଚ ମଧ୍ୟ ଅଛି । ଉପଯୁକ୍ତ ବେଶଭୂଷା ନହେଲେ ବାହାର ସମାଜରେ ନିଜର ମାନ-ସମ୍ମାନ ରଖି ଚଳିବା ମୁସ୍କିଲ । ନିଜର ମାନ ରଖିବା ସକାଶେ କ୍ଲବ ଚାନ୍ଦା, ମନ୍ଦିରେ ମଝିରେ ବଣଭୋଜି, ଭଦ୍ର ଓ ସାମାଜିକତାର ସୁନାମ ରଖିବାକୁ ହେଲେ, ଚାକିରିରେ ଉନ୍ନତି କରିବାକୁ ଇଚ୍ଛା ଥିଲେ ସହକାରୀମାନଙ୍କୁ ଖୁସି ରଖିବାକୁ ହେବ । ଯେଉଁ ସମାଜରେ ମିଶିବାକୁ ହେବ ସେହି ସମାଜର ଅନୁପାତରେ ନିଜର ବେଶଭୂଷାକୁ ରଙ୍ଗୀନ କରି ଆଗେଇ ଯିବାକୁ ହେବ । ରାଶି କ୍ଲବର ସମାରୋହରେ ନିଜକୁ ଅର୍ପଣ କରିବାକୁ ହେବ । ତେବେ ତ ଚାକିରିରେ ଉନ୍ନତି ହେବ । ଯେଉଁ ଅର୍ଥ ରୋଜଗାର

Digitized by PPRACHIN, SOA

ସକାଶେ ଏତେ ପରିଶ୍ରମ ସେହି ଅର୍ଥରୁ କେତେ ଅଂଶ ବଞ୍ଚୁଛି ? ଏହି ଖରଚ ପରେ ତୁମ ପରିଶ୍ରମର ମଜୁରି ପୋଷେଇଲା କି ?

ଚତୁର୍ଥ ଏବଂ ମୁଖ୍ୟତଃ ମାତାର ଅଭାବରେ ଗୃହର ସନ୍ତାନ-ସନ୍ତତିର ଅବସ୍ଥା କପରି ସେହିଟା ହିଁ ଭାବିବାର କଥା । ସନ୍ତାନଙ୍କ ନିମନ୍ତେ ସଂସାର, ପୁତ୍ର-କନ୍ୟାଗଣଙ୍କ ସକାଶେ ଏହି ମାତ୍ର ରଚନା । ତା ନହେଲେ ପ୍ରେମିକ-ପ୍ରେମିକାଙ୍କରି ନିମିତ୍ତ ସଂସାରରେ ବନ୍ଧି-ଗଣ୍ଠିର ପ୍ରୟୋଜନ ହୁଏ ନାହିଁ । ହୃଦୟରେ ପ୍ରେମ ଥିଲେ, ଚକ୍ଷୁରେ ପ୍ରୀତିର ଆଲୋକ ଉଜ୍ଜ୍ୱଳିତ ହେଲେ, ଅନ୍ଧକାର ସୁଡ଼ଙ୍ଗର ମଧ୍ୟରେ ମଧ୍ୟ ସେମାନେ ଦୀପାଳିର ଆଲୋକ ଉପଭୋଗ କରନ୍ତି । ଦୀପାବଳି ଶୋଭିତ ସୁରମ୍ୟ ଅଟ୍ଟାଳିକା ନ ହେଲେ ମଧ୍ୟ ତାଙ୍କ ଜୀବନ ଯାତ୍ରା ଅଟକି ଯାଏ ନାହିଁ ।

ସନ୍ତାନ ସକାଶେ ଗୃହର ପ୍ରୟୋଜନ । ସନ୍ତାନ-ସନ୍ତତିର ଦେହ-ମନର ସ୍ୱାସ୍ଥ୍ୟର ପ୍ରୟୋଜନର ନିମନ୍ତେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଗୃହ ପରିବେଶ ପ୍ରୟୋଜନ—ପ୍ରୟୋଜନ ପିତାମାତାଙ୍କ ପ୍ରୀତି ସମ୍ମିଳିତ ନିବିଡ଼ ସାନିଧ୍ୟ ।

ପିତା ତାଙ୍କର କର୍ମରେ ପଦାରେ ଲିପ୍ତ । ମାତା ମଧ୍ୟ ପିତାଙ୍କ ପଦାନୁସରଣ କରି ବାହାରେ; ସେଠାରେ ସେ ଘରେ ସନ୍ତାନ-ସନ୍ତତିଙ୍କର ଅବସ୍ଥା କଣ ? କେଉଁଠାରୁ ସେମାନେ ସ୍ନେହର ପୁଷ୍ଟିକର ଖାଦ୍ୟ ପାଇବେ ? ସେହି ସ୍ନେହ ମମତା କଅଣ ଚାକର-ଦାସୀଙ୍କ ନିକଟରୁ ପାଇପାରିବେ ? ସେହି କ୍ଷୁଧାର ଆଶା କଣ ମିଟିଯିବ ସେହି ଦାସଦାସୀଙ୍କ ନିକଟରୁ ? ଜୀବନ ପୁଷ୍ଟି ପାଇବ ? ସେଇଥି-ସକାଶେ ସେମାନେ ଅନ୍ୟ ନିକଟରୁ ସେହି କ୍ଷୁଧା ମିଟାଇବା ସକାଶେ ସର୍ବଦା ଚେଷ୍ଟାରେ ଥାଆନ୍ତି । ମିଶି ରହିଥାଆନ୍ତି କେତେକ ଅବାଞ୍ଛିତ ଲୋକଙ୍କ ସହିତ । ଏହିପରି ଭାବରେ ବାଳକ ବାଳିକା

Digitized by PPRACHIN, SOA

ସେହି ଅଶିକ୍ଷିତ ଓ ବର୍ବର ସମାଜରେ ପିଲାଟି ଦିନରୁ ମିଶି ଭବିଷ୍ୟତରେ ବେଶ୍ ଗୋଟିଏ ବ୍ୟାଧିପୂର୍ଣ୍ଣ ସମାଜ ଗଠନରେ ସାହାଯ୍ୟ କରନ୍ତି । ଏହିପରି ଭାବରେ ଧୀରେ ଧୀରେ ବ୍ୟକ୍ତି ଦାମ୍ପତ୍ୟ, ଗୃହ, ସମାଜ ଓ ରାଷ୍ଟ୍ର ମଧ୍ୟ ଦୂଷିତ ବାତାବରଣରେ ପୂର୍ଣ୍ଣ ହୋଇ ବିଷାକ୍ତ କରିଥାଏ ଯାହା ବର୍ତ୍ତମାନ ହୋଇଛି । ଏହାର ନଜିର ମିଳେ ଶିଶୁ ଅପରାଧୀଙ୍କର ଜୀବନ ପର୍ଯ୍ୟାଲୋଚନା କରିଲେ । ସ୍ନେହ-ମମତାପୂର୍ଣ୍ଣ ଶାନ୍ତିମୟ ସୁନ୍ଦର ସ୍ନିଗ୍ଧ ପରିବେଶର ଅଭାବରେ କେତେ ଜୀବନ ଯେ ଅକାଳରେ ଦୁଷ୍ଟ ବ୍ୟାଧିଗ୍ରସ୍ତ ହୋଇଯାଏ, ଏବଂ ସମାଜ ଓ ସଂସାର ପକ୍ଷରେ ଏଇଟା ଯେ କେତେ ଦୂର ଅପୂରଣୀୟ କ୍ଷତି ତାହା କହି ଶେଷ କରି ହୁଏ ନାହିଁ ।

ସୁସନ୍ତାନ ମାନବ ଜୀବନର ପରମ ସମ୍ପଦ । ନାରୀ-ଜୀବନ ବୃକ୍ଷର ଅମୃତ ଫଳ ସୁସନ୍ତାନ ରୂପରେ ଝରି ପଡ଼େ । ମହାପୁରୁଷଙ୍କର ଜନନୀ ହେବାର ଗୌରବ ନାରୀ ଜୀବନର ଶ୍ରେଷ୍ଠ ଗୌରବ । ମହାନ୍ ଶାନ୍ତି ତାର ଶ୍ରେଷ୍ଠ ସନ୍ତାନ ଲାଭରେ । ଯଦି ଦୁନିଆର ଆଶା ମେଣ୍ଟାଇବା ସକାଶେ ନାରୀ ହିଁ ତାର ସନ୍ତାନର ପ୍ରାଣର ଦାବୀକୁ ଉପେକ୍ଷା କରେ ସେହି ନାରୀ ଏବଂ ଏହା ଫଳ ସ୍ୱରୂପ ତାର ସନ୍ତାନ ଯଦି ବିପଥଗାମୀ ହୁଏ ଓ ସନ୍ତାନର ଜୀବନରେ ଯଦି ଅମାନିଶାର ଘୋର ଅନ୍ଧକାର କଳା ମେଘ ହୋଇ ଆସେ । ସେହି ଅନ୍ଧକାରରେ ପୁନରାୟ କିଏ ଆଲୋକ ଉଦ୍ଭାସିତ ହେବ, ଜନନୀଗଣଙ୍କର ସାଂସାରିକ ଅର୍ଥନୈତିକ ପୁତ୍ତଳିକାଟିକୁ ସୁଦୃଢ଼ କରିବାକୁ ? ଜୀବନରେ ପୁନରାୟ କିଏ ସାର୍ଥକତା ଫେରି ଆଣିବ ? ଦେଶ କିଏଣ ପୁନରାୟ ଗଠିତ ହେବ ମହିମାନ୍ୱିତ ଭାବରେ ?

ତାହା ଦେଖିବାର ସମୟ ଆସିଛି ।

———

Digitized by PPRACHIN, SOA

ଶିକ୍ଷିକା

ମା—ହେ ମା, ମାଆ ଶୀଘ୍ର ଖାଇବାକୁ ଦିଅ । ଘୋର ଭୋକ ହେଉଛି ଶୀଘ୍ର ଦିଅ । ଦୁମ୍ ଦାମ୍ ଶବ୍ଦରେ ଘର ଭିତରେ ପଶିଲା ମଣି । ବହି ସିଲଟ କାଖରେ ଜାକିଛି—ଲୁଗାକଣା, ପଛପଟରୁ ହାଫ୍‌ପେଣ୍ଟ ଗୁଣ୍ଡା ଆଣ୍ଠୁ ପର୍ଯ୍ୟନ୍ତ ଧୂଳି ହୋଇଛି, ହାଓ୍ୱାଇ ଚପଲଟାକୁ ଫଟା, ଫଟ୍ ଶବ୍ଦ କରି ଖଟ ଉପରେ ବହି ସିଲଟ-ଗୁଡ଼ାକ ଦୁମ୍ କରି ଫିଙ୍ଗିଦେଇ ପୁନରାୟ ଡାକ ଦେଲେ ମାଆ—ମାଆ ।

ଘରେ ଦୁମ୍‌ଦାମ୍ ଶବ୍ଦ ହେବାରୁ ରୋଷାଇ ଘରୁ ମାନଦା ଲୁଗାରେ ହଳଦୀ ହାତ ପୋଛୁ ପୋଛୁ ଆସି କହିଲା, ମଣି—ଛୋଟ ବାବୁ ତମେ ଆସିଗଲ ? ସ୍କୁଲ ଛୁଟି ହୋଇଗଲା । ଆସ—ହାତ ମୁହଁ ଧୋଇ ଖାଇବ । ଆସି ଦେଖ ମୁଁ କେମିତି ତମପାଇଁ ବେଶ୍ ଲୁଚି ଭଜା ରଖିଛି । ବେଶ୍ ଫୁଲିଲା, ଫୁଲିଲା ଲୁଚି ବେଶ୍ ଗୋଲେଇ ହୋଇ ଏଇ କେତେପଦ କହିଲା । କିନ୍ତୁ ଯେମିତି ତାର ପାଦ ଦିଗକୁ ନଜର ପଡ଼ିଛି ତତ୍‌କ୍ଷଣାତ୍ ସ୍ୱର କଠିଣ ହୋଇଗଲା ଓ କହିଲା ଆଜି ପୁଣି ଏହି ଧୂଳି ଗୋଡ଼ରେ ଚପଲ ପିନ୍ଧି ଶୋଇବା ଘର ଭିତରକୁ ଆସିଛ ? ରୁହ ମୁଁ ଆଜି ନିଶ୍ଚୟ ମାଆକୁ କହିଦେବି । ଅବାଧ ପିଲା ମୋଟେ କଥା ଶୁଣୁ ନାହିଁ । ସେ ଦିନ ମାଆଠାରୁ ଏତେ ଗାଳି ଖାଇଲ ତଥାପି ମନେ ରହୁନାହିଁ, ହଉ ଦୁଷ୍ଟ ପିଲା—ଆଜି ନିଶ୍ଚୟ ମାଆକୁ କହିବି ।

Digitized by PPRACHIN, SOA

ମାନଦାର ରୁକ୍ଷ କଣ୍ଠ ଶୁଣି ମଣି ଠିକ୍ ମହାଦେବଙ୍କର ୬ ଟଙ୍ଗାବଟେରଣ 'ପୋଜ୍'ରେ ଠିଆ ହୋଇ କହିଲା, ଯାଅ କହିବ ମୋର ଭସିଗଲା ଚୁଲିଖୋର । ଭାତ୍ ମୁଁ ଖାଇବ ନାହିଁ— ମୋଟେ ଖାଇବ ନାହିଁ, ଏହା କହି ମଣି ଯେଉଁ ବାଟରୁ ଆସିଥିଲା ପୁନର୍ବାର ସେହି ବାଟକୁ ବୀରବିକ୍ରମରେ ଚାଲିଗଲା । ମାନଦା ସଦର ଦରଜା ପର୍ଯ୍ୟନ୍ତ ତା ପଛେ ପଛେ ଡାକ ଡାକି ଆସିଲା—ମଣି ଶୁଣି ଯାଅ । ଆଜି ମାଆର ଆସିବାକୁ ଡେରି ହେବ ସ୍କୁଲରେ ମିଟିଙ୍ଗ ଅଛି ଟିକେ ଖାଇ ଯାଅ । କିନ୍ତୁ ସେତେବେଳକୁ ମଣି ଅଦୃଶ୍ୟ ହୋଇ ଯାଇଛି । ମାନଦା ସଦର କବାଟ ବନ୍ଦକରି ପୁନର୍ବାର ବକର ବକର ହୋଇ ଫେରିଗଲା ରୋଷେଇ ଘରକୁ । ବାବୁ ପାଞ୍ଚଟାରେ ଅଫିସରୁ ଫେରିବେ, ମାନଦା ଶୀଘ୍ର ଶୀଘ୍ର ପିଠାପାଣିଆ ବନେଇବାକୁ ଆରମ୍ଭ କଲା । ନିଜ ମନକୁ ମନ ବକ୍ ବକ୍ ହେବାକୁ ଲାଗିଲା— ଏ ଘର କେମିତରେ ବାବୁ ! ବିଜ୍ଞାପନ ଦେଖି ଶ୍ରେଷ୍ଠ ସଂସାରେ କାର୍ଯ୍ୟ କମ୍ ନିଜର ଭାବନା ଭାବିବାକୁ ହେବନି, ଖାଇବା, ପିଇବା ସହିତ ବେଶ୍ ମୋଟା ହାତ ଖରଚ ମିଳିବ । ଦେଖା କଲେ କାମ ମିଳିଗଲା ।

ସଂସାର ଶ୍ରେଷ୍ଠ ଦୁଇଟି ପୁଅଝିଅ, ଘରକର୍ତ୍ତା ଓ ଗୃହିଣୀ ହେଲେ କଣ ହେବ ସବୁ ଯେପରି ଭଙ୍ଗାରୁଜା । ଯିଏ ଯାହା ମତରେ ଚାଲନ୍ତି । ଗୃହର କର୍ତ୍ତା ରହିଲେ ଅଫିସ ନେଇ—ଗୃହିଣୀ ରହିଲେ ସ୍କୁଲ ଏବଂ ମିଟିଙ୍ଗ ନେଇ ଝିଅ ପୁଅ ଦୁଇଟି ଉଡ଼ନ୍ତା ପକ୍ଷୀ ଯାହା ମନେ ଆସୁଛି ତାହା ସେମାନେ କରୁଛନ୍ତି । ଏହାପରି ବକ୍ ବକ୍ ହୋଇ କାର୍ଯ୍ୟ କରୁଥାଏ । ଯାଆ—ଯାଆ ଡାଲି ଘୋଡ଼ିଗଲା ପୋଡ଼ାଗନ୍ଧ ବାହାରିଲାଣି କହୁ କହୁ ଅଟାଥାଳକୁ

Digitized by PPRACHIN, SOA

ଧୁଙ୍ଆଇ ନେଇ ମାନଦା ଡ଼ାଲି ହାଣ୍ଡି ଚୁଲିରୁ ଓହ୍ଲାଇ ଦେଲା । ଦେଖିଲାବେଳକୁ ଡ଼ାଲି ପୋଡ଼ିଯାଇଛି । ମନକୁ ମନ କହିଲା, ଆଜି ମାଆ କହିଥିଲେ ଲୁଚି ସାଙ୍ଗରେ ବୁଟ ଡାଲି ଖାଇବେ ବୋଲି ଏହା କହି ଡ଼ାଲି ହାଣ୍ଡି ଠାକୁ ନଳା ମୁହଁରେ ଅଜାଡ଼ି ଦେଲା । ଏ ଡ଼ାଲି ବାବୁଙ୍କ ପତରରେ ଦେବ ନାହିଁ—ରାଗି ମଣିଷ କିଏ ଜାଣେ ଗିନା ସୁଦ୍ଧା ମୋ ଉପରକୁ ଫିଙ୍ଗି ଦେବେ ମନେ ମନେ ଏହା କହୁ କହୁ ଥାକରୁ ମୁଗ ଡ଼ାଲିର ଡ଼ବା ନେଇ ଚୁଲିରେ ପୁନରାୟ ଡ଼ାଲି ହାଣ୍ଡି ବସେଇ ଦେଲା ମନକୁ ମନ ଗଜର ଗଜର ହେଉଥାଏ ।

ସନ୍ଧ୍ୟା ହୋଇ ଆସୁଛି । ସନ୍ଧ୍ୟାରାଣୀ ତାଙ୍କର ଦେହଟିକୁ ସଯତ୍ନରେ ନୀଳାମ୍ବରୀ ପାଟରେ ଆବୃତ କରି ଧରଣୀ ବକ୍ଷରେ ଓହ୍ଲାଇ ଆସୁଛନ୍ତି । ଘରେ ଘରେ ଶଙ୍ଖର ଧ୍ୱନି ଉଠୁଛି, ଆକାଶରେ ତାରାଗୁଡ଼ିକ ଧୀରେ ଧୀରେ ଚକମକ କରୁଅଛନ୍ତି । ମନେହୁଏ ଯେପରି ସନ୍ଧ୍ୟାରାଣୀଙ୍କର ଗଳାରେ ମୁକ୍ତାରମାଳା ପ୍ରକୃତିରାଣୀ ସଯତ୍ନରେ ପିନ୍ଧାଇ ଦେଇଅଛନ୍ତି । ସୀମନ୍ତିନୀ ସନ୍ଧ୍ୟାରାଣୀ ଜଗତ୍ ରଙ୍ଗମଞ୍ଚରେ ଆବିର୍ଭୂତା ହୋଇଛନ୍ତି ଧୀର ପଦବିକ୍ଷେପରେ । ଠିକ୍ ଏହି ସମୟରେ ୧୪।୧୫ ବର୍ଷର ଝିଅ ପାଦ ଚିପି ଚିପି ଗୃହ ମଧ୍ୟରେ ପ୍ରବେଶ କଲା । ଧୀରେ, ଧୀରେ ଏ ପାଖ ସେ ପାଖକୁ ଟିକିଏ ଚାହିଁଦେଲା । ତା ପରେ ମାନଦାକୁ ପଚାରିଲା—ମାନୁ ନାନୀ-ମାଆ ଆସି ନାହାଁନ୍ତି । ମାନଦା ରାଗର ସ୍ୱରରେ ଝିଙ୍କାସ ହୋଇ କହି ଉଠିଲା—ସେଇଠା ତ ତମର ଭାଇ-ଭଉଣୀଙ୍କର ମଜା ହୋଇଛି । ମାଆ-ବାପ ଅଫିସ ଓ ସ୍କୁଲରେ କେତେବେଳେ ଆସନ୍ତି, କେତେବେଳେ ଯାଆନ୍ତି ତାହାର ଠିକ୍ ନାହିଁ । ଘରର

Digitized by PPRACHIN, SOA

ସବୁ ହିନ୍ଦିଟ୍ ମୋତେ ହିଁ ସହିବାକୁ ହେଉଛି । ଏହି ମାସରେ ମୋର ଦରମା ନେଇ ମୁଁ ଚାଲିଯିବି । ଆଜି ମାଆ ଆସିଲେ ମୁଁ ସବୁ ଗୋଟି ଗୋଟି କରି ସବୁ କହିଦେବି । ଏହା ଶୁଣିବା ମାତ୍ରେ ମାନଦା ହାତରେ ଗୋଟିଏ ବାରମଜାର ପାକେଟ ଗୁଞ୍ଜିଦେଲା —ମାନଦା ଟିକଏ ଈଷତ୍ ହସି ଦେଲା (ଏହାହିଁ ହେଉଛି ଭଡ଼ାଟିଆ ଦାସୀ ଚାକରଙ୍କର ଜୀବନର ଇତିହାସ—ସର୍ବଦା ହାତଗୁଞ୍ଜାରେ ପୃଷ୍ଠାଖି-ଚାକର-ଦାସୀ ପରସ୍ପର ଅଭ୍ୟସ୍ତ) ମାନଦାକୁ କୁଣ୍ଢେଇ ପକାଇ ରୁଣୁ କହିଲା—ବୁଝିଲ ନାନି, ଆଜି ତ ଶନିବାର ସ୍କୁଲ ଛୁଟି ଗୋଟାକରେ ହୋଇଗଲା । ତା ପରେ ମାଧବୀ, ଲୀଳା, ବେଲା ମୋତେ ଜବରଦସ୍ତ ଧରି ସିନେମା ନେଇଗଲେ । ମୁଁ ମନା କରୁଛି ତଥାପି ମୋତେ ଜୋର୍ ଜବରଦସ୍ତ କରି ନେଇଗଲେ । ମୁଁ ଆଉ କଣ କରିବି ? ହଁ, ତମକୁ ସବୁଦିନେ ଜୋର୍ କରି ସିନେମା ନେଇଯାଆନ୍ତି । ମାଆଙ୍କ ବ୍ୟାଗରୁ ପ୍ରତ୍ୟହ ପଇସା ତମେ ଭାଇଭଉଣୀ ନେଇ ଯାଅ କିନ୍ତୁ ମାଆ ମୋ ଆଡ଼କୁ ଯେଉଁ ଦୃଷ୍ଟିରେ ଚାହାନ୍ତି ତାହା କଣ ମୁଁ ବୁଝିପାରେନା । ମୁଁ କଣ ଗ୍ରେଟ ପିଲାଟିଏ ହୋଇଛି ? ନା, ଏଇ ମାସ ଶେଷରେ ମୁଁ ନିଶ୍ଚୟ ଦରମା ନେଇ ଚାଲିଯିବି ।

ଏହି କଥା ଶୁଣିବା ମାତ୍ରେ ରୁଣୁ ମାନଦାକୁ କୁଣ୍ଢାଇ ପକାଇ ଆଦରରେ କହିଲା, ମାନ ନାନୀ ଭାରି ଭୋକ ହେଲାଣି । ସେହି ସକାଳୁ ଖାଇକରି ଯାଇଥିଲି, ଚାଲ ଖାଇବାକୁ ଦିଅ । ମାନଦା ଶୁଣି କହିଲା—ଯାହାହେଉ ମୋ ଭାଗ୍ୟ ଯେ ତମକୁ ଭୋକ ଲାଗିଲା । ଭାଇଟି ତ ସ୍କୁଲରୁ ଆସି ବହି-ଶିଲେଟ ଫୋପାଡ଼ି ଦେଇ କୁଆଡ଼େ ଗଲା ଯେ ତାର ପତ୍ତା ନାହିଁ ସେ ବି ମଧ୍ୟ ଖାଇ ନାହିଁ । କଣ

Digitized by PPRACHIN, SOA

ଖୋକନ ଖାଇ ନାହିଁ ଏଇ ତ ମିଶ୍ର ଘର ବଗିଚାରେ ଖେଳୁଛି । ମାନଦା କହିଲା ଯାଅ ତେବେ ଖୋକନକୁ ଡ଼ାକି ଆଣିବ ମୁଁ ଖାଇବାକୁ ବାଢ଼ୁଛି । ମାନଦା ଦୌଡ଼ିଯାଇ ଘରକୁ ଗଲା ଓ ତୁଣ୍ଡୁ ଖୋକନକୁ ଡ଼ାକିବାକୁ ମିଶ୍ରଙ୍କ ବଗିଚାକୁ ଚାଲିଗଲା ।

ବାଳିକା ବିଦ୍ୟାଳୟରେ ପ୍ରାଙ୍ଗଣ ସଭା ହେଉଛି । ସାଂସ୍କୃତିକ ସଭା । ସ୍ଥାନୀୟ ବହୁ ଗଣ୍ୟମାନ୍ୟ ପୁରୁଷ ଓ ସ୍ତ୍ରୀ ଲୋକମାନେ ଉପସ୍ଥିତ ହୋଇଛନ୍ତି । ବଶିଷ୍ଟ ଶିକ୍ଷାବିତ୍ ଏହି ସଭାରେ ସଭାପତି ହୋଇଛନ୍ତି । ଗଳାରେ ଶୁଭ୍ର ଓ ରକ୍ତ ଗୋଲାପର ମାଳ ଶୋଭା ପାଉଛି । ତାଙ୍କର ଶରୀର ମାପର ଗୋଟିଏ ଚୌକିରେ ଉପବେଶନ କରି ମଝିରେ ମଝିରେ ଚଷମାଟିକୁ ପକେଟରୁ ରୁମାଲ ବାହାର କରି ପୋଛି ନେଉଛନ୍ତି । ସ୍କୁଲର ଗୋଟିଏ ଛାତ୍ରୀ ତାଙ୍କର ପଛପଟରେ ଠିଆ ହୋଇ ହାତରେ ଗୋଟିଏ ସୁଗନ୍ଧି ତେଲର ହାତପଙ୍ଖା ଧରି ବ୍ୟଜନ କରୁଛି ଯଦିଓ ଏ ସମୟରେ ଦରକାର ନାହିଁ, ତଥାପି ସୌଜନ୍ୟ ଦୃଷ୍ଟିରୁ ଏହା କରିବାକୁ ପଡ଼ୁଛି । ବହୁ ଛାତ୍ରୀ ଅଭିଭାବକ ଓ ଅଭିଭାବିକାଗଣ ସଭାସ୍ଥଳ ମଣ୍ଡନ କରିଅଛନ୍ତି । ଆଲୋକ ସଜ୍ଜାରେ ସଭାମଣ୍ଡପଟି ଝଲମଲ କରୁଅଛି । ଜଣେ ଛାତ୍ରୀ ସଭାରେ ଉଦ୍‌ବୋଧନ ସଙ୍ଗୀତ ଗାଇବା ପରେ ସଭାପତିଙ୍କ ପାର୍ଶ୍ୱରେ ଦଣ୍ଡାୟମାନା ହେଲେ ସ୍କୁଲର ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ଦେବୀ ହାତରେ ବାର୍ଷିକ ରିପୋର୍ଟ ଧରି । ସେ, ସଭାପତି ଏବଂ ଉପସ୍ଥିତ ସଭାସ୍ଥଗଣଙ୍କ ପ୍ରତି ସୌଜନ୍ୟ ପ୍ରକାଶ କରିବା ପରେ ତାଙ୍କର ବକ୍ତୃତା ଗୁରୁଗମ୍ଭୀର କଣ୍ଠରେ ଭାଷଣ ଦେଲେ ।

ତାଙ୍କର ବକ୍ତୃତାର ପ୍ରଧାନ ବିଷୟବସ୍ତୁ ହେଲା "ଛାତ୍ର ଜୀବନରେ କର୍ତ୍ତବ୍ୟ ।" କେଉଁ ଭାବରେ କଅଣ କଲେ ଆଜିକାର

Digitized by PPRACHIN, SOA

ଛାତ୍ର-ଛାତ୍ରୀଗଣ ଶିକ୍ଷାର ମାଧ୍ୟମରେ ତାଙ୍କର ନୈତିକ ଓ ବ୍ୟାବହାରିକ ଜୀବନରେ ଉତ୍କର୍ଷ ସାଧନ କରି ସମାଜ ତଥା ଦେଶର ମୁଖ ଉଜ୍ଜ୍ୱଳ କରିପାରିବେ । ମାଳତୀ ଦେବୀ ତାଙ୍କର ଓଜସ୍ୱିନୀ ଭାଷାରେ ତାହାହିଁ କହି ଚାଲିଲେ । କାହିଁକି ଆଜି ଓଡ଼ିଆ ଛାତ୍ର-ଛାତ୍ରୀଗଣ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନ୍ୟ ପ୍ରଦେଶର ଛାତ୍ରଗଣଙ୍କର ସମକକ୍ଷତା ଅଥବା ତାଙ୍କଠାରୁ ଅଧିକ ଉତ୍କର୍ଷତାର ପରିଚୟ ଦେଇପାରୁ ନାହାନ୍ତି ? କେଉଁ କାରଣରୁ ଆଜି ଏମାନେ ଅନେକ ବିଷୟରେ ପଶ୍ଚାତ୍ ଅପସରଣଶୀଳ ? କେଉଁ କାରଣରୁ ଏମାନେ ଆଜି ବିଶ୍ୱବିଦ୍ୟାଳୟର ସମଗ୍ର ପରୀକ୍ଷାରେ ଏତେଦୂର ଅକୃତକାର୍ଯ୍ୟକାରିତାରେ ଆଧିକ୍ୟ ? ଏହାର କାରଣ କଣ ଛାତ୍ର-ଛାତ୍ରୀଗଣଙ୍କର ମେଧାଶକ୍ତିର ହ୍ରାସ ଅଥବା ତାଙ୍କର ଅନ୍ତର୍ମୁଖୀତାର ସ୍ରୋତ ଅନ୍ୟ ବହିର୍ଦିଗକୁ ଧାବିତ ହେବା ?

ଏହାର କାରଣ ହେଉଛି ବହିର୍ଜଗତର ଅଧିକ ସମସ୍ତ ଆମୋଦ ପ୍ରମୋଦରେ କାଳାତିପାତ କରିବା । ଏହାର ମୂଳରେ ହେଲା ଅଭିଭାବକଗଣଙ୍କର ଏ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନତା, ପ୍ରତିରୋଧ କରିବାର ଅକ୍ଷମତା । ଏହି ବିପର୍ଯ୍ୟୟ ହିଁ ଏଥିପ୍ରତି ଅଧିକ ଦାୟୀ । ଏହି ବିଷୟରେ ଅଧିକ ଧ୍ୟାନ ନେବାକୁ ଶିକ୍ଷୟିତ୍ରୀ ମାଳତୀ ଦେବୀ ସମସ୍ତଙ୍କୁ ଅନୁରୋଧ କଲେ ।

ଏହାର ଉଦାହରଣ ସ୍ୱରୂପ ସେ ଦେଖାଇଲେ ଗୋଟିଏ ଝିଅ । ସେ କଳାକେନ୍ଦ୍ର କାମରେ ଅପର ଯୁବକଗଣଙ୍କ ସହିତ ରାତି ରାତି, ଦିନ ଦିନ ରହି ପଦାରେ ସଙ୍ଗୀତ ଏବଂ ନଗ୍ନନୃତ୍ୟ ପ୍ରଦର୍ଶନ କରି ଉପଢ଼ୌକନ ଭାବରେ ତାର ପାରିଶ୍ରମିକ ଆଣିକରି ତାର ମାତାପିତା ହସ୍ତରେ ପ୍ରଦାନ କଲା । କିନ୍ତୁ ସେ ସମୟରେ ସେମାନେ

Digitized by PPRACHIN, SOA

ଏହାର ପ୍ରତିବାଦ କରିବା ତ ଦୂରର କଥା କେହି ଚଗ୍ୟରନ୍ତି ବି ନାହିଁ । ଏହି ଅର୍ଥ କେଉଁଠାରୁ ଆଣିଲୁ ଏବଂ ଏତେ ରାତିଯାଏ କେଉଁଠାରେ ଥିଲୁ ?

ସେ ଆହୁରି ମଧ୍ୟ କହିଲେ ଏ ବିଷୟରେ ବିଶେଷତଃ ଘରେ ମାଆମାନଙ୍କର ଅଧିକ ଦାୟିତ୍ୱ ଅଛି । ଜନନୀର ସଯତ୍ନ ପରିଚର୍ଯ୍ୟା ଉପରେ ଶିଶୁର ଦେହ-ମନ-ସ୍ୱାସ୍ଥ୍ୟ ବହୁଳ ଅଂଶରେ ନିର୍ଭର କରୁଅଛି । ମାତାର ସସ୍ନେହ ଅନୁଶାସନରେ ଶିଶୁଜୀବନ ପରିଚାଳିତ ହେଲେ ତାହା ଖୁବ୍ ଅଳ୍ପ ସ୍ଥାନରେ ବିପର୍ଯ୍ୟସ୍ତ ହୋଇଥାଏ । ମାତୃ-ସ୍ନେହପୁଷ୍ଟ ଶିଶୁ ଖୁବ୍ ଅଳ୍ପ ସ୍ଥାନରେ ବ୍ୟାଧୀ ଆଣିଥାଏ । ଶୈଶବରୁ ଶିଶୁମାନଙ୍କୁ ଖୁବ୍ କମ୍ ପ୍ରହାର ଦେବା ପ୍ରୟୋଜନ । କେବଳ ପ୍ରହାର ଦେଲେ ଶିଶୁ ସବୁ ଶିଖିଯାଇ ତାହାର ଚରିତ୍ର ସୁଧାରି ପାରେ ନାହିଁ । ଜନନୀ ନୟନର ଦୃଷ୍ଟି ପ୍ରଦୀପ ଶିଖାରେ ସେ ତାହାର ଗନ୍ତବ୍ୟ ପଥ ଠିକ୍ କରି ନେଇ ଚାଲେ । କଲ୍ୟାଣଦୀପ୍ତ ବଙ୍କିମ ମାତୃନୟନ ହିଁ ଶିଶୁଜୀବନର ଧ୍ରୁବତାରା । ସେଥିପାଇଁ ଜାତିର ଭବିଷ୍ୟତ ଆଶା ସ୍ଥଳ ଶିଶୁମାନଙ୍କୁ ସନ୍ଦିହ୍ନ ଦୃଷ୍ଟିରେ ରଖିବା । ପ୍ରତ୍ୟେକ ନର-ନାରୀର, ବିଶେଷକରି ମହିଳାମାନଙ୍କର କର୍ତ୍ତବ୍ୟ । ଏହି କାର୍ଯ୍ୟ ଜନନୀ ବ୍ୟତୀତ ଅନ୍ୟ କାହାର ପକ୍ଷରେ ସମ୍ଭବ ନୁହେଁ । ନିଜ ହାତରେ ସନ୍ତାନ ପରିଚର୍ଯ୍ୟା ଜନନୀ-ଜୀବନର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଅନ୍ୟଥାରେ ଭବିଷ୍ୟତ ଜୀବନ ଅନୁତାପର ପାଥେୟ ହେବ । ମନୋରମା ଦେବୀ ତାଙ୍କର ଭାଷଣ ଶେଷ କରିଲେ । ତା ପରେ ଅନ୍ୟ ଶିକ୍ଷୟିତ୍ରୀଙ୍କର ଭାଷଣ ହେଲା ଓ ସର୍ବଶେଷରେ ସଭାପତିଙ୍କର ଭାଷଣ ପରେ କରତାଳି ଧ୍ୱନି ସହ ସଭାଭଙ୍ଗ ହେଲା ।

Digitized by PPRACHIN, SOA

ମାଳମା ଦେବୀ ଯେତେବେଳେ ନିଜର ଗୃହକୁ ଫେରନ୍ତି ସେତେବେଳେ ରାତି ଆଠଟା । ସଦର କବାଟ ଆଉଜା ଥିଲା । ଠେଲିଦେଇ ଭିତରକୁ ଆସିଲେ କ୍ଳାନ୍ତିରେ । ପାଦ ଦୁଇଟି ଚାଲୁନାହିଁ । ଶରୀର ଅବସନ୍ନ ମୁଣ୍ଡଟା ମଧ୍ୟ ବଥାଉଛି । ସେହି କେଉଁ ସକାଳେ ସେ ନାକରେ-କାନରେ ଦୁଇଟା ଅନ୍ନ ଗୁଞ୍ଜି ସ୍କୁଲକୁ ଯାଇଥିଲେ କ୍ଷୁଧାରେ ପେଟ ଜଳିଯାଉଛି । ଏତେ ସକାଳୁ କଅଣ ବା ରୋଷେଇ ହେବ । ନଅଟାରେ ସ୍କୁଲରେ ପହଞ୍ଚିବା କଥା । ତା ପରେ ବହୁଦୂର ବାସ୍‌ରେ ଯିବାକୁ ହେବ । ସକାଳୁ ନିଜେ ରୁହା ତିଆରି କରି ଖାଇଦେଇ ଭାତ ଡାଲି ଚୁଲିରେ ବସେଇ ଦିଅନ୍ତି କାରଣ ମାନଦା ପ୍ରାୟହିଁ ସକାଳେ ଆଠଟା ପରେ ଆସେ । ଦିନତମାମ ଘରେ ରହି ରାତି ଆଠଟାରେ ନିଜ ଘରକୁ ଫେରିଯାଏ । ମାନଦାକୁ ଏତେ କହିବା ସତ୍ତ୍ୱେ ବି ସେ ସକାଳୁ ଆସେ ନାହିଁ । ଏହିଚିନ୍ତା କରୁ କରୁ ଅଜାଣିତରେ ମାଳମା ଦେବୀଙ୍କର ବକ୍ଷସ୍ଥଳରୁ ଗୋଟିଏ ଦୀର୍ଘ ନିଃଶ୍ୱାସ ଆସିଯାଏ । ନିଜେ ତ ଯାହା ଦୁଇଟା ଖାଇଯାଆନ୍ତି କିନ୍ତୁ ସ୍ୱାମୀ ଓ ଦୁଇଟି ସନ୍ତାନ ଯେ କଅଣ ଖାଇ ଯାଉଥିବେ ଏହି କଥା ଭାବି ସେ ବିଶେଷ ମର୍ମାହତ ହୋଇଯାଆନ୍ତି । କିନ୍ତୁ କିଛି କରିବାର ଉପାୟ ନାହିଁ କେବଳ ଛୁଟିଦିନ ବ୍ୟତୀତ । ମାଳମା ଦେବୀ ପ୍ରାଙ୍ଗଣ ପାର ହୋଇ ବାରଣ୍ଡାରେ ଉଠିଲେ । କାହିଁ କାହାରି ତ ସ୍ୱର-ଶବ୍ଦ ନାହିଁ । ମଣି-ଚୁଣ୍ଣି କାହାନ୍ତି ? କଣ ଏତେ ଶୀଘ୍ର ଶୋଇ ପଡ଼ିଲେ ? ସେ କାହାନ୍ତି ? ବିରକ୍ତିରେ ଆଖି ଓ ମସ୍ତିଷ୍କ ଦୁଇଟି ସଙ୍କୁଚିତ ହୋଇଆସେ । ପିଲା ଦୁଇଟାଙ୍କୁ କଅଣ ଦେଖିପାରନ୍ତି ନାହିଁ ସେ ? ଅଭିମାନରେ ବୁକୁଟା ଭରି ଉଠେ, ଦୁଶ୍ଚିନ୍ତାର ଛାୟା ଆସିଯାଏ । ସମଗ୍ର ଦିନର ଉପବାସୀ ଦେହରେ ଆହୁରି କ୍ଳାନ୍ତିର ଛାୟା ଖେଳିଯାଏ । ମନ ଉତ୍ତପ୍ତ ହୋଇଯାଏ ।

Digitized by PPRACHIN, SOA

ଦ୍ରୁତ ପଦକ୍ଷେପରେ ମାଳମା ଦେବୀ ଦୋତାଲର ପାହାଚ ପାରହୋଇ ଉପର ତାଲକୁ ଉଠିଯାଆନ୍ତି । ପାଖ ଫ୍ଲାଟ୍‌ରେ ପିଲ୍-ମାନଙ୍କର ପଢ଼ିବାର ଶବ୍ଦ ଭାସି ଆସୁଥାଏ କିନ୍ତୁ ନିଜ କୋଠରୀରୁ କୌଣସି ଶବ୍ଦ ନାହିଁ । ତୋତାଲରୁ ସଙ୍ଗୀତ ସ୍ୱର ଭାସି ଆସୁଛି । ଅନ୍ୟାନ୍ୟ କୋଠରୀରୁ ହସ, କାନ୍ଦ କଥାବାର୍ତ୍ତା ସ୍ତୁତିର ସୁଅ ଭାସି ଆସୁଛି କିନ୍ତୁ ମାଳମା ଦେବୀଙ୍କର ଗୃହଟି ନିସ୍ତବ୍ଧ, ନୀରବ, ବାକ୍ୟହୀନ ମୃତବତ୍ । କେଉଁଠି ଗଲେ ଏମାନେ ଉତ୍କଣ୍ଠାରେ ମନଟି ବକ୍ଷିପ୍ତ ହୋଇ ତାହା କ୍ରୋଧରେ ପରିଣତ ହେଲା । କ୍ଷିପ୍ର ହସ୍ତରେ ନିଜ ଫ୍ଲାଟରଦ୍ୱାର ଠେଲି ଗୃହ ମଧ୍ୟକୁ ପ୍ରବେଶ କଲେ । ସେଠାରେ ଦେଖିଲେ-ଦୁଇଟି ଘର ଅନ୍ଧକାର, ଗୋଟିଏ ଘରୁ କ୍ଷୀଣ ଆଲୋକ ରେଖା ଦେଖାଯାଉଛି । ବୋଷେଇ ଘରେ ଶିକୁଳି । କାରଣ ମାନଦା ~~ଝିଅ~~ ଘରକୁ ଚାଲିଯାଇଛି । ଧନଟିଏ ମଧ୍ୟ ବ୍ୟୟ ହେବାର ନୁହେଁ । ଦରମା ନେବା ଦାସୀ ମାଳମା ଦେବୀ ଲଘୁହସ୍ତରେ ଘରେ ପ୍ରବେଶ କଲେ । ଘରେ ଆଲୋକ ଜଳୁଛି—ସ୍ୱାମୀ ବାତାୟନ ପାଖରେ ଇଜିଚେୟାରରେ ବସି ରହିଛନ୍ତି । ପାଦ ଦୁଇଟି ଚେୟାର ବାହୁରେ ପ୍ରସାରିତ, ହାତରେ ଖଣ୍ଡେ ପୁସ୍ତକ । ଦୃଷ୍ଟି ପଦାରେ ଚକ୍ରେ ସଜ୍ଜ ପଡ଼ୁଛି । ମଣି ହାତ ଗୋଡ଼ ଯୋଡ଼ି ସଞ୍ଚପ ଉପରେ । ଅନ୍ୟ ଗୋଟିଏ ପାଖରେ ଝିଅ ରୁଣୁ କଣ ଖାତାରେ ଲେଖୁଛି । କବାଟ ଖୋଲି ଯିବାର ଆବାଜ ପାଇଁ ରଞ୍ଜନ ବାବୁ ଫେରି ଚାହିଁଲେ, 'ରୁଣୁ ମଧ୍ୟ ଛଳ ଛଳ ନେତ୍ରରେ ମାଆ ଆଡ଼କୁ ଚାହିଁଲା କିନ୍ତୁ ପର ମୁହୂର୍ତ୍ତରେ ସିଏ ଯାହା କାର୍ଯ୍ୟରେ ମନ ନିଯୋଗ କଲେ । ମାଳମା ଦେବୀଙ୍କୁ କପର ଗୋଟିଏ ସ୍ଖଳିତ ସଙ୍ଗୀତ ପରି ମନେ ହେଲା । କୁଞ୍ଚିତକେଶ ସମ୍ବଳିତ କେତେଗୁଡ଼ିଏ ରେଖା ଫୁଟିଉଠିଲା ତାଙ୍କର କପାଳରେ ।

Digitized by PPRACHIN, SOA

ମାଳମା ଦେବୀ ଧୀର ପଦକ୍ଷେପରେ ଘରେ ପ୍ରବେଶ କଲେ । ହାତ ବ୍ୟାଗଟା କାନ୍ଥ କଣ୍ଟାରେ ଝୁଲାଇ ଦେଇ, ସ୍ୱାମୀଙ୍କ ନିକଟକୁ ଚେୟାର ପାଖରେ ଛିଡ଼ା ହୋଇ ସ୍ୱାମୀଙ୍କୁ ପ୍ରଶ୍ନ କଲେ ଅଫିସରୁ କେତେବେଳେ ଆସିଲ । ଜଳଖିଆ ଖାଇଛ କି ନାହିଁ ଏହିପରି ପ୍ରଶ୍ନ କଲେ । ମାତ୍ର ସ୍ୱାମୀ ନିରୁତ୍ତର । ଛାଦାକୁ ମୁହଁ ବୁଲାଇ ଚାହିଁ ରହିଲେ । ମାଳମା ଦେବୀ ଝିଅକୁ ପଚାରିଲେ ସନ୍ଧ୍ୟାବେଳେ ତୁମେମାନେ ଜଳଖିଆ ଖାଇଛ ସ୍କୁଲରୁ ଆସି ? ମାତ୍ର କନ୍ୟାପିତା ଓ ମାତାଙ୍କୁ ଟିକିଏ ଚାହିଁ ଦେଇ ପୁନରାୟ ତାର ବହିକୁ ନଜର ଦେଲା । ମାଳମା ଦେବୀ ସବୁ ବୁଝିଲେ । ଆଉ କୌଣସି କଥା ନକହି, ଆଲମାରିରୁ ଲୁଗା ଗାମୁଛା ନେଇ ବାଥ୍‌ରୁମକୁ ଚାଲିଗଲେ ।

୦

ଟଖାର ରାଣୀ ମହାନଗରୀ କଲିକତା ସୁସୁପ୍ତ । ରାସ୍ତାକଡ଼ର ଆଲୁଅଗୁଡ଼ିକ ପହରାରେ ନିଯୁକ୍ତ । ଆଲୁଅ ଚକ୍ଷୁରେ ନିଦର କୁହେଳୀ ଆଖିପତା ବୁଜିଆସୁଛି । କିନ୍ତୁ ତଥାପି ଲାଇଟ ଖୁଣ୍ଟଗୁଡ଼ିକ ନିର୍ଭୀକ ଭାବରେ ଦଣ୍ଡାୟମାନ ହୋଇଛନ୍ତି ତାଙ୍କର କର୍ତ୍ତବ୍ୟ ପାଳନରେ । ନଗରୀର ନିଦ୍ରାଗତା ଦେହକୁ ଆଗାର ଶୁଭ୍ର ଚଦରରେ ଆଚ୍ଛାଦିତ । ସହରରେ ବାଦଲର ଢେଉ ମଝିରେ ମଝିରେ ତାରକାର ଆଖିଠାର ମାଳମା ଦେବୀ ଟିକିଏ ଚାହିଁ କଡ଼ ଲେଉଟାଇଲେ । ନିଦ ଆସୁନାହିଁ । ଚାହିଁ ଦେଖିଲେ ଅନ୍ୟ ଗୋଟିଏ ପଲଙ୍କରେ ଦୁଇଟି ନିଦ୍ରାଗତ ଶିଶୁ ପୁଅର ମୁଣ୍ଡଟି ତକିଆରୁ ତଳକୁ ଖସିଯାଇଥିଲା । ଉଠିଯାଇ ସଜାଗରେ ଟେକି ନେଇ ପୁଅ ଝିଅଙ୍କୁ ଅପଲକ ନୟନରେ ଘଣ୍ଟାଏ ଚାହିଁ ରହିଲେ । ବୁକୁରୁ ଗୋଟିଏ ଦୀର୍ଘ ନିଶ୍ୱାସ ବାହାରିଗଲା ।

Digitized by PPRACHIN, SOA

ଧୀରେ ଧୀରେ ସ୍ୱାମୀଙ୍କ ଖଟ ନିକଟକୁ ଯାଇ ସ୍ୱାମୀଙ୍କର ଶିରରେ କୋମଳ ହାତ ବୁଲାଇବାକୁ ଲାଗିଲେ ଅତି ସନ୍ତର୍ପଣରେ । ମନେ ମନେ ଭାବିଲେ ସ୍ୱାମୀ ବା କଣ କରିବେ ? ସ୍ୱାମୀ ତ ଦିନରେ ଅଫିସରେ ରହନ୍ତି ତାଙ୍କର ମଧ୍ୟ କାର୍ଯ୍ୟ ଅନେକ । ପୁରୁଷ ମଣିଷ ସେବା କାହୁଁ ଜାଣିବେ ପିଲାମାନଙ୍କର ପରିଚର୍ଯ୍ୟା । ତାଙ୍କର ଶରୀର ମଧ୍ୟ ସୁସ୍ଥ ନୁହେଁ । ସେଇଥିପାଇଁ ଆଜିକାଲି ତାଙ୍କର ମନ-ମିଜାଜ ଟିକିଏ ରୁକ୍ଷ ହୋଇଯାଇଛି । ପିଲାମାନେ ତାଙ୍କୁ ଦେଖିଲେ ଆଜିକାଲି ଭୟ କରୁଛନ୍ତି । ଗୋଟାଏ ଦୀର୍ଘ ନିଶ୍ୱାସ ବାହାରିଆସିଲା ତାଙ୍କର କୋମଳ ବକ୍ଷରୁ । ନିଜର ମୁଣ୍ଡକୁ ଟିକିଏ ବଜର କରି ସ୍ୱାମୀଙ୍କ ବୁକୁରେ ଝୁଙ୍କି ପଡ଼ିଲେ । ପୁରୁଷ ମଣିଷ ଟିକିଏ ଆଦର ଯତ୍ନପାଇବାକୁ ତାଙ୍କର ମନ ହୋଇଥାଏ । ମୁଁ ବା କଣ କରିବ ? ସବୁ ବୁଝନ୍ତି ମାଳମା ଦେବୀ । କିନ୍ତୁ ଉପାୟ କଣ ? କଅଣ ବା କରିପାରିବେ ସିଏ ? ସଂସାରକୁ ସୁଖରେ ରଖିବା ପାଇଁ ତ ତାଙ୍କର ଚାକିରି କରିବା । ସଂସାରର ଅବସ୍ଥା ସ୍ୱଚ୍ଛଳ ନେବା ପାଇଁ ସ୍ୱାମୀଙ୍କ ଅମତରେ ମଧ୍ୟ ସେ ଏଠି ସ୍କୁଲ ଶିକ୍ଷୟିତ୍ରୀର କାର୍ଯ୍ୟଗ୍ରହଣ କରିଛନ୍ତି । ତା ନହେଲେ ତାଙ୍କର କଅଣ ଦରକାର ? ସ୍ୱାମୀଙ୍କର ଭ୍ଲମନ, ମସୃଣ କେଶଗୁଡ଼ିକରେ ଅଙ୍ଗୁଳି ଚାଳନା କଲେ । ଆଃ ମୁଣ୍ଡରେ ଏତେ ଝାଳ ପୋଛି ନେଇ ହାତ ପଙ୍ଖାଟି ନେଇ ଧୀରେ ଧୀରେ ସ୍ୱାମୀଙ୍କୁ ବିଞ୍ଚିବାକୁ ଲାଗିଲେ । ମନେ ପଡ଼ୁଥାଏ ବିଗତ ପନ୍ଦର ବରଷର ଆଗର କଥା । ନିଜର ଅଞ୍ଚଳରେ ସ୍ୱାମୀଙ୍କର ପିଠି ଓ ମୁହଁ ପୋଛି ଦେଲେ ।

ହଠାତ୍ ରଞ୍ଜନ ବାବୁଙ୍କର ନିଦ ଭାଙ୍ଗି ଯିବାରୁ ଉଠି-ପଡ଼ିଲେ । ନିକଟରେ ରଖା ହୋଇଥିବା ପାଣି ସୁରାଇରୁ ଗିଲାସେ

Digitized by PPRACHIN, SOA

ପାଣି ନେଇପିଇଲେ । ମାଳମା ଦେବୀ କହିଲେ କାହିଁକି ମତେ ମାଗିଥିଲେ ମୁଁ କଣ ପାଣି ଗିଲସେ ଦେଇ ପାରନଥାଆନ୍ତି ? ତମେ କାହିଁକି ଉଠି ଯାଇ ପାଣି ଆଣିଲ ?

ସ୍ୱାମୀ ଗମ୍ଭୀର ଭାବରେ କହିଲେ ସେଥିରେ କଅଣ ହେଲା ? ସବୁବେଳେ ତ ମୁଁ ପାଣି ନେଇ ଖାଇଥାଏ । ଏହା ବ୍ୟକ୍ତିଗତ ନିଜର ଦରକାରୀ କାର୍ଯ୍ୟଗୁଡ଼ିକ ନିଜେ କରିବା ଭଲ । ତୁମକୁ କଷ୍ଟ ଦେଇ ଲାଭ କଅଣ ? ରାଜେନ୍ଦ୍ର ବାବୁ ପୁନରାୟ ଶୋଇ ପଡ଼ିଲେ ।

ମାଳମା ଦେବୀ ସ୍ୱାମୀର ବୁକୁ ଉପରେ ଅଜାଡ଼ିପଡ଼ି ସ୍ୱାମୀର ଅଧର ନିକଟକୁ ନିଜର ଅଧର ନେଇ ସୋହାଗରେ କହିଲେ, ତମେ ମୋ ଉପରେ ରାଗିଛ ? କାହିଁକି ମୁଁ କଅଣ କରିଛି ? ଗଳାର ସ୍ୱରଟି ଈଷତ୍ କମ୍ପି ଉଠିଲା । କିନ୍ତୁ ରାଜେନ୍ଦ୍ର ବାବୁ ~~ଉଠି~~ କରି ଶୋଇଗଲେ । ମାଳମା ଦେବୀ କହିଲେ ମୁଁ ସନ୍ଧ୍ୟାବେଳୁ ଆସି ତମର ହାବ-ଭାବ ଲକ୍ଷ୍ୟ କରୁଛି । ତମେ ଗୁମ୍ ହୋଇ ରହିଛ । ଅଥଚ ମୋତେ କିଛି କହୁନାହଁ । ମୋ ରାଣ କୁହ କଣ ହୋଇଛି ତମର । ମଣି ଓ ଛୁଣୁକୁ କଣ ଗାଳି ଦେଇଛ ? କଅଣ କରିଥିଲେ ସେମାନେ ? କହି ସ୍ୱାମୀର ମସ୍ତକରେ ନିଜର ଚମ୍ପକ ଅଙ୍ଗୁଳି ପ୍ରସାରିତ କରିବା ସଙ୍ଗେ ସଙ୍ଗେ ସ୍ୱାମୀକୁ ପ୍ରେମାଲିଙ୍ଗନରେ ଆବଦ୍ଧ କଲେ ।

ସ୍ୱାମୀ ଚୁପକରି ପଡ଼ିରହିଲେ । ସ୍ୱାମୀର ଚକ୍ଷୁରେ କିଛି କ୍ଷଣ ଚକ୍ଷୁ ମିଳେଇ ଅଭିମାନ କ୍ଲିଷ୍ଟ ସ୍ୱରରେ କହିଲେ ମୁଁ କଣ ସଂସାରରେ କେହି ନୁହେଁ ? କିଛି କଅଣ ମୋତେ କହିବାର

Digitized by PPRACHIN, SOA

ପ୍ରୟୋଜନ ନାହିଁ । ପୁଅ-ଝିଅଙ୍କର ବିଷୟରେ ମୁଁ କିଛି ଶୁଣିପାରିବି ନାହିଁ । କିଛି କଣ ମୋତେ କହିବ ନାହିଁ ? ବେଶି ତାଙ୍କର କଣ୍ଠ ରୁଦ୍ଧ ଆସିଲା । ଆଖିପତା ଥର ଥର କମ୍ପିତ ହୋଇଗଲା, ଚକ୍ଷୁରୁ ଦୁଇବୁନ୍ଦା ତପ୍ତ ଅଶ୍ରୁ ସ୍ୱାମୀର ବୁକୁ ଉପରେ ଝରିପଡ଼ିଲା ।

୦

ରାଜେନ୍ଦ୍ର ବାବୁ ଚକ୍ଷୁ ଖୋଲି ଚାହିଁଲେ । ଲୁଗା କାନି ଦେଇ ଚକ୍ଷୁ ଦୁଇଟି ପୋଛି ନେଲେ । ତା ପରେ କହିଲେ ହଁ ଆଜି ମୋର ଆସିବାକୁ ବିଶେଷ ଡେରି ହୋଇଯାଇଛି । ତାର କାରଣ ଆଜି ସ୍କୁଲରେ ମିଟିଙ୍ଗ ଥିଲା । ତା ନହେଲେ ମୁଁ ତ ପ୍ରତ୍ୟହ ପାଞ୍ଚଟାରେ ଫେରିଆସେ । ଆଜି ଗୋଟାଏ ଦିନ ତ । ରାଜେନ୍ଦ୍ର ବାବୁ ବେଶ୍ ଉଚ୍ଚ ତୀବ୍ର ସ୍ୱରରେ କହି ଉଠିଲେ ବେଶ୍ ତ ତମେ ପ୍ରତ୍ୟହ ଡେରିରେ ଫେରିଆସ । ମୋର ସେଥିରେ କଅଣ କହିବାର ଅଛି ? ନିଜର ଘର ସଂସାର, ନିଜର ପୁଅ-ଝିଅ ମୋର କଣ କହିବାର ଅଛି ଏଥିରେ । ଆଉ ତମେ ବା ମୋ କଥା ଶୁଣିବ କାହିଁକି ? ରାଜେନ୍ଦ୍ର ବାବୁ ଚୁପ୍ କଲେ । ଟେବୁଲର ଘଡ଼ିଟି ଟିକ୍ ଟିକ କରି ଟିକିଏ ନିଶ୍ୱାସ ମାରିଲା । ମଣି କଣ ନିଦ ବାଉଳାରେ ବକ ବକ କରି ଶୋଇ ପଡ଼ିଲା । ରାଜେନ୍ଦ୍ର ବାବୁ ସୁଦୀର୍ଘ ଗୋଟିଏ ନିଃଶ୍ୱାସ ଛାଡ଼ିଲେ । ତା ପରେ ନିଜ ମନରେ କହିଲେ ମୋ ପାଇଁ କାହାକୁ ଭାବିବାକୁ କିଛି ନାହିଁ । ମୋର ଖାଇବା ପିଇବା ପାଇଁ କାହାରିକୁ ଭାବିବାକୁ ହେବ ନାହିଁ । ଘରେ ସୁବିଧା ନହେବ—ସହରରେ ହୋଟେଲର ତ ଆଜି ଦୁର୍ଭିକ୍ଷ ନାହିଁ । ଯେଉଁ ଦିଗକୁ ମନ ହେବ ସେହି ଦିଗକୁ ବାହାରି ପଡ଼ିବ । ରାଜେନ ବାବୁ ଚୁପ୍ କରିଲେ । ଗୃହ ମଧ୍ୟରେ ସ୍ତବ୍ଧତା ବିରାଜମାନ କରିଲା । ମାଳମା ଦେବୀ

Digitized by PPRACHIN, SOA

ନିଜର ଫିଟି ଯାଇଥିବା ଜୁଡ଼ାକୁ ପୁନରାୟ ବାନ୍ଧି ନେଲେ । ପୁନରାୟ ବ୍ୟଥିତ ସ୍ୱରରେ କହିଲେ, ଆଜ ମୋର ସତ ହିଁ ଡେରି ହୋଇଗଲା । ପ୍ରତିଦିନ ତ ଆଉ ଏମିତି ହୁଏ ନାହିଁ । ରାଜେନ୍ଦ୍ର ବାବୁ କହିଲେ ରୋଜ ହୁଏ ନା ! ସତ କିନ୍ତୁ ଆଜିକାଲି ହେଉଛି । ଆଜ ମିଟିଂ, କାଲି ପାର୍ଟି, ପରଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ତା ପରେ ମନ୍ତ୍ରୀ ମିଟିଙ୍ଗ, ଇନ୍ଟାରଭିଉ—ଏହିପରି ପ୍ରତ୍ୟହ କିଛି ନା କିଛି ଅଛି । ଯେତେ ବାହାର ଜଗତ ସହିତ ପରିଚିତ ହେଉଛନ୍ତି ସେତିକି ଭିତର ଘରକୁ ଫେରିବାକୁ ଡେରି ହେଉଛି । ସ୍କୁଲରେ ପାଠ ପଢ଼ାଉଛ ଭଲ କଥା । ପରର ଉପକାର କରିବା ଭଲ, କିନ୍ତୁ ନିଜର ପିଲାମାନେ ଏଆଡ଼େ ଭାସି ଯାଉଛନ୍ତି—ଭବିଷ୍ୟତରେ ଏହାର ଜବାବ ଦେବାକୁ ହେବ । ଏହାର ବିଷମୟ ଫଳ କିଏ ଭୋଗ କରିବ ? ସଂସାରରେ କେଇଟା ଟଙ୍କାକୁ ଆଶ୍ରୟ କରି ଏହି ବିପଦକୁ କିଏ ଟାଳି ପାରିବ ? ମାଳମା ଦେବୀ ବିଶେଷ ଉତ୍କଣ୍ଠିତା ହେଲେ । ଗଳାରେ ଟିକେ କମ୍ପନ ନେଇ କହିଲେ କାହିଁକି କଣ ହୋଇଛି ? ମାନଦା ତ କିଛି କୁହେନା । ସେହି ତ ଏମାନଙ୍କର ତତ୍ତ୍ୱାବଧାନ ନିଏ । ରାଜେନ୍ଦ୍ର ବାବୁ ଟିକେ କଡ଼ା ସ୍ୱରରେ କହିଲେ, ମାନଦାର ଯାଏ ଆସେ କଣ ? ସେ ହେଲା—ମାସିକ ବେତନ କର୍ମଚାରୀ । ଏମାନଙ୍କର କିଛି ଖରାପ ହେଲେ ମାନଦାର କଅଣ ଯାଏ ଆସେ ? ଏମାନଙ୍କର କିଛି ଖରାପ ହେଲେ ଆମକୁ ତାର ଫଳ ଭୋଗ କରିବାକୁ ହେବ । ଏହା କହି ତକିଆ ତଳୁ ନିଆଁ ପେଡ଼ି ବାହାର କରି ସିଗାରେଟ ଧରାଇଲେ । ତା ପରେ କହିଲେ, ଆଜ ତ ତମର ପୁଅର ଡାହାଣ ଆଖିଟା ବୁଜି ଯାଇ ଥାଆନ୍ତା—ସକାଳେ ପୁଅ ଉଠିଲେ ଦେଖିବ, ଆଖିର ଅବସ୍ଥା

Digitized by PPRACHIN, SOA

କଅଣ ହୋଇଛନ୍ତି ? ବୈକାଳରେ ଜଳଟି ନଖାଇ ସେପାଖ ବସ୍ତିରେ ହରିଜନ ପିଲାଙ୍କ ସାଥିରେ ଗୁଲିଦଣ୍ଡ ଖେଳୁଥିଲା । ସେଠାରୁ ମାଡ଼ ଖାଇ ଘରକୁ କାନ୍ଦି, କାନ୍ଦି ଫେରିଛନ୍ତି । ଡେହେରିକୁ ଥରେ ଚାହିଁ ଦେଖ । ରାଜେନ ବାବୁ ଚୁପ୍ କଲେ ।

୦

ମାଳମା ଦେବୀ ସ୍ୱାମୀର ବୁକୁ ନିକଟକୁ ଫେରିଆସି ଉଷ୍ଣ ନିଶ୍ୱାସ ସହିତ ସ୍ୱାମୀର ଚିବୁକକୁ ନିଜ ଚିବୁକରେ ସ୍ପର୍ଶ କରି ବ୍ୟାକୁଳ ନୟନରେ ସ୍ୱାମୀର ମୁଖକୁ ନିରୀକ୍ଷଣ କରିବାକୁ ଲାଗିଲେ କେଉଁ ଅଜଣା ଆକାଂକ୍ଷାର ଆଶାରେ । ସ୍ତ୍ରୀର ଉତ୍କଣ୍ଠାରେ ବ୍ୟାକୁଳ ହୋଇ ରାଜେନ ବାବୁ କହିବାକୁ ଲାଗିଲେ, "ତୁମର କନ୍ୟାଟି ଅନ୍ତ୍ୟାହ ସ୍କୁଲରୁ ପଳେଇ ଯାଇ ସିନେମା ଦେଖି ବୁଲୁଚି । କେଉଁଠାରୁ ଯେ ଅର୍ଥ ଯୋଗାଡ଼ କରୁଛନ୍ତି ତାହା ସେହି ଜାଣେ । ପିଲାଙ୍କୁ ଟିକିଏ ଦେଖିବାକୁ ତୁମର ଝିଅ ଫୁରସତ୍ ପାଉନାହିଁ । ତମ ଝିଅର ଏହିପରି ଶିକ୍ଷା-ଦୀକ୍ଷା ।" ସ୍ୱରଟାକୁ ଟିକେ ସଫା କରି ସ୍ତ୍ରୀର ମୁଖକୁ ନଚାହିଁ କହିଲେ, "ମୋ କାନକୁ ତୁମର ଝିଅର ସବୁ ସମ୍ବାଦ ଆସୁଛି—କିନ୍ତୁ କହିବି କାହାକୁ ? ତା ବ୍ୟତୀତ ମୋ କଥା ଶୁଣୁଛି ବା କିଏ ?" ଏହା କହି ରାଜେନ ବାବୁ ଚୁପ୍ କଲେ । ହାତଗୋଡ଼ ମେଲାଇ ବିଛଣା ଉପରେ ଚିତ ହୋଇ ଶୋଇପଡ଼ି ରହିଲେ । ପୁନରାୟ ଆରମ୍ଭ କଲେ ଦୁଇଜଣ ମିଶି ଟଙ୍କା ରୋଜଗାର କରୁଛୁ, ଅଥଚ ସଂସାର ଖରଚ ପରେ ଯାହା ଜମା ହେଉଛି ତାହା ଭଗବାନ ଜାଣନ୍ତି । ଏଇ ତ ମାସ ଖରଚ ସକାଶେ ସମସ୍ତ ଜିନିଷ କିଣା ହୋଇଛି । ମାତ୍ର ତମେ ଘରୁ ବାହାରିଲେ ଏ ଜିନିଷ ଶେଷ ହୋଇଛି—ଏଇଟା ଆଣିବାକୁ ହେବ, ସେଇଟା ଆଣିବାକୁ ହେବ—ଲାଗି ରହିଛି । ପିଲାମାନଙ୍କ ମୁହଁକୁ ଚାହିଁ ମୋତେ ସବୁ

Digitized by PPRACHIN, SOA

ସହ୍ୟ କରିବାକୁ ହୁଏ । କାରଣ ନିଜ ସଂସାରର ଭାର ଅନ୍ୟ ଉପରେ ଛାଡ଼ି ଦେଲେ ଏମିତି ହୁଏ । ରାଜେନ ବାବୁ ହାଇ ମାରି ଅନ୍ୟ ଦିଗକୁ ମୁହଁ କରି ଶୋଇ ପଡ଼ିଲେ । ଥାନା ଘଡ଼ିରେ ଢ଼ଂ ଢ଼ଂ ହୋଇ ରାତି ତିନିଟାର ସଙ୍କେତ ଦେଲା । ସଙ୍ଗେ ସଙ୍ଗେ ରାସ୍ତାର କୁକୁରଗଣ ସମସ୍ତଙ୍କୁ ଚେତାଇ ଦେଲେ—ଯେ ଆମେ ଜାଗ୍ରତ ଅଛୁ । ରାଜେନ ବାବୁ କହିଲେ ଯାକ୍ ରାତି ତିନିଟା ବାଜିଲା ଟିକେ ଶୋଇ ପଡ଼ିବା । ପୁଣି ତ କାଲି ଅଫିସ । ଦେଖାଯାଉ କେଉଁଠାର ପାଣି କେଉଁଠାକୁ ଯିବ ।

ମାଳମା ଦେବୀ କିଛିକ୍ଷଣ ବସି ରହିଲେ । ତା ପରେ ଆସ୍ତେ ଆସ୍ତେ ପିଲାମାନଙ୍କର ଖଟ ପାଖକୁ ଯାଇ ପୁଅ ଝିଅର ମୁଣ୍ଡଟା ତକିଆ ଉପରେ ରଖି ଦେଲେ । ମନକୁ ମନ କହି ଉଠିଲେ ଠାକୁର ତମେ ହିଁ ଭରସା ।

—o—

ଲକ୍ଷ୍ମୀ ବୋହୂ

ତମର କୌଣସି କାରଣ ଯୋଗ
ଯଦି ସଂସାରରେ ଗୃହ ବିବାଦ ଉପସ୍ଥିତ ହୁଏ—
ତମର ସ୍ୱାମୀକୁ
ତାହା ସମର୍ଥନ କରିବାକୁ ଦେବ ନାହିଁ
ନିଜର ଦକ୍ଷତାକୁ କାର୍ଯ୍ୟକାରୀ କରି
ପରିଜନଙ୍କ ମଧ୍ୟରେ ତୁଷ୍ଟି ଯୋଗ ଆସି—
ତାହା ନିରାକରଣ କରିବ—
ନିମିଷରେ
ଲକ୍ଷ୍ମୀ ବୋହୂ ହୋଇ ଦଣ୍ଡାୟମାନ ହେବ—
ସନ୍ଦେହ ନାହିଁ !

ସ୍ୱମତ-ପ୍ରକାଶ

ଯେଉଁ ନାରୀ
ନମ୍ର ହୋଇ,
ସମ୍ମାନର ସହିତ
ନିଜର ମତକୁ ପ୍ରକାଶ କରେ—
ଏବଂ
ସେହି ସମ୍ପର୍କରେ
କାହାରିକୁ ଶ୍ଳେଷ କରେ ନାହିଁ—
ସିଏ—
ସହଜରେ ହିଁ
ଆଦରଣୀୟା ଓ ପୂଜନୀୟା ହୁଏ ।

———

Digitized by PPRACHIN, SOA

ଅମନୋନୀତ ହୀନପାସ୍ତତାରେ

ରଜଃସ୍ଵଲା କନ୍ୟାର ଅମତରେ
ବା ଅମନୋନୟନରେ, କିଂବା ବଳବାଧ କରି
ଯଦି ତାହାକୁ ହୀନପାସ୍ତ କରା ହୁଏ—
ତାହା ଅନ୍ୟାୟ ଓ ଅଧର୍ମ ।

ସେଇଥିପାଇଁ ଶାସ୍ତ୍ରରେ ଅଛି—
"ଦତ୍ତାମପି ହରେତ୍ କନ୍ୟାଂ
ଶ୍ରେୟାଂଶ୍ଚେଦ୍ ବର ଆବ୍ରଜେତ୍ ।" —ମନୁ—

ତମେ ଯଦି ନିଜେ କୌଣସି ପୁରୁଷକୁ ବାଗ୍‌ଦାନ
ବା ବରଣ ନ କରିଥାଅ—
ବା ବରଣ-ବ୍ୟାପାରରେ ତମର ଅଭିମତ
ନ' ରହିଥାଏ—
ଏପରି ଅବସ୍ଥାରେ—
ତମର ପିତାମାତା କିଂବା
ଗୁରୁଜନମାନଙ୍କୁ
କହିବ
ବୁଝାଇବ—
ନିବୃତ୍ତ ହୋଇବ !

— — —

Digitized by PPRACHIN, SOA

ପରମ ପ୍ରେମମୟୀଙ୍କ ଆହ୍ୱାନୀ

ତମର ସେବା, ତମର ଚଳନ,
ତମର ଚିନ୍ତା, ତମର କହ୍ବା,
ପୁରୁଷ ଜନସାଧାରଣଙ୍କ ମଧ୍ୟରେ
ଏପରି ଭାବରେ ଗୋଟାଏ ଭାବର ସୃଷ୍ଟି କରୁ—
ଯେଉଁଥିରେ ସେମାନେ
ଅବନତ ମସ୍ତକରେ, ନତଜାନୁ ହୋଇ
ସସମ୍ଭ୍ରମରେ,
ଭକ୍ତି ଗଦଗଦ କଣ୍ଠରେ—

'ମା ମୋର—ଜନନୀ ମୋର !' କହି
ମୁଗ୍ଧ, ବୁଦ୍ଧ, ତୃପ୍ତ, କୃତ କୃତାର୍ଥ ହୁଅନ୍ତୁ—
ତା ହେଲେ ହିଁ ତମେ ଝିଅ,
—ତେବେ ହିଁ ତମେ ସତୀ ।

—ଶ୍ରୀ ଶ୍ରୀ ଠାକୁର

Digitized by PPRACHIN, SOA

ସ୍ୱାମୀ-ସ୍ତ୍ରୀର ବୟସର ପାର୍ଥକ୍ୟ

ସ୍ୱାମୀ-ସ୍ତ୍ରୀ ମଧ୍ୟରେ
ଅନ୍ତତଃ
ପନ୍ଦରଠାରୁ କୋଡ଼ିଏ ବରଷ ପାର୍ଥକ୍ୟରେ
ସ୍ତ୍ରୀର ଉଚ୍ଛଳ ଜୀବନୀଶକ୍ତି
ପୁରୁଷଠାରେ ସଙ୍କ୍ରାମିତ ହୋଇ
ସମତାରେ
ଉଭୟଙ୍କର ବାର୍ଦ୍ଧକ୍ୟକୁ
ଅନେକାଂଶରେ
ପ୍ରତିରୋଧ କରିଥାଏ—
ଏବଂ ଜୀବନରେ, ଉଦ୍ୟମରେ ଓ ବର୍ଦ୍ଧନରେ
ଉନ୍ନୀତ କରି
ଆନନ୍ଦରେ, ପ୍ରମୋଦରେ, ସୁଖ ଓ ଶାନ୍ତିରେ
ଅଧିରୂଢ଼ କରାଇଣ
ବୀର୍ଯ୍ୟବାନ୍ ସନ୍ତାନର ଅଧିକାରୀ
କରି ତୋଳେ;
ସେଥିପାଇଁ ଏହା ଧର୍ମପଦ ।

———

Digitized by PPRACHIN, SOA

ଉତ୍ସବ-ଭ୍ରମଣରେ ପୁରୁଷ-ସାହଚର୍ଯ୍ୟ

ପିତା କମ୍ବା ପିତୃସ୍ଥାନୀୟ ଗୁରୁଜନ,
ଉପଯୁକ୍ତ ଜ୍ୟେଷ୍ଠ କମ୍ବା ବଡ଼ ଭାଇ ସହିତ
ଖେଳ, ଗୀତବାଦ୍ୟ, ଉତ୍ସବ-ଭ୍ରମଣ
କରୁ ହିଁ ଶ୍ରେୟଃ—
ଏଥିରେ କୁମାରୀମାନଙ୍କର
ବିପଦ୍‌ପାତର
ସମ୍ଭାବନା କମ୍ ହିଁ ଘଟିଥାଏ—
ତମେ ଯଦ୍ଦ୍ୱାର ତ ଏହି ଭାବରେ ଚଳ,
ଯେତେ କ୍ଷଣ
ଏହି ଭାବରେ ସାମର୍ଥ୍ୟ ଅନୁଭବ ନ କର
ଯେଉଁଥିରେ ପୁରୁଷ ମାନେ ହିଁ,
ତମ ନିକଟରେ
ସମ୍ଭ୍ରମରେ ଅବନତ ହୋଇବେ ।

—...—

କାମ ପ୍ରବୃତ୍ତିରେ ସ୍ୱାମୀ-ସ୍ତ୍ରୀ

କେବଳ କାମ ପ୍ରବୃତ୍ତିରେ
କେତେବେଳେ
କାହାରିକୁ
ପ୍ରକୃତ ସ୍ୱାମୀ
ବା
ସ୍ତ୍ରୀ
କରିବାକୁ ପାରିବ ନାହିଁ
ହୋଇ ନାହିଁ ।

....

Digitized by PPRACHIN, SOA

ବର ମନୋନୟନରେ ଉପଯୁକ୍ତତା

ନାରୀ ଯେତେବେଳେ ଗର୍ଭଧାରଣକ୍ଷମ ହୁଏ,
ସେତେବେଳେ ପ୍ରକୃତି ତାହାକୁ
ପୁରୁଷ-ମନୋନୟନ କ୍ଷମତାରେ,
ଅଧିରୂଢ଼ କରଥାଏ—
ପୁନଶ୍ଚ
ନାରୀ ଯଦି ବରକୁ ସ୍ୱେଚ୍ଛାରେ
ମନୋନୟନ କରିବାକୁ ଇଚ୍ଛା କରେ—
ସେତେବେଳେ ହିଁ କେବଳ ତାହା ସେ ପାରେ;
ନତୁବା
ପିତାମାତା ସର୍ବତୋଭାବରେ ଶ୍ରେଷ୍ଠ ଦେଖି
ଯାହାକୁ ବରଣ କରିବେ
ସେମାନଙ୍କ କନ୍ୟା ନିମିତ୍ତ—
ସେହି କନ୍ୟାର ବର ବୋଲି,
ପରିଗଣିତ ହୋଇବେ—
ଏହାହିଁ ଶାସ୍ତ୍ରର ମତ ।

———

Digitized by PPRACHIN, SOA

ବ୍ରତ ଓ ନିୟମରେ

ବ୍ରତ ଓ ନିୟମକୁ
ତ୍ୟାଗ କରିବ ନାହିଁ—
ବରଂ
କାହିଁକି କରନ୍ତି,
କେଉଁ ଭାବରେ କରନ୍ତି,
ଏହା କରିଲେ କଅଣ ଆସିପାରେ—
ଭଲ ଭାବରେ ବୁଝି,
ଯାହା ତମର ଧର୍ମ
ଅର୍ଥାତ୍ ଜୀବନ, ଯଶ ଓ ବୃଦ୍ଧିକୁ
ଉନ୍ନତ କରି ତୋଳେ—
ତାହାହିଁ କର,
ଅନୁଷ୍ଠାନ କର—
ଉପଭୋଗ କରିବ ହିଁ ।

କେଇଟି—ମହତ୍ ଗୁଣ

ଆଦର୍ଶରେ ଅନୁପ୍ରାଣିତା,
ସେବାରେ ଦକ୍ଷତା,
କାର୍ଯ୍ୟରେ ନିପୁଣତା,
କଥାରେ ମିଷ୍ଟତା ଓ ସହାନୁଭୂତି,
ବ୍ୟବହାରରେ ସମ୍ବର୍ଦ୍ଧନା—
ଏଗୁଡ଼ିକ ମହତ୍ ଗୁଣ ।

Digitized by PPRACHIN, SOA

ସନ୍ତୋଷରେ ସୁଖ

ନିଜର ପ୍ରୟୋଜନକୁ ନ ବଢ଼ାଇ
ମାନ-ଯଶର ଆକାଂକ୍ଷା ନକରି
ସେବା ତତ୍ପର ରହି
ସର୍ବଦା ସନ୍ତୁଷ୍ଟ ରହିବାକୁ
ଚରିତ୍ରଗତ କରନ୍ତୁ—
ସୁଖ ତୁମକୁ
କେତେବେଳେ ହିଁ ତ୍ୟାଗ କରିବ ନାହିଁ ।

କ୍ଷୁଧା ଉଦ୍ୟମ

ଯଦି ଉଦ୍ୟମୀ
ଓ
ନିରଳସ
ହେବାକୁ ଇଚ୍ଛା ଥାଏ—
କ୍ଷୁଧାକୁ ବିସର୍ଜନ ଦିଅ ନାହିଁ
କ୍ଷୁଧା ହିଁ
ଭୁକ୍ତ ଆହାର୍ଯ୍ୟକୁ
ପୁଷ୍ଟିର ଉପଯୋଗୀ କରି ନିଏ—
ଏବଂ
ଏହି ପୁଷ୍ଟି ହିଁ
ଶକ୍ତିର ଇନ୍ଧନ ।

ବନ୍ଦେ ପୁରୁଷୋତ୍ତମମ୍
ବନ୍ଦେ ପୁରୁଷୋତ୍ତମମ୍
ବନ୍ଦେ ପୁରୁଷୋତ୍ତମମ୍

ସ୍ୱାଧୀନ ପ୍ରେସ୍, ବ୍ରହ୍ମପୁର-୧

Digitized by PPRACHIN, SOA

ସତୀ ବା ସାଧ୍ୱୀ ସ୍ତ୍ରୀ—

ଯେଉଁମାନେ କି ସ୍ୱାମୀକୁ
ଶ୍ରେୟ-ବନାଯ୍ୟିତ କରି—
ପତି-ଆନୁକୂଲ୍ୟରେ ଗଢିବାକୁ ଚାହାନ୍ତି
ସେମାନେ ସହଜ ସନ୍ନ୍ୟାସିନୀ ।।

—ଶ୍ରୀ ଶ୍ରୀ ଠାକୁର ଅନୁକୂଲଚନ୍ଦ୍ର—

ଯେଉଁ ନାରୀ
ନମ୍ରଭାବରେ,
ସମ୍ମାନର ସହିତ
ନିଜର ମତକୁ ପ୍ରକାଶ କରେ—
ଏବଂ
ତତ୍ ସଂପର୍କରେ
କାହାରିକୁ ଖୋଁଚ (ଅବମାନନା) କରେ ନାହିଁ,—
ସେ—
ସହଜରେ
ଆଦରଣୀୟା ଓ ପୂଜନୀୟା ହୁଏ ।

× × × × × ×

ନାରୀର ଯେଉଁଠାରେ ସନ୍ତାନରେ
ସମୃଦ୍ଧ ହୋଇଥାଏ—
ନାରୀତ୍ୱର ସାର୍ଥକତା ସେହିଠାରେ ।।

× × × × × ×

ଯେଉଁ ସ୍ତ୍ରୀ ଇଷ୍ଟାନୁଗ ଭାବରେ
ସ୍ୱାମୀର ଅନୁବର୍ତ୍ତିନୀ ନୁହେଁ—
ସେ କିରଣୀ—ଅଧୂର ସଂପନ୍ନା—
ସେ, ବକେନ୍ଦ୍ରକ ବ୍ୟଭିଚାରିଣୀ ଗୋଷ୍ଠିରହିଁ ଅନ୍ତର୍ଗତ
ସେ, ସଂକ୍ରଟରେ ଅସମର୍ଥନୀୟା—।।

× × × × × ×

Digitized by PPRACHIN, SOA

ଲେଖକ, ଅନୁବାଦକ, ସଂଗ୍ରାହକ ଓ ନିର୍ଦ୍ଦେଶକ—

ଋତ୍ୱିକ, **ଶ୍ରୀ ବଟକୃଷ୍ଣ ଶତପଥୀଙ୍କର**

ଅନ୍ୟାନ୍ୟ ପୁସ୍ତକାବଳୀ:—

ନାରୀ ପ୍ରସ୍ତୁତି	ମୂଲ୍ୟ	ଟ ୮-୦୦
ବିବାହ ଓ ସୁପ୍ରଜନନ		ଟ ୩-୫୦
ଜୀବନ ଚର୍ଯ୍ୟାଳି		ଟ ୧-୫୦
ପୂଜା ଦୃଷ୍ଟି		ଟ -୫୦
ବନ୍ଦନା		ଟ ୦-୫୦
ଶ୍ରୀମୁଖ ବାଣୀ (ପ୍ରଥମ ଭାଗ)		ଟ ୧-୫୦
ଧର୍ମର ନମୁନା ଆନୁକୂଳ ଜୀବନ (ଯନ୍ତ୍ରସ୍ଥ)		ଟ ୨-୫୦
ଇଷ୍ଟଭୃତି ମହାମୈତ୍ରୀ		ଟ ୩-୦୦
ମହାମାନବ (ଶ୍ରୀ ଶ୍ରୀ ଠାକୁରଙ୍କର ଜୀବନବାଣୀ)		ଟ ୬-୦୦

ପ୍ରାପ୍ତି ସ୍ଥାନ :—ଋତ୍ୱିକ ଶ୍ରୀ ବଟକୃଷ୍ଣ ଶତପଥୀ
ପୋ:-କାଦୁଅପଡ଼ା, ଜି:-କଟକ

—୦—

ଓଡ଼ିଶାର ସମସ୍ତ ପୁସ୍ତକାଳୟରେ ମିଳେ । ବିକ୍ରେତାମାନଙ୍କୁ ବିକ୍ରୟାର୍ଥେ ଉଚ୍ଚ କମିଶନ ମିଳେ । ମୂଲ୍ୟ ସର୍ବଦା ଅଗ୍ରିମ ଦେୟ । ଡାକ ଖର୍ଚ୍ଚ ସ୍ୱତନ୍ତ୍ର । ଭି. ପିରେ ପୁସ୍ତକ ପଠାଯାଏ ନାହିଁ ।

ଉପଦେଷ୍ଟା —
ଦୁଃଖୀଶ୍ୟାମ ଦାସ

Digitized by PPRACHIN, SOA